ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ଶନିବାର, ଡିସେମ୍ବର ୩୦/୨୦୨୩ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 30/2023 Page 20 ₹ 7.00
୫୦ଶ ଭାଗ ୩୭ ସଂଖ୍ୟା www.orissaksshabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 37 ମୂଲ୍ୟ₹୭/-



**ରୟ୍ କ୍ରିଷ୍ଣାଙ୍କ ଡବଲ ଗୋଲ୍**
ଓଡ଼ିଶା ଏଫ୍‌ସି ରୟ୍ କ୍ରିଷ୍ଣାଙ୍କ ଡବଲ ଗୋଲ୍ ବଳରେ ଜାମସେଦପୁର ଏଫ୍‌ସିକୁ ୪-୧ ଗୋଲରେ ପରାସ୍ତ କରିଛ ।

୧୮

୦୨

**ଜନ୍ମଦିନରେ ଜଳପରୀ ସାଜିଲେ ଟ୍ୱିଙ୍କଲ୍**
ବଲିଉଡ୍ ଅଭିନେତ୍ରୀ ଟ୍ୱିଙ୍କଲ୍ ଖାନ୍ନା ଶୁକ୍ରବାର ୫୦ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ସେ ଜଳପରୀ ସାଜିଛନ୍ତି।



# ୟୁକ୍ରେନ୍‌ରେ ୧୫୮ କ୍ଷେପଣାସ୍ତ୍ର ମାଡ଼

## ୨୨ ମାସରେ ରୁଷିଆର ସବୁଠୁ ଘାତକ ଆକ୍ରମଣ: ୩୧ ମୃତ

**ରୁଷିଆ ଶୁକ୍ରବାର ଆକାଶମାର୍ଗରୁ ୟୁକ୍ରେନ୍ ଉପରେ ମିଶାଇଲ ବର୍ଷା କରିଛି । ରୁଷୀୟ ସୈନ୍ୟ ୟୁକ୍ରେନ୍‌କୁ ଟାର୍ଗେଟ୍ କରି ୧୫୮ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ କରିଛନ୍ତି । ଏଥିରେ ୩୧ ଜଣ ନାଗରିକ ନିହତ ହୋଇଥିବାବେଳେ ୧୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ୨୨ ମାସ ମଧ୍ୟରେ ଏହାକୁ ସବୁଠୁ ଘାତକ ଆକ୍ରମଣ ବୋଲି କୁହାଯାଉଛି ।**

**କିଭ୍,୨୯।୧୨**

୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସୈନ୍ୟ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲେ। ୨୨ ମାସ ଧରି ଆକ୍ରମଣ ଜାରି ରଖିଥିବାବେଳେ ଗୋଟିଏ ଦିନରେ ଏତେ ସଂଖ୍ୟାରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ ହୋଇ ନ ଥିଲା। ଏହା ପୂର୍ବରୁ ଗତବର୍ଷ ନଭେମ୍ବରରେ ଦିନକରେ ୟୁକ୍ରେନ୍ ଉପରେ ରୁଷିଆ ସର୍ବାଧିକ ୯୬ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଗତ ମାର୍ଚ୍ଚ ୯ରେ ରୁଷିଆ ୟୁକ୍ରେନ୍‌କୁ ଟାର୍ଗେଟକରି ସର୍ବାଧିକ ୮୧ କ୍ଷେପଣାସ୍ତ୍ର ଛାଡ଼ିଥିଲା।



ରୁଷିଆର ମିଶାଇଲ ମାଡ଼ରେ ବିଧ୍ୱସ୍ତ ଖାର୍କିଭର ଏକ ଭଗ୍ନାବଶେଷରେ ନିଆଁ ଲିଭାଉଛନ୍ତି ଅଗ୍ନିଶମ କର୍ମଚାରୀ।

ଗ୍ରୀଷ୍ମଋତୁରେ ୟୁକ୍ରେନ୍ ରୁଷିଆ ଆକ୍ରମଣର ଠିକଣା ଜବାବ ଦେଉଥିଲା। ଶୀତଦିନ ଯୋଗୁ ଆକ୍ରମଣ କିଛିଟା ଥମିଥିଲା। ୧,୦୦୦ କିଲୋମିଟର ବ୍ୟାପୀ ସୀମାରେ ଫ୍ରଣ୍ଟଲାଇନ ଆକ୍ରମଣ ବନ୍ଦ ରହିଥିଲା। ଶୁକ୍ରବାର ୧୫୮ ମିଶାଇଲ ଓ ଡ୍ରୋନ୍ ଆକ୍ରମଣ ପରେ ୟୁକ୍ରେନ୍ କର୍ତ୍ତୃପକ୍ଷ ପାଶ୍ଚାତ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଅଧିକ ଅସ୍ତ୍ର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଆକାଶମାର୍ଗ ଆକ୍ରମଣରୁ ସୁରକ୍ଷା ପାଇଁ ଅଧିକ ଏୟାର ଡିଫେନ୍ସ ସିଷ୍ଟମ ଜରୁରୀ ହୋଇପଡ଼ିଛି। ପ୍ରାୟ ୧୮ ଘଣ୍ଟାର ଆକ୍ରମଣରେ ବହୁ ଘରଦ୍ୱାର ଧ୍ୱଂସହୋଇଥିବାରୁ ଏହା ତଳେ ଅନେକ ଲୋକ ପୋତିହୋଇ ରହିଥିବାବେଳେ ଅନେକ ଆହତ ହୋଇଛନ୍ତି। ୟୁକ୍ରେନ୍‌ର ଏକ ମାଟର୍ନିଟି ହସ୍ପିଟାଲ ସମେତ କେତେକ ଆପାର୍ଟମେଣ୍ଟ ଏବଂ ସ୍କୁଲ୍ କ୍ଷତିଗ୍ରସ୍ତ ହୋଇଛି। ରୁଷୀୟ ସୈନ୍ୟମାନେ ବାଲିଷ୍ଟିକ୍, କ୍ରୁଜ୍ ମିଶାଇଲ୍ ସମେତ ଅନେକ ପ୍ରକାର ଅସ୍ତ୍ର ବ୍ୟବହାର କରିଥିଲେ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋସିଆଲ ମିଡିଆ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। କେବଳ ବୁଡ଼ାଜାହାଜରୁ ନିକ୍ଷେପ ହେଉଥିବା କାଲିବର ମିଶାଇଲ୍ ବ୍ୟତୀତ ରୁଷିଆ ଆକ୍ରମଣରେ ସମସ୍ତ ଅସ୍ତ୍ର ବ୍ୟବହାର କରିସାରିଲାଣି ବୋଲି ୟୁକ୍ରେନ୍ ବାୟୁସେନା ମୁଖପାତ୍ର ୟୁରି ଇହ୍‌ନାଟ କହିଛନ୍ତି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଆକ୍ରମଣ ୟୁକ୍ରେନ୍‌ର ୬ଟି ସହରରେ ରାତି ତମାମ ଲାଗି ରହିଥିଲା।

## ୬ ମାସ ବଢ଼ିଲା ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟକାଳ



ପ୍ରଦୀପ କୁମାର ଜେନା

**ଭୁବନେଶ୍ୱର,୨୯।୧୨ (ଅନିଲ ଦାସ)**

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ଆଉ ୬ ମାସ ବୃଦ୍ଧି କରିଛନ୍ତି । ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୨୦୨୪ ଜୁନ୍ ୩୦ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟ କରିବେ। ଚଳିତ ଡିସେମ୍ବର ୩୧ ତାରିଖରେ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ ଶେଷ ହୋଇଥାଆନ୍ତା। କାର୍ଯ୍ୟକାଳ ବୃଦ୍ଧିକୁ ନେଇ ଗତ କିଛିଦିନ ହେବ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ୨୦୨୩ ମାର୍ଚ୍ଚ ୧ ତାରିଖରେ ବରିଷ୍ଠ ପ୍ରଶାସକ ତଥା ୧୯୮୯ ବ୍ୟାଚ୍ ଆଇଏଏସ୍ ଅଫିସର ପ୍ରଦୀପ ଜେନା ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ପ୍ରଶାସନିକ ଦକ୍ଷତା ପାଇଁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସ୍ୱାସ୍ଥ୍ୟ କୂଟନୀତିର ବିଜୟ**

## କରୋନା ଆକ୍ରାନ୍ତ ୧୩: ସଜାଗ ରହିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୧୨(ଅସମାପିକା ସାହୁ)**

ରାଜ୍ୟରେ କରୋନା ସଂକ୍ରମଣ ପୁଣି ବ୍ୟାପିବାରେ ଲାଗିଛି। ଟେଷ୍ଟିଂ ତୁଳନାରେ କମ୍ ଆକ୍ରାନ୍ତ ଚିହ୍ନଟ ହେଉଥିଲେ ମଧ୍ୟ କ୍ରମାଗତ ଭାବେ ଏହି ସଂଖ୍ୟା ବଢ଼ି ଚାଲିଥିବାରୁ ଚିନ୍ତା ବଢ଼ିଛି। ଗୁରୁବାର ୫୦୦ ନମୁନାର କରୋନା ଟେଷ୍ଟ ହୋଇଥିଲା। ସେଥି ମଧ୍ୟରୁ ୫ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ସେପଟେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ସଜାଗ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଏ ନେଇ ଶୁକ୍ରବାର ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ମେଡିକାଲ କଲେଜ ଡିନ୍, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, କ୍ୟାପିଟାଲ ହସ୍ପିଟାଲ ଏବଂ ଆରଜିଏଚ୍ ହସ୍ପିଟାଲର ନିର୍ଦ୍ଦେଶକଙ୍କୁ ଚିଠି ଦିଆଯାଇଛି। ସର୍ଭିଲାନ୍ସ, ଟେଷ୍ଟିଂ ବଢ଼ାଇବା ସହିତ ଏହାର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ରଖିବାକୁ କୁହାଯାଇଛି। ଅକ୍ସିଜେନ ବେଡ୍ ପ୍ରସ୍ତୁତ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଆକ୍ରାନ୍ତଙ୍କ ଉପରେ ନଜର ରଖିବା ସହ ପଜିଟିଭ୍ ଚିହ୍ନଟ ହେଲେ ଘରୋଇ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି। ଜିଲା ତଥା ଉପଖଣ୍ଡ ସ୍ତରରେ ଟେଷ୍ଟିଂ ଏବଂ ଚିକିତ୍ସା ସୁବିଧା ଉପଲବ୍ଧ ନ ଥିବା ଅଭିଯୋଗ ଯେପରି ନ ଆସେ, ସେଥିପାଇଁ ବିଭାଗ ☞ପୃଷ୍ଠା-୨






## କେନ୍ଦ୍ର, ଆସାମ ସରକାରଙ୍କ ସହ ଚୁକ୍ତି ସ୍ୱାକ୍ଷରିତ

# ଶାନ୍ତିପଥରେ ଉଲ୍‌ଫା

ନୂଆଦିଲ୍ଲୀ,୨୯।୧୨(ପି.ଟି.)

ଉତ୍ତରପୂର୍ବାଞ୍ଚଳ ରାଜ୍ୟରୁ ବହୁଦଶନ୍ଧିର ଉଗ୍ରବାଦର ବିଲୋପ ଲକ୍ଷ୍ୟରେ ୟୁନାଇଟେଡ୍ ଲିବରେଶନ ଫ୍ରଣ୍ଟ ଅଫ୍ ଆସମ୍ (ଉଲ୍‌ଫା), କେନ୍ଦ୍ର ସରକାର ଏବଂ ଆସାମ ସରକାରଙ୍କ ମଧ୍ୟରେ ଶୁକ୍ରବାର ତ୍ରିପାକ୍ଷିକ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଶାନ୍ତି ଚୁକ୍ତିନାମା ସ୍ୱାକ୍ଷର ବେଳେ ଅରବିନ୍ଦ ରାଜଖୋଓ୍ୱାଙ୍କ ଅଧ୍ୟକ୍ଷତାରେ ଆଲୋଚନା ସପକ୍ଷବାଦୀ ଉଲ୍‌ଫା ଗୋଷ୍ଠୀର ୧୨ରୁ ଊର୍ଦ୍ଧ୍ୱ ନେତାଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଉପସ୍ଥିତ ଥିଲେ। ଉକ୍ତ ଚୁକ୍ତିନାମା ଅନୁଯାୟୀ ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ପ୍ରସଙ୍ଗଗୁଡ଼ିକୁ ନେଇ ରହିଥିବା ଦୀର୍ଘଦିନର ଉଦ୍‌ବେଗର ସମାଧାନକୁ ଗୁରୁତ୍ୱ ଦିଆଯିବ। ଏଥିସହିତ ସେଠାର ଆଦିମ ଅଧିବାସୀମାନଙ୍କୁ ଜମି ଅଧିକାର ପ୍ରଦାନ ସହ ସେମାନଙ୍କୁ ସାଂସ୍କୃତିକ ସୁରକ୍ଷା ଯୋଗାଇ ଦିଆଯିବ। ପରେଶ ବରୁଆଙ୍କ ନେତୃତ୍ୱରେ ଉଲ୍‌ଫାର କଠୋରପନ୍ଥୀ ଗୋଷ୍ଠୀ ସରକାରଙ୍କ ଶାନ୍ତି ଆଲୋଚନାକୁ ପ୍ରତ୍ୟାଖ୍ୟାନ କରିଆସୁଥିବାରୁ ସେ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷରରେ ଅଂଶଗ୍ରହଣ କରି ନ ଥିଲେ।

ରାଜଖୋଓ୍ୱା ଗୋଷ୍ଠୀର ଦୁଇଜଣ ଶୀର୍ଷ ନେତା ଅନୁପ୍ ଚେଟିଆ ଏବଂ ଶଶଧର ଚୌଧରୀ ଗତ ସପ୍ତାହରୁ ଦିଲ୍ଲୀରେ ରହି ସରକାରଙ୍କ ମଧ୍ୟସ୍ଥ ସହ ମିଶି ଶାନ୍ତି ଚୁକ୍ତିନାମାକୁ ଶେଷ ସ୍ପର୍ଶ ଦେଇଥିଲେ। ସରକାରଙ୍କ ତରଫରୁ ଗୋଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ ତପନ ଡେକା ଏବଂ କେନ୍ଦ୍ରର ଉତ୍ତରପୂର୍ବାଞ୍ଚଳ ବ୍ୟାପାର ଉପଦେଷ୍ଟା ଏ.କେ. ମିଶ୍ରା ଉଲ୍‌ଫା ଗୋଷ୍ଠୀ ସହ ଆଲୋଚନାରେ ଭାଗ ନେଇଥିଲେ। ବରୁଆ ଗୋଷ୍ଠୀର ତୀବ୍ର ବିରୋଧ ସତ୍ତ୍ୱେ ୨୦୧୧ରୁ କେନ୍ଦ୍ର ସରକାରଙ୍କ ସହ ରାଜଖୋଓ୍ୱା ନେତୃତ୍ୱାଧୀନ ଉଲ୍‌ଫା ଗୋଷ୍ଠୀର ନିଃସର୍ତ୍ତ ଆଲୋଚନା ଆରମ୍ଭ ହୋଇଥିଲା। ବରୁଆ ଚାଇନା-ମ୍ୟାନ୍‌ମାର ସୀମାନ୍ତ କୌଣସି ସ୍ଥାନରେ ରହୁଥିବା ବିଶ୍ୱାସ କରାଯାଉଛି।

ସାର୍ବଭୌମ ଆସାମ ଦାବିରେ ୧୯୭୯ରେ ଉଲ୍‌ଫା ଗଠନ ହୋଇଥିଲା। ସେବେଠାରୁ ଉକ୍ତ ସଂଗଠନ ଧ୍ୱଂସକାରୀ କାର୍ଯ୍ୟରେ ଲିପ୍ତ ରହିବାରୁ ୧୯୯୦ରେ କେନ୍ଦ୍ର ସରକାର ଉକ୍ତ ସଂଗଠନକୁ ବେଆଇନ ଘୋଷଣା କରିଥିଲେ। କାର୍ଯ୍ୟାନୁଷ୍ଠାନ ବନ୍ଦ ରଖିବା ପାଇଁ ଉଲ୍‌ଫା, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ରାଜିନାମା ପରେ ୨୦୧୧ ସେପ୍ଟେମ୍ବର ୩ରେ ରାଜଖୋଓ୍ୱା ଗୋଷ୍ଠୀ ସରକାରଙ୍କ ସହ ଶାନ୍ତି ଆଲୋଚନାରେ ସାମିଲ ହୋଇଥିଲେ।



ନୂଆଦିଲ୍ଲୀରେ ଶାନ୍ତିଚୁକ୍ତି ସ୍ୱାକ୍ଷର ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ଅରବିନ୍ଦ ରାଜଖୋଓ୍ୱାଙ୍କ ନେତୃତ୍ୱରେ ଆଲୋଚନା ସପକ୍ଷବାଦୀ ଉଲ୍‌ଫା ଗୋଷ୍ଠୀର ନେତାମାନେ।

## ନୀତୀଶ କୁମାର ଜେଡିୟୁ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୯।୧୨



ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତୃତ୍ୱରେ ଶୁକ୍ରବାର ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଦିଲ୍ଲୀରେ ଅନୁଷ୍ଠିତ ଜେଡିୟୁ କାର୍ଯ୍ୟକାରିଣୀରେ ଦଳର ଅଧ୍ୟକ୍ଷ ପଦରୁ ରାଜୀବ ରଞ୍ଜନ ଓରଫ ଲଲନ ସିଂ ଇସ୍ତଫା ଦେବା ପରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନୂଆ ଅଧ୍ୟକ୍ଷ କରାଯାଇଛି। ଜେଡିୟୁର ନେତୃତ୍ୱ ପରିବର୍ତ୍ତନ ନେଇ ସପ୍ତାହେ ହେଲା କଳ୍ପନାଜଳ୍ପନା ପ୍ରକାଶ ପାଉଥିଲେ ମଧ୍ୟ ଦଳୀୟ ନେତାମାନେ ତାହାକୁ ଖଣ୍ଡନ କରିଆସୁଥିଲେ।

ଆଗାମୀ ନିର୍ବାଚନ ଉପରେ ଗୁରୁତ୍ୱ ଦେବା ସହ ଅଧିକ ସକ୍ରିୟ ଅଂଶଗ୍ରହଣ କରିବା ଲାଗି ଲଲନ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଉଥିବା ବୈଠକରେ ଉଦ୍‌ବୋଧନ ଦେଇ କହିଥିଲେ। ପରେ ସେ ତାଙ୍କର ଉତ୍ତରାଧିକାରୀ ଭାବେ ଦଳର ଶୀର୍ଷ ପଦବୀ ଲାଗି ନୀତୀଶଙ୍କ ନାଁ ପ୍ରସ୍ତାବ ରଖିଥିଲେ। ସଙ୍ଗେ ସଙ୍ଗେ ଦଳ ନୀତୀଶଙ୍କୁ ଅଧ୍ୟକ୍ଷ ନିର୍ବାଚିତ କରିଥିଲା ବୋଲି ଜେଡିୟୁ ସାଧାରଣ ସମ୍ପାଦକ ରାମକୁମାର ଶର୍ମା କହିଛନ୍ତି। ରାଜନୈତିକ କ୍ଷେତ୍ରରେ ଅଧିକାଂଶ ଏହା ଆଶା କରୁଥିଲେ, କାରଣ ଜେଡିୟୁ ନେତୃତ୍ୱରେ ପରିବର୍ତ୍ତନ ନେଇ କିଛିଦିନ ହେଲା କଳ୍ପନାଜଳ୍ପନା ଲାଗିରହିଥିଲା। ତେବେ ଦଳୀୟ ନେତାମାନେ ଏହା ଉପରେ ମୁହଁ ଖୋଲୁ ନ ଥିବାବେଳେ କେତେକ ଉକ୍ତ ଖବରକୁ ଅମୂଳକ କହି ଖଣ୍ଡନ କରୁଥିଲେ। ଏପରିକି ଲଲନଙ୍କ ଇସ୍ତଫା ଖବରକୁ ଗୁଜବ କହି ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଏହାକୁ ଖଣ୍ଡନ କରିଥିଲେ। ନୀତୀଶ ତାଙ୍କ ୩ ବର୍ଷୀୟା ଯୋଜନରୁ ଲଲନ ପୋଛିହୋଇଗଲେ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନରାମ ମାନ୍‌ଝି ଏକ୍ସ'ରେ ଲେଖିଛନ୍ତି। ନୀତୀଶ ପୂର୍ବରୁ ଜର୍ଜ ଫର୍ନାଣ୍ଡିସ୍, ଆର୍‌ସିପି ସିଂ, ଶରଦ ଯାଦବ ଏବଂ ଦିଗ୍‌ବିଜୟ ସିଂ କାହାକୁ ନିଜର ବିବେଚନା କରି ନ ଥିଲେ। ତେଣୁ ଲଲନ ଅଲଗା ହେବେ କିପରି। ଏପରି କେହି ନାହିଁ, ଯାହାଙ୍କୁ ନୀତୀଶ ପଛରୁ ଛୁରିକାଘାତ କରିନାହାନ୍ତି ବୋଲି ଜିତନରାମ କହିଛନ୍ତି।

## ସମଲିଙ୍ଗୀ ବିବାହ ପାଇଁ ସରକାର ଆଇନ ଆଣିପାରିବେ: ଜଷ୍ଟିସ୍ କୌଲ

ନୂଆଦିଲ୍ଲୀ,୨୯।୧୨(ପି.ଟି.)



ସମଲିଙ୍ଗୀ ବିବାହ ମାମଲା କଠୋର ଭାବେ ଆଇନସମ୍ମତ ନୁହେଁ ଏବଂ ସାମାଜିକ ପ୍ରସଙ୍ଗ ସହ ଜଡ଼ିତ। ତେବେ ସମଲିଙ୍ଗୀ ଯୋଡ଼ିଙ୍କୁ ବିବାହ ଅଧିକାର ଦେବା ପାଇଁ ସରକାର ଆଇନ ଆଣିପାରିବେ ବୋଲି ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ସଞ୍ଜୟ କିଷନ କୌଲ ଶୁକ୍ରବାର ଏକ ସାକ୍ଷାତ୍‌କାରରେ କହିଛନ୍ତି। ବର୍ତ୍ତମାନର ଆଇନ ଅନୁଯାୟୀ ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବାକୁ ମନା କରିଦେଇଥିବା ସୁପ୍ରିମକୋର୍ଟ ଖଣ୍ଡପୀଠରେ ଜଷ୍ଟିସ୍ କୌଲ ଅନ୍ୟତମ ବିଚାରପତି ଥିଲେ। ସର୍ବୋଚ୍ଚ ଅଦାଲତରେ ୬ ବର୍ଷର କାର୍ଯ୍ୟକାଳ ପରେ ଗତ ୨୫ ତାରିଖରେ ସେ ଅବସର ଗ୍ରହଣ କରିଛନ୍ତି। ସେ କହିଛନ୍ତି, ଯଦିଓ କୋର୍ଟ ରାୟ ସମଲିଙ୍ଗୀ ସମ୍ପ୍ରଦାୟର ଲକ୍ଷ୍ୟକୁ ବିଳମ୍ବିତ କରିଛି, ତଥାପି ସମାଜର ଚିନ୍ତାଧାରାରେ ଆସିଥିବା ପରିବର୍ତ୍ତନ ଆଇନକୁ ବଦଳାଇବାରେ ପ୍ରେରଣା ଯୋଗାଇବ। ଏହା ଏକ ସାମାଜିକ ପ୍ରସଙ୍ଗ। ବେଳେବେଳେ ସମାଜ କିଛି ଜିନିଷକୁ ଗ୍ରହଣ କରିବାକୁ ସମୟ ନେଇଥାଏ। ସମାଜ ବଦଳିଲେ ଏହା ଆଇନରେ ପରିବର୍ତ୍ତନ ଲାଗି ପ୍ରେରଣା ଦେଇଥାଏ ଓ ସରକାର ତାହା ଉପରେ ଚିନ୍ତା କରିପାରନ୍ତି ବୋଲି ଜଷ୍ଟିସ୍ କୌଲ କହିଛନ୍ତି।

ଆବଶ୍ୟକ ବିଚାରପତି ଅଭାବରୁ ମାମଲାଗୁଡ଼ିକର ସମାଧାନରେ ବିଳମ୍ବ ହେଉଛି। ମାମଲା ଫଇସଲାରେ ବିଳମ୍ବ ପକ୍ଷମାନଙ୍କୁ ନ୍ୟାୟ ପ୍ରଦାନ ନ କରିବା ସହ ସମାନ ବୋଲି ଜଷ୍ଟିସ୍ କୌଲ କହିଛନ୍ତି। ତଳକୋର୍ଟଠାରୁ ଆରମ୍ଭ କରି ସର୍ବୋଚ୍ଚ ଅଦାଲତ ପର୍ଯ୍ୟନ୍ତ ବହୁସଂଖ୍ୟାରେ ମାମଲା ବିଚାର ଅପେକ୍ଷାରେ ପଡ଼ିରହିଛି। ସେଗୁଡ଼ିକର ସମାଧାନ ପାଇଁ ନୂଆ ଚିନ୍ତାଧାରା ପ୍ରୟୋଗ କରିବାରେ କୁଣ୍ଠାବୋଧ କରିବା ଉଚିତ ନୁହେଁ। ବିଚାରାଧୀନ ମାମଲା ସଂଖ୍ୟା ୫ କୋଟି ଟପିଲାଣି ବୋଲି ଗତ ଜୁନ୍‌ରେ କେନ୍ଦ୍ର ସରକାର ରାଜ୍ୟ ସଭାକୁ ଜଣାଇଥିଲେ। ସରକାର ସବୁଠୁ ବଡ଼ ପ୍ରତିବାଦୀ ହୋଇଥିବାରୁ ଏହା ଏକ ବଡ଼ ସମସ୍ୟା। ସବୁ ମାମଲାରେ ସରକାର କ'ଣ ପାଇଁ ଅପିଲ୍ କରିବେ ବୋଲି ଜଷ୍ଟିସ୍ କୌଲ ପ୍ରଶ୍ନ କରିଛନ୍ତି। ସେହିପରି ଆଉ ଏକ ସମସ୍ୟା ହେଲା ଲୋକେ ହାଇକୋର୍ଟ ନ ଯାଇ ସିଧା ସୁପ୍ରିମକୋର୍ଟ ଚାଲିଆସୁଛନ୍ତି। ଫଳରେ ସର୍ବୋଚ୍ଚ ଅଦାଲତରେ ମାମଲା ସଂଖ୍ୟା ବଢୁଥିବା ପୂର୍ବତନ ବିଚାରପତି କହିଛନ୍ତି।

## ଅଯୋଧ୍ୟା ଧାମ ଷ୍ଟେଶନରେ ଅତ୍ୟାଧୁନିକ ସୁବିଧା

### ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ଅଯୋଧ୍ୟା,୨୯।୧୨(ପି.ଟି.)



ଆସନ୍ତା ମାସ ୨୨ ତାରିଖରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ପରେ ଅଯୋଧ୍ୟାକୁ ଯାତ୍ରୀ ଆଗମନ ଯଥେଷ୍ଟ ବୃଦ୍ଧି ପାଇବାକୁ ଥିବାରୁ ଏହାକୁ ଲକ୍ଷ୍ୟରେ ରଖି ସ୍ଥାନୀୟ ରେଳଷ୍ଟେଶନକୁ ଅଯୋଧ୍ୟା ଧାମ ଜଙ୍କ୍‌ଶନ ନାମରେ ପୁନଃବିକଶିତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଉକ୍ତ ଅତ୍ୟାଧୁନିକ ରେଳଷ୍ଟେଶନକୁ ଉଦ୍‌ଘାଟନ କରିବେ। ଏଥିସହିତ ପ୍ରଧାନମନ୍ତ୍ରୀ ଅମୃତ ଭାରତ ସୁପରଫାଷ୍ଟ ପାସେଞ୍ଜର ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବେ। ଉକ୍ତ ଷ୍ଟେଶନରେ ଏଲେଭେଟର, ଏସ୍କାଲେଟର, ଫୁଡ୍ ପ୍ଲାଜା, ଶିଶୁ ଯତ୍ନ ପ୍ରକୋଷ୍ଠ ଏବଂ ପୂଜା ସାମଗ୍ରୀ ଦୋକାନ ସମେତ ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ। ଷ୍ଟେଶନରେ ନିର୍ମିତ ୩ ମହଲା ବିଲ୍ଡିଂ ଓ ସୁବିଧା ପାଇଁ ୨୪୧ କୋଟି ଟଙ୍କା ବିନିଯୋଗ ହୋଇଛି। ସେଠାରେ ୧୪୦ ମିଟର ଲମ୍ବ ଓ ୩୨.୬ ମିଟର ପ୍ରସ୍ଥର ନୂଆ ଷ୍ଟେଶନ ବିଲ୍ଡିଂ ସହ ୧୪୦ମିଟରରେ ୧୨ ମିଟର ବିଶିଷ୍ଟ ଅତିରିକ୍ତ ଫ୍ରଣ୍ଟ ପୋର୍ଟ ରହିଛି। ବିଶ୍ୱ ଶ୍ରେଣୀର ଏହି ରେଳଷ୍ଟେଶନର ମୁଖ୍ୟ ବିଲ୍ଡିଂକୁ ରାମମନ୍ଦିର ସଦୃଶ କରାଯାଇଛି। ସେହିପରି ଶୁଭାରମ୍ଭ ହେବାକୁ ଥିବା ନୂଆ ଅମୃତ ଭାରତ ଏକ୍ସପ୍ରେସ୍ ହେଉଛି ଏକ ଏଲ୍‌ଏଚ୍‌ବି ଟ୍ରେନ୍, ଯେଉଁଥିରେ ନନ୍‌ଏସି କୋଚ୍ ରହିଛି। ଏହା ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଯୋଗାଇଦେବ। ରେଳଷ୍ଟେଶନ ସହ ପ୍ରଧାନମନ୍ତ୍ରୀ ଶନିବାର ଅଯୋଧ୍ୟାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଅନ୍ତର୍ଜାତୀୟ ବିମାନବନ୍ଦରକୁ ମଧ୍ୟ ଉଦ୍‌ଘାଟନ କରିବେ।



ଏକ ପୁରୁଣା ବିମାନକୁ ମୁମ୍ବାଇରୁ ଆସାମ ନିଆଯାଉ ଥିବାବେଳେ ଶୁକ୍ରବାର ସକାଳେ ବିହାରର ମୋତିହାରୀ ଠାରେ ଏକ ବ୍ରିଜ୍ ତଳେ ଲାଗି ରହିଯିବାରୁ ଜାତୀୟ ରାଜପଥରେ ୨ ଘଣ୍ଟା ଟ୍ରାଫିକ୍ ଜାମ୍ ହୋଇଛି।

## ନୌସେନା କମାଣ୍ଡର ହେଲେ ଚାଇନା ପ୍ରତିରକ୍ଷା ମନ୍ତ୍ରୀ



ବେଜିଂ,୨୯।୧୨(ପି.ଟି.)

ଚାଇନାର ନୌସେନା କମାଣ୍ଡର ଜେନେରାଲ ଡଙ୍ଗ୍ ଜୁନ୍‌ଙ୍କୁ ଶୁକ୍ରବାର ଦେଶର ନୂଆ ପ୍ରତିରକ୍ଷା ମନ୍ତ୍ରୀ ନିଯୁକ୍ତ କରାଯାଇଛି। ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଲି ଶାଙ୍ଗ୍‌ଫୁ କୌଣସି ସ୍ପଷ୍ଟୀକରଣ ନ ଦେଇ ଦୁଇମାସ ଅନୁପସ୍ଥିତ ରହିବାରୁ ଗତ ଅକ୍ଟୋବରରେ ଚାଇନାର ନ୍ୟାଶନାଲ ପିପୁଲ୍ସ କଂଗ୍ରେସ (ଏନ୍‌ପିସି) ତାଙ୍କୁ ବହିଷ୍କାର କରିଥିଲା। ପିପୁଲ୍ସ ଲିବରେଶନ ଆର୍ମି ନୌସେନାର କମାଣ୍ଡର ଡଙ୍ଗଙ୍କୁ ଏନ୍‌ପିସି ଷ୍ଟାଣ୍ଡିଂ କମିଟି ପ୍ରତିରକ୍ଷା ମନ୍ତ୍ରୀ ନିଯୁକ୍ତ କରିବା ପରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଏହାକୁ ଅନୁମୋଦନ କରିଛନ୍ତି। ଡଙ୍ଗ ନୌସେନାର ସମସ୍ତ ବଡ଼ ଡିଭିଜନରେ କାମ କରିଆସିଛନ୍ତି।

## ସୋନିଆ ଯୋଗଦେବା ନେଇ ଠିକ୍ ସମୟରେ ନିଷ୍ପତ୍ତି ନେବ କଂଗ୍ରେସ

ନୂଆଦିଲ୍ଲୀ,୨୯।୧୨

### ରାମମନ୍ଦିର ପ୍ରାଣପ୍ରତିଷ୍ଠା



ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ଜାନୁୟାରୀ ୨୨ରେ ଅନୁଷ୍ଠିତ ହେବାକୁ ଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଯୋଗଦେବା ଲାଗି ଆମନ୍ତ୍ରଣ କରାଯାଇଛି। ତେବେ ସେମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ କି ନାହିଁ, ସେନେଇ ଉପଯୁକ୍ତ ସମୟରେ ନିଷ୍ପତ୍ତି ନିଆଯାଇ ଜଣାଇ ଦିଆଯିବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ୬,୦୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଯୋଗଦେବା ଆଶା କରାଯାଉଛି। ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ମଧ୍ୟ ଉତ୍ସବକୁ ନିମନ୍ତ୍ରଣ କରାଯାଇଛି।

## ଦିନକରେ ୭୯୭ କୋଭିଡ୍ ମାମଲା

ନୂଆଦିଲ୍ଲୀ,୨୯।୧୨

କୋଭିଡ୍ ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଶୁକ୍ରବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ଦେଶରେ ୭୯୭ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହାକି ଗତ ୨୨୫ ଦିନରେ ସର୍ବାଧିକ। ଏହାକୁ ମିଶାଇ ସକ୍ରିୟ ମାମଲା ସଂଖ୍ୟା ୪,୦୯୧ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଏଥିସହ ୨୪ ଘଣ୍ଟାରେ ୫ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। କେରଳରୁ ୨ ଜଣ, ମହାରାଷ୍ଟ୍ର, ପଣ୍ଡିଚେରୀ ଏବଂ ତାମିଲନାଡୁରେ ଜଣେ ଲେଖାଏ କୋଭିଡ୍‌ରେ ପ୍ରାଣ ହରାଇଛନ୍ତି। ଶୀତଦିନ ଆସିବା ସହ ନୂଆ ଭାରିଆଣ୍ଟ ଯୋଗୁ ସଂକ୍ରମଣ ବଢ଼ିଚାଲିଛି।

## ଦିବ୍ୟାଙ୍ଗ କର୍ମଚାରୀଙ୍କ ପଦୋନ୍ନତିରେ ସଂରକ୍ଷଣ ସୁବିଧା ଲାଗୁହେବ

**ନୂଆଦିଲ୍ଲୀ,୨୯।୧୨(ପି.ଟି.):** କେନ୍ଦ୍ର ସରକାର ଦିବ୍ୟାଙ୍ଗଜନ କର୍ମଚାରୀମାନଙ୍କ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ସୁବିଧା ଲାଗୁ କରିବା ନିମନ୍ତେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। କାର୍ମିକ ମନ୍ତ୍ରଣାଳୟ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରିଛି। ଜାତୀୟ ସ୍ତରରେ ୨୦୧୬ ଜୁନ୍ ୩୦ରୁ ଏହି ପଦୋନ୍ନତି ଯୋଗ୍ୟ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ ହେବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। କେନ୍ଦ୍ର ସରକାରରେ ନିୟୋଜିତ ଥିବା ସର୍ବନିମ୍ନ ଗ୍ରୁପ୍ 'ଏ' ପର୍ଯ୍ୟନ୍ତ ଭିନ୍ନକ୍ଷମ କର୍ମଚାରୀଙ୍କ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣକୁ ବିଚାରକୁ ନିଆଯିବ, ଯଦି ସେମାନେ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବେ। ଏନେଇ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗର ସଚିବମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ଝାଡ଼ଖଣ୍ଡର ଦଳିତ, ଆଦିବାସୀଙ୍କ ପାଇଁ ପେନ୍‌ସନ୍ ଘୋଷଣା

ରାଞ୍ଚି,୨୯।୧୨(ପି.ଟି.)

ଝାଡ଼ଖଣ୍ଡର ଆଦିବାସୀ ଏବଂ ଦଳିତମାନେ ୫୦ ବର୍ଷ ବୟସରେ ପହଞ୍ଚିଲେ ପେନ୍‌ସନ୍ ସୁବିଧା ପାଇବାକୁ ଯୋଗ୍ୟ ବିବେଚିତ ହେବେ। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଶୁକ୍ରବାର ସେମାନଙ୍କ ପାଇଁ ପେନ୍‌ସନ୍ ଯୋଜନା ଘୋଷଣା କରିଛନ୍ତି। ରାଜ୍ୟରେ ଜେଏମ୍‌ଏମ୍ ନେତୃତ୍ୱାଧୀନ ସରକାରଙ୍କ ୪ ବର୍ଷ ପୂର୍ତ୍ତି ଅବସରରେ ରାଞ୍ଚିର ମୋରାବାଦିରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସୋରେନ୍ କହିଥିଲେ, ଆଦିବାସୀ ଓ ଦଳିତଙ୍କ ମଧ୍ୟରେ ମୃତ୍ୟୁ ହାର ଅଧିକ। ୬୦ ବର୍ଷ ପରେ ସେମାନଙ୍କୁ କୌଣସି କାମଧନ୍ଦା ମିଳୁନାହିଁ। ତେଣୁ ୫୦ ବର୍ଷ ବୟସରେ ପହଞ୍ଚିଲେ ସେମାନଙ୍କୁ ପେନ୍‌ସନ୍ ଯୋଗାଇଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଝାଡ଼ଖଣ୍ଡ ଗଠନ ହେବାର ୨୦ ବର୍ଷ ମଧ୍ୟରେ ମାତ୍ର ୧୬ ଲକ୍ଷ ଲୋକ ଭତ୍ତା ସୁବିଧା ପାଉଥିଲେ। କିନ୍ତୁ ତାଙ୍କ ସରକାର ୬୦ ବର୍ଷରୁ ଊର୍ଦ୍ଧ୍ୱ ୩୬ ଲକ୍ଷ ଲୋକଙ୍କୁ ଭତ୍ତା ଯୋଗାଇଦେଉଥିବା ସେ କହିଛନ୍ତି।

## ଏଜେଣ୍ଟଙ୍କୁ ଦିଆଯାଇଥିଲା ୧.୨ କୋଟି

### ମାନବ ଚାଲାଣ ଯୋଜନା

### ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ଉଦ୍ୟମ

ନୂଆଦିଲ୍ଲୀ,୨୯।୧୨

ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରୁ ୩୦୩ ଜଣ ଭାରତୀୟଙ୍କୁ ନେଇ ଏୟାରବସ୍ ଏ୩୪୦ ନିକାରାଗୁଆ ଯାଉଥିବାବେଳେ ମାନବ ଚାଲାଣ ହେଉଥିବା ଗୋଇନ୍ଦା ସୂଚନା ପାଇ ଫ୍ରାନ୍ସ କର୍ତ୍ତୃପକ୍ଷ ସେମାନଙ୍କୁ ଅଟକ ରଖିଥିଲେ। ଫଳରେ ମାନବ ଚାଲାଣର ଏକ ବଡ଼ ଯୋଜନା ପଣ୍ଡ ହୋଇଯାଇଥିଲା। ତେବେ ମାନବ ଚାଲାଣ ନେଟ୍‌ୱର୍କ ପଛର ମାଷ୍ଟରମାଇଣ୍ଡ କିଏ, ତାଙ୍କୁ ଖୋଜି ବାହାର କରିବାକୁ ଗୁଜରାଟ ପୋଲିସ ଅଣ୍ଟା ଭିଡ଼ିଛି। ବିମାନର ଅଧିକାଂଶ ଯାତ୍ରୀ ଗୁଜରାଟର ବନସକଣ୍ଠା, ପାଟନ, ମେହସନା ଏବଂ ଆନନ୍ଦ ଜିଲ୍ଲାର। ଅନ୍ୟ କେତେକ ଯାତ୍ରୀ ପଞ୍ଜାବରୁ ଥିଲେ। ପଞ୍ଜାବ ପୋଲିସ ମଧ୍ୟ ତଦନ୍ତ ଚଳାଇଛି। ଯାତ୍ରୀମାନେ ନିକାରାଗୁଆରେ ପହଞ୍ଚିବା ପରେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥାନ୍ତେ। ଏହି ବେଆଇନ ଅନୁପ୍ରବେଶରେ ଏଜେଣ୍ଟମାନେ ସେମାନଙ୍କୁ ସହାୟତା କରିଥାନ୍ତେ। ଏଥିପାଇଁ ସେମାନଙ୍କୁ ଯାତ୍ରୀମାନେ ୧.୨ କୋଟି ପର୍ଯ୍ୟନ୍ତ ଟଙ୍କା ଦେଇଥିଲେ ବୋଲି ଜଣାପଡ଼ିଛି। ସେମାନେ କିପରି ଏଜେଣ୍ଟଙ୍କ ସହ ଯୋଗାଯୋଗରେ ଆସିଲେ ଏବଂ ନିକାରାଗୁଆରେ ପହଞ୍ଚିବା ପରେ ସେମାନଙ୍କର ଯୋଜନା କ'ଣ ଥିଲା, ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି। ଏଭଳି କେତେ ଲୋକ ବେଆଇନ ଭାବେ ଅନ୍ୟ ଦେଶକୁ ଗଲେଣି ତାହାର ଖୋଳତାଡ଼ ହେଉଛି।

## ୧୦୦ ବିଲିୟନ କ୍ଲବ୍‌ର ପ୍ରଥମ ମହିଳା

ନୂଆଦିଲ୍ଲୀ,୨୯।୧୨

ଏଲ୍'ଓରିଅଲ ବିଉଟି ଏମ୍ପାୟାରର ଉତ୍ତରାଧିକାରୀ ଫ୍ରାନ୍‌କୋଇସ୍ ବେଟେନ୍‌କୋର୍ଟ ମେୟେର୍ସ ବିଶ୍ୱର ପ୍ରଥମ ମହିଳା, ଯାହାଙ୍କ ସମ୍ପତ୍ତି ୧୦୦ ବିଲିୟନ ଡଲାରରୁ ଅଧିକ। ବ୍ଲୁମ୍‌ବର୍ଗ ବିଲିଅନେୟାର୍ସ ସୂଚକାଙ୍କ ଅନୁଯାୟୀ ଫ୍ରାନ୍‌କୋଇସ୍‌ଙ୍କ ସମ୍ପତ୍ତି ପରିମାଣ ଗୁରୁବାର ୧୦୦.୧ ବିଲିୟନ ଡଲାର (୮,୩୩,୦୩୫ କୋଟି ୨୦ ଲକ୍ଷ ୩୦ ହଜାର ଟଙ୍କା)ରେ ପହଞ୍ଚିଛି। ଗୁରୁବାର ଏଲ୍'ଓରିଅଲ୍ ଏସ୍.ଏ. ଷ୍ଟକ୍‌ରେ ରେକର୍ଡ ବୃଦ୍ଧି ଯୋଗୁ ଫ୍ରାନ୍‌କୋଇସ୍‌ଙ୍କ ସମ୍ପତ୍ତି ୧୦୦ ବିଲିୟନ ଡଲାର ଟପିଛି। ଏଲ୍'ଓରିଅଲରେ ଫ୍ରାନ୍‌କୋଇସ୍ ଓ ତାଙ୍କ ପରିବାରର ୩୫ ପ୍ରତିଶତ ଅଂଶଧନ ରହିଛି, ଯାହାକି କମ୍ପାନୀର ସର୍ବାଧିକ ଅଂଶୀଦାର। ଫ୍ରାନ୍‌କୋଇସ୍‌ଙ୍କ ଜେଜେ ୧୯୦୯ରେ ଉକ୍ତ କମ୍ପାନୀ ସ୍ଥାପନ କରିଥିଲେ।

୨୦୧୭ରେ ଯେତେବେଳେ ଫ୍ରାନ୍‌କୋଇସ୍‌ଙ୍କ ମାଆ ଲିଲିଆନେ ବେଟେନେକୋର୍ଟଙ୍କ ପରଲୋକ ହେଲା, ସେତେବେଳେ ଉତ୍ତରାଧିକାର ସୂତ୍ରରେ ଫ୍ରାନ୍‌କୋଇସ୍ ବହୁ ବିଲିୟନ ଡଲାର ଏବଂ ଅନେକ ବିଲ୍ଡିଂର ମାଲିକ ହୋଇଥିଲେ। ଫ୍ରାନ୍‌କୋଇସ୍‌ଙ୍କ ପରେ ଦ୍ୱିତୀୟ ସବୁଠୁ ଧନୀ ମହିଳା ହେଉଛନ୍ତି ୱାଲମାର୍ଟ ରିଟେଲ ଏମ୍ପାୟାରର ଉତ୍ତରାଧିକାରୀ ଆଲିସ୍ ୱାଲ୍‌ଟନ୍। ତାଙ୍କ ସମ୍ପତ୍ତି ପରିମାଣ ୭୦ ବିଲିୟନ ଡଲାର। ୧୦୦ ବିଲିୟନ ଡଲାର ସମ୍ପତ୍ତିର ମାଲିକ ହେବା ସତ୍ତ୍ୱେ ଫ୍ରାନ୍‌କୋଇସ୍ ହେଉଛନ୍ତି ବିଶ୍ୱର ଦ୍ୱାଦଶ ଧନୀ ବ୍ୟକ୍ତି।



ଫ୍ରାନ୍‌କୋଇସ୍ ବେଟେନ୍‌କୋର୍ଟ ମେୟେର୍ସ

# ଧରିତ୍ରୀ DHARITRI

ଧରିତ୍ରୀ 50 Years




# ୯୦ ପ୍ରତିଶତଙ୍କୁ ସ୍ୱାସ୍ଥ୍ୟବୀମା

ଭୁବନେଶ୍ୱର,୨୯।୧୨ (ଅନିଲ ଦାସ)

ଓଡ଼ିଶାର ୯୦ ପ୍ରତିଶତ ଲୋକଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟବୀମା ପରିସରଭୁକ୍ତ କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର ତୃତୀୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ବିଏସ୍‌କେୱାଇ-ନବୀନ କାର୍ଡର ଶୁଭାରମ୍ଭ କରିଛନ୍ତି। ଯେଉଁମାନେ ବର୍ତ୍ତମାନ ବିଏସ୍‌କେୱାଇ ଯୋଜନା ଅଧୀନରେ ନାହାନ୍ତି, ସେମାନେ ଏହି ନୂଆ ଯୋଜନାରେ ସାମିଲ ହେବେ। ସମସ୍ତଙ୍କୁ ନୂଆ ବିଏସ୍‌କେୱାଇ-ନବୀନ କାର୍ଡ ଯୋଗାଇ ଦିଆଯିବ। ନୂଆ ବ୍ୟବସ୍ଥାରେ କେବଳ ସରକାରୀ କର୍ମଚାରୀ ଏବଂ ଆୟକରଦାତାମାନଙ୍କୁ ବାଦ୍ ଦିଆଯାଇଛି। ଏହି କାର୍ଡ ପାଇଥିବା ହିତାଧିକାରୀମାନେ ଉଭୟ ରାଜ୍ୟ ଭିତରେ ଓ ବାହାରେ ସମସ୍ତ ପଞ୍ଜୀକୃତ ଘରୋଇ ହସ୍ପିଟାଲଗୁଡ଼ିକରେ ନିର୍ଦ୍ଧାରିତ ଜଟିଳ ରୋଗଗୁଡ଼ିକର ଚିକିତ୍ସା ସୁବିଧା ପାଇପାରିବେ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ବଞ୍ଚିତ ହୋଇଥିବା ଗ୍ରାମାଞ୍ଚଳର ଲୋକଙ୍କୁ ଜଟିଳ ରୋଗର ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲଗୁଡ଼ିକରେ କ୍ୟାଶ୍‌ଲେସ୍ ସୁବିଧା ଯୋଗାଇ ଦିଆଯିବ। ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ରାଜ୍ୟର ୧ କୋଟି ୧୦ ଲକ୍ଷରୁ ଅଧିକ ପରିବାର ସାମିଲ ହେବେ। ସେମାନେ ସମସ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ-ନବୀନ କାର୍ଡ ଜରିଆରେ ଉତ୍ତମ ଚିକିତ୍ସା ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଏସ୍‌କେୱାଇ-ନବୀନ କାର୍ଡ ଦ୍ୱାରା

## ବିଏସ୍‌କେୱାଇ-ନବୀନ କାର୍ଡ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଓଡ଼ିଶାର କୌଣସି ପରିବାର ଆର୍ଥିକ ଦୁରବସ୍ଥା କାରଣରୁ ଜଟିଳ ରୋଗଗୁଡ଼ିକର ଚିକିତ୍ସା କ୍ଷେତ୍ରରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ । ଏଥିପାଇଁ ଚିକିତ୍ସାର ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାର ନିଜ ପାଣ୍ଠିରୁ ବହନ କରିବେ। ଯୋଜନାର ୩ଟି ପର୍ଯ୍ୟାୟରେ ରାଜ୍ୟର ୯୦ ପ୍ରତିଶତ ଲୋକଙ୍କୁ ବୀମାଭୁକ୍ତ କରାଯାଇଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସ୍ୱାସ୍ଥ୍ୟ ସହ ବିକାଶର ଗଭୀର ସମ୍ପର୍କ ରହିଛି। ଏକ ସୁସ୍ଥ ସମାଜ ହିଁ ସମୃଦ୍ଧ ଭବିଷ୍ୟତର ଭିତ୍ତି। ସରକାରଙ୍କ ସବୁ କାର୍ଯ୍ୟକ୍ରମ ପଛରେ ରହିଛି 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା'ର ମହତ୍ୱାକାଂକ୍ଷୀ ଲକ୍ଷ୍ୟ। ଓଡ଼ିଶାର ସବୁ ଲୋକଙ୍କୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ହେଉଛି ସରକାରଙ୍କ ସ୍ୱପ୍ନ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସେ ଏମିତି ଏକ ଓଡ଼ିଶା ଚାହାନ୍ତି ଯେଉଁଠାରେ ସ୍ୱାସ୍ଥ୍ୟସେବା ଲୋକଙ୍କ ପାଇଁ ଏକ ଅଧିକାର ଏବଂ ଏହା ସବୁ ଲୋକଙ୍କ ପାଇଁ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଥିବ। ପଇସା ପାଇଁ ରାଜ୍ୟର କେହି କେବେ ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉ ନ ଥିବେ। ଏହି ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବାକୁ ଯାଇ ରାଜ୍ୟରେ ୫ ବର୍ଷ ତଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରାଯାଇଥିଲା। ☞ପୃଷ୍ଠା-୨

# ଅତିଶୀଘ୍ର ଭୁଲିହୋଇଗଲାଣି ସୁଦପଡ଼ା

ଭୁବନେଶ୍ୱର, ୨୯।୧୨
(ଲାଲା ସୁନୀଲ କୁମାର ରଥ)

ଗତ ୬ତାରିଖରେ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ୧୦ଜିଲାର ପ୍ରାୟ ୩୦ଟି ସ୍ଥାନରେ ଦେଶୀ ମଦ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଆୟକର(ଇନ୍‌କମ୍ ଟ୍ୟାକ୍ସ) ଚଢ଼ାଉ ହୋଇଥିଲା। ଏଥିରେ ବଲାଙ୍ଗୀର ଜିଲାର ସୁଦପଡ଼ା, ଟିଟିଲାଗଡ଼ ଏବଂ ସମ୍ବଲପୁର ଜିଲା କ୍ଷେତରାଜପୁରର ବିଭିନ୍ନ ମଦଭାଟି ଓ ମଦ ବ୍ୟବସାୟୀଙ୍କ ବାସଭବନ ରହିଥିଲା। ଚଢ଼ାଉ ସମୟରେ ଆଖି ଝଲସିବା ଭଳି ଟଙ୍କା ଜବତ ହୋଇଥିଲା। କେବଳ ସୁଦପଡ଼ାସ୍ଥିତ ବ୍ୟବସାୟିକ ପ୍ରତିଷ୍ଠାନରୁ ଆଲ୍‌ମିରା ଭର୍ତ୍ତି ଟଙ୍କାକୁ ୧୭୬ଟି ବ୍ୟାଗ୍‌ରେ ଭର୍ତ୍ତି କରି ବଲାଙ୍ଗୀର ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରେ ଗଣତି କରିବାକୁ ୬ଦିନ ଲାଗିଯାଇଥିଲା। ହେଲେ ନା ଆୟକର ବିଭାଗ ଅଧିକାରୀ କିମ୍ବା ଷ୍ଟେଟ ବ୍ୟାଙ୍କ କର୍ମଚାରୀ କେହି ହେଲେ କେତେ ଟଙ୍କା ଜବତ ହେଲା ସେନେଇ ମୁହଁ ଖୋଲିଲେ ନାହିଁ। ସେତେବେଳେ ବିଭିନ୍ନ ଗଣମାଧ୍ୟମରେ ଅସମର୍ଥିତ ସୂତ୍ର ଦର୍ଶାଇ ବିଭିନ୍ନ ତାରିଖରେ ଭିନ୍ନ ଭିନ୍ନ ରାଶି ଜବତ ହୋଇଥିବା ପ୍ରକାଶ ପାଇଥିଲା। କେହି କେହି ୩୦୫ କୋଟି ଟଙ୍କା ଜବତ ହୋଇଥିବା କହିଥିବାବେଳେ କେହି ୩୫୦ କୋଟି ଏବଂ ଆଉ କେହି










୪୦୦ କୋଟି ଟଙ୍କା ଜବତ ହୋଇଥିବା ମଧ୍ୟ ପ୍ରକାଶ କରିଥିଲେ। ହେଲେ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆ ନ ଯିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ସନ୍ଦେହ ବଢ଼ିବାରେ ଲାଗିଥିଲା। ପରବର୍ତ୍ତୀ ସମୟରେ ଗତ ୨୧ତାରିଖରେ ଆୟକର ବିଭାଗ ପକ୍ଷରୁ ଏକ ପ୍ରେସ୍ ରିଲିଜ୍ ଜାରି କରାଯାଇ ମୋଟ ୩୫୧କୋଟି ନଗଦ ଟଙ୍କା ଏବଂ ୨.୮କୋଟି ଟଙ୍କାର ଅଳଙ୍କାର ଜବତ କରାଯାଇଥିବାବେଳେ କେବଳ ସୁଦପଡ଼ା, ଟିଟିଲାଗଡ଼ ଏବଂ କ୍ଷେତରାଜପୁରରରୁ ୩୨୯ କୋଟି ଟଙ୍କା ଜବତ ହୋଇଥିବା କୁହାଯାଇଥିଲା। ତେବେ ସୁଦପଡ଼ାରୁ ଜବତ ହୋଇଥିବା ୨୮୫କୋଟି ଟଙ୍କା ଷ୍ଟେଟ ବ୍ୟାଙ୍କରେ ଜମା କରାଯାଇଥିବା ଆୟକର ବିଭାଗର ଜଣେ ଅଧିକାରୀ କହିଥିବା ବେଳେ ବାକି ଟଙ୍କା କୁଆଡ଼େ ଗଲା ସେନେଇ କେହି ମୁହଁ ଖୋଲୁନାହାନ୍ତି। ଏପରି କି ଏହି ଚଢ଼ାଉର ପରବର୍ତ୍ତୀ ପଦକ୍ଷେପ କ'ଣ ନିଆଯାଉଛି, ତାହା ମଧ୍ୟ ସମସ୍ତଙ୍କୁ ଅଜଣା ପାଲଟିଛି। ଆଲୋଚନା ହେଉଛି କି ଚଢ଼ାଉ ହୋଇଥିବା ବ୍ୟବସାୟିକ ପ୍ରତିଷ୍ଠାନ ସହ ଝାଡ଼ଖଣ୍ଡର କଂଗ୍ରେସ ରାଜ୍ୟ ସଭା ସଦସ୍ୟ ଧୀରଜ ସାହୁଙ୍କ ଲିଙ୍କ୍ ଥିବା କୁହାଯାଇଥିଲା। ସେଥିରୁ ବୁଝିବା କଥା ଯେ, ଭାଜପା ଶାସିତ କେନ୍ଦ୍ର ସରକାରଙ୍କ ଅଧୀନ ଆୟକର ବିଭାଗ ଉପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବଞ୍ଚାଇବା ପାଇଁ କେହି ଚାପ ପକାଇ ପାରିବେ ନାହିଁ। ତଥାପି ଜବତ ଏବଂ ଜମା ଅର୍ଥର ତାଳମେଳ ନ ରହିବା ପଛରେ କେଉଁ କାରଣ ରହିଛି।

ପ୍ରକାଶ ଯେ, ଆୟକର ବିଭାଗ ପକ୍ଷରୁ ଚଢ଼ାଉରେ ଓଡ଼ିଶାରୁ ଏତେ ଟଙ୍କା ଜବତ କରାଯିବା ପ୍ରଥମ ଘଟଣା। ଏହାକୁ ନେଇ ସମଗ୍ର ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମରେ ମଦଭାଟିରୁ କୋଟି କୋଟି ଟଙ୍କା ଜବତ ସମ୍ପର୍କରେ ଉଲ୍ଲେଖ କରିବା ପରେ ମଧ୍ୟ ସରକାରୀ ସ୍ତରରେ କେବେ ସ୍ପଷ୍ଟ ତଥ୍ୟ ଦିଆ ନ ଯିବା ହେତୁ ସନ୍ଦେହ ସୃଷ୍ଟି ହେଉଛି। ଏହା ବ୍ୟତୀତ ଏତେ ଟଙ୍କା ଜବତ ହେବା ପରେ ଏହାକୁ ନେଇ ବ୍ୟାଙ୍କରେ ୬ଦିନ କାଳ ଗଣା ହୋଇଥିଲା। ଗଣତିରେ ବ୍ୟାଙ୍କର ବହୁ କର୍ମଚାରୀ ସାମିଲ ହୋଇଥିଲେ। ହେଲେ ଉକ୍ତ ଗଣତି ବେଳର ଭିଡିଓଗ୍ରାଫି କରାଗଲା ନାହିଁ। ଫଳରେ ବାସ୍ତବରେ କେତେ ଟଙ୍କା ଜବତ ହେଲା ସେ ସମ୍ପର୍କରେ କୌଣସି ବିଧିବଦ୍ଧ ତଥ୍ୟ ରଖାଗଲା ନାହିଁ। ବଡ଼ ବଡ଼ ଚଢ଼ାଉ ସମୟରେ ଭିଡିଓଗ୍ରାଫି କରାଗଲେ, ଚଢ଼ାଉ ଏବଂ ଜବତ ପରିମାଣର ସ୍ୱଚ୍ଛତା ରହିଥାଏ। କିନ୍ତୁ ଏଠାରେ ଏହାକୁ ଅନୁପାଳନ କରାଯାଇ ନାହିଁ। ଆଜିର ଭାରତ ବର୍ଷରେ ବିରାଟକାୟ ଅର୍ଥନୈତିକ, ସାମରିକ କିମ୍ବା ସାମାଜିକ କାର୍ଯ୍ୟରୁ ଦୃଷ୍ଟି ହଟାଇବା ପାଇଁ ସରକାର ବିଧିବଦ୍ଧ ବିଭିନ୍ନ ପ୍ରକାର ବିସ୍ଫୋରଣ ଘଟାଉଛନ୍ତି। ଏହା ଫଳରେ ଜନସାଧାରଣ ଗୋଟିଏ ବୋମାର ବିସ୍ଫୋରଣ ଶୁଣି ତାବ୍‌ଦା ହୋଇଥିବା ସମୟରେ ଅନ୍ୟ ଏକ ବିସ୍ଫୋରଣର ବନ୍ଦୋବସ୍ତ କରି ଦିଆଯାଉଛି। ତେଣୁ ଜନସାଧାରଣ ଏହି ମୁହୂର୍ତ୍ତର ବିସ୍ଫୋରଣ ଶୁଣିବା ବେଳକୁ ପୂର୍ବ ବିସ୍ଫୋରଣକୁ ପାସୋରି ଯାଉଛନ୍ତି। ଶାସକମାନେ ଏହାକୁ ଭଲ ଭାବରେ ବୁଝି ସାରିଥିବା ହେତୁ ଏବେ ଆୟକର ବିଭାଗର ଦେଶୀ ମଦ ସାମ୍ରାଜ୍ୟ ଉପରେ ଚଢ଼ାଉକୁ ଜନସାଧାରଣ ବାସ୍ତବରେ ଭୁଲିଗଲେଣି।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥାଳ ପାତିବାର, କ୍ଷୀର ମାଗିବାର**
**ମନୁ କି ପାସୋରି ଦେଲୁରେ ?**
**ଅଢ଼ାଇ ଦିନକୁ, ବଢ଼ାଇ ପୀରତି**
**ଭାଙ୍ଗି ହଟହଟା କଲୁରେ।**

କେତେଜଣ ବ୍ୟକ୍ତି ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ଭୁଲି ଯାଇ ବର୍ତ୍ତମାନ ଧନ ଗର୍ବରେ ଆତ୍ମବଡ଼ିମା ଦେଖାଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ଉକ୍ତ ବ୍ୟକ୍ତି ନିଜ ଅତୀତର ପ୍ରେମପୂର୍ଣ୍ଣ ସମ୍ପର୍କକୁ ଅସ୍ୱୀକାର କରିବସିଲେ ପ୍ରେମିକା ହତୋତ୍ସାହିତ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଥାଳି ଉପରେ ଥାଳିଆ**
**ବଇଁଶୀ ବଜାଇ ଉଠାଇ ଆଣିଲା**
**ଶେଯରୁ କାଇଁଚ ମାଳିଆ।।**

ପ୍ରେମରେ ପଡିଥିବା ବ୍ୟକ୍ତି ପରସ୍ପରର ସାନ୍ନିଧ୍ୟ ଲାଭ କରିବାକୁ ଇଚ୍ଛାପୋଷଣ କରିଥାନ୍ତି। ଏପରିସ୍ଥଳେ ପ୍ରେମରେ ବଶୀଭୂତ କରାଇ ପ୍ରେମିକାକୁ ନିଜ ଆଡକୁ ଆକର୍ଷିତ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ପରିବର୍ଦ୍ଧିତ ହେଲା କାଳିଆ ଛାତ୍ରବୃତ୍ତି

**ସଂଶୋଧିତ କାଳିଆ ଛାତ୍ରବୃତ୍ତି ମାର୍ଗଦର୍ଶିକା ଜାରିକଲା କୃଷି ବିଭାଗ**

ଭୁବନେଶ୍ୱର, ୨୯।୧୨ (ସୁନିତ୍ ମିଶ୍ର)

ଉଚ୍ଚଶିକ୍ଷା ଲାଭ ନିମନ୍ତେ କାଳିଆ ଯୋଜନା ହିତାଧିକାରୀଙ୍କ ପିଲାଙ୍କୁ ଦିଆଯାଉଥିବା କାଳିଆ ଛାତ୍ରବୃତ୍ତି ପରିବର୍ଦ୍ଧିତ କରାଯାଇଛି। ବର୍ତ୍ତମାନ ଏହି ମର୍ମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ସଂଶୋଧିତ କାଳିଆ ଛାତ୍ରବୃତ୍ତି ମାର୍ଗଦର୍ଶିକା ଜାରି ହୋଇଛି । ଏଥିରେ ବୃତ୍ତିଗତ କିମ୍ବା ବୈଷୟିକ ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ନିମନ୍ତେ ରାଜ୍ୟ ଭିତରେ ଓ ବାହାରର ଅଗ୍ରଣୀ ସରକାରୀ ଶିକ୍ଷାନୁଷ୍ଠାନ ସମେତ ରାଜ୍ୟର ଅଲ୍‌ଇଣ୍ଡିଆ ସର୍ଭେ ଅନ୍ ହାୟାର ଏଜୁକେଶନ୍ କୋଡ୍ ପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ସାମିଲ କରାଯାଇଛି। ପୂର୍ବରୁ ସରକାରୀ ଶିକ୍ଷାନୁଷ୍ଠାନର ବୃତ୍ତିଗତ କିମ୍ବା ବୈଷୟିକ ଶିକ୍ଷାରେ ଯାହା ସବୁ ସାମିଲ ଥିଲା ସେଥିରେ ପରିବର୍ଦ୍ଧିତ କରାଯାଇ ବିବିଏ ଓ ବିସିଏ ପାଠ୍ୟକ୍ରମ ସାମିଲ କରାଯିବା ସହିତ ରାଜ୍ୟର ଘରୋଇ ଶିକ୍ଷାନୁଷ୍ଠାନରେ ତତ୍ତୁଲ୍ୟ ପାଠ୍ୟକ୍ରମ କାଳିଆ ଛାତ୍ରବୃତ୍ତିରେ ସାମିଲ କରାଯାଇଛି।

ସେହିପରି ବୃତ୍ତିଗତ କିମ୍ବା ବୈଷୟିକ ପାଠ୍ୟକ୍ରମ ଯେପରି ଏମ୍.ଟେକ୍, ଏମ୍ଏସ୍ (ଏଗ୍ରି), ଏମ୍ଏସ୍‌ସି (ଫରେଷ୍ଟ୍ରି), ମେଡିକାଲ ସାଇନ୍ସରେ ପିଜି ପାଠ୍ୟକ୍ରମ, ଏମ୍‌ବିଏ, ଏମ୍‌ସିଏ, ଏମ୍.ଫାର୍ମ ଏବଂ ତତ୍ତୁଲ୍ୟ ମାଷ୍ଟର ପ୍ରୋଗ୍ରାମ ପାଠ୍ୟକ୍ରମକୁ ଛାତ୍ରବୃତ୍ତିରେ ଅନ୍ତର୍ଭୁକ୍ତ କରାଯାଇଛି । ପୋଷ୍ଟ ଗ୍ରାଜୁଏଟ୍ ପାଠ୍ୟକ୍ରମ ପାଇଁ ସର୍ବାଧିକ ୨ ବର୍ଷ ଏବଂ ପିଏଚ୍.ଡି. ପାଠ୍ୟକ୍ରମ ପାଇଁ ୪ ବର୍ଷ ପାଇଁ ବୃତ୍ତି ଦିଆଯିବ। ପିଏଚ୍.ଡି. ପାଠ୍ୟକ୍ରମଟି ତାଲିକାଭୁକ୍ତ ପିଜି ପାଠ୍ୟକ୍ରମ ସମ୍ପୃକ୍ତ ହୋଇଥିବା ଆବଶ୍ୟକ ଏବଂ ଏହା କେବଳ ରାଜ୍ୟ ଭିତରର ସରକାରୀ ଶିକ୍ଷାନୁଷ୍ଠାନ କ୍ଷେତ୍ର ପାଇଁ ଲାଗୁ ହେବ। ସେହିପରି ଡିପ୍ଲୋମା ପାଠ୍ୟକ୍ରମ ଡି. ଫାର୍ମ, ଡିଏମ୍‌ଏଲ୍‌ଟି, ଡିଏମ୍‌ଆର୍‌ଟି, ଅପଥାଲ୍‌ମିକ୍ ଆସିଷ୍ଟାଣ୍ଟ/ସର୍ଜିକାଲ ଅପଥାଲିମିକ୍

ଆସିଷ୍ଟାଣ୍ଟ, ଜିଏନ୍ଏମ୍, ଏଏନ୍ଏମ୍, ସାଇକ୍ରିୟାଟ୍ରିକ୍ ନର୍ସିଂ, ପଲିଟେକ୍‌ନିକ୍ ଆଣ୍ଡ ଏଗ୍ରି ପଲିଟେକ୍‌ନିକ୍ ଏବଂ ରାଜ୍ୟର ଆଇଟିଆଇର ବିଭିନ୍ନ ଟ୍ରେଡ୍‌ର ବିଦ୍ୟାର୍ଥୀମାନେ ମଧ୍ୟ କାଳିଆ ଛାତ୍ରବୃତ୍ତି ପାଇବେ। ଏହାସହ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରିମିୟର ସରକାରୀ ଶିକ୍ଷାନୁଷ୍ଠାନ ଯଥା ଏନ୍ଆଇଟି, ଆଇଆଇଟି, ଆଇଆଇଏମ୍, ଏମସ୍, ଆଇସିଏଆର୍, ଆଇଏଆର୍‌ଆର୍, ଆଇଭିଆର୍‌ଆଇ, ସିଆଇଏଫ୍‌ଇ, ଏନ୍‌ଡିଆର୍‌ଆଇ, ଆଇଜର, ନାଇଜର ଆଦି ଶିକ୍ଷାନୁଷ୍ଠାନରେ ବୈଷୟିକ କିମ୍ବା ବୃତ୍ତିଗତ ପାଠ୍ୟକ୍ରମକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଆବଶ୍ୟକ ହେଲେ ଭବିଷ୍ୟତରେ ପାଠ୍ୟକ୍ରମ ତାଲିକାକୁ ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ ସଂଶୋଧିତ କରାଯିବ। ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ ପାଇଁ ବୃତ୍ତି ଦିଆଯିବ ନାହିଁ । କେବଳ ଗୋଟିଏ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ବୃତ୍ତି ଦିଆଯିବ। ସରକାରୀ ଶିକ୍ଷାନୁଷ୍ଠାନରେ ବିଦ୍ୟାର୍ଥୀମାନେ ଦାଖଲ କରିଥିବା କସନ୍ ମନି ବ୍ୟତୀତ ଟ୍ୟୁଶନ୍ ଫିସ୍, ବାର୍ଷିକ ଫିସ୍, ଏକକାଳୀନ ଫିସ୍, ହଷ୍ଟେଲ ଖର୍ଚ୍ଚ ଏବଂ ଅନ୍ୟ ଖର୍ଚ୍ଚ ଆଦି ସଂପୃକ୍ତ ବିଦ୍ୟାର୍ଥୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ଜରିଆରେ ସିଧାସଳଖ ପ୍ରେରଣ କରାଯିବ । ଘରୋଇ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କୋର୍ସ ଫିସ୍ ହାରରେ ଛାତ୍ରବୃତ୍ତି ପ୍ରଦାନ କରାଯିବ। ବିଦ୍ୟାର୍ଥୀମାନେ ଯଦି ଅନ୍ୟ କୌଣସି ବୃତ୍ତି ପାଉଥାଆନ୍ତି ଏବଂ କାଳିଆ ଛାତ୍ରବୃତ୍ତିକୁ ପରିବର୍ତ୍ତନ କରିବାକୁ ଚାହାନ୍ତି, ତେବେ ସେ କ୍ଷେତ୍ରରେ ସେମାନେ ଆବେଦନ ସମୟରେ ଉଲ୍ଲେଖ କରିବେ। ଛାତ୍ରୀଛାତ୍ରମାନେ //scholarship.odisha.gov.in କମନ୍ ସ୍କଲାରଶିପ୍ ପୋର୍ଟାଲରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଅନ୍‌ଲାଇନ୍‌ରେ କାଳିଆ ଛାତ୍ରବୃତ୍ତି ପାଇଁ ଆବେଦନ ଓ ନବୀକରଣ ନିମନ୍ତେ ବର୍ଷକୁ ୨ଥର ପୋର୍ଟାଲ ଖୋଲାରହିବ । ପ୍ରଥମ ଥର ଜୁଲାଇ/ଅଗଷ୍ଟ ମାସରେ ଏବଂ ୨ୟ ଥର ନଭେମ୍ବର/ଡିସେମ୍ବର ମାସରେ ବିଦ୍ୟାର୍ଥୀମାନେ ସ୍କଲାରଶିପ୍ ପାଇଁ ଆବେଦନ କରିପାରିବେ ।

# ଜନ୍ମଦିନରେ ଜଳପରୀ ସାଜିଲେ ଟ୍ୱିଙ୍କଲ୍

ମୁମ୍ବାଇ: ଡିସେମ୍ବର ୨୯ ହେଉଛି ବଲିଉଡ୍ ଅଭିନେତ୍ରୀ ଟ୍ୱିଙ୍କଲ୍ ଖାନ୍ନାଙ୍କ ଜନ୍ମଦିନ। ଶୁକ୍ରବାର ଏହି ଅଭିନେତ୍ରୀ ୫୦ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ବିଶେଷ ଦିନ ପାଳନ କରିବା ପାଇଁ ଏକ ବିଶେଷ ଉପାୟ ବାଛିଛନ୍ତି। ସେ ତାଙ୍କ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ସେଥିରେ ସେ ତାଙ୍କ ସ୍ୱାମୀ ତଥା ଅଭିନେତା ଅକ୍ଷୟ କୁମାର, ପୁଅ ଅରବ ଏବଂ ଝିଅ ନିତାରାଙ୍କ ସହ ଜଳପରୀ ଭଳି ଅନୁଭବ କରୁଥିବା ନଜର ଆସିଛନ୍ତି। ଏହି ସମୟରେ ସେ ଅକ୍ଷୟଙ୍କୁ ଚୁମ୍ବନ ଦେବା ସହ ଏକ ନୋଟ୍ ମଧ୍ୟ ଲେଖିଛନ୍ତି। ସେ କହିଛନ୍ତି, ମୋର ୫୦ତମ ଜନ୍ମଦିନରେ ମୁଁ ମୋ ପରିବାରକୁ ଦେଖିଲେ ହୃଦୟ ବିସ୍ମୟରେ ପରିପୂର୍ଣ୍ଣ ହୋଇଯାଏ।



# ପଦ୍ମପୁର ପାଇଁ ସୃଷ୍ଟି ହେଲା ନୂଆ ଏଡିଏମ୍ ପଦବୀ

■ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ
■ ଚଭନ କୁନାଲ ମୋତିରାମଙ୍କୁ ପ୍ରଥମ ଏଡିଏମ୍ ନିଯୁକ୍ତି

ଭୁବନେଶ୍ୱର,୨୯।୧୨ (ଅନିଲ ଦାସ)

ବରଗଡ଼ ଜିଲାର ପଦ୍ମପୁର ପାଇଁ ରାଜ୍ୟ ସରକାର ନୂତନ ଆଡିଶ୍‌ନାଲ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ (ଏଡିଏମ୍ ) ପଦବୀ ସୃଷ୍ଟି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏହାକୁ ଅନୁମୋଦନ କରିଛନ୍ତି। ପଦ୍ମପୁର କାର୍ଯ୍ୟାଳୟ ପାଇଁ ସୃଷ୍ଟି ହୋଇଥିବା ଏହି ପଦବୀ ଦ୍ୱାରା ସେହି ଅଞ୍ଚଳର ପ୍ରଶାସନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ସ୍ଥାନୀୟ ଅଞ୍ଚଳ ଲୋକଙ୍କର ଆପତ୍ତି ଅଭିଯୋଗର ତୁରନ୍ତ ଶୁଣାଣି ହେବ ଓ ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଚାଲିବ। ୨୦୨୦ ବ୍ୟାଚ୍ ଆଇଏଏସ୍ ଅଫିସର ଚଭନ କୁନାଲ ମୋତିରାମଙ୍କୁ ପଦ୍ମପୁର ଏଡିଏମ୍ ଭାବେ ନିଯୁକ୍ତି ଦିଆଯାଇଛି। ଏବେ ସେ ବାଲେଶ୍ୱର ଉପଜିଲାପାଳ ଭାବେ କାର୍ଯ୍ୟରତ ଅଛନ୍ତି।

# ଧାର ଟଙ୍କା ନ ଫେରାଇବାରୁ ଯୁବକଙ୍କୁ ହତ୍ୟା

ଦିଗପହଣ୍ଡି/ପାଟପୁର, ୨୯।୧୨(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ନିକଟସ୍ଥ ମୁଖ୍ୟରାସ୍ତାରେ ଧାର ଟଙ୍କାକୁ କେନ୍ଦ୍ରକରି ସୂର୍ଯ୍ୟ କୁମାର ସାହୁ (୩୩) ନାମକ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ପାଟପୁର ଗ୍ରାମ ବାଲିପେଣ୍ଠ ସାହିର ଅଭିଯୁକ୍ତ ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍ ଜେଲ୍‌କୁ ପଠାଇ ଦିଆଯାଇଛି। ଏ ନେଇ ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ , ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ, ସୂର୍ଯ୍ୟ କୁମାର ଅଭିଯୁକ୍ତ ପ୍ରଶାନ୍ତଙ୍କଠାରୁ ୧୦ ହଜାର ଟଙ୍କା ଧାର୍ ଆଣିଥିଲେ। ବହୁଦିନ ବିତି ଯାଇଥିଲେ ମଧ୍ୟ ସୂର୍ଯ୍ୟ ଟଙ୍କା ଫେରାଇ ନ ଥିଲେ। ଏହାକୁ କେନ୍ଦ୍ରକରି ପୂର୍ବରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସୂର୍ଯ୍ୟ ବସଷ୍ଟାଣ୍ଡକୁ ଯାଉଛି କହି ଘରୁ ବାହାରି ଯାଇଥିଲେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଶୁକ୍ରବାର ସକାଳେ ସୂର୍ଯ୍ୟଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗ୍ରାମର ମୁଖ୍ୟରାସ୍ତା କଡ଼ରେ ଥିବା ବିଦେଶୀ ମଦ ଦୋକାନ ସମ୍ମୁଖସ୍ଥ ଏକ ନିର୍ମାଣାଧୀନ ଘରେ ପଡ଼ିଥିବା ଖବର ପ୍ରଚାରିତ ହୋଇଥିଲା। ମୃତକଙ୍କ ବଡ଼ଭାଇ ନିତ୍ୟାନନ୍ଦ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଗିରଫ କରି ଥାନାରେ ଅଟକ ରଖି ପଚରାଉଚୁରା କରିବା ପରେ ସେ ସୂର୍ଯ୍ୟଙ୍କୁ ମାରିଥିବା ସ୍ୱୀକାର କରିଥିଲେ। ପାଟପୁର ପୋଲିସ ନଂ. ୮୩୨/୨୩ରେ ମାମଲା ରୁଜୁ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଲୁହା ଛଡ଼ ଏବଂ ମୋବାଇଲ ଫୋନ ଜବତ କରିଛି।



ଗିରଫ ଅଭିଯୁକ୍ତ ପ୍ରଶାନ୍ତ କୁମାର ସ୍ୱାଇଁ

## ପ୍ରଥମ ପୃଷ୍ଠାରୁ...

### କରୋନା ଆକ୍ରାନ୍ତ ୧୩...

କଡ଼ା ଚେତାବନୀ ଦେଇଛି। ଆବଶ୍ୟକ ଟେଷ୍ଟିଂ କିଟ୍ ଏବଂ ଔଷଧ ମହଜୁଦ ରଖିବା ସହ ଠିକ୍ ସମୟରେ ଡାଟା ଏଣ୍ଟ୍ରି କରିବା ପାଇଁ କୁହାଯାଇଛି। ଯେକୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିବାକୁ କୁହାଯାଇଛି। ଅପରପକ୍ଷେ ଲକ୍ଷଣ ଥିବା ଲୋକେ ଘରେ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷକରି ନୂଆବର୍ଷ ଭିଡ଼ ପାଇଁ ସତର୍କ ରହିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପରାମର୍ଶ ଦେଇଛନ୍ତି। ଥଣ୍ଡା, କାଶ ଓ ଲକ୍ଷଣ ଥିବା ବ୍ୟକ୍ତି ଏବଂ ବୟସ୍କ ବ୍ୟକ୍ତି ଭିଡ଼ରୁ ଦୂରେଇ ରହିବା ପାଇଁ ସେ ଅପିଲ କରିଛନ୍ତି। ଘରେ ରହିବା ସହ ନିହାତି ଆବଶ୍ୟକ ସ୍ଥଳେ ବାହାରକୁ ବାହାରୁ ଥିଲେ ମାସ୍କ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

### ୬ ମାସ ବଢ଼ିଲା ମୁଖ୍ୟ ...

ସେ ପରିଚିତ। ପ୍ରଦୀପ ଧର୍ମଗଡ଼ର ଉପଜିଲାପାଳ ଭାବେ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଏହା ପରେ ସେ କଳାହାଣ୍ଡିର ଜିଲାପାଳ ହୋଇଥିଲେ। ସେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ, ସ୍ୱତନ୍ତ୍ର ରିଲିଫ କମିଶନର, ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ, ଶକ୍ତି ଏବଂ ଆଇଟି ବିଭାଗ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ୧୯୯୯ ମହାବାତ୍ୟା ସମୟରେ କଟକ ଜିଲାପାଳ ଥିବାବେଳେ ନିଜର ଦକ୍ଷତା ପ୍ରତିପାଦନ କରି ସେ ଲୋକମାନଙ୍କର ପ୍ରିୟଭାଜନ ହୋଇପାରିଥିଲେ।

### ୯୦ ପ୍ରତିଶତଙ୍କୁ ...

ଏହା ଓଡ଼ିଶାର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ରାଜ୍ୟର ସବୁ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ପର୍ଯ୍ୟାୟକ୍ରମେ ସମ୍ପ୍ରସାରିତ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ସବୁ ଲୋକଙ୍କୁ, ସେମାନଙ୍କର ରୋଜଗାର ଓ ବାସସ୍ଥାନ ନିର୍ବିଶେଷରେ, ୯୦ ପ୍ରତିଶତଙ୍କୁ ସ୍ୱାସ୍ଥ୍ୟବୀମା ସବୁ ସରକାରୀ ଚିକିତ୍ସାଳୟରେ ସମସ୍ତ ଉପଲବ୍ଧ ଚିକିତ୍ସା ସୁବିଧା ସମ୍ପୂର୍ଣ୍ଣ ମାଗଣାରେ ମିଳୁଛି। ଦ୍ୱିତୀୟ ପର୍ଯ୍ୟାୟରେ, ସବୁ ଖାଦ୍ୟ ସୁରକ୍ଷା ହିତାଧିକାରୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଘରୋଇ ଚିକିତ୍ସାଳୟଗୁଡ଼ିକରେ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ବିଏସ୍‌କେୱାଇ ଯୋଜନାରେ ପ୍ରତି ମାସରେ ୪୫ ଲକ୍ଷରୁ ଅଧିକ ଲୋକ ବିଭିନ୍ନ ସରକାରୀ ହସ୍ପିଟାଲଗୁଡ଼ିକରେ ମାଗଣାରେ ଚିକିତ୍ସା ସୁବିଧା ପାଉଛନ୍ତି । ଏଥିସହିତ ୧ ଲକ୍ଷ ୩୦ ହଜାର ଲୋକ ଘରୋଇ ହସ୍ପିଟାଲଗୁଡ଼ିକରେ କ୍ୟାଶ୍‌ଲେସ୍ ଚିକିତ୍ସା ସୁବିଧା ମଧ୍ୟ ପାଉଛନ୍ତି । ଏଥିପାଇଁ ପଞ୍ଜୀକୃତ ହୋଇଥିବା ଘରୋଇ ହସ୍ପିଟାଲଗୁଡ଼ିକରେ ରାଜ୍ୟ ସରକାର ମାସକୁ ୨୬୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗତ ୫ ବର୍ଷରେ ବିଏସ୍‌କେୱାଇ ଯୋଜନାରେ ରାଜ୍ୟ ସରକାର ୪୫୦୦ କୋଟି ଟଙ୍କା ଖର୍ଚ୍ଚ କରି ୨୧ ଲକ୍ଷ ରୋଗୀଙ୍କୁ ବିଭିନ୍ନ ଘରୋଇ ହସ୍ପିଟାଲରେ କ୍ୟାଶ୍‌ଲେସ ଚିକିତ୍ସା ସୁବିଧା ଯୋଗାଇ ଦେଇଛନ୍ତି। ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସାରା ଦେଶରେ ଏହା ଏକ ଅନନ୍ୟ ଉଦାହରଣ। ଏକ ଉତ୍ତମ ମଡେଲ। ଓଡ଼ିଶାର ଲୋକଙ୍କ ପାଇଁ ଏହା ଏକ ସୁନିଶ୍ଚିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ଯେଉଁଥିରେ ସରକାରୀ ଓ ଘରୋଇ ଉଭୟ କ୍ଷେତ୍ରର ଉତ୍ତମ ସୁବିଧା ପ୍ରଦାନ କରାଯାଉଛି। ଏବେ ବିଏସ୍‌କେୱାଇ ଯୋଜନାର ତୃତୀୟ ପର୍ଯ୍ୟାୟରେ ବଳକା ଲୋକଙ୍କୁ ସାମିଲ କରାଯାଇଛି।

# ନିଯୁକ୍ତି ପାଇବେ ୬୨୧ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

କଟକ, ୨୯।୧୨ (ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ରାଜ୍ୟରେ ୬୨୧ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀ ପୂରଣ ପାଇଁ ନିଯୁକ୍ତି ପରୀକ୍ଷା କରାଯିବ। ଆସନ୍ତା ଜାନୁୟାରୀ ୧୨ରୁ ଫେବୃୟାରୀ ୧୨ ତାରିଖ ପର୍ଯ୍ୟନ୍ତ ଆବେଦନ କରାଯିବ। ଏହି ପଦବୀଗୁଡିକ ମଧ୍ୟରୁ ଜଳସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗରେ ୫୮୦ (୧୯୪-ମହିଳା) ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ସିଭିଲ) ପଦବୀ ଖାଲି ରହିଛି। ସାଧାରଣବର୍ଗରେ ୩୨୬ ପଦବୀ ସଂରକ୍ଷିତ ଥିବାବେଳେ ଏସ୍‌ଇବିସିରେ ୭୭, ଏସ୍‌ସି ବର୍ଗରେ ୧୩୭ ଓ ଏସ୍‌ଟି ବର୍ଗରେ ୪୦ ପଦବୀ ରହିଛି। ଅନ୍ୟପକ୍ଷରେ ଜଳ ସମ୍ପଦ ବିଭାଗରେ ୪୧ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ମେକାନିକାଲ) ପଦବୀ ପୂରଣ ନିମନ୍ତେ ଓପିଏସ୍‌ସି ପରୀକ୍ଷା କରିବ। ଏହି ପଦବୀ ମଧ୍ୟରୁ ସାଧାରଣ ବର୍ଗରେ ୨୨, ଏସ୍‌ଇବିସି ୪, ଏସ୍‌ସିରେ ୫ ଏବଂ ଏସ୍‌ଟି ବର୍ଗରେ ୧୦ଟି ସିଟ୍ ରହିଛି। ମୋଟ ପଦବୀରୁ ୧୩ଟି ମହିଳାଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପ୍ରତ୍ୟେକ ପରିସ୍ଥିତିରେ ସ୍ଥିର ନିଷ୍ପତ୍ତି ନେବାରେ ବନ୍ଧୁଙ୍କ ପୃଷ୍ଠପୋଷକତା ସହାୟକ ହେବ। ବାଧବାଧକତାରେ ଘରର ବାକି କାମକୁ ସମ୍ପୂର୍ଣ୍ଣ କରିବେ। ପୂର୍ବ ସ୍ଥିରୀକୃତ ଯାନବାହନ, ଯାନ୍ତ୍ରିକ ଜିନିଷ ତଥା ଗୃହୋପକରଣ କିଣିବା ପାଇଁ ମନ ବଳାଇପାରନ୍ତି। କୃତ୍ତିକା ନକ୍ଷତ୍ର କିଛି ନୂତନ ତଥ୍ୟ ଓ ଅନୁସନ୍ଧାନ କ୍ଷେତ୍ରରେ ପ୍ରେରଣା ଦେଇ ପ୍ରଶଂସିତ ହେବେ।

**ବୃଷ** ପରିବାରରେ ମତାନ୍ତରଜନିତ କୌଣସି ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇପାରେ। ଘରୁ ବରାଦ ପାଇଥିବା ଜିନିଷଟି ନେବା ସକାଶେ ଭୁଲିଯାଇପାରନ୍ତି। ବନ୍ଧୁ ଗହଣରେ ମଉଜିଆ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ମୃଗଶିରା ନକ୍ଷତ୍ର ଖଳ ଲୋକଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମିଥୁନ** ଜଣେ ବନ୍ଧୁଙ୍କ ନିକଟରୁ କିଛି ନୂଆ ଖବର ଆପଣଙ୍କୁ ଅଭିଭୂତ କରିବ। ପୁନର୍ବସୁର ବହୁତ ଦିନରୁ ସମାଧାନ ହୋଇପାରୁ ନ ଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇ ସ୍ତ୍ରୀଙ୍କୁ ବିଭିନ୍ନ କଥା କହିପାରନ୍ତି। ଆର୍ଥିକ ସାହାଯ୍ୟର ପ୍ରତିଶ୍ରୁତି ଦେଇ ବନ୍ଧୁ ମନକୁ ଖୁସି କରିଦେଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। କେତେକ କ୍ଷେତ୍ରରେ ବିରକ୍ତିଜନିତ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ, ପରିବହନ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଅଶ୍ଳେଷା ନକ୍ଷତ୍ରର ନିର୍ମାଣ କାର୍ଯ୍ୟ ସକାଶେ ପାରିବାରିକ ସହଯୋଗ ମିଳି ନ ପାରେ।

**ସିଂହ** ଦିନଟି ବହୁତ ଭଲରେ ଅତିବାହିତ ହେବ। ପୂର୍ବାଫାଲଗୁନୀ ନକ୍ଷତ୍ର କେତେକ କ୍ଷେତ୍ରରେ ଅନୁତାପ କରିବେ ସିନା କିଛି ଲାଭ ମଧ୍ୟ ହେବନି। ବନ୍ଧୁଙ୍କ ମିଥ୍ୟା ଅଭିଯୋଗକୁ ପରୋକ୍ଷ ସମର୍ଥନ ଦେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଅଫିସ୍‌ରେ ସହକର୍ମୀଙ୍କ ସହ ଆଳାପ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହେବ।

**କନ୍ୟା** କୌଣସି କାମରେ ଭୂମିକା ନ ଥାଇ ମଧ୍ୟ ସବୁ କ୍ଷେତ୍ରରେ ଦୋଷୀ ରୂପେ ପରିଗଣିତ ହୋଇପାରନ୍ତି। ଅନ୍ୟମାନଙ୍କ ଭୁଲ ଧାରଣା ବୃଦ୍ଧି ଦିଗରେ ଆପଣଙ୍କ କେତେକ ବନ୍ଧୁ ଖୋରାକ ଯୋଗାଇବେ। ଚିତ୍ରା ନକ୍ଷତ୍ର ସକାଶେ ହଠାତ୍ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। କ୍ରୀଡ଼ା, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହବେ।

**ତୁଳା** ଆପଣଙ୍କର ମନ ଭିତରେ ଯାହା ଦୁଃଖ ଥାଉନା କାହିଁକି ପରିସ୍ଥିତିବଶତଃ ଉପର ମନରେ ହସି ହସି କହିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ସ୍ୱାତୀ ନକ୍ଷତ୍ରର ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିବା ସହ ଶାରୀରିକ ଅସୁସ୍ଥତା ହୋଇପାରେ।

**ବିଛା** ମନ କଥା ମନଭିତରେ ରଖି ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ବ୍ୟବସାୟ,ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରେ ବହୁତ ଚେଷ୍ଟା ଓ ପରିଶ୍ରମ କରିବାକୁ ପଡ଼ିବ। ଅନୁରାଧା ନକ୍ଷତ୍ରର ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ।

**ଧନୁ** ସଂଘର୍ଷମୟ ସ୍ଥିତି ଜନିତ ଅଧିକାଂଶ ସମୟ ତର୍କ, ବିବାଦ ଓ ରାଗରୁଷାରେ ଅତିବାହିତ ହେବ। କୌଣସି କ୍ଷେତ୍ରରେ ଅତ୍ୟଧିକ ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ହେବ ନାହିଁ। ଅତି ଭଲ ପାଉଥିବା ବ୍ୟକ୍ତିଟି ପ୍ରତି ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ସାମାନ୍ୟ ଶାରୀରିକ ଅସୁସ୍ଥି ମଧ୍ୟ ଅନୁଭବ କରିବେ।

**ମକର** ହାତକୁ ନେଇଥିବା କାମଟି ବହୁ କଷ୍ଟରେ ହେବ। ଶ୍ରବଣା ନକ୍ଷତ୍ର ସରକାରୀ କ୍ଷେତ୍ରରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ନିକଟ ସମ୍ପର୍କୀୟ ବନ୍ଧୁଙ୍କଠାରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଅଫିସ କାମରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** କୌଣସି ନୂତନ ବନ୍ଧୁଙ୍କ ସହ ସମ୍ପର୍କ ସ୍ଥାପିତ ହେବାର ଉଜ୍ଜ୍ୱଳ ଆଶା ରହିଛି। ପୂର୍ବଭାଦ୍ରବ ନକ୍ଷତ୍ର ଯେତିକି ପାଇବେ ତାହାଠାରୁ ଅଧିକ ଖର୍ଚ୍ଚ କରିବେ। ପ୍ରତ୍ୟେକ କ୍ଷେତ୍ରରେ କିଛି ନ ବୁଝି ନ ଶୁଝି କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ରେସ୍, ପବ୍ଲିକେଶନ,ଆଇନ ଅଦାଲତ, ଗବେଷଣା, ଅନୁସନ୍ଧାନ, ନିର୍ମାଣ କାମରୁ ସୁଫଳ ମିଳିବ।

**ମୀନ** ବାସ୍ତବତାକୁ ସଦାବେଳେ ପ୍ରାଧାନ୍ୟ ଦେଉଥିବାରୁ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ବନ୍ଧୁଙ୍କ ବିରୋଧାତ୍ମକ କଥାକୁ ଶୁଣି କୌଣସି ମନ୍ତବ୍ୟ ଦେବା କାରଣରୁ ଅସୁବିଧାର ସମ୍ମୁଖୀନ ହେବେ। ଆକସ୍ମିକ ଭାବେ ସୃଷ୍ଟି ହୋଇଥିବା ବିବାଦୀୟ ଘଟଣାର ଦିଗ ବଦଳିଯାଇପାରେ। ଉତ୍ତରଭାଦ୍ରବ ନକ୍ଷତ୍ର ପରିବାରର ଖର୍ଚ୍ଚଭାର ବୃଦ୍ଧି ଚିନ୍ତାରେ ପକାଇବ।

ଆଜି ପୌଷ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ, ଶନିବାର, ଡିସେମ୍ବର ୩୦ ତାରିଖ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୫୦ ଗତେ ଘ.୦୯।୦୬ ମଧ୍ୟେ, ଘ.୧୨।୧୦ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୯।୦୬ ମି. ଗତେ ଘ୧୦।୨୭ ମଧ୍ୟେ ରାହୁକାଳ।




# ଅଯୋଧ୍ୟା ଧାମ ଏବେ ଆଧ୍ୟାତ୍ମିକତା ଏବଂ ପର୍ଯ୍ୟଟନ ବୈଶ୍ୱିକ କେନ୍ଦ୍ରରେ ପରିଣତ ହେବା ଲାଗି ପ୍ରସ୍ତୁତ

## ପତାକା ହଲାଇ ଶୁଭାରମ୍ଭ

### ୨ ଅମୃତ ଭାରତ ଟ୍ରେନ୍

ଦରଭଙ୍ଗା - ଅଯୋଧ୍ୟା ଧାମ ଜଂ. - ଦିଲ୍ଲୀ (ଆନନ୍ଦ ବିହାର ଟର୍ମିନାଲ), ମାଲ୍ଦା ଟାଉନ୍ - ବେଙ୍ଗାଲୁରୁ

### ୬ ବନ୍ଦେ ଭାରତ ଏକ୍ସପ୍ରେସ୍

ଶ୍ରୀ ମାତା ବୈଷ୍ଣୋଦେବୀ କଟରା - ନୂଆଦିଲ୍ଲୀ, ଅମୃତସର - ଦିଲ୍ଲୀ, କୋଏମ୍ବାଟୁର - ବେଙ୍ଗାଲୁରୁ, ମାଙ୍ଗାଲୁରୁ - ମଡଗାଓଁ, ଜାଲ୍ନା - ମୁମ୍ବାଇ, ଅଯୋଧ୍ୟା ଧାମ ଜଂ. - ଦିଲ୍ଲୀ (ଆନନ୍ଦ ବିହାର ଟର୍ମିନାଲ)

- ଆରାମଦାୟକ ଯାତ୍ରା ଏବଂ କମ୍ ଯାତ୍ରା ସମୟ
- 'କବଚ' ଟେକ୍ନୋଲୋଜି ସହିତ ଉନ୍ନତ ନିରାପତ୍ତା
- ଆକର୍ଷଣୀୟ ଇଣ୍ଟେରିୟର୍, ଉତ୍ତମ ଏଲ୍ଇଡି ଆଲୋକୀକରଣ, ସିସିଟିଭି, ମାସ୍ ଇନ୍ଫର୍ମେସନ୍ ସିଷ୍ଟମ୍ ଏବଂ ମୋବାଇଲ ଚାର୍ଜିଂ ଇତ୍ୟାଦି ଭଳି ଆଧୁନିକ ସୁବିଧାରେ ସୁସଜ୍ଜିତ
- ଦ୍ରୁତ ପିକ୍ଅପ୍ ପାଇଁ ଅମୃତ ଭାରତର ଆଗ ଓ ପଛରେ ଡବଲ୍ ଇଞ୍ଜିନ୍
- ଦ୍ରୁତତର ସାଂସ୍କୃତିକ, ଔଦ୍ୟୋଗିକ ଏବଂ ଅର୍ଥନୈତିକ ବିକାଶ

## ଉଦ୍‌ଘାଟନ

### ପୁନଃ ବିକଶିତ ଅଯୋଧ୍ୟା ଧାମ ଜଙ୍କସନ୍ (ଫେଜ୍-୧)

- ଆଧ୍ୟାତ୍ମିକ ଐତିହ୍ୟର ଧାରାରେ ପୁନଃ ବିକଶିତ
- ଷ୍ଟେଶନ ଫୁଡ୍ ପ୍ଲାଜା, ପୂଜା ଦୋକାନ, ଲିଫ୍ଟ, ଏସ୍କାଲେଟର ଭଳି ଆଧୁନିକ ସୁବିଧାରେ ସୁସଜ୍ଜିତ
- ଶିଶୁ ଯତ୍ନ ପ୍ରକୋଷ୍ଠ, ଆଧୁନିକ ପ୍ରତୀକ୍ଷା ପ୍ରକୋଷ୍ଠ, ଦିବ୍ୟାଙ୍ଗଜନ ଅନୁକୂଳ ସୁବିଧା
- ପରିବେଶ ଅନୁକୂଳ ଷ୍ଟେଶନ ବିଲ୍ଡିଂ
- ଯାତ୍ରୀଙ୍କ ସୁବିଧା ପାଇଁ ପୃଥକ୍ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର
- ଶୋଭନୀୟ ବିଲ୍ଡିଂ ଏବଂ ସ୍ଥାନୀୟ କଳାରେ ସଜ୍ଜିତ

### ମହର୍ଷି ବାଲ୍ମୀକି ଅନ୍ତର୍ଜାତୀୟ ବିମାନବନ୍ଦର ଅଯୋଧ୍ୟା ଧାମ

- ୧୦ ଲକ୍ଷ ଯାତ୍ରୀ କ୍ଷମତା ସହ ଅଯୋଧ୍ୟାକୁ ମିଳିଛି ଏହାର ପ୍ରଥମ ଅନ୍ତର୍ଜାତୀୟ ବିମାନବନ୍ଦର
- ଉତ୍ତରପ୍ରଦେଶର ୪ର୍ଥ ଅନ୍ତର୍ଜାତୀୟ ବିମାନବନ୍ଦର
- ଅଯୋଧ୍ୟା ଧାମର ଭବ୍ୟତାକୁ ଦେଖିବାକୁ ଚାହୁଁଥିବା ଶ୍ରଦ୍ଧାଳୁଙ୍କ ପାଇଁ ସୁବିଧାଜନକ -କର୍ମନିଯୁକ୍ତି ସୁଯୋଗ ସୃଷ୍ଟି - ₹୩୫୦ କୋଟି ବ୍ୟୟରେ ବିକଶିତ
- ଆଧୁନିକ ସୁବିଧା ସହିତ ୬୫୦୦ ବର୍ଗ ମିଟର କ୍ଷେତ୍ରରେ ବ୍ୟାପ୍ତ ଟର୍ମିନାଲ ବିଲ୍ଡିଂ
- ୨୨୦୦ ମିଟର ଲମ୍ବା ରନ୍‌ୱେ ଓ ୨୪x୭ ପରିଚାଳନା ସୁବିଧା
- ୮ଟି ଏୟାରବସ୍ ୩୨୧ ଟାଇପ୍ ବିମାନ ପାଇଁ ପାର୍କିଂ

## ରାଷ୍ଟ୍ର ପ୍ରତି ଉତ୍ସର୍ଗୀକରଣ

### ଜୌନପୁର - ତୁଳସୀ ନଗର, ଅକବରପୁର - ଅଯୋଧ୍ୟା, ସୋହାୱଲ - ପତରଙ୍ଗା, ସଫଦରଗଞ୍ଜ - ରସୌଲୀ (ଜୌନପୁର - ଅଯୋଧ୍ୟା - ବାରାବାଙ୍କୀ ରେଳ ସେକ୍ସନର ଭାଗ)ର ଦୋହରୀକରଣ

- ଅଯୋଧ୍ୟା ଓ ବାରାଣସୀକୁ ତୀର୍ଥଯାତ୍ରା ହେଲା ଆହୁରି ସହଜ
- ଠିକ୍-ସମୟରେ ଟ୍ରେନ୍ ଚଳାଚଳ
- ଜୌନପୁର - ଆମ୍ବେଦକରନଗର - ଅଯୋଧ୍ୟା ଅଞ୍ଚଳର ବିକାଶ

### ରୁମା - ଚାକେରୀ -ଚନ୍ଦାରୀ ତୃତୀୟ ଲାଇନ୍ ପ୍ରକଳ୍ପ

- ରେଳ ଟ୍ରାଫିକ୍‌ର ଉତ୍ତମ ପରିଚାଳନା
- ଅଞ୍ଚଳର ବିକାଶକୁ ପ୍ରୋତ୍ସାହିତ କରିବ

### ମଲହୌର - ଡାଲିଗଞ୍ଜ ରେଳ ସେକ୍ସନର ଦୋହରୀକରଣ ଓ ବିଦ୍ୟୁତୀକରଣ

- ସେକ୍ସନର ସାମର୍ଥ୍ୟ ବୃଦ୍ଧି
- ବଡ଼ ସହରଗୁଡ଼ିକ ସହିତ ଦ୍ରୁତତର ସଂଯୋଗୀକରଣ

## ଶିଳାନ୍ୟାସ

# ଉତ୍ତରପ୍ରଦେଶରେ ₹୧୫,୭୦୦ କୋଟି ମୂଲ୍ୟର ୪୬ଟି ବିକାଶମୂଳକ ପ୍ରକଳ୍ପ

# ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା

## ଗରିମାମୟ ଉପସ୍ଥିତି

**ଆନନ୍ଦିବେନ୍ ପଟେଲ**
ରାଜ୍ୟପାଳ, ଉତ୍ତରପ୍ରଦେଶ

**ଯୋଗୀ ଆଦିତ୍ୟନାଥ**
ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ

**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଜ୍ୟୋତିରାଦିତ୍ୟ ସିନ୍ଧିଆ**
କେନ୍ଦ୍ର ବେସାମରିକ ବିମାନ ଚଳାଚଳ ଓ ଇସ୍ପାତ ମନ୍ତ୍ରୀ

**ଜେନେରାଲ (ଡା.) ବିଜୟ କୁମାର ସିଂ**
ପିଭିଏସ୍ଏମ୍, ଏଭିଏସ୍ଏମ୍, ୱାଇଏସ୍ଏମ୍ (ଅବସରପ୍ରାପ୍ତ)
କେନ୍ଦ୍ର ବେସାମରିକ ବିମାନ ଚଳାଚଳ, ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ






DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ | ଶନିବାର, ୩୦ ଡିସେମ୍ବର, ୨୦୨୩ | ୧୦.୦୦ ଘଟିକା | ଅଯୋଧ୍ୟା, ଉତ୍ତରପ୍ରଦେଶ

# ସ୍ୱାସ୍ଥ୍ୟ କୂଟନୀତିର ବିଜୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅବସରପ୍ରାପ୍ତ ପଞ୍ଜାବ ଆଇଏଏସ୍ ଅଧିକାରୀ ଡ. ପୁନମ୍ ଖେତ୍ରପାଲ ସିଂଙ୍କୁ ନିକଟରେ ଭୁଟାନ୍‌ର ନ୍ୟାଶନାଲ ଅର୍ଡର ଅଫ୍ ମେରିଟ୍ ଗୋଲ୍ଡ ମେଡାଲ ପୁରସ୍କାର ପ୍ରଦାନ କରାଯାଇଛି। ଏହା କେବଳ ଭୁଟାନ୍‌ର ସ୍ୱାସ୍ଥ୍ୟସେବାରେ ତାଙ୍କର ଅତୁଳନୀୟ ଅବଦାନକୁ ସୂଚିତ କରେ ନାହିଁ ବରଂ ପାର୍ବତ୍ୟ ରାଜ୍ୟ ସହିତ ଭାରତର ସମ୍ପର୍କ ତଥା ଭୁଟାନ୍ ସହ ଚାଇନାର ସମ୍ପର୍କ ବୃଦ୍ଧି ପରିପ୍ରେକ୍ଷୀରେ ମଧ୍ୟ ମହତ୍ତ୍ୱ ରଖେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)ର ଦକ୍ଷିଣ–ପୂର୍ବ ଏସିଆ ଆଞ୍ଚଳିକ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିବା ପ୍ରଥମ ଭାରତୀୟ ଡ. ଖେତ୍ରପାଲ ସିଂଙ୍କ ନିଯୁକ୍ତି ବିଶ୍ୱ ସ୍ୱାସ୍ଥ୍ୟ ନେତୃତ୍ୱ ପ୍ରତି ଭାରତର ପ୍ରତିବଦ୍ଧତାର ଏକ ଦୃଷ୍ଟାନ୍ତ। ଭୁଟାନ୍‌ରେ ପରିବର୍ତ୍ତନଶୀଳ ସ୍ୱାସ୍ଥ୍ୟସେବା ଅଗ୍ରଗତି କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ଯୋଗୁ ମିଳିମିଳା ଏବଂ ରୁବେଲା ଶୀଘ୍ର ବିଲୋପ ହୋଇପାରିଛି। ଭୁଟାନ୍‌ର ବିକାଶରେ ଏକ ପ୍ରମୁଖ ଅଂଶୀଦାର ଭାବରେ ଭାରତର ସ୍ଥିତିକୁ ସେ ମଜଭୁତ କରିଛନ୍ତି। ପୁରସ୍କାରର ସମ୍ପର୍କ ଭୁଟାନ୍‌ର ଜାତୀୟ ଦିବସ ପାଳନ ଏବଂ ବହୁ ଭାରତୀୟ ପ୍ରତିନିଧିଙ୍କ ଉପସ୍ଥିତିରେ ଗେଲେଫୁ ମେଗାସିଟି ପ୍ରକଳ୍ପ ଘୋଷଣା ସହିତ ମେଳ ଖାଉଛି, ଯାହା ଗୁରୁତ୍ୱପୂର୍ଣ୍ଣ ମନେହୁଏ। ରାଜନୈତିକ ପରିବର୍ତ୍ତନ ସତ୍ତ୍ୱେ ଭୁଟାନ୍‌ର ରାଜା ଜିଗ୍‌ମେ ଖେସର ନାମଗିଲ ୱାଙ୍ଗ୍‌ଚୁକ ଭୁଟାନ୍‌ରେ ନିର୍ବାଚନ ସମୟରେ ଏହି ଘୋଷଣା କରିଛନ୍ତି ,ଯେଉଁଥିରୁ ନିର୍ବାଚନ ପରେ ଏହା ଚାଲୁ ରହିବାର ସଙ୍କେତ ମିଳୁଛି। ଏହି ପ୍ରକଳ୍ପ ବିଷୟରେ ଆଲୋଚନା କରିବା ପାଇଁ କିଙ୍ଗ୍ ୱାଙ୍ଗ୍‌ଚୁକଙ୍କ ଭାରତ ଗସ୍ତ ଭାରତୀୟ ଭିତ୍ତିଭୂମି ଏବଂ ବେସରକାରୀ ପୁଞ୍ଜି ବିନିଯୋଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ, ଯାହା ଭୁଟାନ୍‌ରେ ଚାଇନାର ବଢୁଥିବା ପ୍ରଭାବକୁ ପ୍ରତିହତ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ସୂଚିତ କରେ। ଭୁଟାନ୍‌ରେ ସ୍ୱାସ୍ଥ୍ୟସେବା ଏବଂ ବିକାଶରେ ଭାରତର ସକ୍ରିୟ ଯୋଗଦାନ ମହତ୍ତ୍ୱପୂର୍ଣ୍ଣ ଏବଂ ଦେଶର ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପଗୁଡ଼ିକରେ ଏହାର ଯୋଗଦାନ ଭାରତର ଆଞ୍ଚଳିକ ନେତୃତ୍ୱକୁ ଦୃଢ଼ କରିବାରେ ଏକ ରଣନୀତିକ ପ୍ରତିକ୍ରିୟାର ପ୍ରତୀକ।

### ନିଯୁକ୍ତି ଦ୍ୱନ୍ଦ୍ୱ

କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବଳ ଏବଂ କେନ୍ଦ୍ରୀୟ ପୋଲିସ ସଂଗଠନଗୁଡ଼ିକରେ ମହାନିର୍ଦ୍ଦେଶକ (ଡିଜି) ସ୍ତରୀୟ ପଦବୀଗୁଡ଼ିକ ଖାଲି ରହିବାରୁ ସେଗୁଡ଼ିକ ସମସ୍ୟା ସାମ୍ନା କରୁଛନ୍ତି। ତେବେ ମହମ୍ମଦ ତାଜ ହାସନଙ୍କ ଅବସର ପରେ ଖାଲିଥିବା ନେତୃତ୍ୱ ସ୍ତରୀୟ ପଦବୀ ସଂଖ୍ୟା ଅଧିକ ହୋଇଯିବ । ହାସନ ଚଳିତ ମାସ ଶେଷରେ ଅଗ୍ନିଶମ ସେବା, ସିଭିଲ ଡିଫେନ୍ସ ଏବଂ ହୋମଗାର୍ଡର ଡିଜି ପଦବୀରୁ ଅବସର ନେବାକୁ ଯାଉଛନ୍ତି। ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍) ଏବଂ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାରେ ନିୟମିତ ଭାବେ ଡିଜି ନିଯୁକ୍ତିରେ ବିଳମ୍ବ ଅତ୍ୟନ୍ତ ଚିନ୍ତାଜନକ। ତେବେ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)ର ଡିଜି ପଦବୀରୁ ଗତ ଅଗଷ୍ଟରୁ ମନୋଜ ଯାଦବ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) କୁ ବଦଳି ହେବା ପରେ ଦୀର୍ଘସମୟ ତାହା ଖାଲି ରହିବା ଏହି ସମସ୍ୟାକୁ ଅଧିକ ଜଟିଳ କରିଛି। ଅନ୍ୟ ଏକ ଘଟଣାକ୍ରମରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାଶନାଲ ପୋଲିସ ଏକାଡେମୀରେ ଡିଜି ପଦବୀକୁ ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ସ୍ତରୀୟ ପଦବୀ ଭାବରେ ବିବେଚନା କରାଯିବାକୁ ନେଇ ବାବୁମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି। ଫେବୃୟାରୀ ୨୦୨୩ରେ ସୀମା ରାଜନଙ୍କ ଅବସର ପରେ ତତ୍କାଳୀନ ଇନ୍‌ସପେକ୍ଟର ଜେନେରାଲ ଅମିତ ଗାର୍ଗଙ୍କୁ ଏଡିଜି ପଦବୀକୁ ଅନୁଷ୍ଠାନର ମୁଖ୍ୟ ଭାବରେ ପଦୋନ୍ନତି ଦିଆଯାଇଥିଲା। ନିକଟରେ ସଂସଦରେ ସୁରକ୍ଷା ଭଙ୍ଗକୁ ନେଇ ବିଭିନ୍ନ ସର୍ଭିସ ଓ ବ୍ୟାଚ୍‌ର ବରିଷ୍ଠ ଅଧିକାରୀମାନେ ଅଧିକ ସଚେତନ ହୋଇଛନ୍ତି। ଏହା ସିଆଇଏସ୍‌ଏଫ୍, ସିଆର୍‌ପିଏଫ୍ ଏବଂ ଅଗ୍ନିଶମ ସେବା ଓ ନାଗରିକ ସୁରକ୍ଷା, ସମ୍ଭବତଃ ଏନ୍‌ଏଚ୍‌ଆର୍‌ସିରେ ନିୟମିତ ଡିଜିଙ୍କ ନୂତନ ନିଯୁକ୍ତି ଘୋଷଣାକୁ ତ୍ୱରାନ୍ୱିତ କରିପାରେ ।

### ପୁନର୍ଗଠନର ସଙ୍କେତ

କେନ୍ଦ୍ର ଏବେ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ)ରେ ଖାଲିଥିବା ମହାନିର୍ଦ୍ଦେଶକ ପଦବୀ ପୂରଣ କରିଛି। ଏଥିରେ ୧୯୯୪ ବ୍ୟାଚ୍ ଆଇଆର୍‌ଏସ୍ (ଆୟକର)ଅଧିକାରୀ ଅଂଶୁମାନ ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଛି। ନଭେମ୍ବରରେ ଅତୁଲ ବର୍ମା ତାଙ୍କର ଦ୍ୱିତୀୟ ବର୍ଦ୍ଧିତ କାର୍ଯ୍ୟକାଳ ଶେଷ କରିବା ପରେ ଏହି ପଦବୀ ଖାଲି ହୋଇଥିଲା। ସିସିଆଇର ସ୍ୱାଧୀନ ଅନୁସନ୍ଧାନ ଶାଖାର ମୁଖ୍ୟ ଭାବରେ ପଟ୍ଟନାୟକ ବୃହତ୍ ଟେକ୍ କମ୍ପାନୀ ସମେତ ଅନେକ ହାଇପ୍ରୋଫାଇଲ କର୍ପୋରେଟ ଉପରେ ଅନୁସନ୍ଧାନର ନେତୃତ୍ୱ ନେବେ। ଏହି ସମୟରେ ଅନ୍ୟ ଏକ ପଦକ୍ଷେପ କ୍ରମେ ୨୦୦୬ ବ୍ୟାଚ୍ ଆଇଆର୍‌ଏସ୍ ଅଧିକାରୀମାନଙ୍କୁ ଆୟକର କମିଶନର (ସିଆଇଟି) ଗ୍ରେଡରେ ପଦୋନ୍ନତି ଦିଆଯାଇଛି। ମୋଟ ୫୮ ଆଇଆର୍‌ଏସ୍ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି, ଯାହା ଆଇଆର୍‌ଏସ୍ ମଧ୍ୟରେ ପ୍ରମୁଖ ପଦବୀଗୁଡ଼ିକର ପୁନର୍ଗଠନକୁ ସୂଚିତ କରୁଛି। ସୂଚନାଯୋଗ୍ୟ ଯେ, ୧୬ଜଣ ଆଇଆର୍‌ଏସ୍ ଅଧିକାରୀଙ୍କ ନିଯୁକ୍ତି ତାଲିକା ପାଇଁ ବିଭାଗୀୟ ପଦୋନ୍ନତି କମିଟି (ଡିପିସି)ର ସୁପାରିସକୁ ଗୁପ୍ତରେ ରଖାଯାଇଛି। ଷଡ଼ଯନ୍ତ୍ର କଥା ବି ଉଠୁଛି, ଯେଉଁଥିରେ ଅତି କମ୍‌ରେ ୩ଜଣ ଆଇଆର୍‌ଏସ୍ ଅଧିକାରୀଙ୍କୁ ନିଯୁକ୍ତି ତାଲିକାରୁ ବଞ୍ଚିତ କରାଯାଇଥିବା କୁହାଯାଉଛି। ଏହି ନିଷ୍ପତ୍ତିଗୁଡ଼ିକର କାରଣ ଅଜ୍ଞାତ ରହିଛି। ଦେଶରେ ଟିକସ ପରିଚାଳନା ଏବଂ ନିୟାମକ ତଦାରଖ ଉପରେ ଏହିସବୁ ପରିବର୍ତ୍ତନର କ'ଣ ପ୍ରଭାବ ରହିବ ତାହା ପରେ ଜଣାପଡ଼ିବ।

Email: dilipcherian@gmail.com

# ସାଧାରଣ ନିର୍ବାଚନ ପାଇଁ ଅବଗଣନା



ସୌଭାଗ୍ୟ ସୁନ୍ଦରରାୟ

ଲୋକ ସଭା ନିର୍ବାଚନ ପାଇଁ ଆଉ ଅଳ୍ପ କିଛି ମାସ ବାକି ରହିଛି। ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି ପ୍ରାୟତଃ ଆରମ୍ଭ ହୋଇଗଲାଣି। ଇତିମଧ୍ୟରେ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଭାରତୀୟ ଜନତା ପାର୍ଟି (ଭାଜପା)କ୍ଷମତା ଦଖଲ କରି କର୍ନାଟକ ବିଫଳତାଜନିତ ନୈରାଶ୍ୟରୁ ବାହାରି ଆସିପାରିଛି। ଦଳର ମନୋବଳ ବୃଦ୍ଧି ପାଇଛି। ୨୦୨୨ରେ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଚାଲିଥିବା ସମୟରେ ଦୁଇଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗୁଜରାଟରେ ଭାଜପା ବିପୁଳ ଭୋଟ ପାଇ ପୁନର୍ବାର କ୍ଷମତାସୀନ ହୋଇଥିବାବେଳେ ହିମାଚଳପ୍ରଦେଶ କଂଗ୍ରେସ ଦଖଲକୁ ଆସିଲା। ଚଳିତ ବର୍ଷ ଆରମ୍ଭରେ ମେଘାଳୟ, ନାଗାଲାଣ୍ଡ ଓ ତ୍ରିପୁରାରେ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଶେଷ ସଫଳତା ପାଇପାରିଲା ନାହିଁ। ଏହା ପରେ ୨୦୨୩ରେ ଅନୁଷ୍ଠିତ କର୍ନାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ କ୍ଷମତା ଦଖଲ କଲା। କର୍ନାଟକ ଫଳାଫଳ ଭାଜପାକୁ ଚକିତ କରିଥିଲା। ନିକଟରେ ଅନୁଷ୍ଠିତ ରାଜସ୍ଥାନ, ଛତିଶଗଡ଼, ତେଲଙ୍ଗାନା ଓ ମଧ୍ୟପ୍ରଦେଶ ନିର୍ବାଚନରେ କଂଗ୍ରେସ କେବଳ ତେଲଙ୍ଗାନାରେ କ୍ଷମତାସୀନ ହୋଇଥିବାବେଳେ ଅନ୍ୟ ୩ଟି ଯାକ ରାଜ୍ୟ ହାତଛଡ଼ା କରିଛି। ରାଜସ୍ଥାନ, ଛତିଶଗଡ଼ ଓ ମଧ୍ୟପ୍ରଦେଶରେ ଭାଜପା ନୂଆ ଚେହେରା ମୁଖ୍ୟମନ୍ତ୍ରୀ ଅବସ୍ଥାପିତ କରିଛି। ବିଭିନ୍ନ ବର୍ଗଙ୍କୁ ସନ୍ତୁଷ୍ଟ କଲାଭଳି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଚୟନ କରାଯାଇଛି।

୨୦୨୨ ଶେଷ ଭାଗରୁ ଆରମ୍ଭ ହୋଇଥିବା କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଜମ୍ମୁ–କଶ୍ମୀରରେ ଶେଷ ହୋଇଥିଲା। ବିଗତ କିଛିବର୍ଷ ମଧ୍ୟରେ 'ଭାରତ ଯୋଡ଼ୋ' କଂଗ୍ରେସର ଏକ ବଡ଼ ରାଜନୈତିକ କାର୍ଯ୍ୟକ୍ରମ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଯାତ୍ରା ୧୨ଟି ରାଜ୍ୟ ଦେଇ ୩୫୦୦ କିଲୋମିଟର ପଥ ଅତିକ୍ରମ କରିଥିଲା। 'ଭାରତ ଯୋଡ଼ୋ' ଯାତ୍ରା ସମୟରେ କଂଗ୍ରେସର ନୂତନ ସଭାପତି ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ବର୍ଷ ଧରି କଂଗ୍ରେସ ସଭାପତି ଦାୟିତ୍ୱ ତୁଲାଇବା ପରେ ସୋନିଆ ଅବ୍ୟାହତି ନେଇଥିଲେ। କଂଗ୍ରେସର ଯୁଆଳି ପଡ଼ିଥିଲା ମଲ୍ଲିକାର୍ଜୁନ ଖାର୍ଗେଙ୍କ କାନ୍ଧରେ। ମଲ୍ଲିକାର୍ଜୁନ ଜଣେ ଅଭିଜ୍ଞ ରାଜନେତା। ରାହୁଲ ଆରମ୍ଭ କରିଥିବା ଭାରତ ଯୋଡ଼ୋ ଯାତ୍ରା କର୍ନାଟକରେ କଂଗ୍ରେସ ପାଇଁ ସହାୟକ ହୋଇଥିବା ମନେ ହୋଇଥିଲା। କର୍ନାଟକରେ ବିଜୟ ପରେ ଦଳରେ ଏକପ୍ରକାର ଆତ୍ମବିଶ୍ୱାସ ସୃଷ୍ଟି ହେଲା। କିନ୍ତୁ



ନିକଟରେ ଅନୁଷ୍ଠିତ ୩ ରାଜ୍ୟରେ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ଆଗାମୀ ଲୋକ ସଭା ପାଇଁ କଂଗ୍ରେସର ମୂଳଚାଲ ଶକ୍ତି ହ୍ରାସ ପାଇଛି।

ରାଜସ୍ଥାନରେ କଂଗ୍ରେସ ସରକାର ରହିଥିଲା। ଏହି ରାଜ୍ୟର ବିଧାନସଭା ଆସନ ସଂଖ୍ୟା ୨୦୦। କିନ୍ତୁ ଚଳିତ ନିର୍ବାଚନରେ ଭାଜପା ୧୧୫ଟି ଆସନ ପାଇଥିବାବେଳେ କଂଗ୍ରେସ ୬୯ଟି ଆସନ ପାଇଛି। ମଧ୍ୟପ୍ରଦେଶରେ ମଧ୍ୟ ଗତ ନିର୍ବାଚନରେ କଂଗ୍ରେସ ବିଜୟ ଲାଭ କରି ସରକାର ଗଠନ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନେତୃତ୍ୱରେ ଦଳର ୨୨ ଜଣ ବିଧାୟକ ଇସ୍ତଫା ଦେବା ପରେ ସରକାର ଭାଙ୍ଗି ଯାଇଥିଲା। ଏଣୁ ଚଳିତ ଥର କଂଗ୍ରେସ ସେଠାରେ ସଫଳତା ଲାଭ କରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ତାହା ହୋଇପାରିଲା ନାହିଁ। ଏହି ବିଧାନସଭା ନିର୍ବାଚନର ଫଳାଫଳ ଦଳର ସର୍ବଭାରତୀୟ ପତିଆରାକୁ କେତେକାଂଶରେ କ୍ଷୁଣ୍ଣ କରିଛି। ଏପରି ସ୍ଥିତିରେ 'ଇଣ୍ଡିଆ ମେଣ୍ଟ' ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ କିଛି ମାସ ଧରି ଅନୁଷ୍ଠିତ ହୋଇ ନ ଥିଲା। ଲୋକ ସଭା ନିର୍ବାଚନ ନିମନ୍ତେ ଆସନ ବୁଝାମଣା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଲୋକ ସଭା ନିର୍ବାଚନ ପାଇଁ ଆଉ ୩ ମାସ ସମୟ ରହିଲା କହିଲେ ଚଳେ। ଏହା ମଧ୍ୟରେ ଲେଖାନୁଦାନ ପାଇଁ ପାର୍ଲାମେଣ୍ଟର ବଜେଟ ଅଧିବେଶନ ସ୍ୱଳ୍ପ ସମୟ ପାଇଁ ଅନୁଷ୍ଠିତ ହୋଇପାରେ। ତେଣେ ଭାରତୀୟ ଜନତା ପାର୍ଟି ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରିଥିବା ପରିଲକ୍ଷିତ ହେଉଛି। ବିକାଶ ସହ ଧର୍ମୀୟ ଓ ସାଂସ୍କୃତିକ ପ୍ରସଙ୍ଗକୁ ଦଳ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବା ପାଇଁ ଉଦ୍ୟମରତ। ଜାନୁୟାରୀରେ ଅଯୋଧ୍ୟାରେ ନୂଆ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଇତିମଧ୍ୟରେ କାଶୀ ତାମିଲ ସଙ୍ଗମମ୍ କାଶୀରେ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅଂଶଗ୍ରହଣ କରିଥିଲେ। ଏକ ସାଂସ୍କୃତିକ ଯୋଗସୂତ୍ର ମାଧ୍ୟମରେ ଦଳ ଦକ୍ଷିଣ ଭାରତରେ ପ୍ରବେଶ ପାଇଁ ଚେଷ୍ଟା କରିବ। କାରଣ ନିକଟରେ ଅନୁଷ୍ଠିତ ନିର୍ବାଚନରେ ସନାତନ ଧର୍ମ ବିବାଦ ଦଳକୁ ସହାୟକ ହୋଇଥିବା ମନେହୁଏ। ଏହି ବିବାଦ ତାମିଲନାଡୁ ରାଜନେତାଙ୍କ ଉଚ୍ଚାରଣରୁ ଆରମ୍ଭ ହୋଇଥିଲା। ହିନ୍ଦୀ ଭାଷାଭାଷୀ ଏକାଧିକ ରାଜ୍ୟରେ ଭାଜପା କ୍ଷମତାସୀନ ହେବା ପରେ ଦଳର ଉତ୍ସାହ ବୃଦ୍ଧି ପାଇବା ସତ୍ତ୍ୱେ ମନରେ କିଛି ଆଶଙ୍କା ରହିଛି। କାରଣ ପଶ୍ଚିମବଙ୍ଗ, କର୍ନାଟକ ଓ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନରେ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ତେଣେ ଗତ ଉତ୍ତରପ୍ରଦେଶ ବିଧାନସଭାରେ ଭାଜପାର ଆସନ ସଂଖ୍ୟା ହ୍ରାସ ପାଇଛି। ଅର୍ଥାତ ଭାଜପାର ଜନ ସମର୍ଥନ କେତେକାଂଶରେ ହ୍ରାସ ପାଇଛି। ଏହା ଭାଜପା ପାଇଁ ଚିନ୍ତାଜନକ ହୋଇଛି।

ବିଗତ ନିର୍ବାଚନଗୁଡ଼ିକରେ କଂଗ୍ରେସର ଭୋଟ ହାର ହ୍ରାସ ପାଉଥିବା ଓ ନେତାଙ୍କ ଦଳ ତ୍ୟାଗ ପରିପ୍ରେକ୍ଷୀରେ ଦଳ ପକ୍ଷରୁ ଗତବର୍ଷ ଉଦୟପୁରଠାରେ ଅନୁଷ୍ଠିତ ନବ ସଂକଳ୍ପ ଚିନ୍ତନ ବୈଠକକୁ ଘରସଜଡ଼ା ଅଭିଯାନ ଥିଲା ବୋଲି କୁହାଯାଇପାରେ। ଏହି ବୈଠକରେ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ ସହ ଦଳର ପୁନରୁଦ୍ଧାର ପାଇଁ ୬ଟି ଚିଠା ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଉଲ୍ଲେଖନୀୟ ପ୍ରସ୍ତାବ ମଧ୍ୟରେ ପରିବାରବାଦ ଉପରେ ଅଙ୍କୁଶ ଓ ଦଳକୁ ଯୁବ ଚେହେରାଭିମୁଖୀ କରିବା ଅନ୍ତର୍ଭୁକ୍ତ ଥିଲା। ଦଳର ସମସ୍ତ ସ୍ତରରେ ୫୦ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କୁ ୫୦ଭାଗ ପ୍ରତିନିଧିତ୍ୱ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିବାବେଳେ ଗୋଟିଏ ପରିବାରରୁ ଜଣଙ୍କୁ ଟିକେଟ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଭାରତ ଯୋଡ଼ୋ ଯାତ୍ରା ପରେ ଦଳ କର୍ନାଟକ ବିଧାନସଭା ନିର୍ବାଚନରେ ସଫଳତା ପାଇଥିଲେ ମଧ୍ୟ ଯୁବ ଚେହେରାଭିମୁଖୀ ହୋଇପାରିଲା ନାହିଁ। ରାଜସ୍ଥାନ ଓ ମଧ୍ୟପ୍ରଦେଶ ଏହାର ଉଦାହରଣ। ଦୁଇ ରାଜ୍ୟରେ ପୁରୁଣା ଚେହେରାଙ୍କ ଦ୍ୱାରା ନିର୍ବାଚନ ଲଢ଼ି କଂଗ୍ରେସ ବିପର୍ଯ୍ୟୟ ସାମନା କଲା। ତେବେ ତେଲଙ୍ଗାନାରେ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ଭାବେ ଯୁବ ଚେହେରା ଅବସ୍ଥାପିତ କରାଯାଇଛି। ଏହା ଦଳ ପାଇଁ ସୁଫଳ ଆଣିବ ବୋଲି ଆଶା କରାଯାଉଛି।

ଗତ ୧୯ ତାରିଖରେ ଅନୁଷ୍ଠିତ ବିରୋଧୀ ଦଳର ଇଣ୍ଡିଆ ମେଣ୍ଟ ବୈଠକରେ ଆସନ ବୁଝାମଣା ପାଇଁ ନିଷ୍ପତ୍ତି ନିଆଯାଇଛି। ଇଣ୍ଡିଆ ମେଣ୍ଟରେ ଅଧିକାଂଶ ହେଉଛନ୍ତି ଆଞ୍ଚଳିକ ଦଳ। ଏଥିମଧ୍ୟରୁ କଂଗ୍ରେସ ଦଳର ଭଲ ସର୍ବଭାରତୀୟ ଭୋଟ ରହିଛି। କିନ୍ତୁ କଂଗ୍ରେସର ଲଗାତର ବିପର୍ଯ୍ୟୟ ଯୋଗୁ ଆଞ୍ଚଳିକ ଦଳ ନିକଟରୁ କଂଗ୍ରେସକୁ ଯେତେଟା ଗୁରୁତ୍ୱ ମିଳିବା କଥା ତାହା ମିଳିପାରୁ ନାହିଁ। ତେଣେ କଂଗ୍ରେସ ବିନା ମେଣ୍ଟ ଗଠନ ମଧ୍ୟ ଅସମ୍ଭବ। ଏଣୁ କଂଗ୍ରେସ ଓ ଏକାଧିକ ଆଞ୍ଚଳିକ ଦଳ ମଧ୍ୟରେ ଆସନ ବୁଝାମଣା ପାଇଁ ଟଣାଓଟରା ଜାରି ରହିଛି। ଫଳରେ ଆସନ ବୁଝାମଣା ତ୍ୱରିତ ଭାବେ ଚୂଡ଼ାନ୍ତ ହୋଇପାରୁ ନାହିଁ। ଏପରି ସ୍ଥିତିରେ ଭାଜପା ନିଜର ନିର୍ବାଚନୀ ରଣକୌଶଳ ଆଗୁଆ ପ୍ରସ୍ତୁତ କରିଥିବା ଜଣାପଡୁଛି। କଂଗ୍ରେସ ଦଳ ଦ୍ୱିତୀୟ ପର୍ଯ୍ୟାୟ ଭାରତ ଯୋଡ଼ୋ ଯାତ୍ରା ପାଇଁ ନିଷ୍ପତ୍ତି ନେବା ସହ 'ଦେଶ ପାଇଁ ଦାନ' ଅଭିଯାନ ଆରମ୍ଭ କରିଛି। ଏଣୁ କହିବାକୁ ଗଲେ ସମସ୍ତ ରାଜନୈତିକ ଦଳ ସାଧାରଣ ନିର୍ବାଚନ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇସାରିଲେଣି। କିଏ କେଉଁଭଳି ଭାବେ ଭୋଟରଙ୍କୁ ପ୍ରଭାବିତ କରିବେ ତାହା ଆଗକୁ ଦେଖିବାର କଥା।

ମୋ: ୯୪୩୭୨୨୯୨୩୩

# ବିକାଶ ନାମରେ ବିପଦ



ଅସିତ୍ ମହାନ୍ତି

ସିଲ୍‌କ୍ୟାରା–ବାରକୋଟ ସୁଡ଼ଙ୍ଗରେ ୪୧ ଜଣ ଶ୍ରମିକଙ୍କ ଫସିରହିବା ଏବଂ ୧୭ ଦିନିଆ ଉଦ୍ୟମ ପରେ ସେମାନଙ୍କୁ ବାହାର କରିବା କେନ୍ଦ୍ର ସରକାର, ପ୍ରଶାସନ ଏବଂ ବିପର୍ଯ୍ୟୟ ପରିଚାଳନାର ପାରଦର୍ଶିତା ଏବଂ ପ୍ରସ୍ତୁତିକୁ ପରୀକ୍ଷା କରିଛି। ଶ୍ରମିକମାନଙ୍କୁ ଟନେଲରୁ ବାହାର କରିବାରେ ନିୟୋଜିତ ଥିବା ସମସ୍ତ ସରକାରୀ ଏଜେନ୍ସି ଟେକ୍ନିକାଲ ଅକ୍ଷମ ବୋଲି ପ୍ରମାଣିତ ହୋଇଥିବାବେଳେ ଏହି ଘଟଣା ପ୍ରମାଣ କରିଛି ଯେ, ଉତ୍ତରାଖଣ୍ଡ ପରି ଜଟିଳ ଭୂଗୋଳ ଏବଂ ଇକୋସିଷ୍ଟମ ଥିବା ରାଜ୍ୟରେ ମଧ ସରକାର ସବୁକିଛିକୁ କାଜୁଆଲ ଢଙ୍ଗରେ କରନ୍ତି। ସେ ପରିବେଶର ସୁରକ୍ଷା ବିଷୟରେ ଚିନ୍ତା କରନ୍ତି ନାହିଁ କିମ୍ବା ଶ୍ରମ ଆଇନ ପ୍ରତି ମଧ ଧ୍ୟାନ ଦିଅନ୍ତି ନାହିଁ।

ଏହା ବାସ୍ତବରେ ସୁଖ ଏବଂ ବିଜୟର ସ୍ୱାଦ ଥିଲା, ଯାହା ଦେଶରେ ତଥା ଅନ୍ତର୍ଜାତୀୟ ସ୍ତରରେ ଆଲୋଚନାର ବିଷୟ ହୋଇଥିଲା। କିନ୍ତୁ ଏହା ବିଚାର କରିବା ଉଚିତ ଯେ ଏହି ଦୁର୍ଘଟଣା କାହିଁକି ଘଟିଲା, ଏହା ପରିବେଶ ତଥା ଇକୋ–ସିଷ୍ଟମ ଉପରେ କିପରି ପ୍ରଭାବ ପକାଉଛି, ପରିବେଶ ଦୃଷ୍ଟିରୁ ଏହି କାର୍ଯ୍ୟ ଠିକ କି, ସରକାରଙ୍କ ଦ୍ୱାରା ପୂର୍ବ ସଚେତନତା ବ୍ୟବସ୍ଥା କରାଯାଇଥିଲା କି ନାହିଁ ଅନେକ ପ୍ରଶ୍ନ ରହିଛି ? ଏସବୁ ବିଷୟରେ ଚର୍ଚ୍ଚା ହେବା ବାଞ୍ଛନୀୟ। ସର୍ବପ୍ରଥମେ, ଚାରିଧାମ ପ୍ରକଳ୍ପରେ ପରିବେଶ ଏବଂ ଶ୍ରମ ନିୟମ ଉଲ୍ଲଂଘନ କରାଯାଇଛି – ଉତ୍ତରାଖଣ୍ଡରେ ଦ୍ରୁତ ବିକାଶମୂଳକ ପ୍ରକଳ୍ପ ଚାଲିଛି। କିନ୍ତୁ ତୀର୍ଥଯାତ୍ରା ମାର୍ଗ ନିର୍ମାଣ ନାମରେ ଚାରିଧାମ ପ୍ରକଳ୍ପ ପର୍ବତର ଇକୋସିଷ୍ଟମକୁ ନଷ୍ଟ କରିଦେଇଛି। ନିର୍ମାଣାଧୀନ ସିଲ୍‌କ୍ୟାରା–ବାରକୋଟ ଟନେଲରେ ଦୁର୍ଘଟଣା ପର୍ବତରେ ମନୁଷ୍ୟକୃତ ବିପର୍ଯ୍ୟୟର ଅନେକ କାହାଣୀ ମଧ୍ୟରୁ ଗୋଟିଏ ; ଯାହା ଦେଶ ସାମ୍ନାରେ ଆସିଛି। କିନ୍ତୁ ବିକାଶ ନାମରେ ସେଠାରେ ଚାଲିଥିବା କର୍ପୋରେଟ ଲୁଟ ସମଗ୍ର ହିମାଳୟ ଅଞ୍ଚଳକୁ ଏକ ବିପଦପୂର୍ଣ୍ଣ ଅଞ୍ଚଳରେ ରଖିଛି। ଉତ୍ତରାଖଣ୍ଡକୁ ଦେବଭୂମି କୁହାଯାଏ। ଏହା କେବଳ ଚାରୋଟି ପ୍ରମୁଖ ହିନ୍ଦୁ ତୀର୍ଥସ୍ଥାନ ଏଠାରେ ଅବସ୍ଥିତ ହେତୁ ନୁହେଁ, ବରଂ ବାସ୍ତବତା ହେତୁ ଏଠାରେ ବାସ କରୁଥିବା ବିଭିନ୍ନ ଜାତି ଏବଂ ସମ୍ପ୍ରଦାୟ ସମଗ୍ର ହିମାଳୟର ଦୃଶ୍ୟକୁ ପବିତ୍ର ବିବେଚନା କରନ୍ତି। ସେମାନଙ୍କର ଦୃଢ଼ ବିଶ୍ୱାସ ଯେ, ହିମାଳୟକୁ କିଛି କ୍ଷତି ହେଲେ, କେବଳ ପର୍ବତବାସୀଙ୍କ ପାଇଁ ନୁହେଁ, ସମଗ୍ର ମାନବ ଜାତି ପାଇଁ ହିମାଳୟ ପର୍ବତ ବିପର୍ଯ୍ୟୟ ଆଣିପାରେ। ହିମାଳୟ ଏକ ଭୌଗୋଳିକ ପ୍ରତିନିଧିତ୍ୱ କରେ ; ଯାହା ଜଙ୍ଗଲ, ଶିଖର, ଆଲ୍‌ପାଇନ ମାଳଭୂମି, ଉପତ୍ୟକା ଏବଂ ଜଳ କ୍ଷେତ୍ର ମାଧ୍ୟମରେ ଏକ ଜଟିଳ ପର୍ବତ ସଂରଚନାକୁ ସଂରକ୍ଷଣ କରେ ବୋଲି ବିଶ୍ୱାସ କରାଯାଏ। ଆଧୁନିକ ସମ୍ଭଳ ପାଇଁ ଭୋକିଲା ଶିକ୍ଷିତ ଜନସଂଖ୍ୟା ପାଇଁ ଏହା ଅନ୍ଧ ବିଶ୍ୱାସ ହୋଇପାରେ, କିନ୍ତୁ ପ୍ରକୃତ କଥା ହେଉଛି ଏହି ବିଶ୍ୱାସ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହିମାଳୟ ଅଞ୍ଚଳକୁ ସୁରକ୍ଷା ଦେଇଆସୁଛି, ଯାହା ବର୍ତ୍ତମାନ ବିକାଶ ଦ୍ୱାରା ଧୀରେ ଧୀରେ ନଷ୍ଟ କରାଯାଉଛି। ବାସ୍ତବରେ ବିକାଶ କାହା ପାଇଁ ? ମନୁଷ୍ୟ ପାଇଁ, କିନ୍ତୁ ଏହି ବିକାଶରେ ମନୁଷ୍ୟ ଏବଂ ପ୍ରକୃତିର ସମ୍ପର୍କ ଯଦି ନଷ୍ଟ ହୁଏ ତେବେ ଏହା ବିକାଶ ନୁହେଁ ବରଂ ବିନାଶ ।



୨୦୧୩ରେ କେଦାରନାଥ ବନ୍ୟା, ଯୋଶୀମଠରେ ଥିବା ଘର ଏବଂ ହୋଟେଲରେ ଫାଟ ସୃଷ୍ଟି ହେବା ପାର୍ବତ୍ୟ ସମ୍ପଦର ଶୋଷଣ ଏବଂ ବେପରୁଆ ନିର୍ମାଣ କାରଣରୁ ହୋଇଛି। ତେବେ, ଆଜି ଦିଲ୍ଲୀର ସିଂହାସନରେ ବସିଥିବା ନେତାମାନେ ଉତ୍ତରପ୍ରଦେଶର ଚାର ଧାମଙ୍କୁ ଜାତୀୟ ସ୍ତରରେ ଭୋଟ ପାଇବାରେ ସାହାଯ୍ୟ କରୁଛନ୍ତି ଏବଂ ପାହାଡ଼କୁ କର୍ପୋରେଟମାନଙ୍କ ପାଇଁ କ୍ଷୀର ଦେଉଥିବା ଗାଈ ଭାବରେ ଦେଖୁଛନ୍ତି। ପାହାଡ଼ର ଲୋକମାନେ ସେମାନଙ୍କ ଭାଗ୍ୟ ନିର୍ମାତାମାନଙ୍କ ସହିତ ଅଧିକ ସହାନୁଭୂତିର ଆଶା କରୁଛନ୍ତି; ଯେଉଁମାନେ ଏହି କ୍ଷେତ୍ରରେ ପ୍ରତ୍ୟେକ ବିପର୍ଯ୍ୟୟ ପାଇଁ କୌଣସି ପ୍ରକାରେ ଦାୟୀ । ହିମାଳୟ ସମ୍ପ୍ରଦାୟ ଜାଣନ୍ତି ଯେ ଚାର ଧାମ ଯାତ୍ରା ପାଇଁ ନିର୍ମାଣ ହେବାକୁ ଥିବା ଦେଶର ବହୁମୁଖୀ ରାଜପଥ, ରେଳ ନେଟ୍‌ୱର୍କ, ହେଲିପ୍ୟାଡ ଏବଂ ରାଜପଥ ହେଉଛି ସେମାନଙ୍କ ଉପରେ ଥୋପା ହୋଇଥିବା ବିକାଶ; ଯାହା ଶତାବ୍ଦୀର ପରିବେଶ ସନ୍ତୁଳନକୁ ବାଧା ଦେବ ଏବଂ ସ୍ଥାନୀୟ ଲୋକଙ୍କୁ ବିପଦ ସୃଷ୍ଟି କରିବ। ଭବିଷ୍ୟତରେ ସମ୍ପ୍ରଦାୟଗୁଡ଼ିକୁ ଆଗାମୀ ଶତାବ୍ଦୀ ଧରି ବିପର୍ଯ୍ୟୟର ଅନ୍ଧ ଟନେଲରେ ଠେଲି ଦେବ। ଦିୱାଲୀ ଦିନରେ ମଧ୍ୟ ଟନେଲ ନିର୍ମାଣ କାର୍ଯ୍ୟ ଚାଲିଥିଲା – ହୋଲି, ଦିୱାଲୀ, ଇଦ, ଖ୍ରୀଷ୍ଟମାସ, ୧୫ ଅଗଷ୍ଟ ଏବଂ ୨୬ ଜାନୁୟାରୀ ସାରା ଦେଶରେ ଛୁଟିଦିନ। ଏହି ଦିନ ଲୋକମାନେ ସରକାରୀ, ଅଣ–ସରକାରୀ ଏବଂ ଘରୋଇ କାର୍ଯ୍ୟକୁ ବନ୍ଦ କରି ଏହି ପର୍ବ ପାଳନ କରନ୍ତି। କିନ୍ତୁ ନୂତନ ଭାରତରେ ଟନେଲ ଭିତରେ ଶ୍ରମିକ ନିୟୋଜିତ ହୋଇଥିଲେ। ଏହା ଅତ୍ୟନ୍ତ ଅମାନବୀୟ ଏବଂ ଶ୍ରମ ନିୟମର ଉଲ୍ଲଂଘନ। ଆଶ୍ଚର୍ଯ୍ୟଜନକ କଥା ହେଉଛି ଭାରତ ସରକାରଙ୍କ ଜାତୀୟ ରାଜପଥ ମନ୍ତ୍ରଣାଳୟ ନିଜେ ଶ୍ରମ ଆଇନକୁ ଖଣ୍ଡନ କରିବାରେ ନିୟୋଜିତ ଅଛି। ବିପର୍ଯ୍ୟୟ ପରିଚାଳନାରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅଭିଜ୍ଞତା ନାହିଁ ଏହା ମଧ୍ୟ ପ୍ରମାଣିତ ହେଲା। ଏହି ଘଟଣାର ତଦାରଖ କରିବାକୁ ଉକ୍ତ ସ୍ଥାନ ପରିଦର୍ଶନ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ସଡ଼କ ଓ ରାଜପଥ ମନ୍ତ୍ରୀ ନିତୀନ ଗଡକରୀ ଏବଂ ଜେନେରାଲ (ଅବସରପ୍ରାପ୍ତ) ଭି.କେ. ସିଂ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଡେପୁଟି ସେକ୍ରେଟାରୀଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ସଚିବ ପ୍ରତ୍ୟେକ ଛୋଟ କିମ୍ବା ବଡ଼ ପ୍ରଗତି ଉପରେ ନଜର ରଖିଥିଲେ। ଏଥିମଧ୍ୟରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ବିଆର୍‌ଓ, ଜାତୀୟ ରାଜପଥ ଏବଂ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ୍, ନବଯୁଗ, ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ନିଗମ, ତେହେରୀ ହାଇଡ୍ରୋ ଡେଭଲପମେଣ୍ଟ କର୍ପୋରେଶନ, ସତଲୁଜ ଜଳ ବିଦ୍ୟୁତ୍ ନିଗମ, ରେଳ ବିକାଶ ନିଗମ ଲିମିଟେଡ୍, ଟ୍ରେଞ୍ଚଲେସ ଇଞ୍ଜିନିୟରିଂ ୱାର୍କସ ରହିଛି। ଉଦ୍ଧାର କର୍ମଚାରୀମାନେ ଫସି ରହିଥିବା ଶ୍ରମିକଙ୍କ ନିକଟରେ ପହଞ୍ଚିବା ପାଇଁ ଏକକାଳୀନ ପାଞ୍ଚଟି ଯୋଜନା ଉପରେ କାର୍ଯ୍ୟ କରୁଥିଲେ। କିନ୍ତୁ ପ୍ରତ୍ୟେକ ରଣନୀତି ଫ୍ଲପ୍ ବୋଲି ପ୍ରମାଣିତ ହେଲା। ଶେଷରେ ରେଟ ହୋଲ ଖଣିଗୁଡ଼ିକ (ଯାହା ଦେଶରେ ଆଇନ ଦ୍ୱାରା ନିଷେଧ) ନିୟୋଜିତ କରାଯାଇଥିଲା ଏବଂ ସେତେବେଳେ ହିଁ ସଫଳତା ହାସଲ କରାଯାଇଥିଲା। ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠେ ଯେ ଦେଶର ସମସ୍ତ ଏଜେନ୍ସି ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ କେବଳ ହାତୀର ଦାନ୍ତ, ଯାହା କେବଳ ଶୋ ପାଇଁ?

ସୁଜନପୁର, ଯାଜପୁର
ମୋ: ୯୩୪୮୭୬୮୮୧୨

## ଏଇ ଭାରତରେ

ଜୈବ ଇନ୍ଧନ ଚାଳିତ ଦୁଇଚକିଆ ଯାନ ଯୋଗୁ ବାୟୁ ପ୍ରଦୂଷଣ ବଢୁଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ମୋଟର କମ୍ପାନୀ ବିଦ୍ୟୁତ୍ ଚାଳିତ ଯାନ(ଇଭି)ଉତ୍ପାଦନରେ ଲାଗିଛନ୍ତି। କିନ୍ତୁ ବ୍ୟକ୍ତିଗତ ସ୍ତରରେ ପ୍ରଦୂଷଣ ରୋକିବା ଲାଗି ବେଙ୍ଗାଲୁରର ଆଶିଷ ଡୋକାନିଆଙ୍କ ପ୍ରୟାସ ପ୍ରଶଂସନୀୟ। ସେ ଗ୍ରୀନ୍ ଟାଇଗର ମୋବିଲିଟି ଷ୍ଟାର୍ଟଅପ୍ ଗଠନ କରି ତା' ମାଧ୍ୟମରେ ଜୈବ ଇନ୍ଧନ ଚାଳିତ ଦୁଇଚକିଆ ସ୍କୁଟରକୁ ଇଭିରେ ପରିଣତ କରୁଛନ୍ତି। ମୂଳ ପେଟ୍ରୋଲ ଇଞ୍ଜିନ ନ ବଦଳାଇ ସେଥିରେ ମୋଟର ଓ ଇଲେକ୍ଟ୍ରି ପାୱାର ଟ୍ରେନ୍ ଲଗାଯାଉଛି। ଫଳରେ ଏହି ଯାନରେ ଉଭୟ ଜୈବ ଇନ୍ଧନ ଏବଂ ବିଦ୍ୟୁତ୍‌ର ବିକଳ୍ପ ରହୁଛି। ସେଥିରେ ବ୍ୟାଟେରି, କଣ୍ଟ୍ରୋଲର ଓ ସ୍ମାର୍ଟ ଡିସପ୍ଲେ ଲଗାଯାଉଛି। ଏହି କମ୍ପାନୀ ଆରଟିଓ ଓ ଅଟୋମୋଟିଭ ରିସର୍ଚ୍ଚ ଆସୋସିଏଶନ ଅଫ୍ ଇଣ୍ଡିଆ(ଏଆର୍‌ଏଆଇ)ର ସ୍ୱୀକୃତି ଲାଭ କରିଛି। ଏବେ ସୁଦ୍ଧା କମ୍ପାନୀ ୫୦ଟି ସ୍କୁଟରକୁ ଇଭି କରିସାରିଲାଣି। ସେ ଅକ୍ଷୟଶକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମୟରେ ପ୍ରଦୂଷଣ ରୋକିବାରେ ଇଭିର ଆବଶ୍ୟକତା ଉପଲବ୍ଧି କରିବା ପରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ଦୁଇଚକିଆ ଚାଳକଙ୍କ ପାଇଁ ଏଭଳି ଇଭି ସୁଯୋଗ ଆଣିଦେବ ବୋଲି କହନ୍ତି ଆଶିଷ।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ଡିସେମ୍ବର ୧୯୭୪

- ହୃଦ୍‌ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ରାଜସ୍ଥାନର ପ୍ରଥମ ମୁଖ୍ୟମନ୍ତ୍ରୀ ପଣ୍ଡିତ ହୀରାଲାଲ ଶାସ୍ତ୍ରୀଙ୍କ ପରଲୋକ।
- ଭାରତ ମହାସାଗରସ୍ଥିତ ବ୍ରିଟିଶ୍ ଦ୍ୱୀପ ଡିଏଗୋଗାର୍ସିଆରେ ଆମେରିକାର ସାମରିକ ଘାଟି ନିର୍ମାଣ ପାଇଁ ୨୧୪୮ ନିୟୁତ ଡଲାର ବ୍ୟୟ ବ୍ୟବସ୍ଥା ସମ୍ବଳିତ ବିଧେୟକକୁ ରାଷ୍ଟ୍ରପତି ଫୋର୍ଡଙ୍କ ସ୍ୱାକ୍ଷର।
- ଗ୍ୱାଟେମାଲା ସିଟିଠାରେ ଏକ ବିମାନ ଦୁର୍ଘଟଣା ଘଟି ୨୦ ଜଣ ଆମେରିକାନ୍ ପର୍ଯ୍ୟଟକଙ୍କ ସମେତ ୨୨ ଯାତ୍ରୀ ନିହତ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | | |
| 9 | | | | 4 | | | 1 | |
| 4 | | 5 | 2 | 9 | | | | 7 |
| 1 | | 7 | | | | | | 2 |
| | | | | 6 | | | | 4 |
| 2 | | 9 | | | 7 | | | 3 |
| | | | 8 | | 1 | | | |
| | | | 5 | | | 2 | | |
| | 5 | | | | | 3 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 5 | 1 | 7 | 3 | 2 | 9 | 4 |
| 4 | 9 | 1 | 2 | 8 | 5 | 7 | 3 | 6 |
| 7 | 2 | 3 | 6 | 9 | 4 | 1 | 5 | 8 |
| 8 | 3 | 9 | 4 | 1 | 2 | 5 | 6 | 7 |
| 2 | 5 | 6 | 7 | 3 | 8 | 4 | 1 | 9 |
| 1 | 7 | 4 | 5 | 6 | 9 | 3 | 8 | 2 |
| 9 | 4 | 7 | 8 | 5 | 1 | 6 | 2 | 3 |
| 3 | 1 | 2 | 9 | 4 | 6 | 8 | 7 | 5 |
| 5 | 6 | 8 | 3 | 2 | 7 | 9 | 4 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନଦୀବନ୍ଧ ରାସ୍ତା ମରାମତି ହେଉ

ମହାଶୟ,

କଟକ ସଦର ଅନ୍ତର୍ଗତ ଗଡିରାଉତପାଟଣାଠାରୁ ଆୟତପୁର ଦେଇ ଯାଇଥିବା ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତା ମହାନଦୀ କଡରେ ଯାଇଛି। ରାସ୍ତାରେ ଦୁଇଚକିଆ, ତିନିଚକିଆ ଏବଂ ଚାରିଚକିଆ ଗାଡ଼ି ଯାତାୟାତ କରିଥାଏ। ଏହିପରିକି ପରିବା ବିକାଳୀମାନେ ପରିବା ପାଇଁ କଟକ ଯାଇଥାନ୍ତି। ମଟର ସାଇକେଲରେ ଯାତାୟାତ ସୁରକ୍ଷିତ ନୁହେଁ। ବହୁ ସମୟରେ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଏହାକୁ ସାମୟିକ ଭାବେ ମରାମତି କଲେ ଯାତ୍ରା ସୁଗମ ହୋଇପାରିବ। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ଆବଶ୍ୟକ। ରାସ୍ତାକୁ ଅଣଦେଖା କରିବା ଅନୁଚିତ୍।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

## ଚିରନ୍ତନୀ

ହିଂସାବିହୀନ ଶାନ୍ତ ଉପରେ ପଡିଲା ଦାଗ
ଦିଶେ ଦିଶେ ଆଜି ଚମକି ଉଠିଲା ରକ୍ତରାଗ !
ସମାନ ହେବାକୁ ସମାଜ ଏଣିକି ସହଜ ହେଲା
ରୁଧିରେ ବୋଳିଛ ହାତ ଯେହୁ ଆସ ହିନ୍ଦୁ ଚେଲା !
–(ରକ୍ତ–ସ୍ରୋତ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅପହରଣକରି ୧୦ଲକ୍ଷ ମାଗିଲେ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ଯାଜପୁର,୨୯।୧୨ (ହର୍ଷବର୍ଦ୍ଧନ ବେହେରା)

■ଭୁବନେଶ୍ୱରରୁ ଅପହୃତ କ୍ୟାବ୍ ବ୍ୟବସାୟୀଙ୍କୁ ଯାଜପୁରରୁ ଉଦ୍ଧାର କଲା ସ୍ପେଶାଲ ସ୍କ୍ୱାଡ୍

■ମାଷ୍ଟରମାଇଣ୍ଡ୍ ଡ୍ରାଇଭର ସମେତ ୩ ଅପହରଣକାରୀ ଗିରଫ


ଉଦ୍ଧାର ବ୍ୟବସାୟୀ ପିଣ୍ଟୁ ସାହୁ।

ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ଅପହରଣ, ଯାଜପୁରରେ ମୁଣ୍ଡଜାମିନ ରଖି ୧୦ଲକ୍ଷ ଟଙ୍କା ଦାବି କରୁଥିଲେ ଦୁର୍ବୃତ୍ତ। ନାନା ନିର୍ଯାତନା ଦେବା ସହ ଲାଇଭ୍ ଭିଡିଓରେ ପରିବାରକୁ ଦେଉଥିଲେ ଧମକ। ଘଟଣାର ୨୪ ଘଣ୍ଟା ଭିତରେ କମିଶନରେଟ ପୋଲିସ୍‌ର ସ୍ପେଶାଲ ସ୍କ୍ୱାଡ୍ ଅପହୃତ କ୍ୟାବ୍ ଡ୍ରାଇଭର ତଥା ବ୍ୟବସାୟୀ ପିଣ୍ଟୁ ସାହୁଙ୍କୁ ଯାଜପୁର ଜିଲା ଧର୍ମଶାଳା ଆରୁହା ଜଙ୍ଗଲସ୍ଥିତ ଏକ ପରିତ୍ୟକ୍ତ ଘରୁ ଉଦ୍ଧାର କରିବା ସହ ସମ୍ପୃକ୍ତ ୩ ଅପହର୍ତ୍ତାଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମାଷ୍ଟରମାଇଣ୍ଡ୍ ତଥା ଅପହୃତ ପିଣ୍ଟୁଙ୍କ ଡ୍ରାଇଭର ସ୍ୱାଗତ ଶେଖର ସାହୁ ଓରଫ ଲକି, ତାଙ୍କ ସହଯୋଗୀ ମଣ୍ଟୁ ମହାନ୍ତି ଓ ପ୍ରିୟବ୍ରତ ବେହେରା। ତେବେ ଚଢ଼ାଉ ସମୟରେ ଅନ୍ୟ ୨ଜଣ ଅପହର୍ତ୍ତା ଖସି ଯାଇଛନ୍ତି। ପୋଲିସ ସେମାନଙ୍କୁ ଧରିବାକୁ ତନାଘନା ଚଳାଇବା ସହ ଅପହରଣ ପଛର କାରଣ ଓ ଅପହର୍ତ୍ତାଙ୍କ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରୁଛି। ଟଙ୍କା କାରବାରକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ତଦନ୍ତ ସରିବା ପରେ ପୂରା ସୂଚନା ଦିଆଯିବ ବୋଲି ପୋଲିସ କହିଛି।

ସୂଚନା ଅନୁସାରେ, ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡା କୁଞ୍ଜଲ ଗାର୍ଡେନ ଆପାର୍ଟମେଣ୍ଟରେ ରୁହନ୍ତି ପିଣ୍ଟୁ। ସେ ନିଜ କାର୍‌ଗୁଡ଼ିକୁ କ୍ୟାବ୍‌ରେ ଭଡ଼ାରେ ଲଗାଇଥିଲେ। ନିଜେ ଗାଡି ଚଳାଇବା ସହ ଡ୍ରାଇଭର ବି ରଖିଥିଲେ। ଗୁରୁବାର ରାତିରେ ସେ ତାଙ୍କ ଡ୍ରାଇଭରଙ୍କ ସହ ଆପାର୍ଟମେଣ୍ଟ ତଳକୁ ଆସିଥିଲେ। ଏହି ସମୟରେ ଆପାର୍ଟମେଣ୍ଟ ନିକଟରେ ପୂର୍ବରୁ ଏକ କାର୍‌ରେ ଲୁଚି ରହିଥିବା ଅଭିଯୁକ୍ତମାନେ ପିଣ୍ଟୁଙ୍କୁ ଜୋର୍ ଜବରଦସ୍ତ କାର ଭିତରକୁ ଟାଣି ନେଇଥିଲେ। ତାଙ୍କ ଡ୍ରାଇଭର ବିରୋଧ କରିବାରୁ ସେମାନେ ତାଙ୍କୁ ନିସ୍ତୁକ ମାଡ଼ ମାରି ପିଣ୍ଟୁଙ୍କୁ ଅପହରଣ କରିନେଇଥିଲେ। ଏନେଇ ଡ୍ରାଇଭର ଜଣକ ପିଣ୍ଟୁଙ୍କ ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ପିଣ୍ଟୁଙ୍କ ସ୍ତ୍ରୀ ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହ ପରିବାର ଓ ସମ୍ପର୍କୀୟଙ୍କ ଦ୍ୱାରା ଚାରିଆଡ଼େ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ପିଣ୍ଟୁଙ୍କ ସ୍ତ୍ରୀଙ୍କ ମୋବାଇଲକୁ ଏକ ଫୋନ୍ କଲ୍ ଆସିଥିଲା। ସେମାନେ ୧୦ ଲକ୍ଷ ଟଙ୍କା ଦାବି କରିବା ସହ ନ ମିଳିଲେ ପିଣ୍ଟୁଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏପରିକି ଅଭିଯୁକ୍ତମାନେ ପିଣ୍ଟୁଙ୍କୁ କାରରେ ବସାଇ ଭିଡିଓ କଲିଂ କରିବା ସହ ମାଡ ମାରୁଥିବା ଦୃଶ୍ୟ ମଧ ତାଙ୍କ ସ୍ତ୍ରୀକୁ ଦେଖାଇଥିଲେ। ଫଳରେ ତାଙ୍କ ସ୍ତ୍ରୀ ଭୟରେ ଅଭିଯୁକ୍ତଙ୍କ ଆକାଉଣ୍ଟଙ୍କୁ ୨ ଲକ୍ଷ ଟ୍ରାନ୍ସଫର କରିଦେଇଥିଲେ। ତେବେ ଅଭିଯୁକ୍ତମାନେ ବାକି ଟଙ୍କା ମାଗିବାରୁ ପିଣ୍ଟୁଙ୍କ ସ୍ତ୍ରୀ ଖଣ୍ଡଗିରି ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇଥିଲା। କମିଶନରେଟ ପୋଲିସ୍‌ର ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତୁରନ୍ତ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଘଟଣା ପରଠାରୁ ଅପହରଣକାରୀଙ୍କ ସମସ୍ତ ଫୋନ୍ କଲ୍‌କୁ ଟ୍ରାକିଂ କରାଯାଇ ସୁରକ୍ଷିତ ଭାବେ ଉଦ୍ଧାର ପାଇଁ ପୋଲିସ ପୂରା ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିଥିଲା। ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳରେ ସେମାନେ ଥିବା ଜଣାପଡ଼ିବା ପରେ ସ୍ଥାନୀୟ ପୋଲିସ ସହ ଯୋଗାଯୋଗ କରାଯାଇଥିଲା। ଶୁକ୍ରବାର ରାତିରେ ସ୍ପେଶାଲ ସ୍କ୍ୱାଡ୍ ଓ ସ୍ଥାନୀୟ ପୋଲିସ ଆରୁହା ଜଙ୍ଗଲରେ ଚଢ଼ାଉ କରି ଅପହରଣକାରୀଙ୍କୁ କାବୁ କରିବା ସହ ସେମାନଙ୍କ କବଳରୁ ଅପହୃତ ପିଣ୍ଟୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ରାତିରେ ସମସ୍ତଙ୍କୁ ଭୁବନେଶ୍ୱର ଅଣାଯାଇ ଅଧିକ ତଦନ୍ତ ଚାଲିଥିବା ସୂଚନା ମିଳିଛି।


## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୯।୧୨।୨୦୨୩

୫,୫୩, ୪୭୮ ଟଙ୍କା


ସୁପ୍ରିମ କୋର୍ଟର ବିଚାରପତି ଅନିରୁଦ୍ଧ ବୋଷ ଏବଂ ଓଡ଼ିଶା ହାଇକୋର୍ଟ ବିଚାରପତି ବି.ଆର୍. ଷଡ଼ଙ୍ଗୀ ଶୁକ୍ରବାର ଅଲାରନାଥଙ୍କୁ ଦର୍ଶନ ସାରି ଫେରୁଛନ୍ତି।

## ଅଲାରନାଥଙ୍କୁ ଦର୍ଶନକଲେ ସୁପ୍ରିମ କୋର୍ଟ ବିଚାରପତି

ବ୍ରହ୍ମଗିରି,୨୯।୧୨(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରିସ୍ଥିତ ପ୍ରଭୁ ଅଲାରନାଥଙ୍କୁ ସୁପ୍ରିମ କୋର୍ଟ ବିଚାରପତି ଅନିରୁଦ୍ଧ ବୋଷ ଏବଂ ଓଡ଼ିଶା ହାଇକୋର୍ଟ ବିଚାରପତି ବି.ଆର୍. ଷଡ଼ଙ୍ଗୀ ଶୁକ୍ରବାର ଦର୍ଶନ କରିଛନ୍ତି। ଜଗନ୍ନାଥଙ୍କ ସହିତ ଜଡ଼ିତ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି ବିଚାରପତି ଦୁହେଁ ପ୍ରଭୁଙ୍କ କୃପା ଲାଭ କରିଥିବା କହିଛନ୍ତି। ବ୍ରହ୍ମଗିରି ପ୍ରଶାସନ ପକ୍ଷରୁ ବିଚାରପତିଙ୍କୁ ସ୍ୱାଗତ କରାଯାଇଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ରାଜଭବନ ଛକ, କାଳ ୯ଟା, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପାୱାର ହାଉସ ଛକ, ସକାଳ ୯ଟା ୩୦।
- ସାହିତ୍ୟ ପତ୍ରିକା 'ସ୍ମୃତିଲିପି'ର ଅଷ୍ଟବିଂଶତମ ବାର୍ଷିକୋତ୍ସବ,ବୁଦ୍ଧ ମନ୍ଦିର, ସକାଳ ୯ଟା ୩୦।
- ରାଜ୍ୟସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ 'ଗାନ୍ଧୀ ଶିଳ୍ପ ବଜାର', ନୟାପଲ୍ଲୀ ଦୁର୍ଗାପୂଜା ପଡ଼ିଆ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସ୍ପେଶାଲ ସ୍କୁଲ୍‌ସ ଟିଚର୍ସ ଆଣ୍ଡ ଏମ୍ପ୍ଲୋଇଜ୍ ଆସୋସିଏଶନର ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀକ ଓଡ଼ିଶୀ ନୃତ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ୪୧ତମ ରାଜ୍ୟସ୍ତରୀୟ ଚାରୁକଳା ପୁରସ୍କାର ପ୍ରଦାନ ଉତ୍ସବ, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦।
- ଆଦ୍ୟାନ୍ତ ହାଇୟର ସେକେଣ୍ଡାରି ସ୍କୁଲର ୧୭ତମ ବାର୍ଷିକୋତ୍ସବ, ଜି.ପି. ସିଂ ଅଡିଟୋରିୟମ୍, ସ୍କୁଲ ପରିସର, ଯାଆଁ, ଅପରାହ୍ନ ୫ଟା ୧୫।
- ସଙ୍ଗୀତ ସୁରଭି ଇଟିକିଲି ମିଟିକିଲି, ସୂଚନା ଭବନ, ଅପରାହ୍ନ ୫ଟା ୩୦।

# ୭୨ ଘଣ୍ଟାରେ 'ବାରଙ୍ଗ ୧୯୯୯' ବନ୍ଦ କର

ଭୁବନେଶ୍ୱର,୨୯।୧୨ (ଶର୍ମିଷ୍ଠା ପାଣିଗ୍ରାହୀ)




■ୱେବ୍‌ସିରିଜ୍ କମ୍ପାନୀ ସହ ୟୁଟ୍ୟୁବ୍, ଫେସ୍‌ବୁକ୍‌କୁ ଲିଗାଲ ନୋଟିସ

■କୋର୍ଟ ଯିବାକୁ ଧମକ ଦେଲେ ଅଞ୍ଜନା ମିଶ୍ର

ନିକଟରେ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ ହୋଇଛି ୱେବ୍ ସିରିଜ୍ 'ବାରଙ୍ଗ ୧୯୯୯'। ତେବେ ସିରିଜ୍‌ର ବିଷୟବସ୍ତୁକୁ ନେଇ ବିବାଦ ସୃଷ୍ଟି ହୋଇଛି। ଟ୍ରେଲରରେ ଜଣେ ବଳାତ୍କାର ପୀଡ଼ିତାଙ୍କ ସଂଘର୍ଷକୁ ଦର୍ଶାଯାଇଛି। ତେବେ ଏହାକୁ ଅଞ୍ଜନା ମିଶ୍ର ବିରୋଧ କରିବା ସହ ୭୨ ଘଣ୍ଟାରେ ଉକ୍ତ ୱେବ୍ ସିରିଜ୍ ବନ୍ଦ କରିବାକୁ ନୋଟିସ କରିଛନ୍ତି। ଅଞ୍ଜନା ତାଙ୍କ ଓକିଲ ବିଭୁପ୍ରସାଦ ତ୍ରିପାଠୀଙ୍କ ଜରିଆରେ ଓଟିଟି ପ୍ଲାଟ୍‌ଫର୍ମ କମ୍ପାନୀ 'କଞ୍ଚା ଲଙ୍କା'ର ସହ ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ବିଭୁ ପ୍ରସାଦ ରଥ, ସହ ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ, କ୍ୟାମେରା କୁଇନ ପ୍ରଡକ୍ସନ, ଏହାର ପ୍ରତିଷ୍ଠାତା ହିମାଦ୍ରି ତନୟା ଦାସ, ୟୁଟ୍ୟୁବ୍ ଇଣ୍ଡିଆ, ମେଟା ଦ୍ୱାରା ବିକଶିତ ଫେସ୍‌ବୁକ୍‌କୁ ଲିଗାଲ ନୋଟିସ ଜାରି କରିଛନ୍ତି। 'ବାରଙ୍ଗ ୧୯୯୯'ର ଟ୍ରେଲରରେ ମିଶ୍ରଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ବଳାତ୍କାର ଘଟଣାର ମିଥ୍ୟା ଓ ଅପମାନଜନକ ବର୍ଣ୍ଣନା କରାଯାଇଛି ବୋଲି ଆଇନଜୀବୀ ତ୍ରିପାଠୀ ଅଭିଯୋଗ କରିଛନ୍ତି। ଏଥିସହ ସେ ଦାବି କରିଛନ୍ତି, ଟ୍ରେଲରରେ ଏହି ଘଟଣାର ମିଥ୍ୟା ସଂସ୍କରଣ ରହିଛି। କେବଳ ପୀଡ଼ିତାଙ୍କ ନାମ ଅମ୍ରିତା ପାଢୀ ରଖାଯାଇଛି। ନୋଟିସ ପାଇଥିବା ବ୍ୟକ୍ତିମାନେ ୭୨ ଘଣ୍ଟା ମଧ୍ୟରେ ଓଟିଟି ପ୍ଲାଟ୍‌ଫର୍ମ ଏବଂ ସୋସିଆଲ ମିଡିଆ ସାଇଟ୍‌ରୁ ୱେବ୍ ସିରିଜକୁ ହଟାଇବାକୁ କୁହାଯାଇଛି। ଯଦି ସେମାନେ ଏହାକୁ ପାଳନ ନ କରନ୍ତି, ତେବେ ଅଞ୍ଜନା ମିଶ୍ର ସେମାନଙ୍କ ବିରୋଧରେ ସିଭିଲ ଓ ଫୌଜଦାରି କାର୍ଯ୍ୟାନୁଷ୍ଠାନ ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଆଇନଜୀବୀ ତ୍ରିପାଠୀ କହିଛନ୍ତି।

'କଞ୍ଚା ଲଙ୍କା'ର ଅଧ୍ୟକ୍ଷ ଉକ୍ତ ଲିଗାଲ ନୋଟିସକୁ ନେଇ କହିଛନ୍ତି, ଏହି ସିରିଜ କାହାର ବାୟୋପିକ୍ ନୁହେଁ। ମୁଁ ମୋର ଲିଗାଲ ଟିମ୍‌କୁ ଯାଞ୍ଚ କରିବାକୁ କହିଛି। ଯଦି କିଛି ସିନ୍ ତାଙ୍କୁ ଆଘାତ ଦେଇଛି, ତେବେ ତାହା ଭୁଲବଶତଃ ରହିଛି। କିନ୍ତୁ ମୁଁ ଭାବୁଛି ଅଞ୍ଜନା ମ୍ୟାଡାମ ଯଦି ଫିଲ୍ମଟିକୁ ଦେଖିବେ ନିହାତି ତାଙ୍କ ଭାବନା ବଦଳିଯିବ। 'ବାରଙ୍ଗ ୧୯୯୯' ଏକ କାଳ୍ପନିକ କାହାଣୀ। ଏଥିରେ କାହାକୁ ନକାରାତ୍ମକ ଦୃଷ୍ଟିକୋଣରେ ଚିତ୍ରଣ କରିବାକୁ ଇଚ୍ଛା ନାହିଁ ବୋଲି ସେ କହିଛନ୍ତି। ଏ ନେଇ ଅଞ୍ଜନା ମିଶ୍ର କହିଛନ୍ତି, ପ୍ରଥମେ ଯେବେ ସିରିଜ ବିଷୟରେ ଜାଣିବାକୁ ପାଇଥିଲି, ସେବେ ସାମ୍ବାଦିକ ସମ୍ମିଳନୀ କରି ଏହାକୁ ବିରୋଧ କରିଥିଲି। ଏହା ସତ୍ତ୍ୱେ ସିରିଜକୁ ରିଲିଜ୍ କରାଯାଇଛି। ବର୍ତ୍ତମାନ ସିରିଜର ଟ୍ରେଲର ଦେଖିବାକୁ ପାଇଲି, ଯେଉଁଥିରେ ମୋ କାହାଣୀକୁ ଦର୍ଶାଯାଇଛି। ସିରିଜ ନାମ ବାରଙ୍ଗ ସିନା ରଖି ଦେଇଛନ୍ତି, ମାତ୍ର କାହାଣୀ ମୋ ସହିତ ସାମଞ୍ଜସ୍ୟ। ୭୨ଘଣ୍ଟା ଭିତରେ ଏହାକୁ ବନ୍ଦ ନ କଲେ ମୁଁ କୋର୍ଟକୁ ଯିବି।

# ନୂଆବର୍ଷରୁ ଏସି ଶେଡ୍‌ରେ ଶ୍ରୀମନ୍ଦିର ପ୍ରବେଶ

ପୁରୀ, ୨୯।୧୨(ଅଜିତ୍ ମହାନ୍ତି)

■ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

■ବଡ଼ଦାଣ୍ଡ, ସମୁଦ୍ରକୂଳ ନୋ ଭେଇକିଲ୍ ଜୋନ୍

■ଆମ୍ବୁଲାନ୍ସ ପାଇଁ ହେବ ଗ୍ରୀନ୍ କରିଡର ବ୍ୟବସ୍ଥା


ସମୀକ୍ଷା ଅବସରରେ ଏସ୍‌ପି କନୱର ବିଶାଲ ସିଂଙ୍କ ସହ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ ଆଲୋଚନା କରୁଛନ୍ତି।

ଇଂଲିଶ ନବବର୍ଷ-୨୦୨୪କୁ ସ୍ୱାଗତ କରିବା ପାଇଁ ପୁରୀ ବାସିନ୍ଦାଙ୍କ ସମେତ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ନୂଆବର୍ଷର ପ୍ରଥମ ଦିବସରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ନେବା ସହ ବେଳାଭୂମି ବୁଲିବା ଓ ସମୁଦ୍ର ସ୍ନାନ କରିବା ପାଇଁ ବର୍ତ୍ତମାନଠାରୁ ପୁରୀରେ ଭକ୍ତ ଏବଂ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଲାଣି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ନୂଆବର୍ଷରେ ଯେପରି ଲୋକେ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ସୁରକ୍ଷିତ ସମୁଦ୍ର ସ୍ନାନ କରିପାରିବେ ସେ ନେଇ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ ଏବଂ ଏସ୍‌ପି କନୱର ବିଶାଲ ସିଂ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ତଥା ବଡ଼ଦାଣ୍ଡରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ, କେଉଁ ସ୍ଥାନରେ କେତେ ପୋଲିସ ଅଧିକାରୀ ଓ କର୍ମଚାରୀ ନିୟୋଜିତ ରହିବେ, ଟ୍ରାଫିକ ବ୍ୟବସ୍ଥା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ସେମାନେ ଆଲୋଚନା କରିଛନ୍ତି। ବଡ଼ଦାଣ୍ଡରେ ଚାଲିଥିବା ଏସି ଶେଡ୍ ପାଥ୍ ୱେ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନୂଆବର୍ଷରୁ ଭକ୍ତ ଓ ପର୍ଯ୍ୟଟକ ଏଥିରେ ପ୍ରବେଶ କରି ନୂଆ ବ୍ୟାରିକେଡ୍ ଦେଇ ଶ୍ରୀମନ୍ଦିରକୁ ଯିବେ ଏବଂ ଉତ୍ତର ଦ୍ୱାର ଦେଇ ବାହାରିବେ ବୋଲି ସୂଚନା ମିଳିଛି।

ଏନେଇ ଏସ୍‌ପି ସିଂ କହିଛନ୍ତି, ବର୍ତ୍ତମାନଠାରୁ ପୁରୀରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲାଣି। ଆଗକୁ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ତେଣୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ଓ ଯାତ୍ରୀଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ୫ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମତଃ ଆଣ୍ଟି କ୍ରାଇମ୍ ଡ୍ରାଇଭ ଜୋରଦାର ଚାଲିଛି। ହୋଟେଲ ଓ ଯାନବାହନ ଚେକିଂ କରାଯାଉଛି। ଶ୍ରୀମନ୍ଦିର ଭିତରେ ଓ ବାହାରେ, ବଡ଼ଦାଣ୍ଡ, ସମୁଦ୍ରକୂଳ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ଭିତର ବ୍ୟବସ୍ଥାକୁ ୭ଟି ସେକ୍ଟର ଓ ବାହାର ବ୍ୟବସ୍ଥାକୁ ୯ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଇନ୍ସପେକ୍ଟର ର୍‌ୟାଙ୍କ ଓ ପର୍ଯ୍ୟାପ୍ତ ସଂଖ୍ୟକ ପୋଲିସ ଫୋର୍ସ ନିୟୋଜିତ କରାଯିବ। ଟ୍ରାଫିକ ବ୍ୟବସ୍ଥା ପାଇଁ ନୂଆ ପାର୍କିଂସ୍ଥଳ କରାଯାଇଛି। ମୁଖ୍ୟତଃ ସମୁଦ୍ରକୂଳ, ମରୀଚିକୋଟ ଛକରୁ ବଡ଼ଦାଣ୍ଡ ନୋ ଭେଇକିଲ୍ ଜୋନ୍ ହେବ। ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିଶେଷ କଟକଣା ରହିବ ନାହିଁ। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ଛୋଟ ପିଲାଙ୍କ ଲାଗି ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବ। ଭକ୍ତଙ୍କୁ ଗାଇଡ୍ କରିବା ପାଇଁ ପୋଲିସ ଓ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଏସ୍‌ଓପି ଅନୁଯାୟୀ, ନୂଆବର୍ଷରୁ ଭକ୍ତ ତଥା ପର୍ଯ୍ୟଟକମାନେ ଏସି ଶେଡ୍ ପାଥ୍ ୱେରେ ପ୍ରବେଶ କରି ନୂଆ ବ୍ୟାରିକେଡ୍ ଦେଇ ଶ୍ରୀମନ୍ଦିରକୁ ଯିବେ ଓ ଉତ୍ତରଦ୍ୱାର ଦେଇ ବାହାରିବେ। ଭକ୍ତଙ୍କ ନିମନ୍ତେ ଅନେକ ସ୍ଥାନରେ ଶୌଚାଳୟ, ଜୋତାଷ୍ଟାଣ୍ଡ ଆଦି କରାଯାଉଛି। ସାଇନବୋର୍ଡ ଲଗାଯିବ। ପୋଲିସ କଣ୍ଟ୍ରୋଲ ରୁମ୍ ଖୋଲିବ। ପ୍ରାଥମିକ ଚିକିତ୍ସା ପାଇଁ ବ୍ୟବସ୍ଥା ରହିବ। ଆମ୍ବୁଲାନ୍ସ ଚଳପ୍ରଚଳ ପାଇଁ ଗ୍ରୀନ୍ କରିଡର ବ୍ୟବସ୍ଥା କରାଯାଇଛି। ଏଥିସହ ଭକ୍ତ ଓ ପର୍ଯ୍ୟଟକଙ୍କଠାରୁ ଫିଡ୍‌ବ୍ୟାକ୍ ନେବା ପାଇଁ ଫିଡ୍‌ବ୍ୟାକ୍ ସେଣ୍ଟର କରାଯିବ। ବେଳାଭୂମିରେ ହଟ୍‌ସ୍ପଟ ପାଟ୍ରୋଲିଂ କରାଯିବ। ଏଥିସହ ସମୁଦ୍ରକୂଳ ଅଞ୍ଚଳରେ ତିନୋଟି ଫାଣ୍ଡି କରାଯିବ। ସୁରକ୍ଷିତ ସମୁଦ୍ରସ୍ନାନ ଉପରେ ମଧ ଗୁରୁତ୍ୱ ଦିଆଯାଇଛି। ଶୃଙ୍ଖଳିତ ଦର୍ଶନ, ଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ଓ ଯାତ୍ରୀଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ଏସ୍‌ପି ସୂଚନା କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମୋନାଲିସା


@ ରାମ


@ ନରେଶ


@ ଅର୍ପିତା


@ ରଶ୍ମି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଟ୍ୟୁଶନ ଯାଇ ୨ ନାବାଳକ ନିଖୋଜ

କଣାସ,୨୯।୧୨ (ବିଭୂତି ଭୂଷଣ ତ୍ରିପାଠୀ)


ସୁଜିତ୍ ସାମନ୍ତରାୟ


ଅମରନାଥ ସାହୁ

କଣାସ ଥାନା ଅଧୀନ ସିରେଇ ଗ୍ରାମ ପଞ୍ଚାୟତର ସିରେଇ ଗ୍ରାମରେ ଗୁରୁବାର ୨ଜଣ ନାବାଳକ ଛାତ୍ର ନିଖୋଜ ହୋଇଥିବା କଣାସ ଥାନାରେ ଅଭିଯୋଗ ହୋଇଛି। ସେମାନେ ହେଲେ ଅମରନାଥ ସାହୁ(୧୪), ସୁଜିତ୍ ସାମନ୍ତରାୟ(୧୧)।

ସୂଚନା ମୁତାବକ, ଓଗାଳପୁର ଗ୍ରାମର ମୁରତ ସାହୁଙ୍କ ଅଷ୍ଟମ ଶ୍ରେଣୀରେ ପଢୁଥିବା ପୁଅ ଅମରନାଥ ଗୁରୁବାର ସକାଳେ ଟ୍ୟୁଶନ୍ ଯାଇ ଘରକୁ ଫେରି ନ ଥିଲେ। ଖୋଜାଖୋଜି ପରେ କୌଣସି ସନ୍ଧାନ ମିଳି ନ ଥିବାରୁ ଅମରନାଥଙ୍କ ମାତା ଟୁନି ସାହୁ ଥାନାରେ ନିଖୋଜ ସମ୍ପର୍କରେ ଏତେଲା ଦେଇଛନ୍ତି। ସେହିପରି ସିରେଇ ଗ୍ରାମର ଦିଲୀପ ସାମନ୍ତରାୟଙ୍କ ପୁଅ ୬ଷ୍ଠ ଶ୍ରେଣୀରେ ପଢୁଥିବା ସୁଜିତ୍ ଗୁରୁବାର ସକାଳ ୬ଟାରେ ଘରୁ ବାହାରକୁ ଯାଇ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି ପରେ ଦିଲୀପ ଥାନାରେ ଏତେଲା ଦେଇଛନ୍ତ। ଯଦି କୌଣସି ବ୍ୟକ୍ତି ଅମରନାଥ ଓ ସୁଜିତ୍‌ଙ୍କ ସନ୍ଧାନ ପାଆନ୍ତି ନିକଟ ଥାନାରେ ଜଣାଇବାକୁ କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଜିଲାସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା

ବାରଙ୍ଗ,୨୯।୧୨(ଲିଙ୍ଗରାଜ ରାଉତ)

କୁଞ୍ଜବିହାରୀ ମହାବିଦ୍ୟାଳୟରେ ଜିଲାସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିନୋଟି ବିଭାଗ ଗଳ୍ପ କଥନ, କବିତା ଆବୃତ୍ତି ଏବଂ ସର୍ଜନାତ୍ମକ ରଚନାକୁ ନେଇ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ମହାବିଦ୍ୟାଳୟର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ତିନୋଟି ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କ ନାମ ଘୋଷଣା ନିମନ୍ତେ ଜିଲାପାଳଙ୍କ ସୁପାରିସ ପାଇଁ ପଠାଯାଇଛି। ଛାତ୍ରୀଛାତ୍ରଙ୍କୁ ଅନୁଧ୍ୟାନ ଓ ତାଙ୍କର ସର୍ଜନାର ବିଚାର ପାଇଁ ବିଭିନ୍ନ ବିଭାଗରେ ପାରଦର୍ଶିତା ଲାଭ କରିଥିବା ୧୦ ଜଣ ବିଚାରକଙ୍କୁ ଆମନ୍ତ୍ରଣ କରାଯାଇଥିଲା। ରେଜିଷ୍ଟ୍ରେଶନ ପରେ ପ୍ରତିଯୋଗିତା ହୋଇଥିଲା। ଅଧ୍ୟକ୍ଷ ପ୍ରତାପ ସ୍ୱାଇଁ ଓ ନୋଡାଲ ଅଫିସର ଡ. ସନ୍ତୋଷ ମିଶ୍ର ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ସାର୍ଟିଫିକେଟ୍ ପ୍ରଦାନ କରିବା ସହ ପ୍ରତିଯୋଗିତା ପରିଚାଳନା କରିଥିଲେ।

### ପ୍ରତିଶ୍ରୁତି ପରେ ଅନଶନରୁ ଉଠିଲେ ସଂସ୍କୃତ, ହିନ୍ଦୀ, କ୍ରୀଡ଼ା ଶିକ୍ଷକ

ଭୁବନେଶ୍ୱର, ୨୯।୧୨ (ଅନୁରାଧା ମହାରଣା)

୨୦୧୭ରୁ ଅନୁମୋଦିତ ସଂଶୋଧିତ କ୍ୟାଡ଼ର ରୁଲ୍‌ର କାର୍ଯ୍ୟାନ୍ୱୟନ ପାଇଁ ସଂସ୍କୃତ-ହିନ୍ଦୀ-କ୍ରୀଡ଼ା ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ଦାବି ହୋଇଆସୁଛି। ପୁଣି ସେହି ଦାବିରେ ମିଳିତମଞ୍ଚ ଶୁକ୍ରବାର ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଆଗରେ ଆମରଣ ଅନଶନ ପାଇଁ ନିଷ୍ପତ୍ତି ନେଇଥିଲା। ମାତ୍ର ସୁରକ୍ଷା ଅଧିକାରୀଙ୍କ ଅନୁରୋଧକ୍ରମେ ସଂସ୍କୃତ, ହିନ୍ଦୀ ଓ କ୍ରୀଡା ଶିକ୍ଷକମାନେ ଲୋୟର ପିଏମଜିରେ ଅନଶନରେ ବସିଥିଲେ। ଅନଶନର କିଛି ସମୟ ପରେ ବିଭାଗୀୟ ସଚିବ ଅଶ୍ୱଥି ଏସ୍‌ଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ସଚିବ ଅଶ୍ୱିନୀ ମିଶ୍ରଙ୍କ ସହିତ ମିଳିତ ମଞ୍ଚର ଆଲୋଚନା ହୋଇଥିଲା। ଗଣଶିକ୍ଷା ବିଭାଗର ପରାମର୍ଶଦାତା ଖଗେନ୍ଦ୍ର ପାଢ଼ୀଙ୍କ ଉପସ୍ଥିତ ଥିଲେ। ନିର୍ବାଚନ ପୂର୍ବରୁ ନୂତନ କ୍ୟାଡ଼ର ରୁଲର କାର୍ଯ୍ୟାନ୍ୱୟନ ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଥିଲା। ତେବେ ସନ୍ଧ୍ୟା ସୁଦ୍ଧା ଦାବି ସଂକ୍ରାନ୍ତ ଫାଇଲଟିକୁ ଆଣି ୩ ଦିନ ମଧ୍ୟରେ ଅର୍ଥ ବିଭାଗକୁ ପଠାଇବା ପାଇଁ ଅତିରିକ୍ତ ସଚିବ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଏ ସଂକ୍ରାନ୍ତରେ ବିଭାଗୀୟ ନିର୍ଦ୍ଦେଶକଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ଏହାପରେ ମିଳିତମଞ୍ଚ ଆନ୍ଦୋଳନକୁ ସ୍ଥଗିତ ରଖିଛି। ମିଳିତମଞ୍ଚର ପ୍ରତିନିଧି ମଣ୍ଡଳରେ ଉତ୍ସାର ସଭାପତି ବିଜୟ ତ୍ରିପାଠୀ , ସମ୍ପାଦକ ସ୍ଥିତପ୍ରଜ୍ଞ ବସ୍ତିଆ, ଯୁଗ୍ମ ସମ୍ପାଦକ ରୁଦ୍ରନାରାୟଣ ମିଶ୍ର, କାର୍ଯ୍ୟକାରୀ ସଭାପତି ପ୍ରଭାକର ଛତ୍ରିଆ, ବିଭୁଦାନନ୍ଦ ବେହେରା, ହିନ୍ଦୀ ଶିକ୍ଷକ ସଂଘ ସଭାପତି ଶେଖ ସୁମନ ଅଲୀ, ଯୁଗ୍ମ ସମ୍ପାଦିକା ଇପ୍ସିତା ରାଉଳ, କ୍ରୀଡା ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ବିଭୁଦତ୍ତ ରଥ ଉପସ୍ଥିତ ଥିଲେ।

# ବିନା ଆଲୋଚନାରେ ଅତିରିକ୍ତ ବଜେଟ ପାସ୍

ଭୁବନେଶ୍ୱର, ୨୯।୧୨ (ବନ୍ଦନା ସେଠୀ)



ବିଏମ୍‌ସିର ଶେଷ ମାସିକ ବୈଠକ

ଆଲୋଚନା ହେଲାନି, ବିବରଣୀ ଦିଆଗଲାନି, କିନ୍ତୁ ୨୯୦କୋଟି ଟଙ୍କାର ଅତିରିକ୍ତ ବଜେଟ ପାରିତ ହୋଇଗଲା। ଶୁକ୍ରବାର ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷର ଶେଷ ମାସିକ ବୈଠକ ବସିଥିବାବେଳେ ଏଥିରେ ଅତିରିକ୍ତ ବଜେଟ ପାସ୍ ହୋଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବଜେଟ୍ ପାରିତ ହେବା ପ୍ରକ୍ରିୟାକୁ ନେଇ କେତେଜଣ କର୍ପୋରେଟର ଅସନ୍ତୋଷ ପ୍ରକାଶ କରିଛନ୍ତି। ମାସିକିଆ ବୈଠକର ଅବ୍ୟବହିତ ପୂର୍ବରୁ ବୁଧବାର ଅତିରିକ୍ତ ବଜେଟ ପାଇଁ ସ୍ୱତନ୍ତ୍ର ବୈଠକ ଡକାଯାଇଥିଲା। ସେଥିରେ ସମସ୍ତ କର୍ପୋରେଟରଙ୍କୁ ସାମିଲ କରାଯାଇ ନ ଥିବାବେଳେ ମୋଟ୍ ବଜେଟ୍ ଧାର୍ଯ୍ୟ କରାଯାଇଥିଲା। ମାତ୍ର କେଉଁ ହେଡ୍‌ରେ କେତେ ଟଙ୍କା ଖର୍ଚ୍ଚ ହେବ ତାହାର ବିବରଣୀ ଦିଆଯାଇ ନ ଥିଲା। ତେଣୁ ମାସିକିଆ ବୈଠକରେ ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ ବୋଲି ଆଶା ରହିଥିଲା। ମାତ୍ର ଏଥର ବୈଠକ କେବଳ ପ୍ରସ୍ତାବରେ ସୀମିତ ରହିଥିଲା। ସେହିପରି ସମ୍ପୃକ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା କୌଣସି ବିସ୍ତୃତ ବିବରଣୀ ନ ରଖି କେବଳ ଏକ କାଗଜ ଧରି ପଢିଦେଇ ବଜେଟ୍ ପାସ୍ ହେଲା ବୋଲି କହିଥିଲେ। ଏହାକୁ କେତେଜଣ କର୍ପୋରେଟର ବିରୋଧ କରିଥିଲେ। ପୂର୍ବରୁ ୬୯୦କୋଟିର ବଜେଟ୍ ରଖାଯାଇଥିବାବେଳେ ସେଥିରୁ ୮୦ ପ୍ରତିଶତ ଖର୍ଚ୍ଚ ହୋଇଛି ବୋଲି କୁହାଯାଉଛି। ମାତ୍ର କେଉଁ କାମ ପାଇଁ କେତେ ଖର୍ଚ୍ଚ ହୋଇଛି, ଆଉ କେଉଁ କେଉଁ କାମ ବାକି ରହିଛି, ସେଥିରେ କେତେ ଟଙ୍କା ଖର୍ଚ୍ଚ ହେବ, ସ୍ଥିର ହୋଇଥିବା ଅତିରିକ୍ତ ବଜେଟ ମଧ୍ୟରୁ କେତେ କେଉଁ ବାବଦରେ ଖର୍ଚ୍ଚ ହେବ, ସେ ନେଇ କୌଣସି ବିବରଣୀ କାହିଁକି ଦିଆଯାଉ ନାହିଁ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଫଳରେ ସମସ୍ତ କର୍ପୋରେଟରଙ୍କୁ ୨ପୃଷ୍ଠାର ଏକ ବଜେଟ୍ ବିବରଣୀ ଦିଆଯାଇଥିଲା। ମାତ୍ର ବୈଠକରେ ବିନା ଆଲୋଚନାରେ ବଜେଟ୍ ପାରିତ ଘୋଷଣା କରାଯାଇଥିବାରୁ ଏହାକୁ ନେଇ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେହିପରି କିଛିଦିନ ତଳେ ପଲିଥିନ୍ ଜବତକୁ ନେଇ ୱାର୍ଡ ନଂ. ୨୯ର କର୍ପୋଟେର ଅପରୂପ ନାରାୟଣ ରାଉତ ଏବଂ ବିଏମସିର ଏନ୍‌ଫୋର୍ସମେଣ୍ଟ ଟିମ୍ 'ସାଇନ୍' ମଧ୍ୟରେ ହୋଇଥିବା ଗଣ୍ଡଗୋଳ ସମ୍ପର୍କରେ ଆଲୋଚନା ହୋଇଥିଲା। ଜାନୁୟାରୀ ୨ରେ ଏକ ସ୍ୱତନ୍ତ୍ର ବୈଠକ କରାଯିବ। ସେଥିରେ ମେୟର, କମିଶନର, ସମ୍ପୃକ୍ତ କର୍ପୋରେଟର ଏବଂ ସମ୍ପୃକ୍ତ ୱାର୍ଡର ଏସ୍‌ଆଇ ଉପସ୍ଥିତ ରହି ନିଜର ପକ୍ଷ ରଖିବେ। ଏହାପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ଥିର ହୋଇଥିଲା। ୱାର୍ଡ ନଂ. ୧୩ କର୍ପୋରେଟର ଇତିଶ୍ରୀ ଦାସ ତାଙ୍କ ୱାର୍ଡରେ ଥିବା ୩୦ଟି ଅବୈଧ ଭେଣ୍ଡିଂ ଜୋନ କାହିଁକି ଉଚ୍ଛେଦ ହେଉନାହିଁ ବୋଲି ପ୍ରଶ୍ନ କରିଥିଲେ। ସେହିପରି ୱାର୍ଡରେ ବିଭିନ୍ନ ସମୟରେ ମାଗଣା ସ୍ୱାସ୍ଥ୍ୟ ଶିବିର କରାଯାଉଥିବାବେଳେ କର୍ପୋରେଟରଙ୍କୁ ଏନେଇ ଅବଗତ କରାଯାଉ ନ ଥିବା ୱାର୍ଡ ନଂ. ୩୭ର କର୍ପୋରେଟର ବନ୍ଦିତା ପାଲ ଅଭିଯୋଗ କରିଥିଲେ। ଏଥିସହ ଜୟଦେବ ବିହାର ଭେଟେନାରୀକୁ ସରକାରଙ୍କ ପକ୍ଷରୁ ଆସୁଥିବା ଭିଟାମିନ୍, କ୍ୟାଲସିୟମ ଆଦିକୁ ଦାୟିତ୍ୱରେ ଥିବା ଡାକ୍ତର ଓ ଷ୍ଟାଫ୍‌ମାନେ ଚୋରାରେ ବିକ୍ରି କରୁଥିବା ସେ ଅଭିଯୋଗ କରିଥିଲେ। ବୈଠକରେ କର୍ପୋରଟରମାନେ ରାସ୍ତା, ଡ୍ରେନ, ୱାର୍ଡ ଅଫିସ୍, କମ୍ୟୁନିଟି ହଲ, ବିଦ୍ୟୁତ୍, କଲ୍ୟାଣ ମଣ୍ଡପ, ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ଆଦି ବିଭିନ୍ନ ପ୍ରଶ୍ନ କରିବ ସହ ପ୍ରସ୍ତାବ ରଖିଥିଲେ। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଏମପିଙ୍କ ପ୍ରତିନଧି, ବିଧାୟକଙ୍କ ପ୍ରତିନିଧି, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୦.୨୧୩ ଡିସିମିଲ୍ ଜମି ପାଇଁ ସାଢେ ୫କୋଟି ଟଙ୍କା

ପଟିଆ ମୌଜାରେ ଘରୋଇ ମାଲିକାନାରେ ଥିବା ୦.୨୧୩ ଡିସିମିଲ୍ ଜମି ଉପରେ ବିଏମ୍‌ସି ରାସ୍ତା ନିର୍ମାଣ କରିଥିବାରୁ ସମ୍ପୃକ୍ତ ଜମି ମାଲିକଙ୍କୁ ୫କୋଟି ୫୫ଲକ୍ଷ ୫ହଜାର ୬୭୦ଟଙ୍କା ଦେବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ଯାହାକୁ ନେଇ ୱାର୍ଡ ନଂ. ୫୫ର କର୍ପୋରେଟର ନୃପେଶ କୁମାର ନାୟକଙ୍କ ସହ ଅନ୍ୟ କର୍ପୋରେଟରମାନେ ବିରୋଧ କରିଥିଲେ। ସେ ରାସ୍ତାରେ କେତେ ଆବଶ୍ୟକତା ଥିଲା, ପ୍ରକୃତରେ କେତେ ଜାଗା ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ଅଣାଯାଇଛି, ସେଠାକାର ଜମିର ମୂଲ୍ୟ କେତେ, ହାଇକୋର୍ଟ ଦେଇଥିବା ଅର୍ଡର କପି କାହିଁକି ଦେଖା ଯାଇନି ଏଭଳି କିଛି ପ୍ରଶ୍ନ କରିବା ସହ ସମ୍ପୃକ୍ତ ଜାଗା ଦେଖିବା ପାଇଁ କର୍ପୋରେଟର ଦାବି କରିଥିଲେ। ଏପରିକି ସମ୍ପୃକ୍ତ ରାସ୍ତା ସେଠାକାର ଜଣେ ବିଲ୍‌ଡର ନିଜ ପ୍ରୋଜେକ୍ଟ ମାଧ୍ୟମରେ ତିଆରି କରିଦେଇ ଥିବା ସ୍ଥାନୀୟ କର୍ପୋରେଟର କହିଥିଲେ। ତେଣୁ ବିଲ୍‌ଡର ତିଆରି କରିଥିବା ରାସ୍ତାକୁ ବିଏମ୍‌ସି କାହିଁକି କିଣିଲା ସେ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ପରେ ଏନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରିବାକୁ ମେୟର କହିଥିଲେ। କମିଟିର ଅନୁମୋଦନ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଟଙ୍କା ଦିଆଯିବା ନେଇ ନିଷ୍ପତ୍ତି ହେବ ବୋଲି ଧାର୍ଯ୍ୟ କରାଯାଇଥିଲା।

### କୁକୁରଙ୍କ ପାଇଁ ଶ୍ମଶାନ ତିଆରି କରିବ ବିଏମ୍‌ସି

ଭୁବନେଶ୍ୱର, ୨୯।୧୨ (ବନ୍ଦନା ସେଠୀ)



ଏଣେତେଣେ କୁକୁରଙ୍କ ମୃତଦେହ ପଡିବ ନାହିଁ। ମୃତ୍ୟୁପରେ ସେମାନଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ଦିଆଯିବ। ଏହି ପରିପ୍ରେକ୍ଷୀରେ ବିଏମ୍‌ସି ଖୁବ୍‌ଶୀଘ୍ର କୁକୁରଙ୍କ ପାଇଁ ଶ୍ମଶାନ ତିଆରି କରିବାକୁ ଯାଉଛି। ଶୁକ୍ରବାର ବିଏମ୍‌ସିର ମାସିକ ବୈଠକରେ ଏନେଇ ସୂଚନା ଦିଆଯାଇଛି। ଜିଏ ବିଭାଗର ଅନୁମୋଦନ ପରେ ଖୁବ୍‌ଶୀଘ୍ର ଶ୍ମଶାନ ତିଆରି ପାଇଁ ୨ଏକର ଜାଗା ଚିହ୍ନଟ କରାଯିବ। ସେଠାରେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ସହ ଆଧୁନିକ ଶ୍ମଶାନ ତିଆରି ହେବ। ସେଠାରେ ଆନିମଲ୍ ଇନ୍‌ସିନେଟର ବ୍ୟବସ୍ଥା ରହିବ, ଯେଉଁଥିରେ ମୃତ କୁକୁରଙ୍କ ଦାହ ସଂସ୍କାର କରାଯିବ। ସେହିପରି ମୃତ କୁକୁରଙ୍କ ଶବ ଉଠାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମର ୩ଟି ଜୋନରେ ୩ଟି ଗାଡ଼ି ବୁଲିବ। ଜୋନାଲ କମିଶନରମାନେ ଏହାର ଦାୟିତ୍ୱରେ ରହିବେ। ଏହାବାଦ୍ ଜନସାଧାରଣ ଚାହିଁଲେ ୧୯୨୯ନଂ.ରେ କଲ୍ କରି କୁକୁର ମୃତଦେହ ପଡିଥିବା ନେଇ ସୂଚନା ଦେଇ ପାରିବେ। ଅପରପକ୍ଷେ ଏହି ଶ୍ମଶାନରେ ବୁଲା କୁକୁରଙ୍କ ସମେତ ପୋଷା କୁକୁରଙ୍କର ମଧ୍ୟ ଦାହ ସଂସ୍କାର କରାଯାଇ ପାରିବ। ତେବେ ପୋଷା କୁକୁରଙ୍କ ସଂସ୍କାର ପାଇଁ ମାଲିକଙ୍କୁ କିଛିଟା ଅର୍ଥ ଦେବାକୁ ପଡି ବୋଲି ବିଏମସି ପକ୍ଷରୁ ସୂଚନା ଦିଆଯାଇଛି। କୁକୁରଙ୍କ ପାଇଁ ଶ୍ମଶାନ ନ ଥିବାରୁ ଅନେକ ସମୟରେ ପୋଷା କୁକୁରଙ୍କୁ ମଧ୍ୟ ତାଙ୍କ ମାଲିକମାନେ ଏଣେତେଣେ ଫୋପାଡି ଦେଉଛନ୍ତି, ଅଥବା ଖାଲି ସ୍ଥାନ ଦେଖି ପୋତି ଦେଉଛନ୍ତି। ଏହାଦ୍ୱାରା ପରିବେଶ ଦୂଷିତ ହେବା ସହ ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେଉଛି। ତେଣୁ ଏହାକୁ ଦୃଷ୍ଟି ଦେଇ ବିଏମ୍‌ସି ଏଭଳି ପଦକ୍ଷେପ ଗ୍ରହଣ କରିଛି। ଯାହାକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ଅପରପକ୍ଷେ ରାଜଧାନୀରେ ବୁଲା କୁକୁରଙ୍କ ସଂଖ୍ୟା ବଢି ଚାଲିଥିବାବେଳେ ସେମାନଙ୍କର ଦୌରାତ୍ମ୍ୟ ମଧ୍ୟ ବୃଦ୍ଧି ପାଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ କୁକୁରଙ୍କ ବନ୍ଧ୍ୟାକରଣ ବନ୍ଦ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ମାମଲା ଆଗେଇ ପାରୁ ନ ଥିବାରୁ ବିଏମ୍‌ସି ଏବେ ନିଜ ଆଡୁ ମାମାଲାରେ ହସ୍ତକ୍ଷେପ କରିଛି। ବିଏମ୍‌ସି ପୂରା ପ୍ରସ୍ତୁତ ଥିବାବେଳେ ହାଇକୋର୍ଟ ବନ୍ଧ୍ୟାକରଣ ଉପରୁ ଷ୍ଟେ ହଟାଇବା ପରେ ତୁରନ୍ତ ଏନେଇ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି।



ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଶୁକ୍ରବାର ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ନୃତ୍ୟ।

# ଅଭିନୟ, ନୃତ୍ୟର ସଙ୍ଗମ

ଭୁବନେଶ୍ୱର,୨୯।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

**ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଚତୁର୍ଥ ଦିବସ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଶୁକ୍ରବାର ଥିଲା ଚତୁର୍ଥ ସନ୍ଧ୍ୟା। ଅତିଥି ଭାବେ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର କୁଳ ସଚିବ ଅନାମିକା ଅଧିକାରୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ବିଜୟ ଜେନା, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ସ୍ନେହପ୍ରଭା ସାମନ୍ତରାୟ, ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ସିକତା ଦାସ ଓ ପ୍ରଶାସନିକ ଅଧିକାରୀ ଡ. ଅନୁଜା ତାରିଣୀ ମିଶ୍ର ଉପସ୍ଥିତ ଥିଲେ। ପ୍ରଥମ ପ୍ରସ୍ତୁତିରେ ବିଶିଷ୍ଟ ନୃତ୍ୟାଙ୍ଗନା ଲିନା ମହାନ୍ତିଙ୍କ ଦ୍ୱାରା ଶିବସ୍ତୁତି ଜାଗ ମହେଶ୍ୱର... ପରିବେଷଣ, ପରେ ଦେବମିତ୍ରା ସେନଗୁପ୍ତାଙ୍କ ଦ୍ୱାରା ହରିହର ପଞ୍ଚକର୍ମ, ଚିରଶ୍ରୋତା ଖୁଣ୍ଟିଆ ଓ ମିରା ଦାଶଙ୍କ ଦ୍ୱାରା ବିହ୍ଲାରୀ ପଲ୍ଲବୀ, ମେଘନା ଦାସଙ୍କ ଦ୍ୱାରା ଓଡ଼ିଆ ଅଭିନୟ, ଅଙ୍କିତା କୁଳଭିଙ୍କ ଦ୍ୱାରା ଶିବ ପାର୍ବତୀ ଦ୍ୱନ୍ଦ ପରିବେଷିତ ହୋଇଥିଲା। ପରବର୍ତ୍ତୀ ପ୍ରଦର୍ଶନରେ ସୋନାଲିକା ପାଢୀଙ୍କ ଏକକ ନୃତ୍ୟ, ପଲ୍ଲବୀ ମେହେର ଓ ଦେବସ୍ମିତା ବେହେରାଙ୍କ ଦ୍ୱୈତ ନୃତ୍ୟ, ଅଭିପ୍ସା ଗୀତାଞ୍ଜଳୀ ବେହେରାଙ୍କ ଏକକ ନୃତ୍ୟ ଓ ଶେଷରେ ସୁରଭିର ଶିଳ୍ପୀଙ୍କ ଦ୍ୱାରା ସୂର୍ଯ୍ୟାଷ୍ଟକମ୍ ପରିବେଷିତ ହୋଇଥିଲା। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଳାବିକାଶ କେନ୍ଦ୍ର ଗ୍ରୁପ କଟକର ଜ୍ୟୋତିର୍ମୟୀ ମହାନ୍ତିଙ୍କ ନୃତ୍ୟ ପରିବେଷଣ।

### ଡଲ୍‌ଫିନ୍‌ଙ୍କ ସୁରକ୍ଷା ପାଇଁ ବନ ବିଭାଗର ପାଟ୍ରୋଲିଂ

କୃଷ୍ଣପ୍ରସାଦ,୨୯।୧୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପର୍ଯ୍ୟଟନ ଋତୁରେ ଚଳଚଞ୍ଚଳ ହୋଇଉଠିଛି ଚିଲିକା। ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ କଳରବ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ତେବେ ପକ୍ଷୀ ଶିକାର ରୋକିବା ପାଇଁ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଲାନ୍ ନାୟକ ନଜର ରଖିଥିବା ବେଳେ ୨୧ଟି ସ୍କ୍ୱାଡ୍ ଗଠନ କରାଯାଇଛି। ସେହିପରି ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଇରାୱାଡି ଡଲ୍‌ଫିନଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକଙ୍କୁ ଡଲ୍‌ଫିନ ଦେଖାଇବା ପାଇଁ ରହିଥିବା ଡଙ୍ଗା ଚାଳକଙ୍କୁ ସଚେତନ କରାଯାଉଛି। ବନ ବିଭାଗର ସ୍କ୍ୱାଡ୍ ଟିମ୍ ସାତପଡ଼ା, ମଗରମୁହଁ, ରାଜହଂସ ଆଦି ଚିଲିକାରେ ପଇଁତରା ମାରିବା ସହ ଡଲ୍‌ଫିନଙ୍କ ସୁରକ୍ଷା ଉପରେ ନଜର ରଖିଛନ୍ତି। ଡଙ୍ଗା ଚାଳକଙ୍କୁ ଡଲ୍‌ଫିନଠାରୁ କେତେଦୂରରେ ରହିବା, ଡଲ୍‌ଫିନ ବିଚଳିତ ହେବା ଭଳି କିଛି କାର୍ଯ୍ୟ ନ କରିବା, ଚିଲିକାରେ ବର୍ଜ୍ୟବସ୍ତୁ ପଲିଥିନ ଏବଂ ପ୍ଲାଷ୍ଟିକ୍ ବୋତଲ ଆଦି ନ ପକାଇବା ପାଇଁ ପରାମର୍ଶ ଦିଆଯାଉଛି। ନିୟମ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ସାତପଡ଼ା ରେଞ୍ଜର ଶରତ ଜାନି କହିଛନ୍ତି। ବନ ବିଭାଗର ନଜର ଯୋଗୁ ଡଲ୍‌ଫିନ ଓ ବିଦେଶାଗତ ପକ୍ଷୀ ସୁରକ୍ଷିତ ଥିବା ପରିବେଶବିତ୍ ଧନେଶ୍ୱର ବିଧାର କହିଛନ୍ତି।

# ୧୦ଟା ୩୦ ଡେଇଁଲେ 'ନୋ ୱାର୍କ ନୋ ପେ'

ଭୁବନେଶ୍ୱର, ୨୯।୧୨ (ବନ୍ଦନା ସେଠୀ)

**ଅଫିସ୍ ସମୟକୁ ନେଇ କଠୋର ବିଏମ୍‌ସି**

**କର୍ମଚାରୀଙ୍କ ଉପରେ ନଜର ରଖିବେ ଅଧିକାରୀ**

ବିଏମ୍‌ସି ଅଫିସକୁ ଆଉ ମନଇଚ୍ଛା ଆସି ପାରିବେ ନାହିଁ କର୍ମଚାରୀ। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟାଳୟରେ ଉପସ୍ଥିତ ନ ହେଲେ ସେହି ଦିନକୁ ଅନୁପସ୍ଥିତ ଭାବେ ଧରାଯିବ। ଏବଂ ସମ୍ପୃକ୍ତ ଦିନରେ 'ନୋ ୱାର୍କ ନୋ ପେ' ବ୍ୟବସ୍ଥା ଲାଗୁ ହେବ। ଏନେଇ ଗୁରୁବାର ବିଏମ୍‌ସି ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। କାର୍ଯ୍ୟାଳୟ ଦିବସରରେ ପୂର୍ବାହ୍ନ ୯.୪୫ରୁ ୧୦.୧୫ ମଧ୍ୟରେ ସମସ୍ତ କର୍ମଚାରୀ ବିଏମ୍‌ସିରେ ପହଞ୍ଚିବେ। ଅତି ବେଶୀରେ ୧୦.୩୦ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ଏହାପରେ କୌଣସି କର୍ମଚାରୀ ଅଫିସ୍‌ରେ ପହଞ୍ଚିଲେ ମଧ୍ୟ ସମ୍ପୃକ୍ତ ଦିନ ତାଙ୍କର ଛୁଟିଦିନ ଭାବେ ଧରାଯିବ। ଏହି ନିୟମ ବିଏମ୍‌ସିର ନିୟମିତ କର୍ମଚାରୀ, ଡିଏଲ୍‌ଆର୍, ସିଏଲ୍‌ଆର୍, କଣ୍ଟ୍ରାକ୍ଚୁଆଲ, ଆଉଟସୋର୍ସିଂ ଭଳି ସମସ୍ତ ବର୍ଗର କର୍ମଚାରୀଙ୍କ ଠାରେ ଲାଗୁ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସେହିଭଳି କର୍ମଚାରୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଅଫିସ୍‌କୁ ଆସୁଛନ୍ତି କି ନାହିଁ ତାହାର ତଦାରଖ କରିବା ପାଇଁ ମୁଖ୍ୟାଳୟର ପ୍ରତ୍ୟେକ ମହଲାରେ ଜଣେ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ମୁଖ୍ୟାଳୟର ଲୋୟର ଗ୍ରାଉଣ୍ଡରେ ନିୟୋଜିତ ଥିବା କର୍ମଚାରୀଙ୍କ ପ୍ରବେଶ ସମୟ ଦେଖିବା ପାଇଁ ଚିଫ୍ ଫାଇନାନ୍ସ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ, ଅପରଗ୍ରାଉଣ୍ଡର କର୍ମଚାରୀଙ୍କ ପାଇଁ ଏଷ୍ଟାବ୍ଲିସ୍‌ମେଣ୍ଟ ତୃତୀୟ ମହଲାର କର୍ମଚାରୀଙ୍କ ପାଇଁ ରେଭିନ୍ୟୁ ବିଭାଗ ଡେପୁଟି କମିଶନର ଏବଂ ୪ର୍ଥ ମହଲାର କର୍ମଚାରୀଙ୍କ ପାଇଁ ଆଇଟି ବିଭାଗର ଡେପୁଟି କମିଶନରଙ୍କୁ ଦାୟତ୍ୱ ଦିଆଯାଇଛି। ଠିକ୍ ସମୟରେ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସିଲେ ନିର୍ଦ୍ଧାରିତ ସମୟରେ କାମ ସରି ପାରିବ। ଅନେକ ସମୟରେ କର୍ମଚାରୀମାନେ ମନଇଚ୍ଛା ଅଫିସ୍‌କୁ ଆସୁଥିବାରୁ ଅନେକ କାମ ବାକି ପଡୁଛି। ଫାଇଲ୍ ପରେ ଫାଇଲ ଗଦା ହୋଇ ରହୁଥିବାବେଳେ କାମ ହୋଇ ପାରୁ ନ ଥିବାରୁ ଲୋକଙ୍କ ଅସନ୍ତୋଷ ବଢୁଛି। ତେଣୁ ଏହି ନୂତନ ନିୟମ ଦ୍ୱାରା ଲୋକଙ୍କ କାମ ସମୟ ମଧ୍ୟରେ ହୋଇ ପାରିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

# ୨ରୁ ଯୁକ୍ତ୨ ପ୍ରାକ୍ଟିକାଲ

**ଅଧାପକଙ୍କ ପିଲା ପରୀକ୍ଷା ଦେଉଥିଲେ ପରୀକ୍ଷା ଦାୟିତ୍ୱ ଦିଆଯିବନି**

ଭୁବନେଶ୍ୱର, ୨୯।୧୨ (ଅନୁରାଧା ମହାରଣା)

ଜାନୁୟାରୀ ୨ରୁ ୧୨ ପର୍ଯ୍ୟନ୍ତ ଯୁକ୍ତ ୨ ପ୍ରାକ୍ଟିକାଲ ପରୀକ୍ଷା ହେବ। ଏଥିରେ ସ୍ୱଚ୍ଛତା ଲାଗି ସମସ୍ତ ପ୍ରାକ୍ଟିକାଲ ରୁମରେ ସିସି କ୍ୟାମେରା ବାଧ୍ୟତାମୂଳକ କରାଯାଇଛି। ପରୀକ୍ଷା ଆରମ୍ଭ ହେବା ପରଠାରୁ ଉତ୍ତରଖାତା ପ୍ୟାକିଂ ପର୍ଯ୍ୟନ୍ତ ସମସ୍ତ ରେକର୍ଡିଂ କରାଯିବ ଏବଂ ପରୀକ୍ଷା ଶେଷ ହେବାର ୭ଦିନ ମଧ୍ୟରେ ସିସିଟିଭି ଫୁଟେଜ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚଏସଇ)ରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରାକ୍ଟିକାଲରେ ନିଜ କଲେଜର କୌଣସି ଅଧ୍ୟାପକଙ୍କୁ ପରୀକ୍ଷାରେ ଏକ୍ସଟରନାଲ ଭାବେ ନିଯୁକ୍ତି ଦିଆଯିବ ନାହିଁ। କଲେଜର ୫କିମି ପରିସରର ମଧ୍ୟରେ ଥିବା ଅନ୍ୟ କଲେଜର ବରିଷ୍ଠ ଅଧ୍ୟାପକଙ୍କୁ ଏକ୍ସଟରନାଲ ଭାବେ ମନୋନୀତ କରାଯିବ। ସେହିପରି ଚଳିତବର୍ଷ ଯେଉଁ ଅଧ୍ୟାପକଙ୍କ ପିଲା ପରୀକ୍ଷା ଦେଉଥିବେ ତାଙ୍କୁ କୌଣସି ପରୀକ୍ଷା ଦାୟିତ୍ୱ ଦିଆଯିବ ନାହିଁ। ରାଜ୍ୟର ସମସ୍ତ କଲେଜରେ ପ୍ରାକ୍ଟିକାଲ ଲାଗି ସମସ୍ତ ପ୍ରଶ୍ନପତ୍ର, ଉତ୍ତରଖାତା ପହଞ୍ଚି ସାରିଥିବା ବେଳେ ଆସନ୍ତା ୧ ତାରିଖ ସୁଦ୍ଧା ସମସ୍ତ କଲେଜ କର୍ତ୍ତୃପକ୍ଷ ଯଦି କିଛି ସମସ୍ୟା ଥାଏ ତୁରନ୍ତ ପରିଷଦକୁ ଅବଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୨ତାରିଖ ମଧ୍ୟରେ ସମସ୍ତ ପ୍ରାକ୍ଟିକାଲ ପରୀକ୍ଷା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଥିଓରୀ ପରୀକ୍ଷା ଫେବୃଆରୀ ୧୬ରୁ ଆରମ୍ଭ ହେବ। ଚଳିତବର୍ଷ ମୋଟ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୩ ଲକ୍ଷ ୮୬ ହଜାର ୩୯୭ ରହିଛି।

# ଉଠାଦୋକାନ ଥିବା ସ୍ଥାନକୁ ଭେଣ୍ଡିଂଜୋନ୍ ଘୋଷଣା ଦାବି

ଭୁବନେଶ୍ୱର, ୨୯।୧୨ (ବନ୍ଦନା ସେଠୀ)

ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟର ୨୯ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦାସର୍ବଦା ଉଠାଦୋକାନୀଙ୍କ ସହିତ ଥିବା କହିଥିଲେ। ମହାମାରୀ କରୋନା ସମୟରେ ଉଠାଦୋକାନୀଙ୍କ ବହୁ ସମସ୍ୟାର ସମାଧାନ କରିଥିବାବେଳେ ଏବେ ଭେଣ୍ଡିଂଜୋନ୍ ପାଇଁ ୬୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପ୍ରତ୍ୟେକ ୱାର୍ଡ଼ରେ ଭେଣ୍ଡିଂଜୋନ୍ କରିବା ପାଇଁ ସ୍ଥିର କରିଥିବା ବିଧାୟକ କହିଛନ୍ତି। ମୁଖ୍ୟବକ୍ତା ଭାବରେ ଟ୍ରଷ୍ଟ ସଭାପତି ପ୍ରତାପ କୁମାର ସାହୁ ଯୋଗଦେଇ କହିଲେ, ଯେଉଁ ଭାବେ ଭୁବନେଶ୍ୱର ସମେତ ଓଡ଼ିଶାରେ ଭେଣ୍ଡିଂଜୋନ୍ ତିଆରି ହେବା କଥା ତାହା ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। କେତେଜଣ ଅସାଧୁ ସରକାରୀ କର୍ମଚାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଏ ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ଯେଉଁ ସ୍ଥାନରେ ଉଠାଦୋକାନୀମାନେ ଦୋକାନ କରିଛନ୍ତି, ମୁଖ୍ୟମନ୍ତ୍ରୀ ଆଇନ ଅନୁଯାୟୀ ସେହି ଜାଗାଗୁଡ଼ିକୁ ଭେଣ୍ଡିଂଜୋନ୍ ହିସାବରେ ଘୋଷଣା କରିବାକୁ ସାହୁ ନିବେଦନ କରିଛନ୍ତି। ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ ଯୋଗଦେଇ, ଷ୍ଟ୍ରିଟ ଭେଣ୍ଡର୍ସ ୱେଲ୍‌ଫେୟାର ବୋର୍ଡ଼ ଗଠନ କରାଯିବା, ଉଠାଦୋକାନୀଙ୍କ ପରିଚୟପତ୍ରକୁ ଦୀର୍ଘମିଆଦୀ କରିବା, ଆଇକାର୍ଡ ଥିବା ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ୍ ଦେବା ପର୍ଯ୍ୟନ୍ତ ସେହି ସ୍ଥାନରେ ବ୍ୟବସାୟ କରିବାକୁ ଅନୁମତି ଦେବା, ଷ୍ଟ୍ରିଟ୍ ଭେଣ୍ଡର୍ସ ୱେଲଫେୟାର ବୋର୍ଡ଼ ଗଠନ ନ କରିବା ଯାଏ ଉଚ୍ଛେଦ ବନ୍ଦ କରିବା, ଭେଣ୍ଡିଂଜୋନ୍‌ରେ ଜଣେ ଦିବ୍ୟାଙ୍ଗ ଓ ଜଣେ କିନ୍ନରଙ୍କୁ ଗୋଟିଏ ଲେଖାଏ ଦୋକାନ ଗୃହ ପ୍ରଦାନ କରିବା ଆଦି ୧୪ଦଫା ସମ୍ବଳିତ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଉଠାଦୋକାନୀ ସଂଘର ସଭାପତି, ସମ୍ପାଦକ, ୫୦ଟି ଭେଣ୍ଡିଂଜୋନ୍‌ର ସଭାପତି, ସମ୍ପାଦକ ଯୋଗଦେଇ ଥିଲେ।




ଉତ୍ସବରେ ଟ୍ରଷ୍ଟ ସଭାପତି ପ୍ରତାପ କୁମାର ସାହୁଙ୍କ ସହ ବିଭିନ୍ନ ଉଠାଦୋକାନୀ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

## ସଂକ୍ଷେପରେ

### ୧୫.୮୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

ବେଗୁନିଆ/ବୋଲଗଡ଼,୨୯।୧୨
(ହର ପ୍ରସନ୍ନ ପଣ୍ଡା/ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବେଗୁନିଆ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ମାଣିକାଗୋଡ଼ା ଅଞ୍ଚଳର ମୀର ଅବଦୁଲ। ତାଙ୍କ ନିକଟରୁ ୧୫୮ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ୮୦ ହଜାର ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏକ ମାମଲା (ନଂ.୧୭୯/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ମୀର ଅବଦୁଲ ଦୀର୍ଘ ବର୍ଷ ହେବ ପଶ୍ଚିମବଙ୍ଗରୁ ବ୍ରାଉନ୍‌ସୁଗାର ଆଣି ସ୍ଥାନୀୟ ଅଞ୍ଚଳରେ ବ୍ୟାବସାୟ କରୁଥିଲେ। ଖବରପାଇ ଅବକାରୀ ପୋଲିସ ଚଢ଼ାଉ କରି ମୀରଙ୍କୁ ଧରିବା ସହ ବ୍ରାଉନ୍‌ସୁଗାର ଜବତ କରିଥିଲା। ଏହି ଚଢ଼ାଉରେ ଥାନା ଭାରପ୍ରାପ୍ତ ଅଧିକାରୀ ଏନ୍.ଜାଗିନ ରାଓ, ବିରଞ୍ଚି ନାରାୟଣ ମହାନ୍ତି, ରଞ୍ଜନ କୁମାର ଦାସ, ବିକାଶ ରାଉତ, ମନୋଜ କୁମାର ଜୟସିଂହ, ଚିନ୍ମୟ କୁମାର ସେଠୀ ପ୍ରମୁଖ ସାମିଲ ଥିଲେ।

### ବାର୍‌ହା ଆକ୍ରମଣରେ ୩ ଆହତ

କୃଷ୍ଣପ୍ରସାଦ,୨୯।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ବାର୍‌ହା ଆକ୍ରମଣରେ ୩ଜଣ ଗୁରୁତର ହୋଇଛନ୍ତି। ନୂଆପଡ଼ା ପଞ୍ଚାୟତ ଅଁଳାକୁଦା ଗ୍ରାମର ଅଶୋକ ଜେନା, ରମେଶ ଜେନା ଘର ବାରିପଟ ଜମିରେ କାମ କରୁଥିବା ବେଳେ ସେମାନଙ୍କୁ ବାର୍‌ହା ଆକ୍ରମଣ କରିଥିଲା। ସେହିପରି ଚିଲିକାରୁ ମାଛ ଧରି ଫେରୁଥିବା ପରଳା ଗ୍ରାମର ରମେଶ ମହାନ୍ତି ବାର୍‌ହା ଆକ୍ରମଣର ଶିକାର ହୋଇଛନ୍ତି। ଗୁରୁତର ଅବସ୍ଥାରେ ୩ଜଣଙ୍କୁ ପ୍ରଥମେ ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି।

### ଉତ୍କଳ ସ୍ପୋର୍ଟିଂ ଫାଇନାଲରେ

ଯାଁଳା,୨୯।୧୨(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ଯାଁଳା ପଞ୍ଚାୟତର ରାଧାଚରଣପୁର ଖେଳପଡ଼ିଆରେ ଚାଲିଥିବା ୨୫ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଉତ୍କଳ ସ୍ପୋର୍ଟିଂ ଜଟଣୀ ଓ ବାଇଧର ଏକାଡେମୀ ଭଦ୍ରକ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧର ୨୧ ମିନିଟ୍‌ରେ ଉତ୍କଳ ସ୍ପୋର୍ଟିଂ ଟିମ୍‌ର ୧୭ ନମ୍ବର ଜର୍ସିରେ ଥିବା ପପୁ ମାଝି ଗୋଟିଏ ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ଉତ୍କଳ ସ୍ପୋର୍ଟିଂ ଟିମ୍‌ର ମହେନ୍ଦ୍ର ଜାଲି, ଏସ୍.କେ ବୁନା ଏବଂ ବି.ଆକା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବାଇଧର ଏକାଡେମୀ ଟିମର ୧୦ ନମ୍ବର ଜର୍ସିରେ ଥିବା ଲକ୍ଷ୍ମଣ ହେମ୍ବ୍ରମ ଗୋଟିଏ ଗୋଲ ଦେଇଥିଲେ। ଫଳରେ ୪-୧ ଗୋଲରେ ଉତ୍କଳ ସ୍ପୋର୍ଟିଂ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ବିଦେଶୀ ନାୟକ, ରମେଶ ପାଇକରାୟ, ପ୍ରଫୁଲ୍ଲ ବେହେରା ଓ ଆନନ୍ଦ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ପପୁ ମାଝି ପୁରସ୍କୃତ ହୋଇଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟିଂ ଓ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ହେବ।

# ଖୋଲିଲା ଧାନମଣ୍ଡି, ସ୍ୱଚ୍ଛତାକୁ ଗୁରୁତ୍ୱ

ଖୋର୍ଦ୍ଧା/ନିରାକାରପୁର, ୨୯।୧୨
(ପ୍ରଭାତ ପାଣିଗ୍ରାହୀ/ ମାନସ ଚନ୍ଦ୍ର ପଟ୍ଟନାୟକ)

**ପ୍ରଥମଦିନରେ ୮ଚାଷୀ ଦେଲେ ୨୪୦ କୁଇଣ୍ଟାଲ**


ଧାନମଣ୍ଡି ଉଦ୍‌ଘାଟନ ଅବସରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲାରେ ୨୦୨୩-୨୪ ଖରିଫ ଧାନ କ୍ରୟ ପାଇଁ ଶୁକ୍ରବାର କଁପୁର ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)ରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ, ସମବାୟ ଉପନିବନ୍ଧକ ଅଳକାନନ୍ଦା ଜେନା, କଁପୁର ସମିତି ସଭାପତି ସୁରେଶ ପ୍ରଧାନ, ସମ୍ପାଦକ ପ୍ରଭାତ ପ୍ରହରାଜ, ଗୋଳବାଇ ସେବା ସମବାୟ ସମିତି ସମ୍ପାଦକ ପରମାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପାକ୍ସରେ ୩୪୯ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୨୯ ଜଣ ଚାଷୀଙ୍କ ଧାନ କ୍ରୟ ପାଇଁ ଟୋକନ ଦିଆଯାଇଛି। ସେଥିମଧ୍ୟରୁ ୮ ଚାଷୀ ୨୪୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଧାନକ୍ରୟ ପ୍ରକ୍ରିୟା ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ। ଜିଲାର ୧୫୪ ମଣ୍ଡିରେ ଧାନ ସଂଗ୍ରହ କରାଯିବ। ଖରିଫ ଧାନ ସଂଗ୍ରହ ଲାଗି ୧୩୯ ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ) ଏବଂ ୧୫ଟି ଉପକେନ୍ଦ୍ର କରାଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ମୁର୍ମୁ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୩ ଲକ୍ଷ ୧୧ ହଜାର ୭୬୪ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଚଳିତବର୍ଷ ଚାଷୀଙ୍କ ପଞ୍ଜୀକରଣ ୬ପ୍ରତିଶତ ବୃଦ୍ଧି ପାଇଛି। ଗତବର୍ଷ ୪୮ ହଜାର ୪୦୮ ଚାଷୀ ପଞ୍ଜୀକୃତ କରିଥିବା ବେଳେ ଚଳିତବର୍ଷ ୫୧ହଜାର ୧୫୧ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଜିଲା ଯୋଗାଣ ଅଧିକାରୀ ମୁର୍ମୁ କହିଛନ୍ତି, ଗତବର୍ଷ ଦୈନିକ ୧୨ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ଚଳିତବର୍ଷ ୧୫ଶହ କୁଇଣ୍ଟାଲ ଧାନ ଉଠାଯିବ। ସେହିପରି ଜିଲାପାଳ ଚକ୍ରବର୍ତ୍ତୀ କହିଛନ୍ତି, ମଣ୍ଡିରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ଚାଷୀଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଯିବ। ମଣ୍ଡିକୁ ଦଲାଲମୁକ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରାଯାଇଛି।

**୪୦ ପ୍ରତିଶତ ଚାଷୀ ବିକ୍ରି କରୁଛନ୍ତି ଧାନ**

ଖୋର୍ଦ୍ଧା ଜିଲାରେ ମୋଟ ୧ଲକ୍ଷ ୨୪ ହଜାର ୭୬୮ ଚାଷୀ ରହିଛନ୍ତି। ସେଥିରୁ ୧ ହେକ୍ଟରୁ କମ୍ ପରିମାଣର ଚାଷଜମି ଥିବା ନାମମାତ୍ର ଚାଷୀଙ୍କ ସଂଖ୍ୟା ୬୫,୮୧୩, କ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ୪୭,୧୯୪ ରହିଛି। ୨୦୨୨ରେ ୪୬ ହଜାର, ୨୧୨୧ରେ ୪୪ହଜାର ଏବଂ ୨୦୨୦ରେ ୪୩ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଅର୍ଥାତ୍ ମୋଟ ଚାଷୀର ୪୦ରୁ ୫୦ପ୍ରତିଶତ ମଧ୍ୟରେ ସୀମିତ। ଯେତିକି ପରିମାଣ ଚାଷ ହେଉଛି, ତାହା ଠାରୁ କମ୍ ପ୍ରତିଶତ ଚାଷୀ ଧାନ ବିକ୍ରି କରୁଛନ୍ତି।

**ଗତବର୍ଷ ୩୦ ପ୍ରତିଶତ ଚାଷୀ ବଞ୍ଚିତ ହୋଇଥିଲେ**

ପ୍ରଶାସନିକ ଅବହେଳା ଯୋଗୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ଧାର୍ଯ୍ୟ ଲକ୍ଷ୍ୟଠାରୁ ୩୦ପ୍ରତିଶତ ଚାଷୀ ଧାନ ବିକ୍ରି କରିପାରି ନ ଥିଲେ। ପ୍ରତିବର୍ଷ ଜିଲା ପାଇଁ ଆସୁଥିବା ଟାର୍ଗେଟ ସନ୍ତୋଷଜନକୁ ନୁହଁ। ଫଳରେ ଟୋକନ ଅବଧି ସରିଯିବାରୁ ଚାଷୀ ଧାନ ବିକ୍ରି କରିନପାରି ବାଧ ହୋଇ କମ୍ ଦାମରେ ବେପାରୀଙ୍କୁ ଦେଉଛନ୍ତି। ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ଧାନମଣ୍ଡିରେ ସ୍ୱଚ୍ଛତା ଅବଲମ୍ବନ କରାଯାଉନାହିଁ। ମଣ୍ଡି ମିଲର୍ସଙ୍କ ମନମାନୀରେ ଚାଲୁଛି। ଧାର୍ଯ୍ୟ ତାରିଖରେ ଚାଷୀଙ୍କ ଧାନ ଉଠୁନାହିଁ। ଟୋକନ ଲାପ୍ସ ଚାଷୀ ଅଭାବୀ ବ୍ରିକିର ଶିକାର ହେଉଛନ୍ତି।

## ପ୍ରସୂତିଙ୍କ ମୃତ୍ୟୁ, ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

ବାଲୁଗାଁ,୨୯।୧୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ବଜାରସ୍ଥିତ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଜଣେ ପ୍ରସୂତିଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ସମ୍ପୃକ୍ତ ଡାକ୍ତରଙ୍କୁ ଦାୟୀକରି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ସୂଚନା ମୁତାବକ, ବାଲୁଗାଁ ଅଞ୍ଚଳର ଜଣେ ମହିଳା ପ୍ରସୂତି ପାଇଁ ବାଣପୁର ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କୁ ପରାମର୍ଶ କରି ଔଷଧ ସେବନ କରିଆସୁଥିଲେ। ଶୁକ୍ରବାର ମହିଳାଙ୍କ ପ୍ରସବଜନିତ ଯନ୍ତ୍ରଣା ଅସହ୍ୟ ହେବାରୁ ପରିବାର ଲୋକେ ତାଙ୍କୁ ଅପରାହ୍ନ ୨ଟାରେ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସମ୍ପୃକ୍ତ ଡାକ୍ତର ମହିଳାଙ୍କୁ ପରୀକ୍ଷା କରିବା ପରେ ଅସ୍ତ୍ରୋପଚାର ଜରୁରୀ କହି ବାଲୁଗାଁସ୍ଥିତ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। କିନ୍ତୁ ଡାକ୍ତର ପ୍ରାୟ ଦୁଇଘଣ୍ଟା ବିଳମ୍ବରେ ବାଣପୁରରୁ ଆସି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେତେବେଳକୁ ସମ୍ପୃକ୍ତ ମହିଳାଙ୍କ ମୃତ୍ୟୁ ହୋଇସାରିଥିଲା। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହି ଘଟଣାକୁ ନେଇ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲା। ଅନ୍ୟପଟେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଖାଦ୍ୟ ଉତ୍ସବ

ଗମ୍ଭାରୀମୁଣ୍ଡା,୨୯।୧୨(ଦିଲୀପ ସ୍ୱାଇଁ)



ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଖାଦ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିନାୟକ ହୋତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୮ଟି ମହାବିଦ୍ୟାଳୟର ପିଲାମାନେ ଖାଦ୍ୟ ରନ୍ଧନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବାଲୁଗାଁ ମହାବିଦ୍ୟାଳୟ ଅଧ୍ୟାପିକା ଝରଣା ନାଥ, ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ ଏବଂ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା କଲ୍ୟାଣୀ ବୈରୀଗଞ୍ଜନ, ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗୀମାନେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରିବା ସହିତ ମାଣ୍ଡିଆକୁ ପ୍ରାଥମିକତା ଦେଇ ସେଥିରେ ବିଭିନ୍ନ ପ୍ରକାର ଖାଦ୍ୟ ରନ୍ଧନ କରିଥିଲେ। ଯୁକ୍ତ ୨ ବିଭାଗର ନୋଡାଲ ଅଫିସର ଅଧ୍ୟାପକ ଜୟନ୍ତ କୁମାର ବିହାରୀ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ଉତ୍କଳିକା ପାଢ଼ୀ, ଅଧ୍ୟାପକ ମନୋଜ ନାୟକ, ଅଧ୍ୟାପକ ଅଭିଜିତ ସାହୁ, ଅଧ୍ୟାପକ ହିଟ୍‌ଲର ବେହେରା ଏବଂ ମିକି ମନସ୍ୱିନୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ଛାତ୍ରୀଛାତ୍ର ନିଜ ସୁପ୍ତ ପ୍ରତିଭାର ବିକାଶ କରନ୍ତୁ'



'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଟାଙ୍ଗୀ,୨୯।୧୨(ରଘୁନାଥ ସାହୁ)

କୁହୁଡ଼ି ଜନତା କଲେଜରେ ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଭାପତି ମନୋଜ ମାନସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ମୁଖ୍ୟବକ୍ତା ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ବିଶିଷ୍ଟ ଅତିଥି ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଖାଉଟି ଅଦାଲତର ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିପ୍ତା ମାନ୍ଧାତା, ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ଟାଙ୍ଗୀ ସାହିତ୍ୟ ଘର ସଭାପତି ବିଜୟ କୁମାର ରାଉତ, ହୃଷୀକେଶ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ବେହେରା, ପୂର୍ବତନ କମିଟି ସଦସ୍ୟ ବାସୁଦେବ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଡିଗ୍ରୀ କଲେଜ ଅଧ୍ୟକ୍ଷ ଟୁକୁନା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଯୁବବର୍ଗଙ୍କ ମଧ୍ୟରେ ଥିବା ସୁପ୍ତ ପ୍ରତିଭା ବିକଶିତ ହୋଇପାରିଛି ବୋଲି ଅତିଥିମାନେ ମନ୍ତବ୍ୟ ରଖିଥିଲେ। ଛାତ୍ରମାନେ ପାଇକ ଆଖଡ଼ା ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଅନିଲ ସୁବୁଦ୍ଧି, ସୁରେନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ପ୍ରଧାନ, ଅପର୍ତ୍ତି ବେହେରା, ବିରେନ ବାହିନୀପତି, ଜୟକୃଷ୍ଣ ଶ୍ରୀଚନ୍ଦନ, ପ୍ରମୋଦ ଶୁକ୍ଳା, ଅଧ୍ୟାପିକା ନଳିନୀପ୍ରଭା ରାଉତ, ସୋନାଲି ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିଗ୍ରୀ କଲେଜ ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ।

## ୪ ଛେଳି ମାରିଦେଲେ, ୬ ନେଇଗଲେ

ଗମ୍ଭାରୀମୁଣ୍ଡା,୨୯।୧୨(ଦିଲୀପ ସ୍ୱାଇଁ)

ବାଣପୁର ଥାନା ଅନ୍ତର୍ଗତ ରୋପଡ଼ା ଓ ମନଇଚ୍ଛାପୁର ଗ୍ରାମ ମଝି ଗହୀରରେ ଦୁର୍ବୃତ୍ତମାନେ ଜଗୁଆଳମାନଙ୍କୁ ମାଡ଼ମାରି ୪ ଛେଳିଙ୍କୁ ମାରିଦେବା ସହ ୬ଟି ଛେଳିଙ୍କୁ ନେଇଯାଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ୧୨୦୦ ଛେଳିଙ୍କୁ ନେଇ ନାରୁଣୀ ଥାନା ଅନ୍ତର୍ଗତ ମତପୋଖରୀ ଗ୍ରାମର ବଂଶୀ ପାତ୍ର ଅନ୍ୟ ୪ ସହଯୋଗୀଙ୍କ ସହ ରୋପଡ଼ା ଏବଂ ମନଇଚ୍ଛାପୁର ଗ୍ରାମ ମଝି ଗହୀରରେ ଗୋଠକୁ ବିଶ୍ରାମ ଦେଇ ରାତି ୧୧ଟା ପରେ ବିଶ୍ରାମ ନେଇଥିଲେ। ରାତି ୧୨ଟା ୩୦ରେ କୁକୁର ଭୁକିବାରୁ ସେମାନେ ଉଠିବାରୁ କେତେଜଣ ଦୁର୍ବୃତ୍ତ କୁକୁରଙ୍କୁ ବାଡ଼ଉଥିବା ଦେଖିବାକୁ ପାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ସେମାନଙ୍କୁ ମାଡ଼ ମାରିଥିଲେ। ଏପରିକି ଦୁର୍ବୃତ୍ତମାନେ ୪ ଛେଳିକୁ ବାଡ଼େଇ ମାରିଦେବା ସହ ୬ଟି ଛେଳି ନେଇଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ଫାଇନାଲରେ ରାଇଜିଂ ଷ୍ଟାର କ୍ଲବ



ଅତିଥିଙ୍କଠାରୁ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ବେଗୁନିଆ,୨୯।୧୨(ହର ପ୍ରସନ୍ନ ପଣ୍ଡା)

**ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଚାଲିଥିବା ଚତୁର୍ଥ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଓ କେନ୍ଦୁଝର କ୍ଲବ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ଟସ୍ ଜିତି କେନ୍ଦୁଝର ଟିମ୍ ନିର୍ଦ୍ଧାରିତ ୧୮ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୩ ରନ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ଟିମ୍ ୭ଉଇକେଟ ବିନିମୟରେ ୧୧.୩ ଓଭରରେ ୧୨୪ ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଟିମର ଆଶୁତୋଷ ଦାଶ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବାସୁଦେବ ପାଣିଗ୍ରାହୀ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ରମାକାନ୍ତ ପାତ୍ର ଓ ବିନୟ କୁମାର ପାଇକରାୟ ମ୍ୟାଚ ପରିଚାଳନା କରିଥିଲେ। ଓମ୍ ପ୍ରକାଶ ବ୍ରହ୍ମ, ସିଦ୍ଧେଶ୍ୱର ବେହେରା ଓ ସଞ୍ଜୟ କୁମାର ପାଣିଗ୍ରାହୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ରେଲୱେ ଅଧିକାରୀ ଉମେଶ କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ୱାର୍ଡସଭ୍ୟ ଶ୍ରୀବତ୍ସ ପାଣିଗ୍ରାହୀ, ସମ୍ବିତ ସାହୁ, ଜ୍ଞାନରଞ୍ଜନ ଜେନା, ଧ୍ରୁବଚରଣ ବେହେରା, ଦୀପକ ମହାରଣା, ସରୋଜ ପ୍ରଧାନ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ଟେଲି ସିରିଏଲ କଳାକାର ଓ ବେଗୁନିଆ ମିଡିଆ ହାଉସ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ହେବାକୁ ଥିବା ବେଳେ ରବିବାର ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଭୋଟ ବର୍ଜନ ପାଇଁ କାଚରା ଗ୍ରାମବାସୀଙ୍କ ଚେତାବନୀ

ବେଗୁନିଆ,୨୯।୧୨(ହର ପ୍ରସନ୍ନ ପଣ୍ଡା)

**ମିଳୁନି ରାଜସ୍ୱ ଗ୍ରାମର ମାନ୍ୟତା**

ରାଜସ୍ୱ ଗ୍ରାମର ମାନ୍ୟତା ନ ମିଳିବାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରୁ ବଞ୍ଚିତ ହେଉଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲର କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ କାଚରା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ନ ମିଳିଲେ ଭୋଟ୍ ବର୍ଜନ ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, କାଚରା ଗ୍ରାମକୁ ଏକ ପଡାଗ୍ରାମ ଭାବେ ପରିଗଣିତ କରାଯାଇଥିଲା। ଜନସଂଖ୍ୟା ବୃଦ୍ଧି ଓ ଗ୍ରାମବାସୀଙ୍କ ମୌଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୯୯୮ ମସିହା ପରେ ବନ୍ଦୋବସ୍ତ ସମୟରେ କାଚରା ଗ୍ରାମକୁ ରାଜସ୍ୱ ମୌଜାର ସୀକୃତି ମିଳିଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ରାଜସ୍ୱ ଗ୍ରାମର ମାନ୍ୟତା ମିଳିନାହିଁ। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ଗ୍ରାମରେ ୬୦ଘରକୁ ନେଇ ୩୭୦ ଭୋଟର ବସବାସ କରୁଛନ୍ତି। ସେମାନେ କୌଣସି ବିକାଶମୂଳକ କାର୍ଯ୍ୟ କରିବାକୁ ହେଲେ କଣ୍ଟାବାଡ, ଜେମାବନ୍ତଦେଇ ଓ ତଣ୍ଡାଳ ଆଦି ଗ୍ରାମର ମୂଳବାସିନ୍ଦା ପ୍ରମାଣପତ୍ର ଭୋଟର ପରିଚୟପତ୍ର, ଆଧାର କାର୍ଡ, ରାସନ କାର୍ଡ ଆଦିର ବ୍ୟବହାର କରୁଛନ୍ତି। ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ସୁଫଳ ମିଳିଲା ନାହିଁ। ଏହାର ପ୍ରତିବାଦରେ ଆଗାମୀ ସାଧାରଣ ନିର୍ବାଚନ ସମୟରେ ସରକାରଙ୍କୁ ଜବାବ ଦେବା ସହ ଭୋଟ ବର୍ଜନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି। ସରକାର ତୁରନ୍ତ କାଚରା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

## ଆଶୁତୋଷ ୱାରିୟର୍ସ ବିଜୟୀ

ନିରାକାରପୁର,୨୯।୧୨
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ହାଡ଼ପଦା ଖେଳପଡିଆରେ ଚାଲିଥିବା ହାଡ଼ପଦା ପ୍ରିମିୟର ଲିଗ ଫ୍ଲଡଲାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ମା'ୱାରିୟର୍ସ ଓ ଆଶୁତୋଷ ୱାରିୟର୍ସ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଆଶୁତୋଷ ୱାରିୟର୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ଓଭରରେ ୧୧୮ରନ ସଂଗ୍ରହ କରିଥିଲା। ଜବାବରେ ମା'ୱାରିୟର୍ସ ଟିମ୍ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ବିନିମୟରେ ୮୬ରନ ସଂଗ୍ରହ କରିଥିଲା। ଫଳରେ ଆଶୁତୋଷ ୱାରିୟର୍ସ ଟିମ୍ ବିଜୟୀ ହୋଇଥିଲା। ସାନୁଜ ବିଶ୍ୱାଳ ଓ ପ୍ରଶାନ୍ତ ମାର୍ଥା ମ୍ୟାଚ୍ ପରିଚାଳନା କରିଥିଲେ। ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦୀପନ ଛୋଟରାୟ, ଦୀପୁ ଜେନାଙ୍କ ସମେତ ହାଡ଼ପଦା ପ୍ରିମିୟର ଲିଗର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



## ଫାଇନାଲରେ ସୋନପୁର

**ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

ଟାଙ୍ଗୀ,୨୯।୧୨(ରଘୁନାଥ ସାହୁ)

କୁହୁଡ଼ି ମହାବୀର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ସୋନପୁର ଫୁଟ୍‌ବଲ କ୍ଲବ ଓ ଦାନ୍ତେୱାଡା ଫୁଟ୍‌ବଲ କ୍ଲବ ଛତିଶଗଡ଼ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ସୋନପୁର ଟିମ୍‌ର ଶ୍ୟାମ ଓରାମ, ଲକି ବୟ, ଜିତେନ ବେରୁଆ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଦାନ୍ତେୱାଡା ଟିମ୍‌ର ଖେଳାଳି ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଦାନ୍ତେୱାଡା ଟିମ୍ ଆଉ ଗୋଲ ଦେଇ ନ ପାରିବାରୁ ପରାଜିତ ହୋଇଥିଲା। ଫଳରେ ସୋନପୁର ଟିମ୍ ୩-୧ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଟୁନୁ ସିଂ, ଗୋପାଳ ସାମନ୍ତରାୟ, ରାକେଶ ବେହେରା ଓ ଅପର୍ତ୍ତି ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ବିଜୟ କୁମାର ରାଉତ ମ୍ୟାଚ୍ କମିଶନର ଥିଲେ। ଶ୍ରେଷ୍ଠ ଖେଳାଳିଭାବେ ସୋନପୁର ଟିମ୍‌ର ୧୪ ନମ୍ବର ଖେଳାଳି ଶ୍ୟାମ ଓରାମ ଓ ଦାନ୍ତେୱାଡା ଟିମ୍‌ର ୧୦ନଂ. ଖେଳାଳି ଅନ୍ତର୍ଯ୍ୟାମୀଙ୍କୁ ବିଭୂତି ରାଉତରାୟଙ୍କୁ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥିଭାବେ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ପୂର୍ବତନ ରଣପୁର କଲେଜ ଅଧ୍ୟକ୍ଷ ଶ୍ରୀଧର ମହାପାତ୍ର, ବିକ୍ରମ କେଶରୀ ସାହୁ, ଅନିଲ ସାମନ୍ତସିଂହାର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମନୋଜ କୁମାର ମାନସିଂହ, କମଳାକାନ୍ତ ସାମନ୍ତରାୟ, ବିପିନ ଉଦୟସିଂ, କେଦାରନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସମ୍ବଲପୁର ଫୁଟ୍‌ବଲ କ୍ଲବ ଓ ହାଓଡା ଫୁଟ୍‌ବଲ କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଇଟାମାଟି ବିଜୟୀ

ବୋଲଗଡ଼,୨୯।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆରେ ଆୟୋଜିତ ତ୍ରୟୋଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଇଟାମାଟି କ୍ରିକେଟ କ୍ଲବ ଓ ଆରିକମା କ୍ରିକେଟ କ୍ଲବ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଇଟାମାଟି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୮ଉଇକେଟ ବିନିମୟରେ ୧୯୨ରନ ସଂଗ୍ରହ କରିଥିଲା। ଜବାବରେ ଆରିକମା ଟିମ୍ ୧୯.୨ଓଭରରେ ୧୩୨ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଇଟାମାଟି ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ମିଟୁ ପ୍ରଧାନ ଓ ରାଜକୁମାର ବଳିୟାରସିଂ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସାମାଜିକ କର୍ମୀ ଶିବନାରାୟଣ ମିଶ୍ର, ଶିକ୍ଷକନେତା ସୁମନ୍ତ ଛୋଟରାୟ ଓ ସାମ୍ବାଦିକ ଜେନାମଣି ଦିଲୀପ କୁମାର ରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ ସଭାପତି ନିରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ରାମଚନ୍ଦ୍ର ପ୍ରଧାନ, ବିକାଶ ବଳିୟାରସିଂହ, ପ୍ରମୋଦ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ଶରତ ବେହେରା, ବାବୁଲା ଜଗଦ୍ଦେବ, ରାଜକିଶୋର ସ୍ୱାଇଁ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

## ସଂକ୍ଷେପରେ

### ୩ରେ ନିମାପଡ଼ା ସ୍ୱର୍ଣ୍ଣକାର ସଂଘର ପ୍ରତିଷ୍ଠା ଦିବସ

ନିମାପଡ଼ା,୨୯।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସ୍ୱର୍ଣ୍ଣକାର ସଂଘର ୫୭ତମ ପ୍ରତିଷ୍ଠା ଦିବସ ସମାରୋହ ସ୍ଥାନୀୟ ସଂଘ କାର୍ଯ୍ୟାଳୟଠାରେ ଆସନ୍ତା ୩ ତାରିଖରେ ହେବ। ଏଥିରେ ସମଗ୍ର ପୁରୀ ଜିଲାର ୧୧ଟି ବ୍ଲକର ୫ଶହରୁ ଊର୍ଦ୍ଧ୍ୱ ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ଯୋଗଦେବେ। ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ଓଡ଼ିଶା ସ୍ୱର୍ଣ୍ଣ, ରୌପ୍ୟ ଶିଳ୍ପୀ ମହାସଂଘର ରାଜ୍ୟ ସଭାପତି ରମେଶ ଚନ୍ଦ୍ର ସାଥୁଆ, ନାଗପୁର ସ୍ୱର୍ଣ୍ଣକାର ସଂଘ ସଭାପତି ଭବାନୀସେନ ସେନାପତାଙ୍କ ସମେତ ରାଜ୍ୟ ମହାସଂଘ ଓ ଜିଲା ସଂଘର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ରହିବେ। ଏନେଇ ନିମାପଡ଼ା ସ୍ୱର୍ଣ୍ଣକାର ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ହୃଦାନନ୍ଦ ସାହୁ, ଉପସଭାପତି ଭରତଚନ୍ଦ୍ର ସାହୁ, ମୁଖ୍ୟ ପରାମର୍ଶଦାତା ପଦ୍ମଚରଣ ସାହୁ ପ୍ରମୁଖ ଏକ ବିବୃତିରେ ଜଣାଇଛନ୍ତି। ଏହି ଅବସରରେ ସଂଘର ଫଳକ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟନ ହେବା ସହ ସମ୍ମାନିତ ଅତିଥି ଓ ବରିଷ୍ଠ ସ୍ୱର୍ଣ୍ଣ, ରୌପ୍ୟ ଶିଳ୍ପୀମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବ ବୋଲି ଅଭ୍ୟର୍ଥନା କମିଟି କର୍ମକର୍ତ୍ତା କହିଛନ୍ତି।

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି

ବଲଙ୍ଗା,୨୯।୧୨(କେଦାରେଶ୍ୱର ନନ୍ଦ):

ବଲଙ୍ଗା ଥାନା ହରିପୁର ଗ୍ରାମରୁ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ବଲଙ୍ଗା ପୋଲିସ ପକ୍ଷରୁ ଏକ ମାମଲା (ନଂ.୨୭୩/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ପିପିଲି ବିଦ୍ୟୁତ୍ ବିଭାଗ ୧ନଂ ଶାଖାର ସହକାରୀ ପରିଚାଳକ ଦେବେନ୍ଦ୍ର ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଗୁରୁବାର ରାତ୍ର ପ୍ରାୟ ୨ଟାରେ ହରିପୁର ଗ୍ରାମରେ ବିଦ୍ୟୁତ କଟିଯାଇଥିଲା। ଶୁକ୍ରବାର ସକାଳୁ ଗ୍ରାମ ମୁଣ୍ଡରେ ଥିବା ୧୬କେଭି ଟ୍ରାନ୍ସଫର୍ମର ନ ଥିବା ଦେଖି ଗ୍ରାମବାସୀ ବିଦ୍ୟୁତ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସହକାରୀ ପରିଚାଳକ ଘଟଣାସ୍ଥଳକୁ ଆସି ଅନୁଧ୍ୟାନ କରିଥିଲେ। କେହି ଦୁର୍ବୃତ୍ତ ଏହି ଟ୍ରାନ୍ସଫର୍ମରକୁ ଚୋରି କରିନେଇଥିବା ସାହୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

### ଭାଜପା ନେତ୍ରୀଙ୍କ ଜନସମ୍ପର୍କ ପଦଯାତ୍ରା

ଚାରିଛକ,୨୯।୧୨(ଶିଶିର ସ୍ୱାଇଁ)

ଚାରିଛକ ଥାନା ଅଧୀନ ବାହାରଣା ପଞ୍ଚାୟତରେ ନିମାପଡ଼ା ନିର୍ବାଚନମଣ୍ଡଳୀର ନାରୀନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଏକ ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛଣିଜଙ୍ଗ ପଞ୍ଚାୟତ ବାଲୁଙ୍କ ଗ୍ରାମଠାରୁ ଆରମ୍ଭ ହୋଇ ବାହାରଣା ପଞ୍ଚାୟତର ଅଟେଇହୁଡ଼ା, ଖୁଲିସ, ଦିନଇଲୋ, ବାହାରଣା, ଯୋରକୁଳ ଆଦି ଗ୍ରାମ ବୁଲିବା ସହିତ ଗ୍ରାମରେ ବରିଷ୍ଠ ନେତା, ଲୋକ, ବୁଦ୍ଧିଜୀବୀ ଓ ସାଧାରଣ ନିରୀହ ପରିବାର ଲୋକଙ୍କ ପାଖକୁ ଯାଇ ନୂତନବର୍ଷ ପାଇଁ ଅଭିନନ୍ଦନ ଜଣାଇବା ସହ ତାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପଦଯାତ୍ରାରେ ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ଜିତେନ୍ଦ୍ରନାଥ ସ୍ୱାଇଁ, ସନ୍ତୋଷ ପରିଡ଼ା, ରାଜକିଶୋର ନାୟକ, ନିରଞ୍ଜନ ନାୟକ, ଛଣିଜଙ୍ଗ ସରପଞ୍ଚ ଅଜୟ ପରିଡ଼ା, ଧୁଳ ସାହୁ, ଭକ୍ତବନ୍ଧୁ ବିଶ୍ୱାଳ, ଦୁର୍ଯ୍ୟୋଧନ ମହାନ୍ତି ପ୍ରମୁଖ ସାହାଯ୍ୟ ସହଯୋଗ କରିଥିଲେ।

# ଶ୍ରୀମନ୍ଦିର ନିକଟରେ ବୁଲା କୁକୁର ଆତଙ୍କ

### ଶିଶୁକୁ ଗୋଡ଼ାଇ କାମୁଡ଼ିଲା

ପୁରୀ,୨୯।୧୨(ଅଜିତ୍ ମହାନ୍ତି)

ପୁରୀ ସହରରେ ଏବେ ବୁଲାକୁକୁରଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଲୋକଙ୍କୁ ବୁଲା କୁକୁର କାମୁଡ଼ିବା ସହ ଆକ୍ରମଣ କରୁଛନ୍ତି। ଶୁକ୍ରବାର ଅପରାହ୍ଣରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଜଣେ ଶିଶୁକୁ ବୁଲାକୁକୁର କାମୁଡ଼ି କ୍ଷତାକ୍ତ କରିପକାଇଛି। ଖୋର୍ଦ୍ଧା ବାଲୁଗାଁ ଅଞ୍ଚଳରୁ ନିଜ ପରିବାର ସହ ଶିଶୁପୁତ୍ର ଜଣକ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲେ। ଶ୍ରୀମନ୍ଦିରକୁ ଯାଉଥିବା ସମୟରେ ଏପରି ଘଟଣା ଘଟିଥିବା ଜଣାପଡ଼ିଛି। ଫଳରେ ଭକ୍ତମାନେ ଆତଙ୍କିତ ହୋଇପଡ଼ିଥିଲେ।

ସୂଚନା ଅନୁଯାୟୀ, ଉକ୍ତ ପରିବାର ଲୋକେ ବ୍ୟାରିକେଡ ଦେଇ ଶ୍ରୀମନ୍ଦିର ସିଂହଦ୍ୱାର ନିକଟକୁ ଆସିଥିଲେ। ତେବେ ପରିବାରର କେତେଜଣ ସଦସ୍ୟ ପଛରେ ରହିଯାଇଥିବାରୁ ଶିଶୁ ସହ କିଛି ଲୋକ ଶ୍ରୀମନ୍ଦିର ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟ ଭିତର ବ୍ୟାରିକେଡ ଭିତରେ ବୁଲୁଥିବା ଏକ ବୁଲା କୁକୁର ଶିଶୁକୁ ଆକ୍ରମଣ କରିଥିଲା। ଫଳରେ ଶିଶୁଟିର ଆଖି ନିକଟରେ ଆଘାତ ଲାଗିଥିଲା। ତୁରନ୍ତ ପରିବାର ଲୋକେ ଓ ଅନ୍ୟମାନେ ବୁଲା କୁକୁର କବଳରୁ ଶିଶୁପୁତ୍ରକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପାଇଁ ନେଇଥିଲେ। ଆହତ ଶିଶୁର ସମ୍ପର୍କୀୟ ମାଗା ସାହୁ ଏପରି ଅଘଟଣ ପାଇଁ ପ୍ରଶାସନର ସୁରକ୍ଷା ବ୍ୟବସ୍ଥାକୁ ଦାୟୀ କରିଛନ୍ତି। ଶ୍ରୀମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ଯେପରି ହିଂସ୍ରଜନ୍ତୁ ନ ବୁଲନ୍ତି ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାହୁ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୬ ଡିସେମ୍ବର ୧ରେ ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଜଗନ୍ନାଥ କଲୋନୀରେ ଏକ ଚାରିବର୍ଷର ଶିଶୁପୁତ୍ରକୁ ବୁଲା କୁକୁର ଝୁଣି ମାରିଦେଇଥିଲେ, ଯାହା ରାଜ୍ୟରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲା।

ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ଶ୍ରୀମନ୍ଦିରକୁ ଆସିଥାନ୍ତି। ମାତ୍ର ପ୍ରଶାସନର ଢିଲାପଣ ପାଇଁ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସମ୍ପ୍ରତି ଶ୍ରୀମନ୍ଦିର ଭିତରେ ମାଙ୍କଡ଼ ଓ ବାହାରେ କୁକୁରଙ୍କ ଦୌରାତ୍ମ୍ୟରେ ଶ୍ରଦ୍ଧାଳୁମାନେ ଅତିଷ୍ଠ ହେଉଛନ୍ତି। ଶ୍ରୀମନ୍ଦିର ନିକଟରେ ମାଳମାଳ ପୋଲିସ, ସିକ୍ୟୁରିଟି ଗାର୍ଡ ଥିଲେ ମଧ୍ୟ ବୁଲା କୁକୁରଙ୍କୁ ଘଉଡାଉନାହାନ୍ତି। ଅପରପକ୍ଷରେ ବର୍ତ୍ତମାନ ସହରରେ କୁକୁର ବନ୍ଧ୍ୟାକରଣ କାର୍ଯ୍ୟ ବନ୍ଦ ରହିଛି। ତେଣୁ କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ବର୍ତ୍ତମାନ ପୁରୀରେ କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ବନ୍ଦ ରହିଛି। ହାଇକୋର୍ଟ କୁକୁର ବନ୍ଧ୍ୟାକରଣ ଉପରେ ଯେବେଠାରୁ ଷ୍ଟେ ଅର୍ଡର ଦେଇଛନ୍ତି ସେବେଠାରୁ ବନ୍ଧ୍ୟାକରଣ କରାଯାଉନାହିଁ। ସେହିପରି ପ୍ରାଣୀ ଚିକିତ୍ସାଳୟର ଡାକ୍ତର ଦେବାଶିଷ ପରିଜା କହିଛନ୍ତି, ୨୦୨୩ ମସିହାରେ ବୁଲାକୁକୁର ବନ୍ଧ୍ୟାକରଣ ଉପରେ ହାଇକୋର୍ଟ ଷ୍ଟେ ଅର୍ଡର ଲାଗୁ କରିଛନ୍ତି। ଫଳରେ ବର୍ତ୍ତମାନ ବନ୍ଧ୍ୟାକରଣ କାର୍ଯ୍ୟ ବନ୍ଦ ରହିଛି। କୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପରେ ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ।

# ଗାଁ ରାସ୍ତାରେ ସୃଷ୍ଟିହେଲା ୩୦ ଫୁଟର ଗର୍ତ୍ତ

### ଭୂସ୍ଖଳନ ସନ୍ଦେହ: ଲୋକେ ଆତଙ୍କିତ

ଗୋପ, ୨୯।୧୨ (ଭାରତୀ ଭୂଷଣ ଉପାଧ୍ୟାୟ):



ଗର୍ତ୍ତ ଦେଖିବାକୁ ଲୋକଙ୍କ ଭିଡ ।

ପୁରୀ ଜିଲା ଗୋପ ବ୍ଲକ ବେଦପୁର ପଞ୍ଚାୟତ ଅଧୀନ ହନ୍ତସରା ଦାସସାହି ଗାଁ ରାସ୍ତାରେ ହଠାତ୍ ୩୦ ଫୁଟର ଏକ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ଏନେଇ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏହା ଭୂସ୍ଖଳନ ଯୋଗୁ ହୋଇଥିବା ସନ୍ଦେହ କରାଯାଉଛି। ହନ୍ତସରା ଗ୍ରାମର କମଳାକାନ୍ତ ମହାନ୍ତି ବ୍ଲକ ପ୍ରଶାସନ ଏବଂ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ଅବଗତ କରାଇବା ପରେ ତାଙ୍କ ସୂଚନା କ୍ରମେ ବିଡିଓ ଛବିରାଣୀ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପୃଷ୍ଟିଙ୍କ ସହିତ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଧିକାରୀମାନଙ୍କ ଉପସ୍ଥିତିରେ ସମ୍ପୃକ୍ତ ଗର୍ତ୍ତରେ ଏକ ଟ୍ରିପ୍ ବାଲି ପକାଯାଇଛି।

ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୧୨ଟା ୩୦ରେ ହନ୍ତସରା ଦାସ ସାହି ଗାଁରେ ହଠାତ୍ ଏକ ବଡ଼ ଶବ୍ଦ ଶୁଭିଥିଲା। ଗ୍ରାମର ଅନେକ ବ୍ୟକ୍ତି ଭୟରେ ଉଠିପଡ଼ିଥିଲେ। ପରେ ସେମାନେ ଗାଁ କଂକ୍ରିଟ ରାସ୍ତାରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ପାଇ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ। ଶୁକ୍ରବାର ସକାଳୁ ଏହି ଭୂସ୍ଖଳନ ଖବର ଜଣାପଡ଼ିବା ପରେ ସେଠାରେ ଲୋକଙ୍କ ଭିଡ଼ ଲାଗିଥିଲା। ପୂର୍ବରୁ ଉକ୍ତ ସ୍ଥାନରେ କୂଅ କିମ୍ବା ଖାଲ ନ ଥିବାବେଳେ କାହିଁକି ହଠାତ୍ ଏଭଳି ହେଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଗ୍ରାମର କେତେଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି ପ୍ରକାଶ କରିଛନ୍ତି। ସମ୍ପୃକ୍ତ ସ୍ଥାନ ଅନୁସନ୍ଧାନ ପରେ ଗର୍ତ୍ତ ମରାମତି କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।




୨୮ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ମଞ୍ଚରେ ଶୁକ୍ରବାର ଲିଙ୍ଗରାଜ କଳା ନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ପୁସ୍ତକମେଳା ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ

ପୁରୀ,୨୯।୧୨(ଅଜିତ୍ ମହାନ୍ତି)

ଶରଧାବାଲିଠାରେ ଆୟୋଜିତ ୨୮ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ ଶୁକ୍ରବାର ପ୍ରାଚୀନ ସଙ୍ଗୀତ ଅନୁଷ୍ଠାନ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ଅନ୍ତର୍ଜାତୀୟ ନୃତ୍ୟଗୁରୁ ମନୋଜ କୁମାର ପ୍ରଧାନଙ୍କ ନୃତ୍ୟ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ସିପ୍ରା ମିଶ୍ର, ମମତା ଦାସ, ଅର୍ଚ୍ଚନା ସାହୁ, କ୍ରିଷ୍ଣା କାବେରୀ ମହାପାତ୍ର, ଗୀତାଞ୍ଜଳି ସ୍ୱାଇଁ, ଶୁଭାସ୍ମିତା ବଳ, ଅଭିଲିପ୍ସା ରାଉତରାୟ ପ୍ରମୁଖ ଓଡ଼ିଶୀ ନୃତ୍ୟ, ଜଗନ୍ନାଥ ନୃତ୍ୟ ନାଟିକା, ସମ୍ବଲପୁରୀ ଲୋକନୃତ୍ୟ ଆଦି ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ତଥା ମର୍ଦ୍ଦଳ ବାଦକ ଗୁରୁ ଶ୍ରୀଜଗନ୍ନାଥ ମିଶ୍ର ପରିଚାଳନା କରିଥିଲେ।

## ନୂଆବର୍ଷରୁ ମାଗଣା ଚାଉଳ ବନ୍ଦ ଚେତାବନୀ

ନିମାପଡ଼ା,୨୯।୧୨(ରଞ୍ଜନ ପଟ୍ଟନାୟକ)

ନୂଆବର୍ଷରୁ ବନ୍ଦ ହେବ ମାଗଣା ଚାଉଳ। କୋଭିଡ୍‌ରୁ ଏବେ ପର୍ଯ୍ୟନ୍ତ ୩୪ ମାସର କମିଶନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଦାନ କରି ନାହାନ୍ତି। ଏଥିନେଇ ଜାନୁୟାରୀ ପହିଲାରୁ ନିମାପଡ଼ା ବ୍ଲକ ଏବଂ ଏନ୍‌ଏସିର ସମସ୍ତ ପିଡିଏସ୍ ସାମଗ୍ରୀ ବଣ୍ଟନ କରୁଥିବା ରିଟେଲର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିମାପଡ଼ା ରିଟେଲର ମହାସଂଘ ଏଭଳି ଚେତାବନୀ ଦେଇଛି। ପୂର୍ବରୁ ଡ଼ିସେମ୍ବର ୧ରୁ ଏମାନେ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ ଜାରି ରଖିଛନ୍ତି। ଜାନୁୟାରୀ ପହିଲାରୁ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛି। ସୂଚନାଯୋଗ୍ୟ, ନିମାପଡ଼ା ବ୍ଲକ ଏବଂ ଏନ୍‌ଏସିରେ ମୋଟ ୯୪ ଜଣ ରିଟେଲର ଦାୟିତ୍ୱରେ ରହିଛନ୍ତି। ଏମାନେ ଆନ୍ଦୋଳନ କରିବା ମାତ୍ରକେ ପିଡିଏସ୍ ସାମଗ୍ରୀ ବଣ୍ଟନ ପ୍ରଭାବିତ ହେବ। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ରିଟେଲର ବ୍ରଜ କିଶୋର ସେନାପତି, ପୂର୍ଣ୍ଣଚନ୍ଦ୍ର ବେହେରା, ସର୍ବେଶ୍ୱର ମାନସିଂ, ଦୀପ୍ତିରଞ୍ଜନ ମଲିକ, ଦେବେନ୍ଦ୍ର ଦାସ, କାର୍ତ୍ତିକ ପଲତା, ପ୍ରସନ୍ନ ପାତ୍ର, ମନ୍ମଥ ପଣ୍ଡା, ଜିତେନ୍ଦ୍ର ମିଶ୍ର ଓ କମ୍ବୁ ଚରଣ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# ଛାତ୍ରୀଛାତ୍ରଙ୍କ ସାମାଜିକ, ସାଂସ୍କୃତିକ ଅଭିବୃଦ୍ଧି ହେଉଛି

### ପିପିଲି କଲେଜରେ ନୂଆ-ଓ ଉଦ୍‌ଯାପିତ

ପିପିଲି,୨୯।୧୨(ପ୍ରଭାତ ମହାପାତ୍ର)

ପିପିଲି କଲେଜରେ ଚାଲିଥିବା ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ତପନ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରତିଭା ମହାରଥୀ ଯୋଗଦେଇ ରାଜ୍ୟ ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମକୁ ବେଶ୍ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଖାଦ୍ୟ ସୁରକ୍ଷା ନିଗମ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ବରିଷ୍ଠ ସଦସ୍ୟ ଦୟାନିଧି ଦାଶ, ସଦସ୍ୟା ପ୍ରେମଶୀଳା କେର୍କେଟା, କଲେଜ ପୂର୍ବତନ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ମିଶ୍ର, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, କଲେଜ ନୋଡାଲ ଅଫିସର ଅଧ୍ୟାପକ ଭବେଶ ପ୍ରସାଦ ତ୍ରିପାଠୀ, ସଦାଶିବ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା ପ୍ରତି ଅଭିବୃଦ୍ଧି ହେଉଥିବା ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। କଲେଜ ଅଧ୍ୟାପକ ଡ. ସଂଗ୍ରାମ କେଶରୀ ପରିଡ଼ା, ଶରତ ପ୍ରଧାନ, ଡ. ସଚ୍ଚିକାନ୍ତ ନାୟକ, ଭାରତୀ ଭୂଷଣ ଦାସ, ଏନ୍‌ସିସି ଅଫିସର କ୍ୟାପଟେନ ଆଦିତ୍ୟ ପ୍ରସାଦ ରଥ, ଅନାମିକା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜ ଏନ୍‌ସିସି ଛାତ୍ରୀଛାତ୍ରଙ୍କ ସହ ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ପିପିଲି କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଡ. ପ୍ରତିଭା ମହାରଥୀ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

# ଫାଇନାଲରେ ଲଙ୍କେଶ୍ୱରୀ କ୍ଲବ

ବଲଙ୍ଗା,୨୯।୧୨(କେଦାରେଶ୍ୱର ନନ୍ଦ):

ବଲଙ୍ଗା ମିନି ଷ୍ଟାଡିୟମରେ ଲଙ୍କେଶ୍ୱରୀ ଫୁଟବଲ କ୍ଲବ ପକ୍ଷରୁ ଆୟୋଜିତ ୨୨ତମ ରାଜ୍ୟସ୍ତରୀୟ ଲଙ୍କେଶ୍ୱରୀ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚରେ ଶୁକ୍ରବାର ଗଣ୍ଡରପୁର ୟୁନାଇଟେଡ୍ କଟକ ଓ ଲଙ୍କେଶ୍ୱରୀ ସ୍ପୋର୍ଟସ କ୍ଲବ ବଲଙ୍ଗା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗଣ୍ଡରପୁର ୟୁନାଇଟେଡ୍‌କୁ ୪-୦ ଗୋଲରେ ହରାଇ ଆୟୋଜକ ଲଙ୍କେଶ୍ୱରୀ ସ୍ପୋର୍ଟସ କ୍ଲବ ବଲଙ୍ଗା ଫାଇନାଲରେ ପ୍ରବେଶ କରିଛି। କ୍ଲବର ସମ୍ପାଦକ ରଶ୍ମିରଞ୍ଜନ ସାହୁ, ପ୍ରଦୀପ୍ତ ଘଡ଼େଇ, ତୋଫାନ ପ୍ରଧାନ, ରଜନୀକାନ୍ତ ଶତପଥୀଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେଡି ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ଉପପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ ଏବଂ ସୁଦୀପ ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ମଳୟ ସ୍ୱାଇଁଙ୍କୁ ଅନ୍ୟତମ ଅତିଥି ତଥା ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ବରାଳ ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ। ମ୍ୟାଚକୁ ରେଫରି ସୁଦୀପ୍ ଦାସ, ଅମିୟ କୁମାର ନାୟକ, ପ୍ରିୟବ୍ରତ ବାହିନୀପତି, ଜୟନ୍ତ ରାୟ ପ୍ରମୁଖ ପରିଚାଳନା କରିଥିଲେ। ଶନିବାର ଆୟୋଜକ ଲଙ୍କେଶ୍ୱରୀ ସ୍ପୋର୍ଟସ କ୍ଲବ ବଲଙ୍ଗା ଓ ନୀଳଚକ୍ର ସ୍ପୋର୍ଟସ କ୍ଲବ ପୁରୀ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# କଲେଜ ପରିସରରେ ଅଣଛାତ୍ରଙ୍କ ଆତଙ୍କ



### ପୋଲିସର ଲାଠିଚାର୍ଜ

ନିମାପଡ଼ା,୨୯।୧୨(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଶୁକ୍ରବାର ଶାନ୍ତିଶୃଙ୍ଖଳାର ଉଦ୍‌ଯାପିତ ହୋଇଯାଇଛି । ତେବେ ପରେ ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ଥିବା ଏନ୍‌ସିସି କ୍ୟାଡେଟଙ୍କୁ କେତେଜଣ ଅଣଛାତ୍ର ଆକ୍ରମଣ କରିଥିଲେ। ଏନ୍‌ସିସି କ୍ୟାଡେଟ୍ ପାଲଟା ଆକ୍ରମଣ କରିବାରୁ ସନ୍ଧ୍ୟା ସମୟରେ କଲେଜ ପରିସର ରଣକ୍ଷେତ୍ର ପାଲଟିଥିଲା। ପରିସ୍ଥିତି ଅଣାୟତ୍ତ ନ ହେବାରୁ ପୋଲିସ ବାଧହୋଇ ଲାଠି ଚାର୍ଜ କରିଥିଲା। ଗଣ୍ଡଗୋଳରେ ଅଣଛାତ୍ରଙ୍କ ଆକ୍ରମଣରେ ଜଣେ ଏନ୍‌ସିସି ଛାତ୍ର ଆହତ ହୋଇଥିବା ଜଣାପଡ଼ିଛି। ଅଣଛାତ୍ରମାନେ ଏନ୍‌ସିସି କାର୍ଯ୍ୟାଳୟ ମଧ୍ୟରେ ପ୍ରବେଶ କରି ଆକ୍ରମଣ କରିଥିଲେ। ସୂଚନାଯୋଗ୍ୟ, ଗୁରୁବାର କେତେଜଣ ଅଣଛାତ୍ର ବିଶୃଙ୍ଖଳା ସୃଷ୍ଟି କରିବାରୁ ଏନ୍‌ସିସି ଛାତ୍ର ସେମାନଙ୍କୁ ବାରଣ କରିଥିଲେ। ପରେ ପୋଲିସ ହସ୍ତକ୍ଷେପ ଫଳରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସେହି ରାଗରେ ଶୁକ୍ରବାର ଅଣଛାତ୍ରମାନେ ଏଭଳି କାଣ୍ଡ ଭିଆଇଛନ୍ତି।

# ୟୁନିକ୍ ଇଲେଭେନ୍ ଭଦ୍ରକ ଫାଇନାଲରେ

### ରାଜ୍ୟସ୍ତରୀୟ ମଙ୍ଗଳା କପ୍

କାକଟପୁର,୨୯।୧୨(ଶୁଭଦର୍ଶନ ମିଶ୍ର)

କାକଟପୁର ମିନି ଷ୍ଟାଡିୟମରେ ଚାଲିଥିବା ୩୪ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚରେ କ୍ରାଉନ ସ୍ପୋର୍ଟିଂ ଭୁବନେଶ୍ୱରକୁ ହରାଇ ୟୁନିକ୍ ଇଲେଭେନ୍ ଭଦ୍ରକ ଫାଇନାଲ ଟିକେଟ୍ ହାସଲ କରିଛି। ଭଦ୍ରକ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। କ୍ରାଉନ ସ୍ପୋର୍ଟିଂ ୨୫ ଓଭରରେ ୧୩୪ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମିତାଭ ରାଉତ ୪୯ ବଲରେ ୪୨ରନ୍ କରିଥିଲେ। ଜବାବରେ ଭଦ୍ରକ ୨୦ ଓଭର ୫ ବଲ୍‌ରେ ୨ ଉଇକେଟ୍ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ତାପସ ରାଉତ ୭୨ ବଲ୍‌ରେ ୧୦୦ରନ୍ ସଂଗ୍ରହ କରି ମ୍ୟାଚ୍‌ର ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହେଇଥିଲେ। ଅତିଥି ଭାବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଭାସ୍କର ଜେନା ଏବଂ ମଙ୍ଗଳା କ୍ଲବ ଉପଦେଷ୍ଟା ରାକେଶ ପଟ୍ଟନାୟକ ଜେକେ ମେଡିସିନ ଓ ନର ମହେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର କରିଥିଲେ। ଅମ୍ପାୟର ଭାବେ ନିର୍ମଳ ମିଶ୍ର ଏବଂ ଆୟେସକାନ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ଜୁଭେନାଇଲ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସଭାପତି ପ୍ରଦୀପ୍ତ ଦୀକ୍ଷିତ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ ମ୍ୟାନେଜର ଭାଗବତ ସ୍ୱାଇଁ ସଞ୍ଜୟ ସାମଲ, କୋଷାଧକ୍ଷ ଇଂ ସୂର୍ଯ୍ୟକାନ୍ତ ଦୀକ୍ଷିତ, ସୁଶାନ୍ତ ଦାସ ପ୍ରମୁଖ ଖେଳକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।



ଅତିଥିମାନେ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ।

### ନିମାପଡ଼ା ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ

# ନାଚି ନଚାଇଲେ ଅସୀମା

ନିମାପଡ଼ା,୨୯।୧୨ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୩ ଦିନିଆ ହୀରକ ଜୟନ୍ତୀ ସମାରୋହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜର ୬୦ ବର୍ଷର ପୂର୍ତ୍ତି ଅବସରରେ ଏକ ମନୋଜ୍ଞ ପରିବେଶରେ ଧୁମଧାମ୍‌ରେ ଉତ୍ସବ ପାଳିତ ହୋଇଥିଲା। ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଶିକ୍ଷା ଓ ବିକାଶ କ୍ଷେତ୍ରରେ ଏହି କଲେଜ ସାରା ରାଜ୍ୟରେ ଏକ ଅଗ୍ରଣୀ, ବିକଶିତ କଲେଜ ଭାବେ ବେଶ ପ୍ରତିଷ୍ଠା ଲାଭ କରିଛି। ଏହି କଲେଜର ଗୌରବ ଅବର୍ଣ୍ଣନୀୟ ବୋଲି ଦାଶ କହିଥିଲେ। ଅନ୍ୟତମ ଅତିଥି ଭାବ ପୂର୍ବତନ ବିଧାୟକ, ଅଭିନେତା, ରାଜନେତା ତଥା ସରକାର ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାଶନାୟକ ଯୋଗଦେଇ କଲେଜ ଜୀବନ ହିଁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ଣ୍ଣୟ ପାଇଁ ଉପଯୁକ୍ତ ସମୟ ବୋଲି ନାୟକ କହିଥିଲେ। କଲେଜ ପରିଚାଳନା କମିଟି ସଭାପତି ଜଗତ ପ୍ରସାଦ ସାବୁତ, ଅଧ୍ୟକ୍ଷା ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ, ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାଢୀ, ଅଧ୍ୟାପକ ପ୍ରଦୀପ ଦାଶ, ଯୋଗେନ୍ଦ୍ରଚନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ସାବୁତ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଲେଜର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଅତିଥିମାନେ କେଲେଜ ହୀରକ ଜୟନ୍ତୀ ସମାରୋହ ସ୍ମରଣିକା ଉନ୍ମୋଚନ କରିଥିଲେ। କଲେଜ ପରିସରରେ ଆଲୁମ୍ନି ଆସୋସିଏଶନ ଓ କଲେଜ ପକ୍ଷରୁ ଏକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କଲେଜର ପ୍ରତିଷ୍ଠିତ ବହୁ ଅବସରପ୍ରାପ୍ତ ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକ, ୨ ଜଣ ବରିଷ୍ଠ ଖବରଦାତା, କଲେଜ ପରିଚାଳନା କମିଟି ପୂର୍ବତନ ସଭାପତି, ପୂର୍ବତନ ଛାତ୍ର ସଂସଦ କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀଙ୍କ ସମେତ ୨୫ ଜଣ କୃତୀ ପ୍ରତି ପ୍ରତିଭାଙ୍କୁ ଟ୍ରଫି, ଉତ୍ତରୀୟ ଦେଇ ଅତିଥିମାନେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ। ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ ଧମାକାରେ କଲେଜର ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଶାର ଖ୍ୟାତନାମା ପ୍ରତିଷ୍ଠିତ ଗାୟିକା ଅସୀମା ପଣ୍ଡା ଓ ତାଙ୍କ ଗ୍ରୁପ ପକ୍ଷରୁ ପରିବେଷିତ ସୁମଧୁର ସଙ୍ଗୀତ ମୂର୍ଚ୍ଛନା, ନୃତ୍ୟ ସଙ୍ଗୀତରେ ନିଜେ ନାଚିବା ସହ ଛାତ୍ରୀଛାତ୍ରଙ୍କୁ ନଚେଇଥିଲେ। ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ଅଶୋକ ସ୍ୱାଇଁ, ଡ. ପ୍ରଭାତ ପାଢୀ, ସୁବ୍ରତ ମହାନ୍ତି, ମମତାରାଣୀ ସ୍ୱାଇଁ ପ୍ରମୁଖ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।



କଣ୍ଠଶିଳ୍ପୀ ଅସୀମା ପଣ୍ଡା ସଙ୍ଗୀତ ପରିବେଷଣ କରୁଛନ୍ତି।

# ବଲିଉଡ୍ କଣ୍ଠଶିଳ୍ପୀଙ୍କ ନୃତ୍ୟ, ସଙ୍ଗୀତରେ ଝୁମିବ ସହର

କଟକ,୨୯।୧୨(ଶିକ୍ଷା ପ୍ରିୟଦର୍ଶିନୀ)

ଆସନ୍ତା ସୋମବାର ନୂଆବର୍ଷ। ଏହାକୁ ସ୍ୱାଗତ କରିବା ପାଇଁ ଜିରୋ ନାଇଟ ସେଲିବ୍ରେଶନ ରବିବାର ଅନୁଷ୍ଠିତ ହେବ। ଏଥିପାଇଁ ସହରବାସୀ ବିଭିନ୍ନ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏପରି କି ବିଭିନ୍ନ କ୍ଲବ ଓ ହୋଟେଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଶେଷକରି ଓଲିଉଡ୍ ଓ ବଲିଉଡ୍ କଳାକାରଙ୍କ ନୃତ୍ୟ, ସଙ୍ଗୀତରେ ଲୋକମାନଙ୍କୁ ଝୁମାଇବା ପାଇଁ କ୍ଲବ, ହୋଟେଲ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

କଟକ ମିଶନ ରୋଡ୍‌ଠାରେ ଥିବା ୟୁନିୟନ୍ କ୍ଲବ୍‌ରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ଏସ୍‌ଡି ଗ୍ରୁପ ପକ୍ଷରୁ ଗଣେଶ ବନ୍ଦନା, ସ୍ୱାଇସ ଡ୍ୟାନ୍ସ ପରଫରମାନ୍ସ ପକ୍ଷରୁ ନୃତ୍ୟ, ଓଲିଉଡ଼ କଣ୍ଠଶିଳ୍ପୀ ଶୁଭଶ୍ରୀ, ଅଭିଷେକଙ୍କ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯିବ। ଏଥିପାଇଁ ଟିକେଟ ବୁକିଂ ଆରମ୍ଭ ହୋଇଥିବା କ୍ଲବ ସମ୍ପାଦକ ବିଶ୍ୱରଞ୍ଜନ ପାଣିଗ୍ରାହୀ କହିଛନ୍ତି। ସେହିପରି ବାରବାଟୀ ଦୁର୍ଗ ନିକଟସ୍ଥ କଟକ କ୍ଲବ୍‌ରେ ମୋକ୍ଷ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ, ପ୍ରାଚୀ ବେଲି ଡ୍ୟାନ୍ସ, ଓଲିଉଡ଼ କଣ୍ଠଶିଳ୍ପୀ ତାରିକ ଅଜିଜ୍ ଓ ଜାଗୃତି ମିଶ୍ରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ, ଓଲିଉଡ଼ ନୃତ୍ୟଶିଳ୍ପୀ ଦିବ୍ୟାଶା ନାୟକ ଓ ଶ୍ରେୟାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବ। ଏଥିସହ କ୍ଲବ ପକ୍ଷରୁ ବେଷ୍ଟ ଡ୍ରେସ୍ ପୁରୁଷ, ବେଷ୍ଟ ଡ୍ରେସ୍ ମହିଳା, ବେଷ୍ଟ ଡ୍ରେସ୍ ଦମ୍ପତି ଓ ବେଷ୍ଟ ଡ୍ରେସ୍ ସିନିୟର ଦମ୍ପତିଙ୍କ ପାଇଁ ପୁରସ୍କାର ରହିଥିବା କଟକ କ୍ଲବ୍ ସଭାପତି ପ୍ରଫେସର ଡା. ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି।

## ଜିରୋ ନାଇଟ୍ ସେଲିବ୍ରେଶନ ପ୍ରସ୍ତୁତି


ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ ବାରବାଟୀ ଷ୍ଟାଡିୟମରେ ପ୍ରସ୍ତୁତି ଚାଲିଛି।

ଓସିଏ ପକ୍ଷରୁ ଜିରୋ ନାଇଟ ସେଲିବ୍ରେସନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ନୂଆବର୍ଷ ଉତ୍ସବ ଓ ବାର୍ଷିକ ସମ୍ବର୍ଦ୍ଧନା ସଭା ବାରବାଟୀ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। କ୍ରିକେଟରେ ସଫଳତା ପାଇଁ କ୍ରିକେଟ ଗୁରୁ ସମ୍ମାନ, ଉଭୟ ମହିଳା ଓ ପୁରୁଷ ଦଳର ଜଣେ ଲେଖାଏ ଉଦୀୟମାନ କ୍ରିକେଟ ତାରକାଙ୍କ ସମେତ ଅନ୍ୟ ସଂଗଠନ ଓ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ। କ୍ଲବ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ନକାସା ଅଜିଜ୍ ବ୍ୟାଣ୍ଡ, ବଲିଉଡ଼ କଣ୍ଠଶିଳ୍ପୀ ଦୀପାଳି ସାଥୀ, ଓଲିଉଡ୍ କୋରିଓଗ୍ରାଫର ବିନ୍ଦୁ ସାଗର ଓ ଗ୍ରୁପ, ରସିଆନ୍ ବେଲି ଡ୍ୟାନ୍ସ, ମାଲଖମ୍ବ ଗ୍ରୁପ ପକ୍ଷରୁ ସାଂସ୍କୃତିକ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବ ବୋଲି ଓସିଏ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ବେହେରା ସୂଚନା ଦେଇଛନ୍ତି।

### କ୍ଲବ, ହୋଟେଲରେ ବ୍ୟାପକ ବ୍ୟବସ୍ଥା

ସେହିପରି ଜିରୋ ନାଇଟ ଓ ନୂଆବର୍ଷକୁ ଦୃଷ୍ଟିରେ ରଖି ପାଲାମଣ୍ଡପସ୍ଥିତ ହୋଟେଲ ଗ୍ରାଣ୍ଡ୍ ରେସିଡେନ୍ସିରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଏହାସହ ହୋଟେଲରେ ସ୍ୱତନ୍ତ୍ର ବେକରୀ ଭେରାଇଟି ରହିଛି ଯାହାକି ଗ୍ରାହକ ମଧ୍ୟ କ୍ରୟ କରିପାରିବେ ବୋଲି ହୋଟେଲ ନିର୍ଦ୍ଦେଶିକା ନୂପୁର ମହାନ୍ତି କହିଛନ୍ତି। ଶିଖରପୁରଠାରେ ଥିବା ବିଏନ୍‌ସନ୍ ବ୍ଲୁ ହୋଟେଲକୁ ସଜ୍ଜିତ କରାଯିବା ସହ ସୁସ୍ୱାଦୁ ବ୍ୟଞ୍ଜନ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ପନିର ଓ ଚିକେନ କାଠି ରୋଲ, ମୁର୍ଗ ଲା ସୁନି ଶୋଲେ, ଫିରଙ୍ଗୀ ସବ୍‌ଜୀ, ଦମ୍ ମେଥି ମୁର୍ଗ ଲଜିଜ୍, ସେଜୱାନ ଚିକେନ ସହିତ ଭାତ ରହିଛି। ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଭଳି କି ଭଳି ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ହୋଟେଲ ମାଲିକ ଅଭୟ କୁମାର ପରିଡା କହିଛନ୍ତି। ସେହିପରି ବଜ୍ରକବାଟୀଠାରେ ଥିବା ହୋଟେଲ ମହାବୀର ଗ୍ୟାଲେକ୍ସିଠାରେ ନନ୍‌ଭେଜ ସ୍ପେସିଆଲ ଖାଦ୍ୟ ରହିଛି। ମେନୁ ମଧ୍ୟରେ ମଟନ ଗଲୋଟି କବାବ, କ୍ରିସ୍ପି ସ୍ୱିଟ୍ ଚିକେନ, ଚିକେନ ପାର୍ସି କବାବ, ମାଟିହାଣ୍ଡି ମଟନ ସହିତ ଚକୁଳି, ବାମ୍ବୁ ଚିକେନ, ଘିଅ ଅର୍ନ ସହିତ ମଟନ, ବିରିୟାନୀ ରହିଛି। ଗ୍ରାହକ ଏହି ନନ୍‌ଭେଜ ସ୍ପେସିଆଲ ଖାଦ୍ୟକୁ ପସନ୍ଦ କରିବେ ବୋଲି ଆଶା ରହିଥିବା ହୋଟେଲ ମ୍ୟାନେଜର ଦୀପକ ବାଗ କହିଛନ୍ତି।

# ବ୍ଲକସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ ସଦର,୨୯।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକସ୍ତରୀୟ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ୪୨ ମୌଜା ଅନ୍ତର୍ଗତ ଦେଉଳି ଗ୍ରାମାଞ୍ଚଳ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ବ୍ଲକର ବିଭିନ୍ନ ସ୍ଥାନରେ କ୍ରିକେଟ, ହକି, ଫୁଟବଲ ଓ ଭଲିବଲ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଦଳ ମୁଖ୍ୟ ଅତିଥି କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଉପାଧ୍ୟକ୍ଷା ଅମ୍ବିକା ପାତ୍ର ପୁରସ୍କୃତ କରିଥିଲେ। ବିଡିଓ ରୁମାନା ଜାଫ୍ରି ସ୍ୱାଗତ ଭାଷଣ, ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ କାର୍ଯ୍ୟକ୍ରମ ସଂଯୋଜନା ଓ କଳପଡ଼ା ସରପଞ୍ଚ ସବିତା ମାଝୀ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ମଧ୍ୟରେ କ୍ରିକେଟରେ ଉରାଳି ଦଳ, କବାଡିରେ ମା' ବରୁଣେଇ କବାଡି କ୍ଲବ, ଫୁଟବଲ୍‌ରେ ଦେଉଳି ଦଳ, ଭଲିବଲରେ ଥୋରିଆପଡ଼ା ଦଳ ଓ ହକିରେ ଯଶପଡ଼ାର ରଞ୍ଜନ ଦାସ ହକି କ୍ଲବ ଚାମ୍ପିୟନ ହୋଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ସରୋଜ ନାୟକ, ସହକାରୀ ଯନ୍ତ୍ରୀ ସତ୍ୟରଞ୍ଜନ ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଗା ଚରଣ ମହାପାତ୍ର, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ମନୋଜ ନାୟକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କଟକ, ୨୯।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଏବଂ ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ କଟକର ୪ଟି ବସ୍ତିରେ ଗତ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବସ୍ତିଗୁଡିକର ସଭାପତି, ସମ୍ପାଦକ, ସିଏମ୍‌ସି ଗୋଷ୍ଠୀ ସଙ୍ଗଠକ ଓ କର୍ପୋରେଟରମାନଙ୍କ ସହଯୋଗରେ ନେହେରୁପଲ୍ଲୀ, ଗାନ୍ଧିପଲ୍ଲୀ, ନିମପୁର ଓ ପୋପରଡା ବସ୍ତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଏମ୍‌ସି ଡେପୁଟି କମିଶନର ସୁକାନ୍ତ କୁମାର ବେଉରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଏମ୍‌ସି ଅଗ୍ନି ନିରାପତ୍ତା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚାଉଳିଆଗଞ୍ଜ ଷ୍ଟେଶନର ଅଗ୍ନିଶମ ଅଧିକାରୀ ବିକାଶ କୁମାର ସାହୁ ଓ କର୍ମଚାରୀମାନେ ଅଗ୍ନି ନିରାପତ୍ତା ଉପରେ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଧାକୃଷ୍ଣ ଦାଶ, ରୁଦ୍ରପ୍ରସାଦ ପଣ୍ଡା, ତପସ୍ୱିନୀ ନାଥ, ରଶ୍ମିତା ନନ୍ଦ ଓ ଶାଶ୍ୱତୀ ସ୍ୱାଇଁ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାଜପା କୃଷକ ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ

କଟକ,୨୯।୧୨(ଶିକ୍ଷା ପ୍ରିୟଦର୍ଶିନୀ)

କଟକ ନଗର ସାଙ୍ଗଠନିକ ଜିଲା ଭାଜପା କୃଷକ ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ସିଡିଏସ୍ଥିତ ମହାନଦୀ ପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁଶାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ, ଜିଲା ସଭାପତି ଲଲାଟେନ୍ଦୁ ବଡୁ, କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଅଶୋକ କୁମାର ରଥ, ରାଜ୍ୟ ସଂଯୋଜକ ସଞ୍ଜୀବ କୁମାର ରଣାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ୨୦୨୪ ସାଧାରଣ ନିର୍ବାଚନରେ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ସମସ୍ତ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ନିଷ୍ଠାର ସହିତ କାମ କରିବାକୁ ରାଜ୍ୟ ସଭାପତି ମହେଶ୍ୱର ସାହୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରତନ ମହାନ୍ତି, ଦେବାନନ୍ଦ ସିଂ, ମହମ୍ମଦ ସବୀର, ସନ୍ତୋଷ ନାୟକ, ପ୍ରଶାନ୍ତ ବେହେରା, ଶରତ ସାହୁ, କୃଷ୍ଣଚନ୍ଦ୍ର ସେଠୀ, ମୁନା ବର୍ମା, ପ୍ରସନ୍ନ ପଟ୍ଟନାୟକ, ସତ୍ୟବ୍ରତ ଦୀକ୍ଷିତ ଉପସ୍ଥିତ ଥିଲେ।

### ରାଷ୍ଟ୍ର ଗଠନରେ ସାମିଲ ହୁଅନ୍ତୁ ଛାତ୍ରୀଛାତ୍ର

**ଚୌଦ୍ୱାର କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ**

ଚୌଦ୍ୱାର,୨୯।୧୨(ଆଶୁତୋଷ ଦାସ)

ଚୌଦ୍ୱାର ମହାବିଦ୍ୟାଳୟରେ ଚାଲିଥିବା ନୂଆ-ଓ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଦେବତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ଡେପୁଟି ମେୟର ଦମୟନ୍ତୀ ମାଝୀ, ପଶୁପତି ଆଗ୍ରୋଭେଟର ମୁଖ୍ୟ ନିର୍ମଳ କୁମାର ରାଉତ, କବି ବିଜୟ ମଲ୍ଲ, ଗାଳ୍ପିକ ପ୍ରକାଶ ମହାପାତ୍ର, ଅଭିନେତ୍ରୀ ସୁପ୍ରିୟା ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଭଲ ପାଠ ପଢିବା ସହ ନିଷ୍ଠାରେ କାର୍ଯ୍ୟ କରି ରାଷ୍ଟ୍ର ଗଠନରେ ସାମିଲ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ଛାତ୍ର ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ କୁମାର ନାୟକ, କାଉନସିଲର ଆଶୁତୋଷ ଦାସ ପ୍ରମୁଖ ଅନ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପ୍ରଫୁଲ୍ଲ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ନୋଡାଲ ଅଫିସର ସଞ୍ଜୟ କୁମାର ଧଳ ଓ ମମତା ସାହୁ ପରିଚାଳନା କରିଥିଲେ।



କଟକ ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ସିନ୍ଦୂରା ଫାଟିବାର ବେଳା'ର ଏକ ଦୃଶ୍ୟ।

# 'ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ ନୂଆ-ଓ'

କଟକ,୨୯।୧୨ (କାର୍ତ୍ତିକ ସାହୁ)

ବିଦ୍ୟାଧରପୁରସ୍ଥିତ କଟକ କଲେଜରେ ନୂଆ-ଓ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ନୂଆ-ଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ପରିଷଦର ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ, ଉପ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା, ଏସିପି କୃଷ୍ଣଚନ୍ଦ୍ର ସେଠୀ, ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, ନୟାବଜାର ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ପ୍ରଣୟ ପ୍ରିୟଙ୍କର ମହାନ୍ତି, ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ସିଦ୍ଧାର୍ଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଲେଜ ରେଡକ୍ରସ ଅଫିସର ତଥା ଅଧ୍ୟାପକ କୁମାର ପ୍ରଦୀପ୍ତ ମିଶ୍ରଙ୍କୁ ବାହାନଗା ରେଳ ଦୁର୍ଘଟଣାରେ ଆହତ ଯାତ୍ରୀମାନଙ୍କୁ ସହାୟତା ଓ ରକ୍ତଦାନ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ପ୍ରଦତ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ନୋଡାଲ ଅଫିସର ଶାରଦା କର, ଡ. ରୁନୁବାଳା ମହାରଣା, ଅଧ୍ୟାପିକା ବନ୍ଦନା ସ୍ୱାଇଁ, ଡ. ଦେବ ପ୍ରସାଦ ପତି, ଅଧ୍ୟାପକ ମନ୍ଟୁ ଜେନା, ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପିକା ଶାରଦା କର ଧନ୍ୟବାଦ ଦେଇଥିଲେ।

# ନଦୀପଠାରୁ ବେଆଇନ ମାଟି ଉଠାଣ

କଣ୍ଟାପଡା,୨୯।୧୨(ସୁରନାରାୟଣ ସାହୁ)


ନଦୀପଠାରୁ ବେଆଇନ ଭାବେ ମାଟି ତଡାଯାଇଛି।

ଗୋବିନ୍ଦପୁର-ମଇଧରପଡା ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଂଯୋଗ ପାଇଁ ଦେବୀନଦୀର ଗୋବିନ୍ଦପୁର ନିକଟରେ ନିର୍ମାଣାଧୀନ ବିଜୁ ସେତୁର ଆପ୍ରୋଚ ରୋଡ ନିମନ୍ତେ ଦେବୀନଦୀର ଦକ୍ଷିଣପାର୍ଶ୍ୱ ପଠାରୁ ବେଆଇନ ଭାବେ ମାଟି ଉଠାଯାଇଛି। ଏଥିଯୋଗୁ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ସ୍ଥାନୀୟ ଜନସାଧାରଣ ପ୍ରତିବାଦ କଲେ ମଧ୍ୟ ଏଥିପ୍ରତି ଭୃକ୍ଷେପ ନ କରି ସମ୍ପୃକ୍ତ ଠିକାଦାର ସ୍ଥାନୀୟ ଅଞ୍ଚଳର କେତେଜଣ ମୁଷ୍ଟିମେୟ ଲୋକ ଓ ବିଭାଗୀୟ ଅଧିକାରୀଙ୍କୁ ହାତବାରିସି କରି ମାଟି ଉଠାଇ ଚାଲିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୪୬୦.୧୮ ମିଟର ବିଜୁ ସେତୁ ପାଇଁ ୨୬ କୋଟି ୪୮ ଲକ୍ଷ ବ୍ୟୟ ଅଟକଳ କରାଯାଇ ଜଣେ ଠିକାଦାରଙ୍କୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ୧୬।୯।୨୦୧୮ରୁ ୧୬।୧।୨୦୨୧ମଧ୍ୟରେ କାର୍ଯ୍ୟ ସାରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିବାବେଳେ ଅଦ୍ୟାବଧି ସେତୁର ୬୦ ଭାଗ କାମ ସରିଛି। ଉକ୍ତ ସେତୁ ନିର୍ମାଣ ହେଲେ ଜଗତ୍‌ସିଂହପୁର ଜିଲାର ଶଙ୍କାରୀସାହି, ପାର୍ବତୀପୁର ସମେତ କଣ୍ଟାପଡା ବ୍ଲକର ଗୋବିନ୍ଦପୁର, ମାଙ୍ଗ, ସିମଳଦା, ନାହାଳପୁର, ତରଡପଡା ଆଦି ଗ୍ରାମର ୧୮,୬୦୦ ଲୋକେ ଉପକୃତ ହେବେ। ସେତୁ ନିର୍ମାଣର ଅବଧି ଦିନକୁ ଦିନ ଘୁଞ୍ଚି ଯାଉଥିବାବେଳେ ଉକ୍ତ ଗ୍ରାମଗୁଡିକର ଜନସାଧାରଣ ଡଙ୍ଗାପାରିରୁ କିପରି ଉଦ୍ଧାର ପାଇବେ ଚାତକ ଭଳି ଚାହିଁ ବସିଛନ୍ତି। ଅପରପକ୍ଷେ ସେତୁର ଆପ୍ରୋଚରୋଡ୍ ପାଇଁ ଠିକାଦାର ନଦୀବନ୍ଧ ପଠାରୁ ମାଟି ତାଡିନେବା ଘଟଣା ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି। ଏ ସମ୍ପର୍କରେ ଝାରପଡା ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ଶଙ୍କର ଦଳାଇ କହିଛନ୍ତି, ନଦୀପଠାରୁ ମାଟି ଉଠିବା ନେଇ ତାଙ୍କ ନିକଟରେ କୌଣସି ଖବର ନାହିଁ। ସେହିପରି ସେତୁ ଦାୟିତ୍ୱରେ ଥିବା କସର୍ଦ୍ଦା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ପ୍ରଣବ କିଶୋର ବିଶ୍ୱାଳ କହିଛନ୍ତି, ନଦୀପଠାରୁ ମାଟି ଉଠାଣ ସମ୍ପର୍କରେ ଜାଣିନାହିଁ।

# ଶ୍ରଦ୍ଧା ସବୁରୀ ସେବକ ସଂଘ ପକ୍ଷରୁ ସାଇ ଭଜନ ସନ୍ଧ୍ୟା


କାର୍ଯ୍ୟକ୍ରମରେ ବିଧାୟକ ମହମ୍ମଦ ମୋକିମଙ୍କ ସମେତ ଅନ୍ୟମାନେ।

କଟକ,୨୯।୧୨(ଶିକ୍ଷା ପ୍ରିୟଦର୍ଶିନୀ)

ଶ୍ରଦ୍ଧାସବୁରୀ ସେବକ ସଂଘ ପକ୍ଷରୁ ଶିଖରପୁର ନଦୀକୂଳ ସାହିସ୍ଥିତ ହାରାମଣି ମଣ୍ଡପଠାରେ ସାଇ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଦସ୍ୟ କେଶବ ଚନ୍ଦ୍ର ବାରିକ, ରିଣ୍ଟୁ ମିଶ୍ର, ଲୋକରଞ୍ଜନ ଦାସ, ଦୁର୍ଯ୍ୟୋଧନ ମହାପାତ୍ର, ଜିତେନ୍ଦ୍ର ଭୂୟାଁ ଓ ଭାସତ ସ୍ୱାଇଁଙ୍କ ନେତୃତ୍ୱରେ ମଧ୍ୟାହ୍ନରେ ଶିଖରପୁର ବାଟେଶ୍ୱର ସାଇ ମନ୍ଦିରରୁ ଏକ ଶୋଭାଯାତ୍ରାରେ ସାଇଜ୍ୟୋତି ଅଣାଯାଇ ସ୍ଥାପନ କରାଯାଇଛି। ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ବିଶ୍ୱଜିତ୍ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ରୁଚି ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଚୌଧୁରୀ ଭାରତୀକୃଷ୍ଣ ଦାସ, ସାମାଜିକ କର୍ମୀ ଶୁକଦେବ ମହାନ୍ତି, ଅନ୍ୟତମ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ଭାଜପା ନେତା ନୟନ କିଶୋର ମହାନ୍ତି, ସାମାଜିକ କର୍ମୀ ଅଶୋକ କୁମାର ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଇ ମନ୍ଦିର ଓ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଦସ୍ୟ ଆଶୁତୋଷ ମହାନ୍ତି, ଉମାକାନ୍ତ ନାୟକ, କୀର୍ତ୍ତି ଘଡ଼ାଇ, ସନ୍ତୋଷ ମହାନ୍ତି, ଅଂଶୁମାନ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୂଆଦିଲ୍ଲୀ ପରେଡ୍ ପାଇଁ ମନୋନୀତ ତେଜସ୍ୱିନୀ ରାଜଙ୍କୁ ସମ୍ବର୍ଦ୍ଧନା

କଟକ,୨୯।୧୨ (କାର୍ତ୍ତିକ ସାହୁ)

ନୂଆଦିଲ୍ଲୀଠାରେ ଆସନ୍ତା ଜାନୁୟାରୀ ୨୬ରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଅଂଶଗ୍ରହଣ ନିମନ୍ତେ ତେଜସ୍ୱିନୀ ରାଜ ମନୋନୀତ ହୋଇଛନ୍ତି। ତେଜସ୍ୱିନୀ ହେଉଛନ୍ତି ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ତୃତୀୟ ବର୍ଷ ଛାତ୍ରୀ। ସେ ସାଧାରଣତନ୍ତ୍ର ପରେଡ୍ ନିମନ୍ତେ ଏବେଠାରୁ ନୂଆଦିଲ୍ଲୀ ଯାତ୍ରା କରିବେ। ତାଙ୍କର ଶୁଭ ମନାସୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଜାତୀୟ ସେବା ଯୋଜନା ଅଧିକାରୀ ଡ. ଯୋଗମାୟା ପଣ୍ଡା ତେଜସ୍ୱିନୀଙ୍କ ପ୍ରଶିକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରଶାନ୍ତ କୁମାର ସାମନ୍ତରାୟ, ଡ. ଶୁଚିସ୍ମିତା ମିଶ୍ର, ଡ. ନର୍ମଦା କୁମାରୀ ପରିଡ଼ା, ମମତାରାଣୀ ସାହୁ, ସ୍ୱର୍ଣ୍ଣଲତା ବଳ, ବିଦ୍ୟୁଲତା ସାହୁ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।


ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ତେଜସ୍ୱିନୀ ରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# 'ସାହିତ୍ୟ ସମାଜର ମାର୍ଗଦର୍ଶକ'

କଟକ,୨୯।୧୨ (କାର୍ତ୍ତିକ ସାହୁ)



ଅତିଥିମାନେ ଅନୁଷ୍ଠାନର ମୁଖପତ୍ର 'ସମ୍ପର୍କର ସେତୁ' ଉନ୍ମୋଚନ କରୁଛନ୍ତି।

### ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ବାର୍ଷିକ ଉତ୍ସବ

ସାରସ୍ୱତ ଅନୁଷ୍ଠାନ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ଏକବିଂଶତମ ବାର୍ଷିକ ଉତ୍ସବ କଟକ ଶତାବ୍ଦୀ ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ ଏହାକୁ ଉଦ୍‌ଘାଟନ କରି ସାହିତ୍ୟ ସମାଜର ମାର୍ଗଦର୍ଶକ ବୋଲି କହିଥିଲେ। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଯୁଧିଷ୍ଠିର ଖଟୁଆ, ମୁଖ୍ୟବକ୍ତା ପ୍ରଫେସର ହରିହର କାନୁନ୍‌ଗୋ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଶଶଧର ପଣ୍ଡା ଯୋଗଦେଇ ସମାଜ ହିତରେ ସାହିତ୍ୟର ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସମ୍ପର୍କର ସେତୁ' ଉନ୍ମୋଚିତ ହୋଇଥିଲା। ଏଥିସହ କବି ଅକ୍ଷୟ କୁମାର ବଳ, ଡା. ଅକ୍ଷୟ କୁମାର ମିଶ୍ର, ବ୍ରହ୍ମାନନ୍ଦ ବିଶ୍ୱାଳ, ଛବିରାମ ସେଠୀ, ପ୍ରଭାତୀରାଣୀ ମହାନ୍ତି, ଅମୂଲ୍ୟ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ମନୋରଞ୍ଜନ ପଣ୍ଡା ବିବରଣୀ ପାଠ, ବିଶ୍ୱମିତ୍ରା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା, ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନକୁ ଓଡ଼ିଶା ମାନବିକ ଅଧିକାର ଆୟୋଗ ସଦସ୍ୟ ଅସୀମ ଅମିତାଭ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ପଣ୍ଡିତ ଡ. ଅଭୟ କୁମାର ଦାଶ ଓ ପତିତପାବନ ମହାପାତ୍ର ଯୋଗଦେଇଥିଲେ। ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ପଣ୍ଡିତ ନୀଳକଣ୍ଠ ରାଉତ, ଚୈତନ୍ୟ କୁମାର ରାଉତ ଅତିଥି ଭାବେ ଯୋଗଦେଇଥିଲେ। ଗୀତାଞ୍ଜଳି ପୃଷ୍ଟି, ଗୀତାଞ୍ଜଳି ସାହୁ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବିମାନେ କବିତା ପାଠ କରିଥିଲେ। ସୁକୁମାର ସାମଲ, ବିପଦ ବାନ୍ଧବ ମହାନ୍ତି, ମହେନ୍ଦ୍ର କୁମାର ସାହୁ, ଆଦିତ୍ୟ ରଞ୍ଜନ ଦାଶ, ମୈତ୍ରୀଭୂଷଣ ଖୁଣ୍ଟିଆ, ବ୍ରଜବନ୍ଧୁ ପୃଷ୍ଟି, ଦେବେନ୍ଦ୍ର ସାହୁ, ସୁରେନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ। ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ରାଜ୍ୟରେ ଲୁକ୍କାୟିତ ଯୁବ ପ୍ରତିଭାର ବିକାଶ ହେବ

ତିଗିରିଆ,୨୯।୧୨(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ ସ୍ନାତକ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୧ ଦିନ ଧରି ଚାଲିଥିବା ନୂଆ-ଓ ଯୁବ ଓଡ଼ିଶା ଯୋଜନାରେ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଜଗବନ୍ଧୁ ଦାସ ଏଥିରେ ଅଧକ୍ଷତା କରିଥିଲେ। ରାଜନୀତି ବିଜ୍ଞାନ ଅଧାପକ ତଥା ନୋଡାଲ ଅଫିସର ଅଧାପକ ବିଜୟ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଉପାଧକ୍ଷ ମାନସ କୁମାର ସାହୁ, ୨ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ ଓ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟରେ ଲୁକ୍କାୟିତ ଯୁବ ପ୍ରତିଭାର ବିକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଇଂଲିଶ୍ ଅଧାପକ ଦେବରାଜ ପଣ୍ଡା, ଇତିହାସ ବିଭାଗ ଅଧାପିକା ସିପ୍ରା ମହାପାତ୍ର, ଓଡ଼ିଆ ବିଭାଗ ଅଧାପକ ଜଗତ ବଲ୍ଲଭ ପାଣିଗ୍ରାହୀ,ଏଜୁକେଶନ ଅଧାପକ ବିନାୟକ ପଣ୍ଡା, ରାଜନୀତି ବିଜ୍ଞାନ ଅଧାପକ ସୁଧାକର ମୁଦୁଲି ପ୍ରମୁଖ ଯୋଗଦେଇଥିଲେ।

## ଉଚ୍ଚତାସମ୍ପନ୍ନ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ

ବାଙ୍କୀ,୨୯।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ-କଳାପଥର ରାସ୍ତା ଭାୟା ବୈଦ୍ୟେଶ୍ୱର ଯାଇଥିବା ରାସ୍ତାର ଚନ୍ଦ୍ରପା ସେତୁରେ ୭କୋଟି ୬୦ଲକ୍ଷ ଟଙ୍କା ବ୍ୟୟରେ ଏକ ଉଚ୍ଚସମ୍ପନ୍ନ ସେତୁ ନିର୍ମାଣ ନିମନ୍ତେ ଶୁକ୍ରବାର ଏମ୍‌ପି ଭର୍ତ୍ତୃହରି ମହତାବ ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଶିଳାନ୍ୟାସ ଓ ଭୂମିପୂଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲ୍, କେନ୍ଦ୍ରୀୟ ଜୋନ୍ ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର, ସଞ୍ଜୟ ପାତ୍ର, ଦୁର୍ଗାପୁର ସରପଞ୍ଚ ଭାରତୀ ମହାପାତ୍ର, ସମିତି ସଭ୍ୟ ଶ୍ରୀକାନ୍ତ ଦାସ୍, ଅନୁଆରୀ ସରପଞ୍ଚ ମଞ୍ଜୁଲତା ଦାସ, ସମିତି ସଭ୍ୟ ଅମ୍ବିକା ସେଠ, ନଗରପାଳ ମାଣିକ ସାହୁ ,ଏନ୍‌ଏସି ଉପାଧକ୍ଷ ସନ୍ତୋଷ କୁମାର ରଣା ପ୍ରମୁଖ ଯୋଗଦେଇଥିଲେ। ପୂର୍ତ୍ତବିଭାଗ ଅଧିକାରୀ ବିନୟ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୂଚାଯୋଗ୍ୟ, ବର୍ଷା ଓ ବନ୍ୟାରେ ମହାନଦୀରେ ପାଣିହେଲେ ରାସ୍ତାଟି ସମ୍ପୂର୍ଣ୍ଣ ବୁଡିଯାଏ। ଫଳରେ ବାଙ୍କୀ ସହ ପଶ୍ଚିମ ବାଙ୍କୀର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ହେଉଥିଲା।

# ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଚୌଦ୍ୱାର ପୌର ପରିଷଦ ବୈଠକ

ଚୌଦ୍ୱାର,୨୯।୧୨(ଆଶୁତୋଷ ଦାସ): ଚୌଦ୍ୱାର ପୌର ପରିଷଦର ଚଳିତବର୍ଷର ଶେଷ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧକ୍ଷତାରେ ପୌର ସଭାଗୃହରେ ଆୟୋଜିତ ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ପୌରାଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସହରର ବିଭିନ୍ନ ୱାର୍ଡରେ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ପରିଷଦରେ ଦୁଇମାସ ତଳେ ନିଷ୍ପତ୍ତି ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ଉକ୍ତ ପ୍ରକଳ୍ପଗୁଡ଼ିକ କାହିଁକି କାର୍ଯ୍ୟକାରୀ ହେଉନାହିଁ ବୋଲି ସୁବ୍ରତ ସାମଲଙ୍କ ସମେତ ଅନେକ ପାରିଷଦ ବିଧାୟକଙ୍କୁ ପ୍ରଶ୍ନ କରିଥିଲେ। ପୌରାଞ୍ଚଳରେ ଅନେକ ଉନ୍ନୟନ କାର୍ଯ୍ୟ ଧିମେଇ ଯାଇଥିବାରୁ ତୁରନ୍ତ ଶେଷ କରିବା ପାଇଁ ପୌର ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ମୁକ୍ତା ଯୋଜନାରେ ହେବାକୁ ଥିବା କାର୍ଯ୍ୟଗୁଡ଼ିକର କାର୍ଯ୍ୟାଦେଶ ବଣ୍ଟନ ୧୦ଦିନ ଭିତରେ ସାରିବାକୁ ମୁକ୍ତା ପ୍ରକଳ୍ପ ନିର୍ଦ୍ଦେଶିକା ଦେବିକା ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ଅନୁଦାନ ଠିକ୍ ଭାବେ ବିନିଯୋଗ କରି ତୁରନ୍ତ ଅଙ୍ଗନୱାଡି ଗୃହ ନିର୍ମାଣ ବ୍ୟବସ୍ଥା ପାଇଁ ଜିଲାପାଳଙ୍କ ସହିତ ଆଲୋଚନା କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଚୌଦ୍ୱାର ସହରାଞ୍ଚଳରେ ବାଦ୍ ପଡ଼ିଥିବା ବସ୍ତିଗୁଡ଼ିକୁ ପୁନଃ ସାମିଲ କରିବା ପାଇଁ ସରକାରୀସ୍ତରରେ ଉଦ୍ୟମ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ା, ଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଶୁଭଶ୍ରୀ ନାୟକଙ୍କ ସମେତ ସମସ୍ତ କାଉନସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ।



ଚୌଦ୍ୱାର ପୌର ପରିଷଦ ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସହ ଅନ୍ୟମାନେ।

# 'ଆଠଗଡ଼ରେ ବିକାଶକୁ ତ୍ୱରାନ୍ୱିତ କରାଯିବ'



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଆଠଗଡ଼, ୨୯।୧୨(ସତ୍ୟ ପ୍ରସାଦ ରଥ)

**ବିକଶିତ ଓଡ଼ିଶା- ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

ଆଠଗଡ଼ ବ୍ଲକ ୩ ନମ୍ବର ଜୋନର ଧାଇପୁର ପଞ୍ଚାୟତ ଅନ୍ତର୍ଗତ ଛତାବରଠାରେ ନବୀନ ଓଡିଶା ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପଞ୍ଚାୟତର ମଠ,ମନ୍ଦିର, ଗୋଷ୍ଠୀ ଗୃହ, କ୍ଲବ ଘରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଅନୁଦାନକୁ ଆଲୋକପାତ କରାଯାଇଥିଲା। ଏସବୁ ଅନୁଦାନକୁ କିଭଳି ସମ୍ପାଦନ କରାଯିବ ସେନେଇ ପରାମର୍ଶ ଦିଆଯାଇଥିଲା। ଏଥିସହ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱରେ ଆଠଗଡ଼ ବିକାଶକୁ ତ୍ୱରାନ୍ୱିତ କରି ଉଦାହରଣ ସୃଷ୍ଟି କରିବା ପାଇଁ ଉପସ୍ଥିତ ନେତୃମଣ୍ଡଳୀ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜେଡି ଉପସଭାପତି ନୃସିଂହ ଚରଣ ମହାପାତ୍ର, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଶାନ୍ତିଲତା ବେହେରା, ମନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ, ସମବାୟବିତ୍ ଲଳିତେନ୍ଦୁ ସେନାପତି, ପ୍ରଦୀପ୍ତ କୁମାର ଦାସ, ଛାତ୍ର ଜନତା ସଭାପତି ସତ୍ୟପ୍ରିୟ ମହାନ୍ତି, ମହମ୍ମଦ ଖାଲିଦ, ବାସନ୍ତୀ ରାଉଳ, ଲକ୍ଷ୍ମୀପ୍ରିୟା ବେହେରା, ଯୁବ ସଭାପତି ବିନୋଦ କୁମାର ମାଝି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ, ଆଠଗଡ଼ ପଞ୍ଚାୟତ ସମିତି ଉପାଧକ୍ଷ ସୁବାସ ମଲ୍ଲିକ,ଧାଇପୁର ସମିତି ସଭ୍ୟା ସୋନାଲି ଗୋଚ୍ଛାୟତ, ଧାଇପୁର ସେବାସମବାୟ ସମିତିର ସଭାପତି ପ୍ରଶାନ୍ତ କୁମାର ସାହୁ,ଯୁବ ନେତା ଧରଣୀଧର ବେହେରା ,କୃଷକ ନେତା ନିରାକାର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ନରେ ଆଠଗଡ ବିଜେଡି ପକ୍ଷରୁ ଏନଏସି ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୦ଶତକଡା ଜନ ।ଧାରଣଙ୍କୁ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ଦ୍ୱାରା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହାଛଡା ଡିସେମ୍ବର ୨୭ରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ବିକଶିତ ଭାରତ ସଙ୍କଳ୍ପ ଯାତ୍ରାରେ ସ୍ଥାନୀୟ ଅଞ୍ଚଳର ଭାଜପା ନେତାଙ୍କୁ ମଞ୍ଚାସୀନ କରିବା ପ୍ରସଙ୍ଗରେ ସମାଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ଼ ବ୍ଲକ ବିଜେଡି ସଭାପତି ରବିନ୍ଦ୍ର ନାଥ ରାଉତ ଜିଲାଉପସଭାପତି ନୃସିଂହ ମହାପାତ୍ର, ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, ଏନଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ, ଯୁବ ସଭାପତି ଶିବ ଶଙ୍କର ଜେନା ପ୍ରମୁଖ ଯୋଗଦେଇଥିଲେ।



ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ କଟକ ପୋତାପୋଖରୀ ନେତାଜୀ ଖେଳପଡିଆରେ ସପ୍ତମ ବାର୍ଷିକ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପ୍ରଭୁଙ୍କର ୨୪ ବେଶ ଓ ୫୬ ଭୋଗ ପ୍ରଦର୍ଶନର ଶୁକ୍ରବାର ଚତୁର୍ଥ ସନ୍ଧ୍ୟାରେ ଉପସ୍ଥିତ ସାଧୁସନ୍ଥ ଓ ଅତିଥି।

# ୨ ବ୍ଲକରୁ ୩ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ

ବଡ଼ମ୍ବା,୨୯।୧୨(ମାୟାଧର ମଲ୍ଲିକ)

ବଡମ୍ବା ବ୍ଲକ ସମ୍ମିଳନୀ କକ୍ଷରେ ଖରିଫ ଧାନ ସଂଗ୍ରହ ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ରଘୁପତି ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ବିଧାୟକ ଦେବୀ ପ୍ରସାଦ ମିଶ୍ର ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାଷୀ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଚାଷୀମାନଙ୍କ ସୁବିଧା ପାଇଁ ପ୍ରାଥମିକ ସେବା ସମବାୟ ସମିତିଗୁଡ଼ିକ ପ୍ରସ୍ତୁତ ହେବା ସହ ଠିକଣା ସମୟରେ ଧାନ ସଂଗ୍ରହ କରିବା ପାଇଁ ବିଧାୟକ ମିଶ୍ର ପରାମର୍ଶ ଦେଇଥିଲେ। ବୈଠକରେ ବଡମ୍ବାର ୨୧ ପ୍ରାଥମିକ ସେବା ସମବାୟ ସମିତିର ସଭାପତି ଓ ସମ୍ପାଦକ ବୃନ୍ଦ ଯୋଗଦେଇ ସେମାନଙ୍କ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବଡ଼ମ୍ବା ଓ ନରସିଂହପୁରରୁ ୩ଲକ୍ଷ କୁଇଣ୍ଟାଲରୁ ଅଧିକ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯିବ ବୋଲି ବିଧାୟକ ମିଶ୍ର ସୂଚନା ଦେଇଥିଲେ। ଚଳିତ ବର୍ଷ ବଡ଼ମ୍ବା ର ୫୧୬୬ ଜଣ ଚାଷୀ ଧାନ ଦେବା ପାଇଁ ବିଭିନ୍ନ ସମିତିରେ ନାମ ପଞ୍ଜୀକରଣ କରିଥିବା ସୂଚନା ଦେଇଥିଲେ। ଉକ୍ତ ବୈଠକରେ ବଡ଼ମ୍ବା ବିଡିଓ ରମେଶ କୁମାର ଜେନା, ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ, ଆଠଗଡ଼ ସମବାୟ ଉପନିବନ୍ଧକ ବିଜେନ୍ଦ୍ର ମହାନ୍ତି, ସବ ଡିଭିଜିଓନାଲ ଅଧିକାରୀ ଜଗମୋହନ ଦାଶ, ଆଞ୍ଚଳିକ ଯୋଗାଣ କମିଟି ସମ୍ପାଦକ ଏ. ମଲ୍ଲିକ, ଜିଲା ପରିଷଦ ରବୀନ୍ଦ୍ର କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ସୁନାପାଳ ସେବା ସମବାୟ ସଭାପତି ସନ୍ତୋଷ କୁମାର ମିଶ୍ର, ସଞ୍ଜୟ କୁମାର ସ୍ୱାଇଁ, ଚାଷୀ ନାରାୟଣ ପଣ୍ଡାଙ୍କ ସମେତ ବହୁ ଚାଷୀ ଓ କର୍ମକର୍ତ୍ତା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଫାଟିଲା ଏସି କମ୍ପ୍ରେସର, ୪ କର୍ମଚାରୀ ଆହତ

ଭୁବନେଶ୍ୱର,୨୯।୧୨(ସତ୍ୟଜିତ୍ ରାଉତ):

**ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ**

ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲରେ ଶୁକ୍ରବାର ଅଘଟଣ ଘଟିଛି। ହସ୍ପିଟାଲ ଛାତ ଉପରେ ଥିବା ଏସି କମ୍ପ୍ରେସର୍‌ରେ ଗ୍ୟାସ୍ ଫିଲିଂ ବେଳେ ବିସ୍ଫୋରଣ ହୋଇଛି। ଏଥିରେ ଏକ ଏଜେନ୍ସିର ୪ଜଣ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ଥିବା ସୂଚନା ମିଳିଛି। ସମସ୍ତ ଆହତଙ୍କୁ ହାଇଟେକ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଅପରାହ୍ନ ପ୍ରାୟ ୫ଟାବେଳେ ଏହି ଘଟଣା ଘଟିଛି। ତେବେ ଛାତ ଉପରେ ଏହି ବିସ୍ଫୋରଣ ହୋଇଥିବାରୁ କୌଣସି ରୋଗୀ ଆହତ ହୋଇନାହାନ୍ତି। ହସ୍ପିଟାଲ ସିଇଓ ଜ୍ୟୋତିର୍ମୟ ପଣ୍ଡା କହିଛନ୍ତି, ଏଜେନ୍ସି ଦ୍ୱାରା ଛାତ ଉପରେ ମେଣ୍ଟେନାନ୍ସ କାମ ଚାଲିଥିବା ବେଳେ ଏହି ଘଟଣା ଘଟିଛି। କମ୍ପ୍ରେସର୍‌ରେ ସମସ୍ୟା ଯୋଗୁ ତାହା ଫାଟିଯାଇଥିଲା। ବିସ୍ଫୋରଣ ପରେ କମ୍ପ୍ରେସର୍‌ରେ ଶର୍ଟସର୍କିଟ୍ ଯୋଗୁ ନିଆଁ ଲାଗିବାରୁ ଧୂଆଁ ବାହାରିଥିଲା। ଏଥିରେ ଆହତ ସମସ୍ତ ୪ଜଣଙ୍କୁ ଚିକିତ୍ସା କରାଯାଉଛି ଓ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଆମ ହସ୍ପିଟାଲର ସମ୍ପୂର୍ଣ୍ଣ ଟିମ୍ ସେମାନଙ୍କ ଚିକିତ୍ସାରେ ଲାଗିଛନ୍ତି। ଏହି ଘଟଣାରେ କେଉଁଠି ତ୍ରୁଟି ରହିଲା ତାହା ଜାଣିବାକୁ ହସ୍ପିଟାଲ ପକ୍ଷରୁ ତଦନ୍ତ କରାଯିବ ବୋଲି ସିଇଓ କହିଛନ୍ତି। ଆହତଙ୍କ ମଧ୍ୟରେ ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ସୀମାଞ୍ଚଳ ବିଶ୍ୱାଳ ରହିଛନ୍ତି। ସେ ଦୀର୍ଘଦିନ ହେବ ପାଣ୍ଡରାରେ ରହି ଏଜେନ୍ସି ଅଧୀନରେ ଏସି ଟେକ୍ନିସିଆନ ଭାବେ କାମ କରନ୍ତି। ହସ୍ପିଟାଲ ପରିସରରେ ତାଙ୍କ ବାପା ବସି କାନ୍ଦୁଥିବା ଦେଖିବାକୁ ମିଳିଥିଲା। ତେବେ ଅନ୍ୟ ଆହତଙ୍କ ପରିଚୟ ମିଳି ନ ଥିବାବେଳେ ଏନେଇ ହସ୍ପିଟାଲ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇନାହିଁ। ଜଣେ ଆହତଙ୍କ ଗୋଡ଼ ଛଡ଼ିଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ହଠାତ୍ ବିସ୍ଫୋରଣ ହେବାରୁ ସେମାନେ ଚମକି ପଡ଼ିଥିଲେ। ଏହାପରେ ହସ୍ପିଟାଲ ଛାତ ଉପରୁ ୨୦ରୁ ୩୦ ଫୁଟ ପର୍ଯ୍ୟନ୍ତ କଳା ଧୂଆଁମୟ ହୋଇଯାଇଥିଲା। ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀ ଓ ପୋଲିସ ଟିମ୍ ପହଞ୍ଚି ସ୍ଥିତି ସମୀକ୍ଷା କରିବା ସହ ଉଦ୍ଧାର କାର୍ଯ୍ୟ କରିଥିଲା।

## ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଖୁଣ୍ଟୁଣୀ, ୨୯।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅଧୀନ ବାଲିସ୍ଥିତ ଧବଳେଶ୍ୱର ମହାବିଦ୍ୟାଳୟ ଯୁକ୍ତ ୩ ବିଜ୍ଞାନ ଓ ବୈଷୟିକ କଲେଜରେ ଚାଲିଥିବା ନୂଆ-ଓ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅନ୍ୟ ଅତିଥି ଭାବେ ଓରନ୍ଦା ସରପଞ୍ଚ ବିନ୍ଦୁବାସିନୀ ଦାସ, କୁଷ୍ପଙ୍ଗି ସରପଞ୍ଚ ସ୍ୱର୍ଣ୍ଣପ୍ରଭା ରାଉତ, ୨ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ମଙ୍ଗେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ଦାସ, ନିମନ୍ତ୍ରିତ ଅତିଥି ଭାବେ ରାଜୀବ ଲୋଚନ ଦାସ, ଦୁର୍ଗା ଚରଣ ମିଶ୍ର, ଉମେଶ ଚନ୍ଦ୍ର ମିଶ୍ର ଓ ସୁଶାନ୍ତ ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ କଲେଜ ପ୍ରତିଷ୍ଠାତା ସଦସ୍ୟ ଜଗନ୍ନାଥ ମିଶ୍ର, ଗୁରୁଚରଣ ପ୍ରଧାନ, ରମେଶ ଚନ୍ଦ୍ର ସାମଲ, ଲକ୍ଷ୍ମୀଧର ପରିଡା, ଦିବାକର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦେବେନ୍ଦ୍ର ନାଥ ଦାସ, ସୁନନ୍ଦା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମନୋଜ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ଅଜୟ କୁମାର କାଳିଆ ଧନ୍ୟବାଦ ଦେଇଥିଲେ।

# କ୍ରୀଡ଼ା ହେଉଛି ଶିକ୍ଷାର ଅଙ୍ଗ

ମାହାଙ୍ଗା,୨୯।୧୨(ଯଯାତି ସିଂହ)




ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପ୍ରତାପ ଜେନା ଓ ଅନ୍ୟ ଅତିଥିମାନେ।

ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଲ୍ଲିସାହି ପଞ୍ଚାୟତସ୍ଥିତ ମାହାଙ୍ଗା ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଓ ନୂଆ-ଓ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଯୋଗଦେଇ କ୍ରୀଡ଼ାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ କହିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରତାପ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଅତିଥିଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କ୍ରୀଡ଼ା ହେଉଛି ଶିକ୍ଷାର ଅଙ୍ଗ ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀମାନେ କ୍ରୀଡ଼ାରେ ଭାଗ ନେବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଉପଜିଲାପାଳ କମଲଜିତ୍ ଦାସ, ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ବିବେକାନନ୍ଦ ମିଶ୍ର, ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ରବୀନ୍ଦ୍ର ନାଥ ମଲିକ, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧାପିକା କବିତା ସାମନ୍ତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧାପିକା ପ୍ରମିଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଭକ୍ତି କଲେ ଶକ୍ତି ମିଳେ

**୧୨୮ ତମ ଅହମ୍ମଦୀୟା ମୁସଲିମ କାଦିଆନ ବାର୍ଷିକ ଶାନ୍ତି ସମ୍ମିଳନୀ**

ତିଗିରିଆ,୨୯।୧୨(ଜାଫର ଖାଁ)

ପଞ୍ଜାବ ରାଜ୍ୟର କାଦିଆନଠାରେ ୧୨୮ ତମ ଅହମଦୀୟା ବାର୍ଷିକ ଜଲସା ବା ଶାନ୍ତି ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜମାତ ପତାକା ଉତ୍ତୋଳନ, ସାମୂହିକ ନୀରବ ପ୍ରାର୍ଥନା ଏବଂ ପବିତ୍ର କୋରାନ ପାଠ କରାଯାଇଛି। ଉତ୍ସବରେ ମୌଲାନା ମୁହମ୍ମଦ କରିମୁଦ୍ଦିନ ଶାହିଦ ପୌରୋହିତ୍ୟ କରିଥିଲେ। ମୁଖ୍ୟ ବକ୍ତାଭାବେ କେନ୍ଦ୍ରୀୟ ପ୍ରଚାର ବିଭାଗ ସଚିବ ମୌଲାନା ମହମ୍ମଦ ହମିଦ କୌସର ଯୋଗ ଦେଇ କହିଥିଲେ, ଈଶ୍ୱର ଏକ ଓ ଅଦ୍ୱିତୀୟ। ତାଙ୍କ ଶକ୍ତି ଅପାର। ଭକ୍ତି କଲେ ହିଁ ଶକ୍ତି ମିଳିଥାଏ । ମୁଖ୍ୟ ଅତିଥିଭାବେ କେନ୍ଦ୍ରୀୟ ମୁଖ୍ୟ ସଚିବ ମୌଲାନା ମହମ୍ମଦ ଇନାମ ଘୋରି ଯୋଗଦେଇ କହିଥିଲେ, ଇସଲାମ ଧର୍ମର ପ୍ରବର୍ତ୍ତକ ହଜରତ ପୈଗମ୍ବର ମୁହମ୍ମଦ ସଲ୍ଲମ ସମଗ୍ର ବିଶ୍ୱ ପାଇଁ କରୁଣାର ସାଗର ହୋଇ ଆସିଥିଲେ। ଜୀବନର ସବୁ କ୍ଷେତ୍ରରେ ତାଙ୍କ ଉତ୍ତମ ଆଦର୍ଶରେ ଅନୁପ୍ରାଣୀତ ହେଲେ ହିଁ ସଫଳ ଜୀବନ ବିତାଇ ପାରିବ। ହଜରତ ମହମ୍ମଦଙ୍କ ଆଦର୍ଶ ହିଁ ସଫଳ ଜୀବନର ଚାବିକାଠି। ଝଗଡ଼ା ନକରି ଶାନ୍ତିରେ ରହିବା ସହ ଅନ୍ୟକୁ ଶାନ୍ତି ପ୍ରଦାନ କରିବ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ବକ୍ତାଭାବେ ମୌଲାନା ଜୈନୁଦ୍ଦିନ ହାମିଦ ମହମ୍ମଦଙ୍କ ସହପାଠୀମାନଙ୍କ ପବିତ୍ର ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଇସଲାହ ଓ ଇରଶାଦର ସଚିବ ମୌଲାନା ମୁନିର ଅହମଦ ଖାଦ୍ଦିମ ଅହମ୍ମଦୀୟା ମୁସଲିମ ଯୁଗ ଖଲିଫାଙ୍କ ନୀତିବାଣୀ ବିଷୟରେ ମତାମତ ରଖିଥିଲେ। ବିଶେଷ ବକ୍ତାଭାବେ କେନ୍ଦ୍ରୀୟ କାଜି ମୌଲାନା ସୟଦ କଲିମ ଅହମ୍ମଦ ଧର୍ମକର୍ମରେ ଆର୍ଥିକ ଅନୁଦାନର ମହତ୍ତ୍ୱ ଓ ଆବଶ୍ୟକତା ବିଷୟରେ ମତାମତ ରଖିଥିଲେ। ଏହି ଶାନ୍ତି ସମ୍ମିଳନୀ ରବିବାର ଉଦ୍‌ଯାପିତ ହେବ ବୋଲି ଅହମ୍ମଦୀୟା ପ୍ରେସ କମିଟିର ମୁଖ୍ୟ ତାରିକ ଅହମ୍ମଦ ସୂଚନା ଦେଇଛନ୍ତି।




ଉଦ୍‌ଘାଟନୀ ଉତ୍ସବରେ ପତାକା ଉତ୍ତୋଳନ କରାଯାଉଛି।

# ବିକଶିତ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ

ବାରଙ୍ଗ,୨୯।୧୨(ଲିଙ୍ଗରାଜ ରାଉତ)




ପ୍ରତିଷ୍ଠା ଦିବସରେ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଅନ୍ୟ ଅତିଥିମାନେ।

**ନନ୍ଦନକାନନ ପାଳିଲା ୬୪ତମ ପ୍ରତିଷ୍ଠା ଦିବସ**

ଭାରତବର୍ଷକୁ ଆସୁଥିବା ପର୍ଯ୍ୟଟକ ଯେପରି ନନ୍ଦନକାନନର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆଗ୍ରହ ପ୍ରକାଶ କରିବେ, ସେଥିପ୍ରତି ଜଙ୍ଗଲ ବିଭାଗ ଦୃଷ୍ଟି ଦେଇ ବିକଶିତ କରାଯାଉଛି। ଶୁକ୍ରବାର ନନ୍ଦନକାନନର ୬୪ତମ ପ୍ରତିଷ୍ଠା ଦିବସ ପାଳିତ ଅବସରରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଏହା କହିଛନ୍ତି। ନନ୍ଦନକାନନକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ ଓ ଲକ୍ଷ୍ୟ ରହିଛି। ତାଙ୍କ ନିର୍ଦ୍ଦେଶ ମୁତାବକ ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ଅର୍ଥ ମଧ ବ୍ୟୟବରାଦ କରାଯାଉଛି। ଏହା ଭିତରେ ଜୁଝଗଡ଼ ମୌଜରୁ ୧୫୦୦ ଏକର ଜାଗା ଆସି ନନ୍ଦନକାନନ ସହ ମିଶି ସାରିଛି। କାଞ୍ଜିଆ ହ୍ରଦର ସ୍ଥିତି ବଦଳିବାରେ ଲାଗିଛି। ନନ୍ଦନକାନନର କାର୍ଯ୍ୟଶୈଳୀ ଉନ୍ନତି ତଥା ପ୍ରଗତି କେବଳ ପର୍ଯ୍ୟଟକଙ୍କ ପାଇଁ ନୁହେଁ ଏହା ଗବେଷକଙ୍କଠାରୁ ଆରମ୍ଭ କରି ଛୋଟ ଓ ବଡ଼ ପିଲାଙ୍କ ପାଇଁ ଶିକ୍ଷାଦାନର ମାଧ୍ୟମ ପାଲଟିବାକୁ ଯାଉଛି। ଏହାକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ପ୍ରମୁଖ ଭୂମିକା ନିର୍ବାହ କରିବାରେ ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟତମ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ବନ୍ୟପ୍ରାଣୀ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶାନ୍ତ ନନ୍ଦ ଯୋଗଦେଇଥିଲେ। ନନ୍ଦନକାନନ ବହୁବିଧ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହେବା ସହ ଆଗାମୀ ଦିନରେ ନାଇଟ୍ ସଫାରି ପାଇଁ ମଧ ଯୋଜନା ହେଉଛି। ତେଣୁ ନନ୍ଦନକାନନର ଯେଉଁଭଳି ଭାବେ ବିକାଶ ହୋଇଚାଲିଛି ତାହାର ଜ୍ୱଳନ୍ତ ଉଦାହରଣ ଆଶାତୀତ ଭାବେ ବଢୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ହିଁ ପ୍ରମାଣ ଦେଉଥିବା ଅତିଥିମାନେ କହିଥିଲେ। ନିର୍ଦ୍ଦେଶକ ମନୋଜ ଭିନାୟାର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାଘୁଣୀ ଅଙ୍କିତାର ଛୁଆଙ୍କ ନାମ ଶ୍ରୀ, ତୃପ୍ତି, ଜୟଶ୍ରୀ ଓ ଅମ୍ରିତ, ରୂପା ଛୁଆର ନାମ ଅମ୍ରିତା ଓ ଶିବ, ସିଂହୀ ବିଜ୍‌ଲୀ ଛୁଆର ନାମ ଶ୍ରଦ୍ଧା, ରିହା, ଅନାମିକା ଓ ଯୁବରାଜ, ସିଂହୀ ରେୱା ଛୁଆର ନାମ ମାୟା ଓ ଶିବମ, ହାତୀ ଛୁଆ ନାମ ଅଭି ଓ ଆଶା ବୋଲି ମନ୍ତ୍ରୀ ଘୋଷଣା କରିଥିଲେ। ନନ୍ଦନକାନନର ଥିମ୍ସଙ୍ଗ ରିଲିଜ୍, ବାର୍ଷିକ ପୁସ୍ତିକା ଓ ଇଣ୍ଟିଗ୍ରେଟେଡ୍ ମନିଟରିଂ ସିଷ୍ଟମ୍ ଆପ୍, ବଟାନିକାଲ୍ ଗାର୍ଡେନରେ ୱେବ୍‌ସାଇଟର ଉନ୍ମୋଚନ କରାଯାଇଛି। ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନନ୍ଦନକାନନକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ପ୍ରଚେଷ୍ଟା ଜାରି ରଖିଥିବା କେତେଜଣ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ନନ୍ଦନକାନନରେ ୱାଲାବି ଏନ୍‌କ୍ଲୋଜରର ଉଦ୍‌ଘାଟନ ସହ କ୍ୟୋସେୱାରି ଓ ଅଷ୍ଟ୍ରିଜକୁ ଏନ୍‌କ୍ଲୋଜରରେ ଛଡ଼ାଯାଇଛି। ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ନୂଆ କରି ବିଭିନ୍ନ ପ୍ରଜାତିର ବାଉଁଶକୁ ନେଇ କରାଯାଇଥିବା ବାଉଁଶ ବଗିଚା (ବାମ୍ବୁସେଟମ୍) ଓ ଜଳଜ ଉଦ୍ଭିଦ ଉଦ୍ୟାନ (ହାଇଡ୍ରୋଫାଇଟ୍) ଉଦ୍‌ଘାଟିତ ହୋଇଯାଇଛି।

## ସଂକ୍ଷେପରେ

## ଫାଟିଲା ଏସି କମ୍ପ୍ରେସର, ୪ କର୍ମଚାରୀ ଆହତ

### ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ

**ଭୁବନେଶ୍ୱର,୨୯ା୧୨(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲରେ ଶୁକ୍ରବାର ଅଘଟଣ ଘଟିଛି। ହସ୍ପିଟାଲ ଛାତ ଉପରେ ଥିବା ଏସି କମ୍ପ୍ରେସର୍‌ରେ ଗ୍ୟାସ୍ ଫିଲିଂ ବେଳେ ବିସ୍ଫୋରଣ ହୋଇଛି। ଏଥିରେ ଏକ ଏଜେନ୍ସିର ୪ଜଣ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ଥିବା ସୂଚନା ମିଳିଛି। ସମସ୍ତ ଆହତଙ୍କୁ ହାଇଟେକ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଅପରାହ୍ନ ପ୍ରାୟ ୫ଟାବେଳେ ଏହି ଘଟଣା ଘଟିଛି। ତେବେ ଛାତ ଉପରେ ଏହି ବିସ୍ଫୋରଣ ହୋଇଥିବାରୁ କୌଣସି ରୋଗୀ ଆହତ ହୋଇନାହାନ୍ତି। ହସ୍ପିଟାଲ ସିଇଓ ଜ୍ୟୋତିର୍ମୟ ପଣ୍ଡା କହିଛନ୍ତି, ଏଜେନ୍ସି ଦ୍ୱାରା ଛାତ ଉପରେ ମେଣ୍ଟେନାନ୍ସ କାମ ଚାଲିଥିବା ବେଳେ ଏହି ଘଟଣା ଘଟିଛି। କମ୍ପ୍ରେସର୍‌ରେ ସମସ୍ୟା ଯୋଗୁ ତାହା ଫାଟିଯାଇଥିଲା। ବିସ୍ଫୋରଣ ପରେ କମ୍ପ୍ରେସର୍‌ରେ ଶର୍ଟସର୍କିଟ୍ ଯୋଗୁ ନିଆଁ ଲାଗିବାରୁ ଧୂଆଁ ବାହାରିଥିଲା। ଏଥିରେ ଆହତ ସମସ୍ତ ୪ଜଣଙ୍କୁ ଚିକିତ୍ସା କରାଯାଉଛି ଓ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଆମ ହସ୍ପିଟାଲର ସମ୍ପୂର୍ଣ୍ଣ ଟିମ୍ ସେମାନଙ୍କ ଚିକିତ୍ସାରେ ଲାଗିଛନ୍ତି। ଏହି ଘଟଣାରେ କେଉଁଠି ତ୍ରୁଟି ରହିଲା ତାହା ଜାଣିବାକୁ ହସ୍ପିଟାଲ ପକ୍ଷରୁ ତଦନ୍ତ କରାଯିବ ବୋଲି ସିଇଓ କହିଛନ୍ତି।

ଆହତଙ୍କ ମଧ୍ୟରେ ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ସୀମାଞ୍ଚଳ ବିଶ୍ୱାଳ ରହିଛନ୍ତି। ସେ ଦୀର୍ଘଦିନ ହେବ ପାଣ୍ଡରାରେ ରହି ଏଜେନ୍ସି ଅଧୀନରେ ଏସି ଟେକ୍ନିସିଆନ ଭାବେ କାମ କରନ୍ତି। ହସ୍ପିଟାଲ ପରିସରରେ ତାଙ୍କ ବାପା ବସି କାନ୍ଦୁଥିବା ଦେଖିବାକୁ ମିଳିଥିଲା। ତେବେ ଅନ୍ୟ ଆହତଙ୍କ ପରିଚୟ ମିଳି ନ ଥିବାବେଳେ ଏନେଇ ହସ୍ପିଟାଲ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇନାହିଁ। ଜଣେ ଆହତଙ୍କ ଗୋଡ଼ ଛଡ଼ିଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ହଠାତ୍ ବିସ୍ଫୋରଣ ହେବାରୁ ସେମାନେ ଚମକି ପଡ଼ିଥିଲେ। ଏହାପରେ ହସ୍ପିଟାଲ ଛାତ ଉପରୁ ୨୦ରୁ ୩୦ ଫୁଟ ପର୍ଯ୍ୟନ୍ତ କଳା ଧୂଆଁମୟ ହୋଇଯାଇଥିଲା। ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀ ଓ ପୋଲିସ ଟିମ୍ ପହଞ୍ଚି ସ୍ଥିତି ସମୀକ୍ଷା କରିବା ସହ ଉଦ୍ଧାର କାର୍ଯ୍ୟ କରିଥିଲା।

## ୪୩ ୟୁନିଟ୍ ରକ୍ତ ସଂଗ୍ରହ

**ବୋଲଗଡ଼,୨୯ା୧୨(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଦେଉଳିସ୍ଥିତ ଶ୍ରୀରାଧା ମାଧବ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଶିବିର ଓ ଓଡ଼ିଶା ରକ୍ତ କେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଖୋର୍ଦ୍ଧାର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଳତୁମ୍ବସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖାର ପରିଚାଳକ ଶୁଭାଶିଷ ମନୋରଞ୍ଜନ ନାୟକ, ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ବାରିକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ବାଟକୃଷ୍ଣ ସାହୁଙ୍କ ଉପସ୍ଥିତିରେ ଶିବିର ଉଦ୍‌ଘାଟିତ ହୋଇଥିଲା। ଶିବିରରେ ମୋଟ୍ ୪୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପ୍ରୋଗ୍ରାମିଂ ଅଫିସର ପ୍ରଦୀପ ସାହୁଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରତିଭାଙ୍କୁ ଲୋକଲୋଚନକୁ ଆଣେ ମହୋତ୍ସବ

**ବୋଲଗଡ଼,୨୯ା୧୨(ଦେବବ୍ରତ ହୋତା)**


ବୋଲଗଡ଼ ମହୋତ୍ସବ 'ଆଶା-୨୦୨୩'ର ଚତୁର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

### ବୋଲଗଡ଼ ମହୋତ୍ସବ 'ଆଶା-୨୦୨୩' ଚତୁର୍ଥ ସନ୍ଧ୍ୟା

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ବୋଲଗଡ଼ ମହୋତ୍ସବ 'ଆଶା-୨୦୨୩'ର ଶୁକ୍ରବାର ଥିଲା ଚତୁର୍ଥ ସନ୍ଧ୍ୟା। ମା' ମହିଷାମର୍ଦ୍ଦିନୀ ମାତୃମଣ୍ଡଳୀ ଦ୍ୱାରା ଖଞ୍ଜଣି ଭଜନ, କୋଡ଼ପଡା ଗ୍ରାମର ବାନାମ୍ବର ରାଉତରାୟ ଓ ସାଥୀଙ୍କ ଦ୍ୱାରା ସଂକୀର୍ତ୍ତନ, ଗୋଡ଼ିଆଳି ଗ୍ରାମର ଛବିପ୍ରଧାନ ଓ ସାଥୀଙ୍କ ଦ୍ୱାରା ପ୍ରସ୍ତୁତ ମହିରାବଣ ବଧ ପ୍ରଦର୍ଶିତ ହୋଇଥିଲା। ସେହିପରି ସାଧାରଣ ସଭା ପରେ ଜଟଣୀର ନୃତ୍ୟଶ୍ରୀ କଲ୍‌ଚରାଲ ଏକାଡେମୀ ଦ୍ୱାରା ଓଡ଼ିଶୀ ନୃତ୍ୟ, ମୟୂରଭଞ୍ଜର ମା'ଭୈରବୀ ଛଉନୃତ୍ୟ ଅନୁଷ୍ଠାନ ଦ୍ୱାରା ଛଉନୃତ୍ୟ ଏବଂ କଟକର ନଟରାଜ ଡ୍ୟାନ୍ସ ଏକାଡେମୀ ଓ ବୋଲଗଡ଼ର ଆରାଧନା ପ୍ରିନ୍ସେସ୍ ଡ୍ୟାନ୍ସ ଏକାଡେମୀ ଦ୍ୱାରା କ୍ରିଏଟିଭ୍ ଡ୍ୟାନ୍ସ ଏବଂ ବୋଲଗଡର ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶିତ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ଆୟୋଜିତ ସାଧାରଣ ସଭାରେ କମିଟି ସଭାପତି ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ପଲ୍ଲୀ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ମହୋତ୍ସବ ମଞ୍ଚ ଉତ୍କୃଷ୍ଟ ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥି କମିଟି ଉପାଧ୍ୟକ୍ଷ କୃଷ୍ଣମୋହନ ପାଲ୍‌ଟାସିଂହ, ସାଧାରଣ ସମ୍ପାଦକ ବୀର ଦାସ, ପ୍ରଫୁଲ୍ଲ ପ୍ରଧାନ, ପ୍ରଦୀପ ଛୋଟରାୟ, ସୁବାସ ଚନ୍ଦ୍ର ରାୟଗୁରୁ, ସୁନନ୍ଦିତା ସାହୁ, ଅମ୍ବିକା ପ୍ରସାଦ ମହାନ୍ତି, ମାନସ ରଞ୍ଜନ ପଟ୍ଟନାୟକ, ବିଶ୍ୱମୋହନ ନରେନ୍ଦ୍ର, ପ୍ରଫୁଲ୍ଲ କୁମାର ସିଂହ, ଜୟକୃଷ୍ଣ ଦଳବେହେରା, ଆଲବମ ଅଭିନେତ୍ରୀ ରୋମ୍ୟାଞ୍ଜଳି ପ୍ରମୁଖ ମଞ୍ଚାସୀନ ଥିଲେ। କମିଟି ଉପଦେଷ୍ଟା ରବୀନ୍ଦ୍ର ପରିଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକଙ୍କ ଦ୍ୱାରା ରଚିତ 'ସ୍ୱାସ୍ଥ୍ୟ ଦର୍ପଣ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂଜ୍ୟପୂଜା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ବୋଲଗଡ଼ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ କୃଷ୍ଣ ଦୁଃଖାନନ୍ଦ ସାମନ୍ତରାୟ ଓ ପ୍ରଶାନ୍ତ ମହାପାତ୍ର ମଞ୍ଚ ସଂଯୋଜନା କରିଥିବା ବେଳେ ଉପସ୍ଥାପକ ଅଖିଳେଶ ମହାପାତ୍ର ଓ ଶ୍ରୀକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ପାର୍ବତୀକାନ୍ତ ଚମ୍ପତିରାୟ ଧନ୍ୟବାଦ ଦେଇଥିଲେ।



ବୋଲଗଡ଼ ମହୋତ୍ସବ 'ଆଶା-୨୦୨୩'ର ଚତୁର୍ଥ ସନ୍ଧ୍ୟାରେ ମୟୂରଭଞ୍ଜର ମା'ଭୈରବୀ ଛଉ ନୃତ୍ୟ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଛଉନୃତ୍ୟ।

## 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଟାଙ୍ଗୀ,୨୯ା୧୨(ରଘୁନାଥ ସାହୁ)**

ନାରୁଣୀ ମହାବିଦ୍ୟାଳୟରେ ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ବଳିୟାରସିଂହ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ମୁଖ୍ୟବକ୍ତା ସୁଲତା ଦେଓ, ସମ୍ମାନିତ ଅତିଥି ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଅରୁଣ ଦାଶ, ସାଂସ୍କୃତିକ ନୋଡାଲ ଅଧିକାରୀ ପ୍ରାଧ୍ୟାପକ ରାଜକିଶୋର ସାହୁ, ଓମ୍ ପ୍ରକାଶ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ମରାଳ' ଉନ୍ମୋଚିତ ହୋଇଥିଲା।ଏଥିସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଲୀନା ନନ୍ଦିନୀ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସୁଭଦ୍ରା ଭୋଳ ମଞ୍ଚ ପରିଚାଳନା କରିଥିଲେ। ଶାନ୍ତନୁ ମିଶ୍ର, ଗୋଲକ ବିହାରୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସୂର୍ଯ୍ୟମନ୍ଦିର ନିର୍ମାଣରେ ଭିଙ୍ଗୁରାଗଡ଼ର ତ୍ୟାଗ ଅତୁଳନୀୟ

### ଡ. ସୁରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଅନୁସନ୍ଧାନରୁ ମିଳିଲା ତଥ୍ୟ

**ପୁରୀ,୨୯ା୧୨(ଅଜିତ୍ ମହାନ୍ତି)**

ହଜାରେ ବର୍ଷର ଗଡ଼ ହେଉଛି ପୁରୀ ଜିଲାର ଗଡ଼ ଭିଙ୍ଗୁରା ଗ୍ରାମ। ଗଙ୍ଗବଂଶ ଶାସନ କାଳରେ କୋଣାର୍କ ସୂର୍ଯ୍ୟମନ୍ଦିରକୁ କେନ୍ଦ୍ରକରି ଗଢିଉଠିଥିବା ୧୬ ଗଡ଼ ମଧ୍ୟରେ ଏହା ପ୍ରାଚୀନ। ଐତିହ୍ୟ ଅଛି, ଏହା ମଧ୍ୟରୁ ୬ଟି ଗଡ଼ର ସେନାଧ୍ୟକ୍ଷଙ୍କ ରଣକୌଶଳ ସର୍ବଶ୍ରେଷ୍ଠ ଥିଲା। ପ୍ରେମ -ପ୍ରଦୋଷ କାବ୍ୟରୁ ଏହା ଜଣାଯାଏ। 'ଗୋଲରା ବାଙ୍ଗର, ରୂପାସ, ଭିଙ୍ଗୁରା, ନିପାଣିଆ, ଦୁର୍ଗେଶ୍ୱର, ସେନାଧ୍ୟକ୍ଷଙ୍କ କୁନ୍ତ ଖଡ୍‌ଗ ଅସୀ କ୍ରୀଡ଼ା ଅତି ମନୋହର।' ଗଜପତିଙ୍କ ଯୁଦ୍ଧ ଅଭିଯାନରେ ଭିଙ୍ଗୁରାଗଡ଼ ଭେଣ୍ଡିଆ ଆଗରେ ଯିବାର ପରମ୍ପରା ଥିଲା। ଏମାନେ ଓଡ଼ିଶାର ସୁରକ୍ଷା ପ୍ରତି ସଚେତନ ରହିବା ସହିତ ଜଗପତିଙ୍କ ପରିବାର ସୁରକ୍ଷାରେ ନିୟୋଜିତ ରହୁଥିଲେ। ଏବେ ୪ଟି ସାହିର କ୍ଷତ୍ରୀୟମାନେ ରହିଛନ୍ତି। ବାରଶହ ଏକର ପରିମିତ ଗଡ଼ରେ ୧୦ ଏକର ଜଙ୍ଗଲ ମଧ୍ୟରେ ପୂଜାପାଉଥିଲେ ମା' କନକଦୁର୍ଗା। ମନ୍ଦିର ଭାଙ୍ଗିଯିବା ପରେ ଦେଉଳ ପୋଖରୀ ଆଜି ଅଛି, ଗଡ଼ର ପୂର୍ବ ଦିଗରେ ରହିଛନ୍ତି ମା' ବରାହୀ । ବରାହୀ ଠାକୁରାଣୀଙ୍କ ମୂର୍ତ୍ତି ତତ୍ତ୍ୱରୁ ଜଣାପଡୁଛି, ହଜାର ବର୍ଷରୁ ଅଧିକ ପୂର୍ବରୁ ସେ ପ୍ରତିଷ୍ଠିତା। ତାଙ୍କ ପାଖରେ କ୍ଷତ୍ରୀୟମାନଙ୍କ କୁନ୍ତଳ ଖଡଗ୍ ପୂଜା ହେବାପରେ ଶୋଭାଯାତ୍ରାରେ ଦଶହରା ପୂଜାକୁ ଯାଏ। ଖଣ୍ଡାଘର ଓ ଯୁଦ୍ଧ ଶିକ୍ଷା ଘର ଏବେ ଭଗ୍ନ। କୋଣାର୍କ ମନ୍ଦିର ନିର୍ମାଣବେଳେ ଏହି ଗଡ଼ର ଭେଣ୍ଡିଆମାନେ ଜଳପଥରେ ଆସୁଥିବା ପଥରକୁ ନେଇ କୋଣାର୍କର ଭଗବତୀ ମନ୍ଦିର ପାଖରେ ଥିବା ପଥରଗଦାରେ ଜମା କରୁଥିଲେ। ପଥର ବୁହା ନଦୀରେ ପଥର ଯାଇ ଗଡ଼ମୃଗଶିରାରେ ପହଞ୍ଚିଲେ ଭିଙ୍ଗୁରା ଗଡ଼ ଭେଣ୍ଡିଆଙ୍କ ଦାୟିତ୍ୱ ବଢିଯାଏ। ଏହି ଗଡ଼ର ଭେଣ୍ଡିଆମାନେ ଶିଳ୍ପୀମାନଙ୍କ ଶିବିର ସୁରକ୍ଷା ଦାୟିତ୍ୱରେ ଥିଲେ। ଗଜପତି ଲାଙ୍ଗୁଳା ନରସିଂହ ଦେବ ଏହି ଗଡ଼ର ସାଆନ୍ତଙ୍କ କାର୍ଯ୍ୟନିଷ୍ଠା ଦେଖି ହରିଚନ୍ଦନ ମହାପାତ୍ର ଉପାଧି ପ୍ରଦାନ କରିଥିଲେ। ଐତିହ୍ୟ ଅନୁସନ୍ଧାନ ପାଇଁ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଶ୍ରୀନାରାୟଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟମାନେ ଗଡ଼କୁ ଯାଇଥିଲେ।

## ପୌର ପରିଷଦସ୍ତରୀୟ କ୍ରୀଡ଼ା ଉତ୍ସବ

**ଖୋର୍ଦ୍ଧା,୨୯ା୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୌରପରିଷଦ ଆନୁକୂଲ୍ୟରେ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ପୌରସ୍ତରୀୟ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଉତ୍ସବ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୌରଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ନିର୍ବାହୀ ଅଧିକାରୀ ରିଜ୍‌ୱନା କଅକବ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦ହଜାର, ରନର୍ସଅପ ଦଳକୁ ଟ୍ରଫି ଓ ୧୫ ହଜାର ଟଙ୍କା ଦିଆଯାଇଛି। ସେହିଭଳି ରନର୍ସଅପ ପ୍ରଥମ ଓ ଦ୍ୱିତୀୟ ଦଳକୁ ୧୦ ହଜାର ଟଙ୍କା, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି। ପୁରୁଷ ବିଭାଗରେ ଗୁରୁଜଙ୍ଗ କବାଡ଼ି ଟିମ୍ ଚାମ୍ପିୟନ ହୋଇଥିଲା। ପିଏନ୍ କଲେଜ ରନର୍ସ ପ୍ରଥମ, ଗୁରୁଜଙ୍ଗ ହାଇସ୍କୁଲ ଏବଂ ଖୋର୍ଦ୍ଧା ଲାୟନ୍ସ ରନର୍ସ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମହିଳା ବିଭାଗରେ ସରକାରୀ ବାଳିକା ହାଇସ୍କୁଲ ଚାମ୍ପିୟନ ହୋଇଥିବା ବେଳେ ଗୁରୁଜଙ୍ଗ ହାଇସ୍କୁଲ ରନର୍ସ ହୋଇଛି। ସେହିପରି ଫୁଟ୍‌ବଲ ପୁରୁଷ ବିଭାଗରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିବା ବେଳେ ବିଜେବି ଉଚ୍ଚ ମାଧ୍ୟମିକ, ଗୁରୁଜଙ୍ଗ ହାଇସ୍କୁଲ ଯଥାକ୍ରମେ ରନର୍ସଅପ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ମହିଳା ବିଭାଗରେ ଲକ୍ଷ୍ମୀବାଈ ସରକାରୀ ବାଳିକା ହାଇସ୍କୁଲ ଚାମ୍ପିୟନ ହୋଇଥିବା ବେଳେ ଗୁରୁଜଙ୍ଗ ହାଇସ୍କୁଲ ରନର୍ସ ହୋଇଥିଲା। ଖୋଖୋ ପୁରୁଷରେ ଗୁରୁଜଙ୍ଗ ହାଇସ୍କୁଲ, ମହିଳା ବିଭାଗରେ ପିଏନ୍ କଲେଜ ଟିମ୍ ଚାମ୍ପିୟନ ହୋଇଛି। ଭଲିବଲ(ପୁରୁଷ)ରେ ପିଏନ୍ କଲେଜ ଚାମ୍ପିୟନ ହୋଇଥିବା ବେଳେ ମା' ଶୀତଳାଇ ଟିମ୍ ଗୁରୁଜଙ୍ଗ, ବିଜେବି ଉଚ୍ଚ ମାଧ୍ୟମିକ ଏବଂ ଭଲିବଲ ଗୁରୁଜଙ୍ଗ ଟିମ୍ ଯଥାକ୍ରମେ ରନର୍ସ ୧ମ, ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। କ୍ରିକେଟରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ଚାମ୍ପିୟନ ହୋଇଛି। ମୁକୁନ୍ଦପ୍ରସାଦ କୋହିନୁରୀ କ୍ଲବ ଟିମ୍ ରନର୍ସଅପ୍ ହୋଇଛି।



ପୌରସ୍ତରୀୟ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ପୌର ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଏବଂ ଅନ୍ୟମାନେ।

## ଶ୍ରୀମନ୍ଦିର ନିକଟରେ ବୁଲା କୁକୁର ଆତଙ୍କ

### ଶିଶୁକୁ ଗୋଡ଼ାଇ କାମୁଡ଼ିଲେ

**ପୁରୀ,୨୯ା୧୨(ଅଜିତ୍ ମହାନ୍ତି)**

ପୁରୀ ସହରରେ ଏବେ ବୁଲାକୁକୁରଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଲୋକଙ୍କୁ ବୁଲା କୁକୁର କାମୁଡ଼ିବା ସହ ଆକ୍ରମଣ କରୁଛନ୍ତି। ଶୁକ୍ରବାର ଅପରାହ୍ନରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଜଣେ ଶିଶୁକୁ ବୁଲାକୁକୁର କାମୁଡ଼ି କ୍ଷତାକ୍ତ କରିପକାଇଛି। ଖୋର୍ଦ୍ଧା ବାଲୁଗାଁ ଅଞ୍ଚଳରୁ ନିଜ ପରିବାର ସହ ଶିଶୁପୁତ୍ର ଜଣକ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲେ। ଶ୍ରୀମନ୍ଦିରକୁ ଯାଉଥିବା ସମୟରେ ଏପରି ଘଟଣା ଘଟିଥିବା ଜଣାପଡ଼ିଛି। ଫଳରେ ଭକ୍ତମାନେ ଆତଙ୍କିତ ହୋଇପଡ଼ିଥିଲେ। ସୂଚନା ଅନୁଯାୟୀ, ଉକ୍ତ ପରିବାର ଲୋକେ ବ୍ୟାରିକେଡ ଦେଇ ଶ୍ରୀମନ୍ଦିର ସିଂହଦ୍ୱାର ନିକଟକୁ ଆସିଥିଲେ। ତେବେ ପରିବାରର କେତେଜଣ ସଦସ୍ୟ ପଛରେ ରହିଯାଇଥିବାରୁ ଶିଶୁ ସହ କିଛି ଲୋକ ଶ୍ରୀମନ୍ଦିର ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟ ଭିତର ବ୍ୟାରିକେଡ ଭିତରେ ବୁଲୁଥିବା ଏକ ବୁଲା କୁକୁର ଶିଶୁକୁ ଆକ୍ରମଣ କରିଥିଲା। ଫଳରେ ଶିଶୁଟିର ଆଖି ନିକଟରେ ଆଘାତ ଲାଗିଥିଲା। ତୁରନ୍ତ ପରିବାର ଲୋକେ ଓ ଅନ୍ୟମାନେ ବୁଲା କୁକୁର କବଳରୁ ଶିଶୁପୁତ୍ରକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପାଇଁ ନେଇଥିଲେ। ଆହତ ଶିଶୁର ସମ୍ପର୍କୀୟ ମାଗା ସାହୁ ଏପରି ଅଘଟଣ ପାଇଁ ପ୍ରଶାସନର ସୁରକ୍ଷା ବ୍ୟବସ୍ଥାକୁ ଦାୟୀ କରିଛନ୍ତି। ଶ୍ରୀମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ଯେପରି ହିଂସ୍ରଜନ୍ତୁ ନ ବୁଲନ୍ତି ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାହୁ କହିଛନ୍ତି।

## କଳା ସଂସ୍କୃତି ସଂଘର ସାଧାରଣ ପରିଷଦ ବୈଠକ


ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୨୯ା୧୨(ପ୍ରଭାତ ପାଣିଗ୍ରାହୀ)**

ଜିଲାର ସମସ୍ତ ବ୍ଲକ କଳା ସଂସ୍କୃତି ସଂଘର ନୂତନ ଭାବେ ମନୋନୀତ ହୋଇଥିବା ସଦସ୍ୟଙ୍କୁ ନେଇ ଜିଲା କଳା ସଂସ୍କୃତି ସଂଘ ଖୋର୍ଦ୍ଧାର ପ୍ରଥମ ସାଧାରଣ ପରିଷଦ ବୈଠକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ଭାବେ କବିରାଜ ପ୍ରଧାନ (ଖୋର୍ଦ୍ଧା ବ୍ଲକ) ସଂଖ୍ୟା ଗରିଷ୍ଠ ସଦସ୍ୟଙ୍କ ସମର୍ଥନରେ ନିର୍ବାଚିତ ହୋଇଥିଲେ। ଏହି ବୈଠକରେ ଜିଲାର ଲୋକକଳା କଳାକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଏହି ବୈଠକକୁ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ଡଲ୍‌ଫିନ୍‌ଙ୍କ ସୁରକ୍ଷା ପାଇଁ ବନ ବିଭାଗର ପାଟ୍ରୋଲିଂ

**କୃଷ୍ଣପ୍ରସାଦ,୨୯ା୧୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପର୍ଯ୍ୟଟନ ଋତୁରେ ଚଳଚଞ୍ଚଳ ହୋଇଉଠିଛି ଚିଲିକା। ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ କଳରବ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ତେବେ ପକ୍ଷୀ ଶିକାର ରୋକିବା ପାଇଁ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଲାନ୍ ନାୟକ ନଜର ରଖିଥିବା ବେଳେ ୨୧ଟି ସ୍କ୍ୱାଡ୍ ଗଠନ କରାଯାଇଛି। ସେହିପରି ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଇରାୱାଡି ଡଲ୍‌ଫିନଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକଙ୍କୁ ଡଲ୍‌ଫିନ ଦେଖାଇବା ପାଇଁ ରହିଥିବା ଡଙ୍ଗା ଚାଳକଙ୍କୁ ସଚେତନ କରାଯାଉଛି। ବନ ବିଭାଗର ସ୍କ୍ୱାଡ୍ ଟିମ୍ ସାତପଡ଼ା, ମଗରମୁହଁ, ରାଜହଂସ ଆଦି ଚିଲିକାରେ ପଇଁତରା ମାରିବା ସହ ଡଲ୍‌ଫିନଙ୍କ ସୁରକ୍ଷା ଉପରେ ନଜର ରଖିଛନ୍ତି। ଡଙ୍ଗା ଚାଳକଙ୍କୁ ଡଲ୍‌ଫିନଠାରୁ କେତେଦୂରରେ ରହିବା, ଡଲ୍‌ଫିନ ବିଚଳିତ ହେବା ଭଳି କିଛି କାର୍ଯ୍ୟ ନ କରିବା, ଚିଲିକାରେ ବର୍ଜ୍ୟବସ୍ତୁ ପଲିଥିନ ଏବଂ ପ୍ଲାଷ୍ଟିକ୍ ବୋତଲ ଆଦି ନ ପକାଇବା ପାଇଁ ପରାମର୍ଶ ଦିଆଯାଉଛି। ନିୟମ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ସାତପଡ଼ା ରେଞ୍ଜର ଶରତ ଜାନି କହିଛନ୍ତି। ବନ ବିଭାଗର ନଜର ଯୋଗୁ ଡଲ୍‌ଫିନ ଓ ବିଦେଶାଗତ ପକ୍ଷୀ ସୁରକ୍ଷିତ ଥିବା ପରିବେଶବିତ୍ ଧନେଶ୍ୱର ବିଧାର କହିଛନ୍ତି।




## ଥାଇଲାଣ୍ଡ କୋଳି ଚାଷକରି ୨ ଭାଇ ସ୍ୱାବଲମ୍ବୀ

**ଖୋର୍ଦ୍ଧା,୨୯ା୧୨(ପ୍ରଭାତ ପାଣିଗ୍ରାହୀ)**

ଯୁବ ସମାଜ ଚାଷରୁ ମୁହଁ ଫେରାଉଥିବା ବେଳେ ଦୁଇ ଭାଇ ଉଚ୍ଚ ଶିକ୍ଷାଲାଭ ପରେ ଚାଷକାମକୁ ଆପଣାଇ ସଫଳ ଚାଷୀ ହୋଇପାରିଛନ୍ତି। ଚାକିରୀ ପଛରେ ଗୋଡ଼ାଇବା ପରିବର୍ତ୍ତେ ଚାଷକରି ସ୍ୱାବଲମ୍ବୀ ହେବା ସହ ଅନ୍ୟ ପାଇଁ ପାଲଟିଛନ୍ତି ପ୍ରେରଣାର ଉତ୍ସ। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ପିଟୁକୁଳି ଅଞ୍ଚଳର ଦୁଇଭାଇ ଅଶୋକ ସାହୁ ଓ ଅରୁଣ। ସେମାନଙ୍କ କଠିନ ପରିଶ୍ରମ ବଳରେ ଜମିରେ ଫଳିଛି ଥାଇଲାଣ୍ଡ କୋଳି। ଗଛରେ ପେଣ୍ଡା ପେଣ୍ଡା ହୋଇ କୋଳି ଝୁଲୁଥିବା ଦେଖିବାକୁ ମିଳିଛି।

ଅଶୋକ ଓ ଅରୁଣ ଉଚ୍ଚ ଶିକ୍ଷା ହାସଲ ପରେ ପିଟୁକୁଳି ବଜାରରେ ଦୋକାନ କରିଛନ୍ତି। ତେବେ ପିଲାବେଳୁ କିଛି ନୂଆ କରିବା ସେମାନଙ୍କର ଲକ୍ଷ୍ୟ ରହିଥିଲା। ସୋସିଆଲ ମିଡିଆରୁ ଥାଇଲାଣ୍ଡ କୋଳି ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ଶୁଖିଲା ପଡିଥିବା ଜମିକୁ ପ୍ରସ୍ତୁତ କରିବା ପଡିଆ ପଡିଥିବା ଜମିରେ ଏହି ଚାଷ କରିବାକୁ ଉଭୟ ମନସ୍ଥ କରିଥିଲେ। କୋଲକାତାରୁ ପ୍ରଥମ ପର୍ଯ୍ୟାୟରେ ୪ଶହ ଚାରା ଆଣି ଚାଷ ଆରମ୍ଭ କରିଥିଲେ। ପରେ ଚାରାରୋପଣ କରି ଏହାର ଯତ୍ନ ନେଇଥିଲେ। କିଛି ମାସ ପରେ ଗଛରେ ଫଳ ଧରିବା ଆରମ୍ଭ କରିଥିଲା। ଏବେ ଗଛରେ ପେଣ୍ଡାପେଣ୍ଡା ହୋଇ କୋଳି ଝୁଲୁଥିବା ଦେଖିବାକୁ ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ସେମାନଙ୍କ ନିଆରା ପ୍ରୟାସକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି। ଏନେଇ ଅରୁଣ କୁହନ୍ତି, ବଜାରରେ ଦୋକାନ ଦେଇଥିଲେ ମଧ୍ୟ ପଡିଆ ପଡିଥିବା ଜମିରେ କିଛି ନୂଆ ଚାଷ କରିବା ପାଇଁ ଇଚ୍ଛା ଥିଲା। ସୋସିଆଲ ମିଡିଆରୁ ଥାଇଲାଣ୍ଡ କୋଳି ଚାଷ ସମ୍ପର୍କରେ ଜାଣିବାକୁ ପାଇଥିଲୁ। ଗତ ମାର୍ଚ୍ଚରେ ଏହି ଚାଷ କାର୍ଯ୍ୟ ଆରମ୍ଭ କରିଥିଲୁ। ଏବେ ମାସିକ ପ୍ରାୟ ୭୦ରୁ ୮୦କେଜି ପର୍ଯ୍ୟନ୍ତ କୋଳି ବାହାରୁଛି। ସେହିପରି ଅଶୋକ କହିଛନ୍ତି, ଦୀର୍ଘଦିନ ହେବ ଜମିରେ କୌଣସି ଚାଷ ନ ହେବାରୁ ଟାଙ୍ଗରା ପାଲଟି ଯାଇଥିଲା। ଥାଇଲାଣ୍ଡ କୋଳି ଚାଷପାଇଁ ଜମିକୁ ପ୍ରସ୍ତୁତ କରିଥିଲୁ। ଦୀର୍ଘମାସର ପରିଶ୍ରମ ପରେ ଏହି ସଫଳତା ମିଳିଛି। କମ୍ ଖର୍ଚ୍ଚରେ ଜୈବିକ ପଦ୍ଧତିରେ ଆଧୁନିକ ଜ୍ଞାନକୌଶଳରେ ଏହି ଚାଷ କରାଯାଇଛି। ଏଭଳି ଲାଭଦାୟକ ଫସଲ ଦ୍ୱାରା ବେକାରି ସମସ୍ୟା ଦୂର ହୋଇପାରିବ ବୋଲି କହିଛନ୍ତି।



## ସଂକ୍ଷେପରେ

### ଗଛରୁ ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

ବ୍ରହ୍ମଗିରି, ୨୯।୧୨(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଥାନା ଅଧୀନ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ରାସ୍ତା କଡ଼ର ଏକ ଗଛରୁ ପୋଲିସ ଗୁରୁବାର ରାତିରେ ଜବତ କରିଛି। ମୃତକ ହେଲେ ଖଣ୍ଡୁଆଳପୁର ଗ୍ରାମର ମୀନକେତନ ବେହେରା(୧୬)। ଏନେଇ ନାବାଳକଙ୍କ ଦାଦା ପ୍ରତାପ ସାହୁଙ୍କ ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି। ପରିବାର ଲୋକ ଏନେଇ ପଡ଼ୋଶୀଙ୍କ ନମରେ ଅଭିଯୋଗ ଆଣିଛନ୍ତି। ସୂଚନା ମୁତାବକ, ମୀନକେତନଙ୍କୁ ଚିଙ୍ଗୁଡ଼ି ଚୋରି ଅଭିଯୋଗରେ ପ୍ରତାପ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ। ଏପରି କି ତାଙ୍କୁ ଜୋର ଜବରଦସ୍ତ ଧରି ଚିଙ୍ଗୁଡ଼ି ପୋଖରୀ ପାଖକୁ ନେଇ ସେଠାରେ ଆଗରୁ ପଡିଥିବା ପାଦଚିହ୍ନ ସହ ତାଙ୍କ ପୁତୁରା ପାଦ ଚିହ୍ନ ମିଳାଇଥିଲେ। ଦିନ ତମାମ ମୀନକେତନ ଏଭଳି ନିର୍ଯାତନା ପାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଆସି ନ ଥିଲେ। ତା'ର କିଛି ସମୟ ପରେ ଏକ ଗଛରେ ମୀନକେତନଙ୍କ ମୃତଦେହ ଝୁଲୁଥିବା ଜାଣିବାକୁ ପାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଶୁକ୍ରବାର ପୁରୀ ପଠାଇଛି।

### ନ୍ୟାୟ ଦାବିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ପୁରୀ, ୨୯।୧୨(ଅଜିତ୍ ମହାନ୍ତି)

ନିମାପଡ଼ା ଥାନା ଅଞ୍ଚଳର ଜଣେ ଅନୁସୂଚିତ ଜାତି ବର୍ଗର ଅସହାୟ ମହିଳାଙ୍କୁ ଜଣେ ବିଦ୍ୟାଳୟ କର୍ମଚାରୀ ବଳାତ୍କାର ଉଦ୍ୟମ କରିବା ମାମଲାରେ ପୋଲିସ ତାଙ୍କୁ ଗିରଫ ନ କରି ଜାମିନରେ ଛାଡ଼ିଦେଇଛି। ଏହାର ପ୍ରତିବାଦରେ ତଥା ନ୍ୟାୟ ଦାବିରେ ଆମ୍ବେଦକର ରାଇଟ ସଲିଡାରିଟି ଫୋରମ୍ ତରଫରୁ ଶୁକ୍ରବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅଭିଯୋଗପତ୍ରରେ ଦର୍ଶାଯାଇଛି, ନଭେମ୍ବର ୩ରେ ସମ୍ପୃକ୍ତ ମହିଳାଙ୍କୁ ଏକ ବିଦ୍ୟାଳୟର ଜଣେ କର୍ମଚାରୀ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ଖସି ଆସିବାକୁ ଚେଷ୍ଟା କରିବାରୁ ସମ୍ପୃକ୍ତ କର୍ମଚାରୀ ଉତ୍ୟକ୍ତ ହୋଇ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଏନେଇ ମହିଳା ଜଣକ ନିମାପଡ଼ା ଥାନାରେ ନଭେମ୍ବର ୫ରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲା। ଆମ୍ବେଦକର ସଲିଡାରିଟି ଫୋରମ ଏ ନେଇ ପ୍ରଶାସନକୁ ଅବଗତ କରାଇବା ପରେ ଅଭିଯୁକ୍ତଙ୍କୁ ସରକାରୀ ଚାକିରିରୁ ନିଲମ୍ବନ କରାଯାଇଥିଲା। ମାତ୍ର ଗିରଫ କରାଗଲା ନାହିଁ। ସେହିପରି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଅଭିଯୁକ୍ତ ଆତ୍ମସମର୍ପଣ କରି ନ ଥିଲେ। ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଫୋରମ୍ ଦାବି କରିଛି।

### କ୍ରୀଡ଼ା ପ୍ରତିଯୋଗିତା

କଣାସ, ୨୯।୧୨(ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପ୍ରାୟୋଜିତ ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଫଳ ରୂପାୟନ ଅଧୀନ ବିଭିନ୍ନ ପ୍ରତିଯୋଗିତା ମଧ୍ୟରୁ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର କଣାସ ସ୍ନାତକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ନୋଡାଲ ଅଧିକାରୀ ଗୌରୀଶଙ୍କର ମଲ୍ଲିକ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ବିଭିନ୍ନ ଦୌଡ଼ ତଥା ଶଟ୍‌ପୁଟ୍, ଜାଭିଲିନ୍, ଡିସିକ୍ସଥ୍ରୋ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ବିଶ୍ୱଜିତ୍ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ସୂର୍ଯ୍ୟମନ୍ଦିର ନିର୍ମାଣରେ ଭିଙ୍ଗୁରାଗଡ଼ର ତ୍ୟାଗ ଅତୁଳନୀୟ

**ଡ. ସୁରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଅନୁସନ୍ଧାନରୁ ମିଳିଲା ତଥ୍ୟ**

ପୁରୀ, ୨୯।୧୨(ଅଜିତ୍ ମହାନ୍ତି)



ଗଡ଼ଭିଙ୍ଗୁରା ଗ୍ରାମର ବରାହୀ ଠାକୁରାଣୀ ।



କ୍ଷତ୍ରିୟମାନଙ୍କ କୁନ୍ତଳ ଖଡଗକୁ ଡ. ସୁରେନ୍ଦ୍ର ମିଶ୍ର ଧରି ଅନୁଧ୍ୟାନ କରୁଛନ୍ତି ।

ହଜାରେ ବର୍ଷର ଗଡ଼ ହେଉଛି ପୁରୀ ଜିଲାର ଗଡ଼ଭିଙ୍ଗୁରା ଗ୍ରାମ। ଗଙ୍ଗବଂଶ ଶାସନ କାଳରେ କୋଣାର୍କ ସୂର୍ଯ୍ୟମନ୍ଦିରକୁ କେନ୍ଦ୍ରକରି ଗଢ଼ିଉଠିଥିବା ୧୬ ଗଡ଼ ମଧ୍ୟରେ ଏହା ପ୍ରାଚୀନ। ଐତିହ୍ୟ ଅଛି, ଏହା ମଧ୍ୟରୁ ୬ଟି ଗଡ଼ର ସେନାଧ୍ୟକ୍ଷଙ୍କ ରଣକୌଶଳ ସର୍ବଶ୍ରେଷ୍ଠ ଥିଲା। ପ୍ରେମ-ପ୍ରଦୋଷ କାବ୍ୟରୁ ଏହା ଜଣାଯାଏ। 'ଗୋଲରା ବାଙ୍ଗର, ରୂପାସ, ଭିଙ୍ଗୁରା, ନିପାଣିଆ, ଦୁର୍ଗେଶ୍ୱର, ସେନାଧ୍ୟକ୍ଷଙ୍କ କୁନ୍ତ ଖଡ୍ଗ ଅସୀ କ୍ରୀଡ଼ା ଅତି ମନୋହର।'

ଗଜପତିଙ୍କ ଯୁଦ୍ଧ ଅଭିଯାନରେ ଭିଙ୍ଗୁରାଗଡ଼ ଭେଣ୍ଡିଆ ଆଗରେ ଯିବାର ପରମ୍ପରା ଥିଲା। ଏମାନେ ଓଡ଼ିଶାର ସୁରକ୍ଷା ପ୍ରତି ସଚେତନ ରହିବା ସହିତ ଜଗପତିଙ୍କ ପରିବାର ସୁରକ୍ଷାରେ ନିୟୋଜିତ ରହୁଥିଲେ। ଏବେ ୪ଟି ସାହିର କ୍ଷତ୍ରୀୟମାନେ ରହିଛନ୍ତି। ବାରଶହ ଏକର ପରିମିତ ଗଡ଼ରେ ୧୦ ଏକର ଜଙ୍ଗଲ ମଧ୍ୟରେ ପୂଜାପାଉଥିଲେ ମା' କନକଦୁର୍ଗା। ମନ୍ଦିର ଭାଙ୍ଗିଯିବା ପରେ ଦେଉଳ ପୋଖରୀ ଆଜି ଅଛି, ଗଡ଼ର ପୂର୍ବ ଦିଗରେ ରହିଛନ୍ତି ମା' ବରାହୀ । ବରାହୀ ଠାକୁରାଣୀଙ୍କ ମୂର୍ତ୍ତି ତତ୍ତ୍ୱରୁ ଜଣାପଡୁଛି, ହଜାର ବର୍ଷରୁ ଅଧିକ ପୂର୍ବରୁ ସେ ପ୍ରତିଷ୍ଠିତା। ତାଙ୍କ ପାଖରେ କ୍ଷତ୍ରୀୟମାନଙ୍କ କୁନ୍ତଳ ଖଡଗ୍ ପୂଜା ହେବାପରେ ଶୋଭାଯାତ୍ରାରେ ଦଶହରା ପୂଜାକୁ ଯାଏ। ଖଣ୍ଡାଘର ଓ ଯୁଦ୍ଧ ଶିକ୍ଷା ଘର ଏବେ ଭଗ୍ନ। କୋଣାର୍କ ମନ୍ଦିର ନିର୍ମାଣବେଳେ ଏହି ଗଡ଼ର ଭେଣ୍ଡିଆମାନେ ଜଳପଥରେ ଆସୁଥିବା ପଥରକୁ ନେଇ କୋଣାର୍କର ଭଗବତୀ ମନ୍ଦିର ପାଖରେ ଥିବା ପଥରଗଦାରେ ଜମା କରୁଥିଲେ। ପଥର ବୁହା ନଦୀରେ ପଥର ଯାଇ ଗଡ଼ମୃଗଶିରାରେ ପହଞ୍ଚିଲେ ଭିଙ୍ଗୁରା ଗଡ଼ ଭେଣ୍ଡିଆଙ୍କ ଦାୟିତ୍ୱ ବଢ଼ିଯାଏ। ଏହି ଗଡ଼ର ଭେଣ୍ଡିଆମାନେ ଶିଳ୍ପୀମାନଙ୍କ ଶିବିର ସୁରକ୍ଷା ଦାୟିତ୍ୱରେ ଥିଲେ। ଗଜପତି ଲାଙ୍ଗୁଳା ନରସିଂହ ଦେବ ଏହି ଗଡ଼ର ସାଆନ୍ତଙ୍କ କାର୍ଯ୍ୟନିଷ୍ଠା ଦେଖି ହରିଚନ୍ଦନ ମହାପାତ୍ର ଉପାଧି ପ୍ରଦାନ କରିଥିଲେ। ଐତିହ୍ୟ ଅନୁସନ୍ଧାନ ପାଇଁ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଶ୍ରୀନାରାୟଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟମାନେ ଗଡ଼କୁ ଯାଇଥିଲେ। ଗଡ଼ ସଭାପତି ଗର୍ନ୍ଧବ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଂଶୀଧର ଜେନା, ଦେବେନ୍ଦ୍ରନାଥ ରଣବୀର, ଶ୍ରୀଧର ରାଉତରାୟ ଗଡ଼ର ଅନେକ ଐତିହ୍ୟ ପ୍ରକାଶ କରିଥିଲେ। ଟ୍ରଷ୍ଟ ବୋର୍ଡ ସଭାପତି ଛବିନ୍ଦ୍ର ପ୍ରଧାନ, ସମ୍ପାଦକ ସନ୍ତୋଷ ସ୍ୱାଇଁ, ପ୍ରଶାନ୍ତ ପରିଡ଼ା, ଲକ୍ଷ୍ମୀଧର ଗୋଛାୟତ ପ୍ରମୁଖ ଗଡ଼ର ବିଭିନ୍ନ ସ୍ଥାନ ତଥା ଗଡିଶ୍ୱର, ଧବଳେଶ୍ୱର ଏବଂ ନୀଳକଣ୍ଠେଶ୍ୱର ମନ୍ଦିର ସହିତ ଜାଗୁଳେଇ ମନ୍ଦିରର ଐତିହ୍ୟ ଅନୁସନ୍ଧାନରେ ସହାୟତା କରିଥିଲେ।

# କ୍ଷେତରେ ଜଳିଗଲା ୪ ଏକର ପାଚିଲା ଧାନ

**୬ ଚାଷୀଙ୍କୁ ସହାୟତା ଦାବି**

ଗୋପ, ୨୯।୧୨(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ଥାନା ଅନ୍ତର୍ଗତ ନାରୁଅ ଗ୍ରାମ ନିକଟସ୍ଥ ଏକ ଧାନକ୍ଷେତରେ ୪ ଏକର ପାଚିଲା ଧାନ ଜଳିଯାଇଛି। ଶୁକ୍ରବାର ଅପରାହ୍ନରେ ଏହି ଘଟଣା ଘଟିଛି। ଖବର ପାଇ ଗୋପ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସମସ୍ତ ଧାନ ପୋଡ଼ି ପାଉଁଶ ହୋଇଯାଇଛି। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାହା ଜଣାପଡ଼ି ନାହିଁ ବୋଲି ଅଗ୍ନିଶମ ବିଭାଗ ଦାୟିତ୍ୱରେ ଥିବା ବିବେକାନନ୍ଦ ମଲ୍ଲିକ୍ କହିଛନ୍ତି।

ପ୍ରକାଶ ଯେ, ନାରୁଅ ଗ୍ରାମର ଜଟ ସ୍ୱାଇଁ, ଧ୍ରୁବ ଚରଣ ସ୍ୱାଇଁ, କୁମୁଦ ସ୍ୱାଇଁ, ବାପି ପାଢ଼ୀ, ରବି ଜେନା, ଅପର୍ତ୍ତି ସ୍ୱାଇଁ ପ୍ରମୁଖ ଧାନଚାଷ କରିଥିଲେ। ଶୁକ୍ରବାର ଅପରାହ୍ନରେ ହଠାତ୍ ବିଲରେ ପାଚିଲା ଧାନ ଜଳିବା ଖବର ପାଇ ସେଠାକୁ ଧାଇଁଥିଲେ। ହେଲେ କେହି ନିଆଁକୁ ରୋକିପାରି ନ ଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସବୁ ଧାନ ପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ଧାନ ସହିତ ଆଉ ଦୁଇ ଧାନଗଦା ମଧ୍ୟ ପୋଡ଼ିଯାଇଛି। ତୁରନ୍ତ ଏହି ଚାଷୀମାନଙ୍କୁ ଅଗ୍ନିଶମ ବିଭାଗ ରିପୋର୍ଟ ଅନୁଯାୟୀ ସରକାରୀ ସହାୟତା ଯୋଗାଇ ଦେବାକୁ ବିଧାୟକ ସମୀର ରଞ୍ଜନ ଦାଶ ନିର୍ଦ୍ଦେଶ ଦେଇଛନ୍ତି। ଏବେ କ୍ଷତିଗ୍ରସ୍ତ ଚାଷୀମାନେ କିପରି ଋଣମୁକ୍ତ ହେବେ ତାହା ସେମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

# ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବାକୁ ପ୍ରୟାସ

ଅସ୍ତରଙ୍ଗ, ୨୯।୧୨(ପ୍ରଦୀପ୍ତ ଦୀକ୍ଷିତ):

ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଖେଳପଡ଼ିଆଠାରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଦ୍ୱାରା ଆୟୋଜିତ ବ୍ଲକସ୍ତରୀୟ ନୂଆ-ଓର କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାକୁ କ୍ରୀଡ଼ା ମନ୍ତ୍ରୀ ଇଂ. ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରି ପିଲାଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ଏହା ଏକ ପ୍ରୟାସ ବୋଲି କହିଥିଲେ। ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅତିରିକ୍ତ ଶିକ୍ଷାଧିକାରିଣୀ ରାଜଲକ୍ଷ୍ମୀ ପାତ୍ର, ସାଂସଦଙ୍କ ପ୍ରତିନିଧି ଚମ୍ପକ ବାରିକ୍, ୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ବନିତା ବେହେରା, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ସଂଯୋଜକ ଅତିରିକ୍ତ ବିଡିଓ ଯୋଗେନ୍ଦ୍ର ମହାକୁଡ଼ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର ସଭାକୁ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ମନ୍ତ୍ରୀ ଖେଳାଳିଙ୍କ ସହ କରମର୍ଦ୍ଦନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏଥିରେ କବାଡ଼ି, ଖୋ ଖୋ, ଭଲିବଲ୍, ଫୁଟ୍‌ବଲ, କ୍ରିକେଟ୍ ଆଦି ବ୍ଲକସ୍ତରୀୟ ଖେଳ ଅନୁଷ୍ଠିତ ହୋଇ ପ୍ରତି ଖେଳର ଚାମ୍ପିୟନ ଓ ଭଲ ଖେଳାଳି ଜିଲାସ୍ତର କ୍ରୀଡ଼ାକୁ ମନୋନୀତ କରାଯିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ୯ ପଞ୍ଚାୟତର କବାଡ଼ି ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଖେଳ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ ଦକ୍ଷତା ବିକାଶ ସମ୍ଭବ



ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

ଡେଲାଙ୍ଗ, ୨୯।୧୨(ରଶ୍ମିରଞ୍ଜନ ପ୍ରଧାନ):

ଗାଦିବ୍ରହ୍ମ ଡିଗ୍ରୀ ମହାବିଦ୍ୟାଳୟ ଓ ଇନ୍ଦିପୁର ଆଚାର୍ଯ୍ୟ ହରିହର ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ- ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ କ୍ରୀଡ଼ା, ସଂସ୍କୃତି ଓ ସାମାଜିକ ସେବା କ୍ଷେତ୍ରରେ ପ୍ରତ୍ୟେକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବା ଆବଶ୍ୟକ। ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ ଛାତ୍ର ଜୀବନର ଲୁକ୍କାୟିତ ଅବସ୍ଥାରେ ଥିବା ଦକ୍ଷତାର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଜିଲା ପରିଷଦ ପ୍ରସନ୍ନ ସାହୁ, ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ପୁରୀ ଜିଲା ନୋଡାଲ ଅଫିସର ଗୌରୀଶଙ୍କର ମଲ୍ଲିକ, ପରିଚାଳନା କମିଟି ସଭାପତି ଅଶୋକ ମହାନ୍ତି, ସ୍ଥାନୀୟ ସରପଞ୍ଚ ଦୀପକ ସାହୁ, ଛାତ୍ର ନେତା ସୁଦୀପ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ତ୍ରିନାଥ ପରିଡ଼ା ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ ପ୍ରଶାନ୍ତ ହୋତା ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅବସରପ୍ରାପ୍ତ କିରାଣି ମହେଶ୍ୱର ଜେନାଙ୍କୁ ମାନପତ୍ର ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ଇନ୍ଦିପୁରସ୍ଥିତ ଆଚାର୍ଯ୍ୟ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ-ଓ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କାହ୍ନୁଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ମହାରଥୀ, ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ସାହୁ, ଉପାଧ୍ୟକ୍ଷ ନିଶଙ୍କ, ଆମ୍ବାର ଅଧ୍ୟକ୍ଷା ମିନତୀ ସେନାପତି, ସମିତିସଭ୍ୟା ଭାଗ୍ୟଲକ୍ଷ୍ମୀ ବେହେରା, ନୋଡାଲ ଅଫିସର ଅଧ୍ୟାପକ ତ୍ରିନାଥ ସାହୁ, ଛାତ୍ର ନେତା ସୁଦୀପ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପରିସରରେ ନୂତନ ଗୃହ ନିର୍ମାଣ ପାଇଁ ବିଧାୟକ ଶିଳାନ୍ୟାସ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଆଶିଷପତ୍ର ସହିତ କପ୍ ପ୍ରଦାନ କରାଯାଇଥିଲା।

# ଦୟାବିହାର ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ ଉଦ୍‌ଯାପିତ

କଣାସ, ୨୯।୧୨(ବିଭୂତି ଭୂଷଣ ତ୍ରିପାଠୀ)



ଦୟାବିହାର ସ୍ନାତକ ମହାବିଦ୍ୟାଳୟରେ ନୂଆ- ଓ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ମହେନ୍ଦ୍ର ରଣସିଂହ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ସେବା ଓ ନୂଆ ଓଡ଼ିଶା ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଅତୁଳନୀୟ ବୋଲି ମତ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ନୂଆ ଓ ଜିଲା ସଂଯୋଜକ ଗୌରୀଶଙ୍କର ମଲ୍ଲିକ ଓ କଣାସ ବ୍ଲକ ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ନୂଆ ଓ ସଂଯୋଜକ ମନୋଜ ମିଶ୍ର ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### କଂଗ୍ରେସର ପ୍ରତିଷ୍ଠା ଦିବସ

ଡେଲାଙ୍ଗ, ୨୯।୧୨(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକରେ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ୧୩୯ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଯୋଗଦେଇ କାର୍ଯ୍ୟାଳୟ ପରିସରରେ ଦଳୀୟ ପତାକା ଉତ୍ତୋଳନ କରିବା ପରେ ଗାନ୍ଧୀପୀଠକୁ ଯାଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଆଗାମୀ ଦିନରେ ତୃଣମୂଳସ୍ତରରୁ ଦଳକୁ ମଜଭୁତ କରିବାକୁ କର୍ମୀଙ୍କୁ ମିଶ୍ର ଗୁରୁମନ୍ତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟମନୁ ସାମନ୍ତରାୟ, ପ୍ରହ୍ଲାଦ ପ୍ରଧାନ, ପ୍ରଶାନ୍ତ ଜେନା, ସୂର୍ଯ୍ୟନାରାୟଣ ସାମନ୍ତରାୟ, ହରେକୃଷ୍ଣ ପାଇକରାୟ, ମାନସ ସ୍ୱାଇଁ, ସୌମ୍ୟରଞ୍ଜନ ବରାଳ, ଏସ୍.କେ. ମେହବୁବ, ରମେଶ ବେହେରା, ବିଶ୍ୱରଞ୍ଜନ ମିଶ୍ର, ସୁରେନ୍ଦ୍ର ସେଠୀ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

### ସୁରେନ୍ଦ୍ରନାଥ ବିଦ୍ୟାପୀଠର ୧୯୯୫ ବ୍ୟାଚ୍‌ର ବନ୍ଧୁମିଳନ

ଅସ୍ତରଙ୍ଗ, ୨୯।୧୨(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଅଧୀନ ସୁନ୍ଦର ସୁରେନ୍ଦ୍ରନାଥ ବିଦ୍ୟାପୀଠର ୧୯୯୫ ବ୍ୟାଚ୍‌ର ୬ଷ୍ଠ ବାର୍ଷିକୀ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ସର୍ବଧର୍ମ ସମନ୍ୱୟର ପୀଠ ପୀର ଜାହାନିଆ ବେଳାଭୂମିଠାରେ ମହାସମାରୋହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାପୀଠର ପ୍ରଥମ ତଥା ୧୯୮୪ ବ୍ୟାଚର ଛାତ୍ର ପ୍ରତିନିଧି ଭାବେ ସୁକାନ୍ତ ସ୍ୱାଇଁ ଏବଂ ଚଳିତ ୨୦୨୩ ମାଟ୍ରିକ ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ସୁଶ୍ରୀ ପ୍ରିୟଦର୍ଶିନୀ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ପୁରାତନ ଛାତ୍ରୀଛାତ୍ର ଏବଂ ସେମାନଙ୍କ ପରିବାର ଏକାଠି ହୋଇ ଆନନ୍ଦ ଉଲ୍ଲାସର ସହିତ ଉକ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ ପୁରୁଣା ଦିନର ସ୍ମୃତିକୁ ମନେପକାଇ ଖୁବ ଭାବବିହ୍ୱଳ ହୋଇଥିଲେ। ଉତ୍ସବକୁ ୧୯୯୫ ବ୍ୟାଚ୍‌ର ସମସ୍ତ ଛାତ୍ରୀଛାତ୍ର ଆୟୋଜନ କରିଥିଲେ।

# ସାକ୍ଷୀଗୋପାଳ କଲେଜରେ ନାଚ, ଗୀତ ପ୍ରତିଯୋଗିତା

ସାକ୍ଷୀଗୋପାଳ, ୨୯।୧୨(ଭରତ ରାଉତ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନୂଆ -ଓ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୁକ୍ରବାର ନୃତ୍ୟ, ଗୀତ, ଷ୍ଟାଣ୍ଡ ଅପ୍ କମେଡି ତଥା ଫ୍ୟାଶନ ଶୋ' ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସତ୍ୟ ଶିବ ସୁନ୍ଦର ମିଶ୍ର ଏହି ସାଂସ୍କୃତିକ କଳା ପ୍ରତିଯୋଗିତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ଛାତ୍ରୀଛାତ୍ର ସେମାନଙ୍କ ନିକଟରେ ଥିବା ବିଭିନ୍ନ ପ୍ରତିଭା କଳାର ପରିଚୟ ମଞ୍ଚରେ ଉପସ୍ଥାପନ କରିଥିଲେ, ଯାହା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ସୁଜାତା ମହାପାତ୍ର, ପ୍ର. ପ୍ରତିମା ସାହୁ, ପ୍ର. ଦର୍ଶନା ବାରିକ, ପ୍ର. ଦୀପ୍ତିମୟୀ ସାହୁ, ପ୍ର. ରୋଜାଲିନ ରଥ ପ୍ରମୁଖ ବିଚାରପତି ଭାବରେ ଉପସ୍ଥିତ ରହିଥିଲେ। ଯୁକ୍ତ ୩ ଛାତ୍ର ଶିବନାରାୟଣ ପଣ୍ଡା ଏବଂ ଛାତ୍ରୀ ଫର୍ଜନା ପରୱିନ ମଞ୍ଚ ସଞ୍ଚାଳନ କରିଥିଲେ। ଉତ୍ସବଗୁଡ଼ିକୁ ଯୁକ୍ତ ୨ ନୋଡାଲ ଅଫିସର ପ୍ରଫେସର ଧନୁର୍ଦ୍ଧର ମୁଦୁଲି ତଥା ଯୁକ୍ତ ୩ ନୋଡାଲ ଅଫିସର ପ୍ରଫେସର ଚନ୍ଦ୍ରଶେଖର ତ୍ରିପାଠୀ ପୁଙ୍ଖାନୁପୁଙ୍ଖ ତଦାରଖ କରିଥିଲେ। ପ୍ରତିଯୋଗିତାରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ତଥା ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥି, ଅଧ୍ୟାପିକା ଅଧ୍ୟାପକଙ୍କ ଗହଣରେ ଛାତ୍ରୀଛାତ୍ରମାନେ ।

# ୧ରୁ ରାଶନ ବଣ୍ଟନ ବନ୍ଦ ଡାକରା ଦେଲା ରିଟେଲର ସଂଘ

ପୁରୀ, ୨୯।୧୨(ଅଜିତ ମହାନ୍ତି):

ସର୍ବଭାରତୀୟ ଫେୟାର ପ୍ରାଇସ ସପ୍‌ଡିଲର ଫେଡେରେଶନ ଆହ୍ୱାନ କ୍ରମେ ଶୁକ୍ରବାର ପୁରୀ ଜିଲା ରିଟେଲର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ପକ୍ଷରୁ ୧୬ ଦଫା ଦାବି ନେଇ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜିଲାପାଳ, ଜିଲାଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିଗୁଡ଼ିକ ହେଲା ଖୁଚୁରା ବିକ୍ରେତାଙ୍କ ପାରିଶ୍ରମିକ ଅର୍ଥରାଶି ବୃଦ୍ଧି, କୋଭିଡ ସମୟର ବକେୟା ୨୮ ମାସର ପାରିଶ୍ରମିକ ତୁରନ୍ତ ଏକକାଳୀନ ପ୍ରଦାନ, ଅନ୍ୟ ରାଜ୍ୟ ଭଳି ତିନିବର୍ଷ ପାଇଁ ସନନ୍ଦ ନବୀକରଣ, ସ୍ୱାସ୍ଥ୍ୟବୀମା କାର୍ଡରେ ଖୁଚୁରା ବିକ୍ରେତାଙ୍କୁ ସାମିଲ କରାଯିବା, କାର୍ଯ୍ୟରତ ରିଟେଲରମାନଙ୍କୁ ବୀମାଭୁକ୍ତ କରିବା, ଏକ କୁଇଣ୍ଟାଲ ଖାଉଟି ସାମଗ୍ରୀ ଖୁଚୁରା ବଣ୍ଟନରେ ନିଅଣ୍ଟ ବାବଦକୁ ଏକ କିଲୋଗ୍ରାମ ଭରଣ କରିବା, ଗୋଟିଏ ଦେଶ ଗୋଟିଏ ରାଶନ ସମ୍ମାନ ପ୍ରଦାନ କରିବା, ଜାତୀୟ ଖାଦ୍ୟ ସୁରକ୍ଷା ୨୦୧୩ ନିୟମାନୁଯାୟୀ ବଣ୍ଟନ ବାବଦ ଅଗ୍ରୀମ ଅର୍ଥରାଶି ପ୍ରଦାନ କରିବା ସହ ବିଭିନ୍ନ ଦାବି ନେଇ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜିଲାପାଳ, ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଆସନ୍ତା ଜାନୁୟାରୀ ୧ତାରିଖଠାରୁ ରାଶନ ସାମଗ୍ରୀ ବଣ୍ଟନ ବନ୍ଦ କରିବା ପାଇଁ ସଂଘ ନିଷ୍ପତ୍ତି ନିଆଯାଇଛି। ସଂଘର ନ୍ୟାଯ୍ୟ ଦାବିକୁ ସମର୍ଥନ କରିବା ପାଇଁ ଖାଉଟି ଏବଂ ଜନସାଧାରଣଙ୍କୁ ସଂଘ ଅନୁରୋଧ କରିଛି।



ପୁରୀ ଡିଲର ଆସୋସିଏଶନ ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି ।

# ନ୍ୟାୟ ପରିବର୍ତ୍ତେ ମାନସିକ ଯନ୍ତ୍ରଣା ଦେଉଛି ପୋଲିସ

**ଅଭିଯୋଗର ୨୦ ଦିନ ପରେ ବି ମାମଲା ରୁଜୁ ହୋଇନି**

ପିପିଲି, ୨୯।୧୨ (ପ୍ରଭାତ କୁମାର ମହାପାତ୍ର):

ପିପିଲି ଥାନାରେ ସାଧାରଣ ଲୋକେ ଅଭିଯୋଗ କଲେ ନ୍ୟାୟ ମିଳୁ ନ ଥିବା ଅଭିଯୋଗ ହେଉଛି। ପୋଲିସ ନ୍ୟାୟ ପରିବର୍ତ୍ତେ ମାନସିକ ଯନ୍ତ୍ରଣା ଦେଉଛି। ଅଭିଯୋଗ କଲେ ବିଭିନ୍ନ ଆଳ ଦେଖାଇ ମାମଲାକୁ ଚାପି ଦେବାକୁ ଉଦ୍ୟମ କରୁଛି। ଏଭଳି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ଅଭିଯୋଗ ମୁତାବକ, ପିପିଲି ଥାନା ଦଶବାଟିଆ ଗ୍ରାମର ସରୋଜିନୀ ଦାସ (୪୮)ଙ୍କର ନିଜ ଦଖଲରେ ଥିବା ଜମିବାଡ଼ିକୁ ନେଇ ନିକଟସ୍ଥ ଜନୈକା ମହିଳାଙ୍କ ସହ ବିବାଦ ଲାଗିଥିଲା। ସରୋଜିନୀଙ୍କ ଦଖଲ ଥିବା ଜମିକୁ ସମ୍ପୃକ୍ତ ମହିଳା ଜାଲିଆତି କରି ପଟ୍ଟା କରିଦେଇଥିବା ନ୍ୟାୟାଳୟରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଗତ ୯ ତାରିଖରେ ଉକ୍ତ ବିବାଦୀୟ ଜମିକୁ ସେହି ମହିଳା ଜଣକ କେତେଜଣ ଗୁଣ୍ଡାଙ୍କୁ ପଠାଇ ଜମିରେ ଲାଗିଥିବା ବିଭିନ୍ନ ଗଛ କାଟୁଥିଲେ। ଏହି ସମୟରେ ସରୋଜିନୀ ବିରୋଧ କରିଥିଲେ ମଧ୍ୟ ସେମାନେ କିଛି ନ ଶୁଣି ଗଛ କାଟିଦେଇଥିଲେ। ଏପରିକି ତାଙ୍କୁ ଜଣେ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ସରୋଜିନୀ ତାଙ୍କ ଝିଅ ସହ ପିପିଲି ଥାନାକୁ ନ୍ୟାୟ ପାଇଁ ଆସିଥିବା ବେଳେ ପୋଲିସ ତାଙ୍କୁ ମେଡିକାଲକୁ ଚିକିତ୍ସା ରିପୋର୍ଟ ପାଇଁ ପଠାଇଥିଲା। ଥାନାରେ ରିପୋର୍ଟ ଦାଖଲ ପରେ ବି ସରୋଜିନୀଙ୍କ ଅଭିଯୋଗପତ୍ରକୁ ପୋଲିସ ଗ୍ରହଣ ନ କରି ଫେରାଇ ଦେଇଥିଲା। ଅନ୍ୟପଟେ ବିବାଦୀୟ ଜମିରେ ବିପକ୍ଷମାନେ ବଳପୂର୍ବକ ପାଚେରି ନିର୍ମାଣ କରିବା ପ୍ରଚେଷ୍ଟାକୁ ରୋକିବାକୁ ସରୋଜିନୀ ତହସିଲଦାରଙ୍କ ନିକଟରେ ୧୪୪ ଧାରା ଜାରି ପାଇଁ ଆବେଦନ କରିଥିଲେ। ତେବେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜାଣିଶୁଣି ରିପୋର୍ଟ ଦେବାରେ ବିଳମ୍ବ କରାଯାଇଥିଲା। ଦୀର୍ଘ ୨୦ ଦିନ ହେବ ଥାନା ଓ ତହସିଲ ଅଫିସକୁ ଦୌଡୁଥିବା ସରୋଜିନୀଙ୍କ ନ୍ୟାୟ ବିଳମ୍ବ ନେଇ ଗଣମାଧ୍ୟମ ନଜରକୁ ଆସିଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟଙ୍କୁ ପଚାରିବାରେ, ସରୋଜିନୀ ବିବାଦୀୟ ଜମିକୁ କାହିଁକି ଯାଉଥିଲେ ବୋଲି ପାଲଟା ପ୍ରଶ୍ନ କରିଥିଲେ। ଅପରପକ୍ଷେ ଡାକ୍ତରଖାନା ରେଜିଷ୍ଟର ତଥ୍ୟ ମୁତାବକ (ଓପିଡି ସଂଖ୍ୟା-୧୨୬୯୮) ସରୋଜିନୀ ୯ ତାରିଖରେ ମେଡିକାଲରେ ଚିକିତ୍ସିତ ହୋଇଥିବା ଡାକ୍ତର ପ୍ରତ୍ୟୁଷ ମହାପାତ୍ର କହିଛନ୍ତି। ତେବେ ପୀଡ଼ିତାଙ୍କ ଡାକ୍ତରୀ ରିପୋର୍ଟରେ ୯ ପୂର୍ବରୁ ଏକ କଟାକଟି ଗାର ପଡ଼ି ୧୯ ଦେଖାଯାଉଥିବାରୁ ମାମଲା ହୋଇପାରିବନାହିଁ ବୋଲି ପୋଲିସ କହିଥିଲା। ଏହାକୁ ନେଇ ସରୋଜିନୀ ମାନସିକ ନିର୍ଯାତନା ଭୋଗୁଛନ୍ତି। ତୁରନ୍ତ ନ୍ୟାୟ ଦେବାକୁ ମୁଖ୍ୟମନ୍ତ୍ରୀ, ଡିଜିପି, ଜିଲାପାଳ ଏବଂ ଏସ୍‌ପିଙ୍କୁ ସେ ଗୁହାରି ଜଣାଇଛନ୍ତି।

## ସଂକ୍ଷେପରେ

### ‘ଭ୍ରମଣ କାହାଣୀ’ ଏବଂ ’ଗାନ୍ଧୀ ଜୟନ୍ତୀ ଓ ଅନ୍ୟାନ୍ୟ କାହାଣୀ’ ଉନ୍ମୋଚିତ

**ଭୁବନେଶ୍ୱର,୨୯।୧୨(ଶର୍ମିଷ୍ଠା ପାଣିଗ୍ରାହୀ):** ପେନ୍ ଇନ ବୁକ୍ସ ପକ୍ଷରୁ ସୂଚନା ଭବନରେ ଶୁକ୍ରବାର କଥାକାର ଗୌରହରି ଦାସଙ୍କ ଦୁଇଟି ପୁସ୍ତକ ‘ଭ୍ରମଣ କାହାଣୀ’ ଏବଂ ’ଗାନ୍ଧୀ ଜୟନ୍ତୀ ଓ ଅନ୍ୟାନ୍ୟ କାହାଣୀ’ ଉନ୍ମୋଚିତ ହୋଇଯାଇଛି। ଅତିଥି ଭାବେ ଔପନ୍ୟାସିକ ବିଭୂତି ପଟ୍ଟନାୟକ, ବିଶିଷ୍ଟ କବି ତଥା ଚିନ୍ତକ ହରପ୍ରସାଦ ଦାସ, ଲେଖକ ତଥା ଅନୁବାଦକ ଯତୀନ୍ଦ୍ର କୁମାର ନାୟକ, ବିଶିଷ୍ଟ କଥାକାର ଦେବପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଲେଖକୀୟ ବକ୍ତବ୍ୟରେ ଦାସ ୧୯୯୬ରେ ତାଙ୍କର ପ୍ରଥମ ବିଦେଶ ଗସ୍ତର ଅନୁଭୂତି ବଖାଣିବା ସହ ବିଭିନ୍ନ ସମୟରେ ଯେଉଁମାନେ ତାଙ୍କୁ ଉତ୍ସାହ, ପ୍ରେରଣା ଓ ସହଯୋଗ ଦେଇଥିଲେ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ। କଥାକାର ଶୁଭ୍ରାଂଶୁ ପଣ୍ଡା ଉତ୍ସବରେ ଅଧ୍ୟକ୍ଷତା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବ୍ୟଙ୍ଗକବି କୁଳାଙ୍ଗାର।

### ପୂର୍ବତନ ଏମ୍‌ପି ମୋହନ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨୯।୧୨(ଅନୁରାଧା ମହାରଣା):** ଭାରତୀୟ ବୌଦ୍ଧ ମହାସଭା ଓ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ପ୍ରଥମ ବାର୍ଷିକ ପରିନିର୍ବାଣ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବୁଦ୍ଧ ମନ୍ଦିରରେ ଆଇଏଏସ୍ ଅଫିସର ଧନଞ୍ଜୟ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ କ୍ଷୀରୋଦ ଚନ୍ଦ୍ର ରାଉତ ଯୋଗଦେଇଥିଲେ। ସ୍ୱର୍ଗତ ଜେନା ସର୍ବଦା ସତ୍ୟ, ନ୍ୟାୟ ଓ ସେବାକୁ ବ୍ରତ କରି ସମାଜର ଅବହେଳିତଙ୍କ ପାଇଁ ଲଢ଼େଇ ଜାରି ରଖିଥିଲେ ବୋଲି ରାଉତ କହିଥିଲେ। ସମାଜବାଦୀ ପାର୍ଟିର ସଭାପତି ରବି ବେହେରା ସ୍ୱର୍ଗତ ଜେନାଙ୍କ ଛାତ୍ରଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଦୃଷ୍ଟିବାଧିତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିପିନ ବିହାରୀ ତ୍ରିପାଠୀ କହିଲେ, ଦୃଷ୍ଟିବାଧିତ ସଂଘର ସଭାପତି ଥିବାବେଳେ ସ୍ୱର୍ଗତ ଜେନା ଅନେକ ଦୃଷ୍ଟିବାଧିତଙ୍କୁ କର୍ମନିଯୁକ୍ତି କରାଇପାରିଥିଲେ। ସମାଜସେବୀ ନିରୁପମା ରଥ ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ସମୟରେ ତାଙ୍କ ସହ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଭାରତୀୟ ବୌଦ୍ଧ ସଂଘର ସାଧାରଣ ସମ୍ପାଦକ ଲକ୍ଷ୍ମଣ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମାଜିକ କର୍ମୀ ପ୍ରଫୁଲ୍ଲ ଦାସ, ରିପବ୍ଲିକାନ ପାର୍ଟି ଅଫ୍ ଇଣ୍ଡିଆର ସଭାପତି ଶେଖ୍ ଅବଦୁଲ୍ ୱାଲି, ସୁନାକର ବେହେରା, କଳ୍ପତରୁ ମଲ୍ଲିକ, ବାନାମ୍ବର ସେଠୀ, ପୁରୁଷୋତ୍ତମ ମାଝି ପ୍ରମୁଖ ସ୍ୱର୍ଗତ ଜେନାଙ୍କ ବିଭିନ୍ନ କାର୍ଯ୍ୟ, ନୀତି, ଆଦର୍ଶ ଉପରେ ଆଲୋକପାତ କରିଥିଲେ।

# ଫାଟିଲା ଏସି କମ୍ପ୍ରେସର୍, ୪ କର୍ମଚାରୀ ଆହତ

**ଭୁବନେଶ୍ୱର,୨୯।୧୨(ସତ୍ୟଜିତ୍ ରାଉତ)**

### ହାଇଟେକ୍ ହସ୍ପିଟାଲ ଛାତରେ ବିସ୍ଫୋରଣ




ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲରେ ଶୁକ୍ରବାର ଅଘଟଣ ଘଟିଛି। ହସ୍ପିଟାଲ ଛାତ ଉପରେ ଥିବା ଏସି କମ୍ପ୍ରେସର୍‌ରେ ଗ୍ୟାସ୍ ଫିଲିଂ ବେଳେ ବିସ୍ଫୋରଣ ହୋଇଛି। ଏଥିରେ ଏକ ଏଜେନ୍ସିର ୪ଜଣ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ଥିବା ସୂଚନା ମିଳିଛି। ସମସ୍ତ ଆହତଙ୍କୁ ହାଇଟେକ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଅପରାହ୍ନ ପ୍ରାୟ ୫ଟାବେଳେ ଏହି ଘଟଣା ଘଟିଛି। ତେବେ ଛାତ ଉପରେ ଏହି ବିସ୍ଫୋରଣ ହୋଇଥିବାରୁ କୌଣସି ରୋଗୀ ଆହତ ହୋଇନାହାନ୍ତି। ହସ୍ପିଟାଲ ସିଇଓ ଜ୍ୟୋତିର୍ମୟ ପଣ୍ଡା କହିଛନ୍ତି, ଏଜେନ୍ସି ଦ୍ୱାରା ଛାତ ଉପରେ ମେଣ୍ଟେନାନ୍ସ କାମ ଚାଲିଥିବା ବେଳେ ଏହି ଘଟଣା ଘଟିଛି। କମ୍ପ୍ରେସର୍‌ରେ ସମସ୍ୟା ଯୋଗୁ ତାହା ଫାଟିଯାଇଥିଲା। ବିସ୍ଫୋରଣ ପରେ କମ୍ପ୍ରେସର୍‌ରେ ଶର୍ଟସର୍କିଟ୍ ଯୋଗୁ ନିଆଁ ଲାଗିବାରୁ ଧୂଆଁ ବାହାରିଥିଲା। ଏଥିରେ ଆହତ ସମସ୍ତ ୪ଜଣଙ୍କୁ ଚିକିତ୍ସା କରାଯାଉଛି ଓ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଆମ ହସ୍ପିଟାଲର ସମ୍ପୂର୍ଣ୍ଣ ଟିମ୍ ସେମାନଙ୍କ ଚିକିତ୍ସାରେ ଲାଗିଛନ୍ତି। ଏହି ଘଟଣାରେ କେଉଁଠି ତ୍ରୁଟି ରହିଲା ତାହା ଜାଣିବାକୁ ହସ୍ପିଟାଲ ପକ୍ଷରୁ ତଦନ୍ତ କରାଯିବ ବୋଲି ସିଇଓ କହିଛନ୍ତି।

ଆହତଙ୍କ ମଧ୍ୟରେ ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ସୀମାଞ୍ଚଳ ବିଶ୍ୱାଳ ରହିଛନ୍ତି। ସେ ଦୀର୍ଘଦିନ ହେବ ପାଣ୍ଡରାରେ ରହି ଏଜେନ୍ସି ଅଧୀନରେ ଏସି ଟେକ୍ନିସିଆନ ଭାବେ କାମ କରନ୍ତି। ହସ୍ପିଟାଲ ପରିସରରେ ତାଙ୍କ ବାପା ବସି କାନ୍ଦୁଥିବା ଦେଖିବାକୁ ମିଳିଥିଲା। ତେବେ ଅନ୍ୟ ଆହତଙ୍କ ପରିଚୟ ମିଳି ନ ଥିବାବେଳେ ଏନେଇ ହସ୍ପିଟାଲ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇନାହିଁ। ଜଣେ ଆହତଙ୍କ ଗୋଡ଼ ଛିଡ଼ିଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ହଠାତ୍ ବିସ୍ଫୋରଣ ହେବାରୁ ସେମାନେ ଚମକି ପଡ଼ିଥିଲା। ଏହାପରେ ହସ୍ପିଟାଲ ଛାତ ଉପରୁ ୨୦ରୁ ୩୦ ଫୁଟ ପର୍ଯ୍ୟନ୍ତ କଳା ଧୂଆଁମୟ ହୋଇଯାଇଥିଲା। ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀ ଓ ପୋଲିସ ଟିମ୍ ପହଞ୍ଚି ସ୍ଥିତି ସମୀକ୍ଷା କରିବା ସହ ଉଦ୍ଧାର କାର୍ଯ୍ୟ କରିଥିଲା।

# ଟୋକନ ପାଇଥିବା ଚାଷୀଙ୍କଠାରୁ ଧାନ କିଣାଯିବାର ବ୍ୟବସ୍ଥା ହେଉ



ବେଣୁପର ସେବା ସମବାୟ ସମିତି ବୈଠକରେ ଉପସ୍ଥିତ ସମିତି କର୍ମକର୍ତ୍ତା ଓ ଅତିଥି।

**ବାଲିଅନ୍ତା,୨୯।୧୨(ନୀଳମାଧବ ସାହୁ)**

ବାଲିଅନ୍ତା ବ୍ଲକର ବେଣୁପର ସେବା ସମବାୟ ସମିତିର ୬୬ତମ ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ସମିତି କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପୂର୍ଣ୍ଣଚନ୍ଦ୍ର ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ସ୍ଥାନୀୟ ସରପଞ୍ଚ ହୃଷୀକେଶ ପାତ୍ର, ପୂର୍ବତନ ଜିଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ଜେନା, ସମିତି ସମୂହର ସୁପରଭାଇଜର ରାଜେନ୍ଦ୍ର ମହାନ୍ତି, ବୟୋଜ୍ୟେଷ୍ଠ ବ୍ୟକ୍ତି ଅନ୍ତର୍ଯାମୀ ଛୋଟରାୟ, ଶିକ୍ଷାବିତ୍ ଅକ୍ଷୟ ଛୋଟରାୟ, ସମିତି ଉପସଭାନେତ୍ରୀ ମଞ୍ଜୁଲତା ପତି ଓ ନୃସିଂହ ଚରଣ ଜେନାଙ୍କ ସମେତ ସମିତିର ବହୁ ଡାଇରେକ୍ଟର ଓ ସମିତିର ବହୁ ସଭ୍ୟାସଭ୍ୟ ଯୋଗଦେଇଥିଲେ। ସମିତି ସମ୍ପାଦକ ନିରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ପ୍ରାଥମିକ ସମବାୟ ସମିତି ପ୍ରତି ଗ୍ରାମାଞ୍ଚଳର ଲୋକଙ୍କ ଆସ୍ଥା ରହିଛି। ଲୋକମାନେ ଏଠାରେ ଟଙ୍କା ଜମା କରିବା ଓ ଉଠାଣ କରନ୍ତୁ। ଏଠାରୁ ଲୋକେ ଋଣ ନିଅନ୍ତୁ ଓ ଶୁଝନ୍ତୁ ବୋଲି ଜଣେ ସଭ୍ୟ ମତବ୍ୟକ୍ତ କରିଥିଲେ। ସମିତିର ଗୋଦାମ ଘର ନିର୍ମାଣ ପାଇଁ ଅନ୍ୟ ଜଣେ ସଭ୍ୟ ଦାବି କରିଥିଲେ। ଚାଷୀଙ୍କଠାରୁ ତୁରନ୍ତ ଧାନକିଣା ଯିବା ପାଇଁ ବହୁ ସଭ୍ୟ ଦାବି କରିଥିଲେ। ଧାନ ବିକ୍ରି କରିବାକୁ ଚାଷୀଙ୍କ ପାଖକୁ ଟୋକନ ଆସିଛି। ଜାନୁୟାରୀ ପହିଲାରେ ମଣ୍ଡି ଖୋଲାଯାଇ ଟୋକନ ପାଇଥିବା ଚାଷୀଙ୍କଠାରୁ ଧାନକିଣା ଯିବାର ବ୍ୟବସ୍ଥା କରାଯାଉ ବୋଲି ସଭାରେ ମତପ୍ରକାଶ ପାଇଥିଲା। ସ୍ଥାନୀୟ ବିଧାୟକଙ୍କୁ ଶନିବାର ଭେଟି ଏନେଇ ଆଲୋଚନା ପାଇଁ କେତେଜଣ ସଭ୍ୟ ପ୍ରସ୍ତାବ ଦେଇଥିଲେ।

# ସ୍ଥିର ଅର୍ଥନୈତିକ ଅଭିବୃଦ୍ଧିକୁ ଆହଲୁୱାଲିଆଙ୍କ ଗୁରୁତ୍ୱ




ସମ୍ମିଳନୀରେ ମୁଖ୍ୟ ଅତିଥି ତଥା ଯୋଜନା ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଡ. ମଣ୍ଟେକ ସିଂହ ଆହଲୁୱାଲିଆଙ୍କ ସହ ଅନ୍ୟ ଅତିଥିମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ‘ଜୀବନବ୍ୟାପୀ ସାଧନା ସମ୍ମାନ’ ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୨୯।୧୨(ଅସମାପିକା ସାହୁ)**

### ଭାରତୀୟ ଅର୍ଥନୀତି ସଂଘ ସମ୍ମିଳନୀ ଉଦ୍‌ଯାପିତ

### ଅଚ୍ୟୁତ ସାମନ୍ତଙ୍କୁ ‘ଜୀବନବ୍ୟାପୀ ସାଧନା ସମ୍ମାନ’

କିଟ୍‌ଠାରେ ୩ଦିନ ଧରି ଚାଲିଥିବା ଭାରତୀୟ ଅର୍ଥନୀତି ସଂଘର ୧୦୬ତମ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଯୋଜନା ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଡ. ମଣ୍ଟେକ ସିଂହ ଆହଲୁୱାଲିଆ ଯୋଗଦେଇ ସ୍ଥିର ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସମୟରେ ଆସନ୍ତା ୨୫ବର୍ଷ ପାଇଁ ଭାରତର ବାର୍ଷିକ ଅଭିବୃଦ୍ଧି ହାର ୭.୫ ପ୍ରତିଶତରୁ ୮ ପ୍ରତିଶତ ମଧ୍ୟରେ ରହିବ ବୋଲି ସେ କହିଥିଲେ। ଭିଆଇଟିର କୁଳାଧିପତି ଡ. ଜି ବିଶ୍ୱନାଥନ୍ ଅର୍ଥନୈତିକ ଅସମାନତା ନେଇ ଚିନ୍ତା ପ୍ରକଟ କରିବା ସହ ଭାରତର ପ୍ରଗତି ସହ ପ୍ରଗତିଶୀଳ ଦେଶର ଅଭିବୃଦ୍ଧିକୁ ତୁଳନା କରିଥିଲେ। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଅନ୍ୟ ଦେଶ ଭଳି ବଜେଟରେ ଅଧିକ ବ୍ୟୟ ବରାଦ କରିବାକୁ ମତ ରଖିଥିଲେ। ଏହି ଅବସରରେ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସଂଘ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଛି। ସମ୍ମାନ ଗ୍ରହଣ କରି ଡ. ସାମନ୍ତ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଦ୍ରୁତ ବିକାଶ କରିଚାଲିଛି। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଆଜି ଓଡ଼ିଶା ଦେଶର ଅନ୍ୟତମ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇପାରିଛି ବୋଲି ସେ କହିଥିଲେ। ରାଞ୍ଚିସ୍ଥିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର କୁଳପତି ତଥା ଭାରତୀୟ ଅର୍ଥନୀତି ସଂଘର ସହଯୋଗୀ ସଭାପତି ତପନ କୁମାର ସାଣ୍ଡିଲ୍ୟ, ଚେନ୍ନାଇସ୍ଥିତ ଭିଇଏଲ୍‌ଏସ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ତଥା ସଂଘର ଉପସଭାପତି ଡ. ଏ ଜ୍ୟୋଥି ମୁର୍ଗାନ, ଭାରତୀୟ ଅର୍ଥନୀତି ସଂଘର ଉପସଭାପତି ଡ. ଦେବେନ୍ଦ୍ର ଅୱସ୍ଥି, ସମ୍ମିଳନୀର ମୁଖ୍ୟ ସଂଯୋଜକ ଡ. ଅନୀଲ କୁମାର ଠାକୁର, ଅଟଳ ବିହାରୀ ବାଜପେୟୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏ. ଡି. ଏନ୍. ବାଜପାୟୀ, ରାଞ୍ଚି ବିଶ୍ୱବିଦ୍ୟାଳୟ କୁଳପତି ଡ. ଅଜିତ କୁମାର ସିହ୍ନା, ଝାଡ଼ଖଣ୍ଡ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଟି. ଏନ୍. ସାହୁ, ଅର୍ଥନୀତି ସଂଘର ପୂର୍ବତନ ସଭାପତି ଡ. ଏସ୍. ମହେନ୍ଦ୍ର ଦେବ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

### ଯୁବତୀଙ୍କୁ ନିର୍ଯାତନା, ପ୍ରେମିକ ଗିରଫ

**ଭୁବନେଶ୍ୱର,୨୯।୧୨(ସତ୍ୟଜିତ୍ ରାଉତ)**

ଯୁବତୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ପ୍ରେମିକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଲକ୍ଷ୍ମୀସାଗର ଉପର ସାହିରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ଅଭୟପୁର ଗ୍ରାମର ଶାନ୍ତନୁ ବାରିକ(୨୭)। ଜାମିନ ନାମଞ୍ଜୁର ପରେ ଶାନ୍ତନୁଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ପୀଡିତା ଯୁବତୀ ଓ ଶାନ୍ତନୁ ଭୁବନେଶ୍ୱରର ଏକ ପାର୍ଲରରେ ଏକାଠି କାମ କରୁଥିବାବେଳେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଶାନ୍ତନୁ ବିବାହ ପ୍ରତିଶ୍ରୁତି ଦେଇ ପୀଡ଼ିତାଙ୍କୁ ଜାଲରେ ଫସାଇଥିଲେ। ଶାନ୍ତନୁ ନିଶା ସେବନ କରୁଥିବାରୁ ଯୁବତୀ ଜଣକ ତାଙ୍କଠାରୁ ଦୂରେଇବା ଆରମ୍ଭ କରିଥିଲେ। ଫଳରେ ଶାନ୍ତନୁ ଯୁବତୀଙ୍କୁ ଆକ୍ରମଣ କରିବା ସହ ସେମାନଙ୍କର କିଛି ଆପତ୍ତିଜନକ ଫଟୋ ସୋସିଆଲ ମିଡିଆରେ ଛାଡ଼ିବାକୁ ଧମକ ଦେଇଥିଲେ। ୨ଲକ୍ଷ ଟଙ୍କା ଦେଲେ ଉକ୍ତ ଫଟୋ ଡିଲିଟ୍ କରିଦେବେ ବୋଲି କହିଥିଲେ। ପୀଡ଼ିତା ଜଣକ ଦେଢ଼ଲକ୍ଷ ଟଙ୍କା ଦେବାପରେ ମଧ୍ୟ ଶାନ୍ତନୁ ଫଟୋ ଡିଲିଟ୍ କରି ନ ଥିଲେ। ଏପରିକି କିଛିଦିନ ପରେ ଯୁବତୀଙ୍କୁ ବିବାହ କରିବାକୁ କହି ଶାନ୍ତନୁ ହାଇଦ୍ରାବାଦ ନେଇ ଏକ ଘରେ ରଖିବା ସହ ନିର୍ଯାତନା ଦେଇଥିଲେ। ଏହାର କିଛିଦିନ ପରେ ଉଭୟେ ଭୁବନେଶ୍ୱରକୁ ଫେରିଆସିଥିଲେ। ଏହାପରେ ଯୁବତୀଙ୍କୁ ଶାନ୍ତନୁ ମାଷ୍ଟରକ୍ୟାଣ୍ଟିନ ଛକରେ ଛାଡ଼ିଦେଇ ଘରକୁ ଚାଲିଯାଇଥିଲେ। ପୀଡିତାଙ୍କ ଅଭିଯୋଗ ଆଧାରରେ ପୋଲିସ ଗତ ୧୨ ତାରିଖରେ ଏକ ମାମଲା (ନଂ.୪୯୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଆରମ୍ଭ ହେଲା ଗାନ୍ଧୀ ଶିଳ୍ପ ବଜାର




**ଭୁବନେଶ୍ୱର,୨୯।୧୨(ଶର୍ମିଷ୍ଠା ପାଣିଗ୍ରାହୀ)**

ଭାରତ ସରକାରଙ୍କ ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ବସ୍ତ୍ର ମନ୍ତ୍ରଣାଳୟ ପ୍ରାୟୋଜିତ ଏବଂ ଅନୁଗୋଳ ଡୋଭ୍ ପକ୍ଷରୁ ଶୁକ୍ରବାର ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଗାନ୍ଧୀ ଶିଳ୍ପ ବଜାର ନୟାପଲ୍ଲୀ ଦୁର୍ଗାପୂଜା ପଡ଼ିଆଠାରେ ଆରମ୍ଭ ହୋଇଛି। ଓଡ଼ିଶା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପର ଅତିରିକ୍ତ ସଚିବ ବିକ୍ରମାଦିତ୍ୟ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ପ୍ରତିଷ୍ଠାନର ସଭ୍ୟ ସଚିବ ଶିଶିର କୁମାର ରଥ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଶ୍ରୀମାନ ଗୋବିନ୍ଦ ଜେନା, ହସ୍ତଶିଳ୍ପ ସେବା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ହୋତା, ଡୋଭ୍‌ର ସମ୍ପାଦକ ଅନିଲ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ୧୦୦ଜଣ ନିପୁଣ ଶିଳ୍ପୀ ସେମାନଙ୍କ ହାତ ତିଆରି ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରୟ କରୁଛନ୍ତି। ରାଜସ୍ଥାନର ଟାଏ ଓ ଡାଏ, ପଞ୍ଜାବର ଫୁଲକରୀ, ଲକ୍ଷ୍ନୌର ବେଡ୍ କଭର, ଆସାମର ଶାଢି ଓ ବାଉଁଶ କାମ, ପଣ୍ଡିଚେରୀର ଚମଡ଼ା କାମ ଓ ସୁବାସିତ କ୍ୟାଣ୍ଡେଲ, ଚେନ୍ନାଇର ହସ୍ତତନ୍ତ ଓ ଜୁଏଲାରୀ, କଶ୍ମୀରର ସାଲ ଓ ଶାଢୀ, ଝାଡ଼ଖଣ୍ଡର ଝୋଟ ତିଆରି ଅଳଙ୍କାର, ବ୍ୟାଗ ଓ ଚପଲ, ଉତ୍ତରପ୍ରଦେଶର ଜୁଏଲେରି, ପିତ୍ତଳ, କାଠକାମ ଓ ବନାରସୀ ସିଲ୍କ ଶାଢୀ, ଛତିଶଗଡ଼ର ଶାଢୀ, ମଧ୍ୟପ୍ରଦେଶର ଚନ୍ଦରୀ ସିଲ୍କ ଓ ହାତ ତିଆର ବ୍ୟାଗ, ପଶ୍ଚିମବଙ୍ଗର କନ୍ଥା ଶାଢି, ଟେରାକୋଟା, ଜୁଏଲାରୀ ଓ ଝୋଟକାମ, ମହାରାଷ୍ଟ୍ରର ବ୍ୟାଗ, ତାମିଲନାଡୁର ସୂତାଶାଢୀ, ସିଲ୍କ ଶାଢୀ, ଚମଡ଼ା କାମ ଓ ଜୁଏଲାରୀ ସମେତ ଓଡ଼ିଶା ବରଗଡ଼ର ଶାଢୀ ଓ ଟେରାକୋଟା, ସୋନପୁରର ପାଟଶାଢୀ, ଢେଙ୍କାନାଳର ଡୋକ୍ରା, କେନ୍ଦ୍ରାପଡ଼ାର ବେଣା ଓ କାଇଁଚ କାମ, ବାରିପଦାର ସବାଇଘାସ, ପୁରୀର ଚାନ୍ଦୁଆ, କତା କାମ, ଖୋର୍ଦ୍ଧାର ଝୋଟକାମ ଏବଂ ରଘୁରାଜପୁରର ପ୍ରସିଦ୍ଧ ପଟ୍ଟଚିତ୍ର ଆଦି ହସ୍ତଶିଳ୍ପ ସାମଗ୍ରୀ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଛି। ଆସନ୍ତା ଜାନୁୟାରୀ ୭ ପର୍ଯ୍ୟନ୍ତ ଏହା ଚାଲିବ। ସଂଯୋଜକ ଅରବିନ୍ଦ ଖତ୍ରୀ ଏବଂ ପୁଞ୍ଜି ପରିଚାଳକ ସଂଗ୍ରାମ କେଶରୀ ନାୟକ ପ୍ରମୁଖ ପରିଚାଳନା କରୁଛନ୍ତି।

# ସୂର୍ଯ୍ୟମନ୍ଦିର ନିର୍ମାଣରେ ଭିଙ୍ଗୁରାଗଡ଼ର ତ୍ୟାଗ ଅତୁଳନୀୟ

**ପୁରୀ,୨୯।୧୨(ଅଜିତ୍ ମହାନ୍ତି)**



### ଡ. ସୁରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଅନୁସନ୍ଧାନରୁ ମିଳିଲା ତଥ୍ୟ

ହଜାରେ ବର୍ଷର ଗଡ଼ ହେଉଛି ପୁରୀ ଜିଲାର ଗଡ଼ ଭିଙ୍ଗୁରା ଗ୍ରାମ। ଗଙ୍ଗବଂଶ ଶାସନ କାଳରେ କୋଣାର୍କ ସୂର୍ଯ୍ୟମନ୍ଦିରକୁ କେନ୍ଦ୍ରକରି ଗଢିଉଠିଥିବା ୧୬ ଗଡ଼ ମଧ୍ୟରେ ଏହା ପ୍ରାଚୀନ। ଐତିହ୍ୟ ଅଛି, ଏହା ମଧ୍ୟରୁ ୬ଟି ଗଡ଼ର ସେନାଧ୍ୟକ୍ଷଙ୍କ ରଣକୌଶଳ ସର୍ବଶ୍ରେଷ୍ଠ ଥିଲା। ପ୍ରେମ -ପ୍ରଦୋଷ କାବ୍ୟରୁ ଏହା ଜଣାଯାଏ। ‘ଗୋଲରା ବାଙ୍ଗର, ରୂପାସ, ଭିଙ୍ଗୁରା, ନିପାଣିଆ, ଦୁର୍ଗେଶ୍ୱର, ସେନାଧ୍ୟକ୍ଷଙ୍କ କୁନ୍ତ ଖଡ୍‌ଗ ଅସୀ କ୍ରୀଡ଼ା ଅତି ମନୋହର।’

ଗଜପତିଙ୍କ ଯୁଦ୍ଧ ଅଭିଯାନରେ ଭିଙ୍ଗୁରାଗଡ଼ ଭେଣ୍ଡିଆ ଆଗରେ ଯିବାର ପରମ୍ପରା ଥିଲା। ଏମାନେ ଓଡ଼ିଶାର ସୁରକ୍ଷା ପ୍ରତି ସଚେତନ ରହିବା ସହିତ ଜଗପତିଙ୍କ ପରିବାର ସୁରକ୍ଷାରେ ନିୟୋଜିତ ରହୁଥିଲେ। ଏବେ ୪ଟି ସାହିର କ୍ଷତ୍ରିୟମାନେ ରହିଛନ୍ତି। ବାରଶହ ଏକର ପରିମିତ ଗଡ଼ରେ ୧୦ ଏକର ଜଙ୍ଗଲ ମଧ୍ୟରେ ପୂଜାପାଉଥିଲେ ମା’ କନକଦୁର୍ଗା। ମନ୍ଦିର ଭାଙ୍ଗିଯିବା ପରେ ଦେଉଳ ପୋଖରୀ ଆଜି ଅଛି, ଗଡ଼ର ପୂର୍ବ ଦିଗରେ ରହିଛନ୍ତି ମା’ ବରାହୀ । ବରାହୀ ଠାକୁରାଣୀଙ୍କ ମୂର୍ତ୍ତି ତତ୍ତ୍ୱରୁ ଜଣାପଡୁଛି, ହଜାର ବର୍ଷରୁ ଅଧିକ ପୂର୍ବରୁ ସେ ପ୍ରତିଷ୍ଠିତା। ତାଙ୍କ ପାଖରେ କ୍ଷତ୍ରୀୟମାନଙ୍କ କୁନ୍ତଳ ଖଡଗ୍ ପୂଜା ହେବାପରେ ଶୋଭାଯାତ୍ରାରେ ଦଶହରା ପୂଜାକୁ ଯାଏ। ଖଣ୍ଡାଘର ଓ ଯୁଦ୍ଧ ଶିକ୍ଷା ଘର ଏବେ ଭଗ୍ନ। କୋଣାର୍କ ମନ୍ଦିର ନିର୍ମାଣବେଳେ ଏହି ଗଡ଼ର ଭେଣ୍ଡିଆମାନେ ଜଳପଥରେ ଆସୁଥିବା ପଥରକୁ ନେଇ କୋଣାର୍କର ଭଗବତୀ ମନ୍ଦିର ପାଖରେ ଥିବା ପଥରଗଦାରେ ଜମା କରୁଥିଲେ। ପଥର ବୁହା ନଦୀରେ ପଥର ଯାଇ ଗଡ଼ମୃଗଶିରାରେ ପହଞ୍ଚିଲେ ଭିଙ୍ଗୁରା ଗଡ଼ ଭେଣ୍ଡିଆଙ୍କ ଦାୟିତ୍ୱ ବଢିଯାଏ। ଏହି ଗଡ଼ର ଭେଣ୍ଡିଆମାନେ ଶିଳ୍ପୀମାନଙ୍କ ଶିବିର ସୁରକ୍ଷା ଦାୟିତ୍ୱରେ ଥିଲେ। ଗଜପତି ଲାଙ୍ଗୁଳା ନରସିଂହ ଦେବ ଏହି ଗଡ଼ର ସାଆନ୍ତଙ୍କ କାର୍ଯ୍ୟନିଷ୍ଠା ଦେଖି ହରିଚନ୍ଦନ ମହାପାତ୍ର ଉପାଧି ପ୍ରଦାନ କରିଥିଲେ। ଐତିହ୍ୟ ଅନୁସନ୍ଧାନ ପାଇଁ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଶ୍ରୀନାରାୟଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟମାନେ ଗଡ଼କୁ ଯାଇଥିଲେ। ଗଡ଼ ସଭାପତି ଗନ୍ଧର୍ବ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଂଶୀଧର ଜେନା, ଦେବେନ୍ଦ୍ରନାଥ ରଣବୀର, ଶ୍ରୀଧର ରାଉତରାୟ ଗଡ଼ର ଅନେକ ଐତିହ୍ୟ ପ୍ରକାଶ କରିଥିଲେ। ଟ୍ରଷ୍ଟ ବୋର୍ଡ ସଭାପତି ଛବିନ୍ଦ୍ର ପ୍ରଧାନ, ସମ୍ପାଦକ ସନ୍ତୋଷ ସ୍ୱାଇଁ, ପ୍ରଶାନ୍ତ ପରିଡ଼ା, ଲକ୍ଷ୍ମୀଧର ଗୋଛାୟତ ପ୍ରମୁଖ ଗଡ଼ର ବିଭିନ୍ନ ସ୍ଥାନ ତଥା ଗଡିଶ୍ୱର, ଧବଳେଶ୍ୱର ଏବଂ ନୀଳକଣ୍ଠେଶ୍ୱର ମନ୍ଦିର ସହିତ ଜାଗୁଳେଇ ମନ୍ଦିରର ଐତିହ୍ୟ ଅନୁସନ୍ଧାନରେ ସହାୟତା କରିଥିଲେ।

# ବିକଶିତ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ

### ନନ୍ଦନକାନନ ପାଳିଲା ୬୪ତମ ପ୍ରତିଷ୍ଠା ଦିବସ

**ବାରଙ୍ଗ,୨୯।୧୨(ଲିଙ୍ଗରାଜ ରାଉତ)**




ଭାରତବର୍ଷକୁ ଆସୁଥିବା ପର୍ଯ୍ୟଟକ ଯେପରି ନନ୍ଦନକାନନର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆଗ୍ରହ ପ୍ରକାଶ କରିବେ, ସେଥିପ୍ରତି ଜଙ୍ଗଲ ବିଭାଗ ଦୃଷ୍ଟି ଦେଇ ବିକଶିତ କରାଯାଉଛି। ଶୁକ୍ରବାର ନନ୍ଦନକାନନର ୬୪ତମ ପ୍ରତିଷ୍ଠା ଦିବସ ପାଳିତ ଅବସରରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଏହା କହିଛନ୍ତି। ନନ୍ଦନକାନନକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ ଓ ଲକ୍ଷ୍ୟ ରହିଛି। ତାଙ୍କ ନିର୍ଦ୍ଦେଶ ମୁତାବକ ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ଅର୍ଥ ମଧ୍ୟ ବ୍ୟୟବରାଦ କରାଯାଉଛି। ଏହା ଭିତରେ ଜୁଝଗଡ଼ ମୌଜାରୁ ୧୫୦୦ ଏକର ଜାଗା ଆସି ନନ୍ଦନକାନନ ସହ ମିଶି ସାରିଛି। କାଞ୍ଜିଆ ହ୍ରଦର ସ୍ଥିତି ବଦଳିବାରେ ଲାଗିଛି। ନନ୍ଦନକାନନର କାର୍ଯ୍ୟଶୈଳୀ ଉନ୍ନତି ତଥା ପ୍ରଗତି କେବଳ ପର୍ଯ୍ୟଟକଙ୍କ ପାଇଁ ନୁହେଁ ଏହା ଗବେଷକଙ୍କଠାରୁ ଆରମ୍ଭ କରି ଛୋଟ ଓ ବଡ଼ ପିଲାଙ୍କ ପାଇଁ ଶିକ୍ଷାଦାନର ମାଧ୍ୟମ ପାଲଟିବାକୁ ଯାଉଛି। ଏହାକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ପ୍ରମୁଖ ଭୂମିକା ନିର୍ବାହ କରିବାରେ ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟତମ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ବନ୍ୟପ୍ରାଣୀ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶାନ୍ତ ନନ୍ଦ ଯୋଗଦେଇଥିଲେ। ନନ୍ଦନକାନନ ବହୁବିଧ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହେବା ସହ ଆଗାମୀ ଦିନରେ ନାଇଟ୍ ସଫାରି ପାଇଁ ମଧ୍ୟ ଯୋଜନା ହେଉଛି। ତେଣୁ ନନ୍ଦନକାନନର ଯେଉଁଭଳି ଭାବେ ବିକାଶ ହୋଇଚାଲିଛି ତାହାର ଜ୍ୱଳନ୍ତ ଉଦାହରଣ ଆଶାତୀତ ଭାବେ ବଢୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ହିଁ ପ୍ରମାଣ ଦେଉଥିବା ଅତିଥିମାନେ କହିଥିଲେ। ନିର୍ଦ୍ଦେଶକ ମନୋଜ ଭିନାୟାର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାଘୁଣୀ ଅଙ୍କିତାର ଛୁଆଙ୍କ ନାମ ଶ୍ରୀ, ତୃପ୍ତି, ଜୟଶ୍ରୀ ଓ ଅମ୍ରିତ, ରୂପା ଛୁଆର ନାମ ଅମ୍ରିତା ଓ ଶିବ, ସିଂହୀ ବିଜ୍‌ଲୀ ଛୁଆର ନାମ ଶ୍ରଦ୍ଧା, ରିହା, ଅନାମିକା ଓ ଯୁବରାଜ, ସିଂହୀ ରେୱା ଛୁଆର ନାମ ମାୟା ଓ ଶିବମ, ହାତୀ ଛୁଆ ନାମ ଅଭି ଓ ଆଶା ବୋଲି ମନ୍ତ୍ରୀ ଘୋଷଣା କରିଥିଲେ। ନନ୍ଦନକାନନର ଥିମ୍ବଙ୍ଗ ରିଲିଜ୍, ବାର୍ଷିକ ପୁସ୍ତିକା ଓ ଇଣ୍ଟିଗ୍ରେଟେଡ୍ ମନିଟରିଂ ସିଷ୍ଟମ୍ ଆପ୍, ବଟାନିକାଲ୍ ଗାର୍ଡେନରେ ୱେବ୍‌ସାଇଟର ଉନ୍ମୋଚନ କରାଯାଇଛି। ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନନ୍ଦନକାନନକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ପ୍ରଚେଷ୍ଟା ଜାରି ରଖିଥିବା କେତେଜଣ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ନନ୍ଦନକାନନରେ ୱାଲାବି ଏନ୍‌କ୍ଲୋଜରର ଉଦ୍‌ଘାଟନ ସହ କ୍ୟୋସେୱାରି ଓ ଅଷ୍ଟ୍ରିଚ୍‌କୁ ଏନ୍‌କ୍ଲୋଜରରେ ଛଡ଼ାଯାଇଛି। ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ନୂଆ କରି ବିଭିନ୍ନ ପ୍ରଜାତିର ବାଉଁଶକୁ ନେଇ କରାଯାଇଥିବା ବାଉଁଶ ବଗିଚା (ବାମ୍ବୁସେଟମ୍) ଓ ଜଳଜ ଉଦ୍ଭିଦ ଉଦ୍ୟାନ (ହାଇଡ୍ରୋଫାଇଟ୍) ଉଦ୍‌ଘାଟିତ ହୋଇଯାଇଛି।

# ନିଯୁକ୍ତି ପାଇଲେ ୪୮୨ ପୋଷ୍ଟ ଗ୍ରାଜୁଏଟ ଶିକ୍ଷକ

## ଉତ୍ସର୍ଗୀକୃତ ଭାବେ କର୍ତ୍ତବ୍ୟ ପାଳନ କରିବାକୁ ନବନିଯୁକ୍ତ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୨୯।୧୨(ଅନିଲ ଦାସ)

ଯୁକ୍ତ୨କୁ ଯୁକ୍ତ୩ କଲେଜରୁ ଅଲଗା କରିବା ପରେ ପ୍ରଥମ ଥର ପାଇଁ ରାଜ୍ୟ ସରକାରୀ ଅନୁଦାନପ୍ରାପ୍ତ ବେସରକାରୀ ଉଚ୍ଚମାଧ୍ୟମିକ ସ୍କୁଲ ପାଇଁ ୪୮୨ ପୋଷ୍ଟ ଗ୍ରାଜୁଏଟ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନଠାରେ ଆୟୋଜିତ ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଶିକ୍ଷକଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିକ୍ଷକମାନଙ୍କର ବିଭିନ୍ନ ବିଷୟରେ ଗଭୀର ଜ୍ଞାନ ଓ ପାରଦର୍ଶିତା ଶ୍ରେଣୀଗୃହ ଶିକ୍ଷାର ରୂପାନ୍ତର ସହ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ପାଇଁ ଅନୁକୂଳ ବାଟ ଦେଖାଇବ। ଶିକ୍ଷକମାନେ ଉତ୍ସର୍ଗୀକୃତ ଭାବେ ନିଜର କର୍ତ୍ତବ୍ୟ ପାଳନ କରିବା ସହ ରାଜ୍ୟର ଶିକ୍ଷା କ୍ଷେତ୍ରରେ ହେଉଥିବା ରୂପାନ୍ତରୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନିଜକୁ ସର୍ବୋତ୍କୃଷ୍ଟ ଶିକ୍ଷାଗତ ଦକ୍ଷତା ସହ ସମକକ୍ଷ କରି ସୂଚନା ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରି ପାଠପଢ଼ାକୁ ଅଧିକ ମଜାଦାର କରିବାକୁ ନବ ନିଯୁକ୍ତ ପିଜି ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ନବ ନିଯୁକ୍ତ ଶିକ୍ଷକ ଓ ସେମାନଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଇବା ସହ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷା ଆମର ଭବିଷ୍ୟତ ନିର୍ଦ୍ଧାରଣ କରିଥାଏ। ଏକ ସୁନ୍ଦର ସମାଜକୁ ବିକଶିତ କରିବାରେ ଏହା ଭିତ୍ତି ସ୍ଥାପନ କରିଥାଏ। ଉତ୍ତମ ଶିକ୍ଷା ବ୍ୟକ୍ତିବିଶେଷ ଏବଂ ସାମାଜିକ ବିକାଶ ପାଇଁ ଗୋଟିଏ କାରକ। ଏଥିପାଇଁ ରାଜ୍ୟ ସରକାର ସର୍ବଦା ଶିକ୍ଷାକୁ ପ୍ରାଥମିକତା ଦେଇ ଆସୁଛନ୍ତି। ୫-ଟି ଅଧୀନରେ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକର ଭିତ୍ତିଭୂମିର ରୂପାନ୍ତରଣ କରାଯାଇଛି। ଚଳିତବର୍ଷ ୧୧୦ଟି ହାଇସ୍କୁଲକୁ ଅପଗ୍ରେଡ୍ କରାଯାଇ ଉଚ୍ଚ ମାଧ୍ୟମିକ ସ୍କୁଲରେ ପରିଣତ କରାଯାଇଛି। ଉଚ୍ଚ ମାଧ୍ୟମିକ ସ୍ତର ଛାତ୍ରୀଛାତ୍ରଙ୍କ କ୍ୟାରିୟର ପାଇଁ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ। ଛାତ୍ରୀଛାତ୍ରଙ୍କୁ ବିକଶିତ କରିବା ପାଇଁ ଶିକ୍ଷକମାନେ ଯଥାସମ୍ଭବ ନିଜକୁ ଉତ୍ସର୍ଗ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି ଯେ, ନବନିଯୁକ୍ତ ଶିକ୍ଷକଙ୍କ ମଧ୍ୟରେ ୫୦ ପ୍ରତିଶତ ମହିଳା ରହିଛନ୍ତି। ଏହା ମହିଳା ସଶକ୍ତୀକରଣକୁ ଦର୍ଶାଉଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱସ୍ତି ଏସ. ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଧନ୍ୟବାଦ ଦେଇଛନ୍ତି।


ନବୀନ ନିବାସରେ ଶୁକ୍ରବାର ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବିଭିନ୍ନ ସଂଗଠନର କର୍ମକର୍ତ୍ତା ସାକ୍ଷାତ କରୁଛନ୍ତି।

# ପୂରଣ ହେବ ୩୯୯ ଓସିଏସ୍ ପଦବୀ

## ଓପିଏସ୍‌ସି ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି

## ଜାନୁୟାରୀ ୧୭ରୁ ଆବେଦନ ପ୍ରକ୍ରିୟା ଆରମ୍ଭ

କଟକ,୨୯।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ରାଜ୍ୟରେ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍)ର ୩୯୯ ପଦବୀ ଖୁବ୍‌ଶୀଘ୍ର ପୂରଣ ହେବ। ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ଏହି ପଦବୀ ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ନିଯୁକ୍ତି ପରୀକ୍ଷା କରିବ। ଏନେଇ ଶୁକ୍ରବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗର ତାଲିକା ଅନୁଯାୟୀ, ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ର ମୋଟ ୩୦ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ହେବ। ସେଥିମଧ୍ୟରୁ ଅଣସଂରକ୍ଷିତ ବର୍ଗ ବା ସାଧାରଣବର୍ଗ (ୟୁଆର)ରେ ୧୫, ଅନୁସୂଚିତ ଜାତି (ଏସ୍‌ସି) ୨ବର୍ଗରେ ୮ ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗରେ ୭ ପଦବୀ ସଂରକ୍ଷିତ ରହିଛି। ଓଡ଼ିଶା ବିତ୍ତ ସେବା (ଓଏଫ୍‌ଏସ୍)ରେ ୫୬ ପଦବୀ ରହିଛି। ସେଥିମଧ୍ୟରୁ ସାଧାରଣ ବର୍ଗରେ ୨୮, ଏସ୍‌ଇବିସିରେ ୬, ଏସ୍‌ସିରେ ୯ ଓ ଏସ୍‌ଟିରେ ୧୩ଟି ପଦବୀ ପୂରଣ ହେବ। ଓଡ଼ିଶା ପୋଲିସ ସେବା(ଓପିଏସ୍)ରେ ମୋଟ ୬ଟି ପଦବୀ ମଧ୍ୟରୁ ସାଧାରଣବର୍ଗରେ ୩, ଏସ୍‌ଇବିସି, ଏସ୍‌ସି ଓ ଏସ୍‌ଟିରେ ଗୋଟିଏ ଲେଖାଏ ପଦବୀ ରହିଛି। ଓଡ଼ିଶା କୋ-ଅପରେଟିଭ ସର୍ଭିସ (ଓସିଏସ୍)ରେ ୧୨ଟି ପଦବୀ ମଧ୍ୟରୁ ସାଧାରଣ ବର୍ଗରେ ୭, ଏସ୍‌ସି ୪ ଓ ଏସ୍‌ଟି ବର୍ଗରେ ଗୋଟିଏ ପଦବୀ ଖାଲି ରହିଛି। ଓଡ଼ିଶା ରେଭିନ୍ୟୁ ସର୍ଭିସ (ଓଆର୍‌ଏସ)ରେ ୯୦ଟି ପଦବୀ ପାଇଁ ନିଯୁକ୍ତି ପରୀକ୍ଷା କରାଯିବ। ସେଥିମଧ୍ୟରୁ ୪୫ଟି ଅଣସଂରକ୍ଷିତ ଥିବାବେଳେ ଏସ୍‌ଇବିସି ୧୮, ଏସ୍‌ସି ୧୪ ଓ ଏସ୍‌ଟି ବର୍ଗରେ ୧୩ଟି ସଂରକ୍ଷିତ ରହିଛି। ଓଡ଼ିଶା ଲେବର ସର୍ଭିସ (ଓଏଲ୍‌ଏସ୍)ରେ ୧୧୩ ପଦବୀ ପୂରଣ ହେବ। ସେଥିମଧ୍ୟରେ ସାଧାରଣ ବର୍ଗରେ ୬୯,ଏସ୍‌ଇବିସିରେ ୧୦, ଏସ୍‌ସିରେ ୧୪ ଓ ଏସ୍‌ଟି ବର୍ଗରେ ୨୦ଟି ରହିଛି। ଓଡ଼ିଶା ଟ୍ୟାକ୍ସେସନ ଓ ଆକାଉଣ୍ଟ ସର୍ଭିସ(ଓଟି ଆଣ୍ଡ ଏଏସ୍)ରେ ୬୮ଟି ପଦବୀରୁ ସାଧାରଣବର୍ଗରେ ୪୯, ଏସ୍‌ସିରେ ୬ ଓ ଏସ୍‌ଟିରେ ୧୩ଟି ସିଟ୍ ଫାଙ୍କା ରହିଛି। ଓଡ଼ିଶା ଏମ୍ପ୍ଲୟମେଣ୍ଟ ସର୍ଭିସ (ଓଇଏସ)ରେ ଗୋଟିଏ, ଓଡ଼ିଶା କୋ ଅପରେଟିଭ ଅଡିଟ ସର୍ଭିସ (ଓସିଏଏସ୍)ରେ ୪, ଓଡ଼ିଶା ଟ୍ୟୁରିଜମ ସର୍ଭିସ (ଓଟିଏସ୍)ରେ ୧୯ ପଦବୀ ପୂରଣ ପାଇଁ ଓପିଏସ୍‌ସି ପରୀକ୍ଷା କରିବ।

ରାଜ୍ୟ ସରକାର ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ କେଉଁ ବିଭାଗରେ କେତେ ପଦବୀ ଫାଙ୍କା ରହିଛି ତାହାର ତାଲିକା ଓପିଏସ୍‌ସିକୁ ପ୍ରଦାନ କରାଯାଇଛି। ଆସନ୍ତା ଜାନୁୟାରୀ ୧୭ରୁ ଓସିଏସ୍-୨୦୨୩ ପ୍ରିଲିମିନାରୀ ପରୀକ୍ଷା ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ଫେବୃୟାରୀ ୧୬ ତାରିଖରେ ଶେଷ ହେବ। ମୋଟ ପଦବୀରୁ ୧୩୧ଟି ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି। ପ୍ରିଲିମିନାରୀ ପରୀକ୍ଷା ପରେ ମୁଖ୍ୟ ଲିଖିତ ପରୀକ୍ଷା ସହ ସାକ୍ଷାତ୍‌କାର ଏବଂ ପ୍ରମାଣପତ୍ର ଯାଞ୍ଚ ହେବ। ଏହିସମସ୍ତ ପ୍ରକ୍ରିୟା ଶେଷରେ ଯେଉଁ ପ୍ରାର୍ଥୀ କୃତକାର୍ଯ୍ୟ ହେବେ ସେମାନଙ୍କର ଚୂଡାନ୍ତ ମେଧା ତାଲିକା ପ୍ରକାଶ ପାଇବ।

# ଆହୁରି ୩ ଦିନ ଘନ କୁହୁଡ଼ି

ଭୁବନେଶ୍ୱର,୨୯।୧୨(ଅନିଲ ଦାସ)

ରାଜ୍ୟରେ ଗତ କିଛିଦିନ ହେବ ଶୀତ କମି ଯାଇଛି। ସର୍ବନିମ୍ନ ତାପମାତ୍ରା ୩ ରୁ ୪ ଡିଗ୍ରୀ ସେଲସୟସ ବୃଦ୍ଧି ପାଇଛି। ଶୀତ କମିବା ସହିତ ରାଜ୍ୟରେ କୁହୁଡି ବୃଦ୍ଧି ପାଇଛି। ଆସନ୍ତା ୩ ଦିନ ରାଜ୍ୟରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ଶନିବାର ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ଜଗତସିଂହପୁର, କଟକ, ସୁନ୍ଦରଗଡ, ଦେବଗଡ, ଝାରସୁଗୁଡା, ସମ୍ବଲପୁର, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି ଜିଲାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ସେହିପରି ୩୦ ତାରିଖରେ ମାଲକାନିଗିରି, କୋରାପୁଟ, ନବରଙ୍ଗପୁର, କହାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ ଆଦି ଜିଲାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ଜାନୁୟାରୀ ୧ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର,କେନ୍ଦ୍ରାପଡା, ନୟାଗଡ, ଗଞ୍ଜାମ, ଗଜପତି, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି, ରାୟଗଡା, କୋରାପୁଟ ଆଦି ଜିଲାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ଏ ସସବୁ ଜିଲାଗୁଡିକ ପାଇଁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ଯାତାୟତରେ ସମସ୍ୟା ସୃଷ୍ଟି ହେବ। ୨୦୦ ମିଟର ଯାଏ ଖାଲି ଆଖିରେ ଦେଖିବା ସମ୍ଭବ ହେବ ନାହିଁ।

ଶୁକ୍ରବାର କୋରାପୁଟରେ ୮ ଓ ଦାରିଙ୍ଗିବାଡିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଅନ୍ୟ ସବୁ ଜିଲାରେ ତାପମାତ୍ରା ୧୧ରୁ ୧୮ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି।

# କାଠମାଣ୍ଡୁରେ ପହଞ୍ଚିଲା ନିମନ୍ତ୍ରଣ



## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

ଭୁବନେଶ୍ୱର,୨୯।୧୨(ଅନିଲଦାସ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣରେ ଯୋଗଦାନ ପାଇଁ ବିଭିନ୍ନ ମନ୍ଦିରକୁ ଆମନ୍ତ୍ରଣ କରାଯିବା ପ୍ରକ୍ରିୟାରେ ଜାରି ରହିଛି। ନିମନ୍ତ୍ରଣକାରୀ ଦଳ ଶୁକ୍ରବାର ନେପାଳର କାଠମାଣ୍ଡୁରେ ପହଞ୍ଚିଛନ୍ତି।

ସେହିପରି ଜମ୍ମୁର ବୈଷ୍ଣୋଦେବୀ ମନ୍ଦିର, ନଭି ମୁମ୍ବାଇ ଜଗନ୍ନାଥ ମନ୍ଦିର, ମଦୁରାଇର ମିନାକ୍ଷୀ ମନ୍ଦିର ଓ ଅଲଗରନାଥ ମହାବିଷ୍ଣୁ ମନ୍ଦିର, ବିଜୟୱାଡା ଶ୍ରୀ ସାଇଲମର ମଲ୍ଲିକାର୍ଜୁନ ମନ୍ଦିର, ବିଶାଖାପାଟଣାର ଷ୍ଟିଲ ପ୍ଲାଣ୍ଟ ଜଗନ୍ନାଥ ମନ୍ଦିର, ଔରଙ୍ଗାବାଦ ଏଲୋରାର ଶ୍ରୀ ଘୃଷ୍ଣେଶ୍ୱର ମନ୍ଦିର ଦେବସ୍ଥାନ, ଗୁଜରାଟ ସୋମନାଥ ମନ୍ଦିରରେ ସେବାୟତ ଓ ନୋଡାଲ ଅଧିକାରୀ ପହଞ୍ଚି ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ସେହିପରି ଓଡ଼ିଶାର ବରଗଡ଼ ପାଇକମାଳର ନୃସିଂହ ନାଥ ମନ୍ଦିର, ନୂଆପଡ଼ାର ପାତାଳ ଗଙ୍ଗା ମନ୍ଦିରରେ ମଧ୍ୟ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି। ମଦୁରାଇର ଅଲଗରନାଥ ମନ୍ଦିରରେ ପ୍ରଶିକ୍ଷିତ ହାତୀ ନିମନ୍ତ୍ରଣକାରୀ ଦଳଙ୍କୁ ସ୍ୱାଗତ କରିବା ସହ ନିଜ ଶୁଣ୍ଢରେ ଆଶୀର୍ବାଦ କରିଥିଲା। ସବୁଠାରେ ଜୟ ଜଗନ୍ନାଥ ଧ୍ୱନିରେ ନିମନ୍ତ୍ରଣକାରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ୬ ଆଇପିଏସ୍ ଅଫିସରଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର,୨୯।୧୨(ଅନିଲ ଦାସ)

ରାଜ୍ୟ ସରକାର ଶୁକ୍ରବାର ୨୦୧୦ ବ୍ୟାଚ୍‌ରେ ୬ ଜଣ ଆଇପିଏସ୍ ଅଫିସରଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ସେମାନେ ହେଲେ ଆଶିଷ କୁମାର ସିଂହ, ପାରୁଲ ଗୁପ୍ତା, ମିତ୍ରଭାନୁ ମହାପାତ୍ର, ସାରା ଶର୍ମା, କନୱର ବିଶାଲ ସିଂ ଓ ଶିବା ସୁବ୍ରମଣି। ଏହି ୬ ଜଣଙ୍କ ମଧ୍ୟରୁ ଆଶିଷ କୁମାର ସିଂହ, ପାରୁଲ ଗୁପ୍ତା ଓ ଶିବା ସୁବ୍ରମଣି ଏବେ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି।

# ଡାକ୍ତରଖାନାରେ ମୃତଦେହ ଛାଡ଼ି ଫେରାର

## ଟଙ୍କା ପାଇଁ ସ୍ତ୍ରୀକୁ ନିର୍ଘୃମ୍ ପିଟିଲେ ସ୍ୱାମୀ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଅମରପାଲି,୨୯।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ତିଲେଇମାଲ ଗ୍ରାମରେ ସ୍ୱାମୀର ବର୍ବରକାଣ୍ଡ ଦେଖିବାକୁ ମିଳିଛି। ଟଙ୍କା ପାଇଁ ନିଜ ସ୍ତ୍ରୀକୁ ପିଟିପିଟି ହତ୍ୟା କରିଥିବା ବାପଘର ପକ୍ଷରୁ ଅଭିଯୋଗ ହୋଇଛି। ସ୍ତ୍ରୀ ମରିଯିବା ଜାଣି ଡାକ୍ତରଖାନା ବାରଣ୍ଡାରେ ମୃତଦେହ ରଖି ଅଭିଯୁକ୍ତ ସ୍ୱାମୀ ଫେରାର ମାରିଛନ୍ତି। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଗଭୀର ଆଲୋଡନ ସୃଷ୍ଟି କରିଛି।

ପ୍ରକାଶ ଯେ, ତିଲେଇମାଲ ଗାଁର ଜଣେ ୩୫ ବର୍ଷର ଯୁବକ ଖଣ୍ଡହତା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବରପଦର ଗ୍ରାମର ଜଣେ ଯୁବତୀଙ୍କୁ ଗତ ୫ ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ଉଭୟଙ୍କର ୩ବର୍ଷର ଜଣେ ଝିଅ ମଧ୍ୟ ଅଛି। ତେବେ ଛୋଟ ଛୋଟ କଥାକୁ ନେଇ ଉଭୟଙ୍କ ମଧ୍ୟରେ ମଝିରେ ମଝିରେ ଝଗଡ଼ା ହୋଇ ମାମଲା ଥାନା ପର୍ଯ୍ୟନ୍ତ ଯାଇଛି। ଥାନାରେ ଆପୋସ ବୁଝାମଣା ପରେ ମଧ ଦୁହିଁଙ୍କ ମଧ୍ୟରେ ମନାନ୍ତର ଲାଗି ରହିଥିଲା। ଗୁରୁବାର ରାତିରେ ଯୁବକ ଜଣକ ବାପଘରୁ ଟଙ୍କା ଆଣିବାକୁ କହି ସ୍ତ୍ରୀଙ୍କୁ ନିର୍ଘୃମ୍ ପିଟିଥିଲେ। ମାଡ଼ ଖାଇ ସେ ଅଚେତ ହୋଇ ପଡ଼ିଯିବାରୁ ତାଙ୍କୁ ବୀରମହାରାଜପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହା ଜାଣିବା ପରେ ଡାକ୍ତରଖାନା ବାରଣ୍ଡାରେ ସ୍ତ୍ରୀର ମୃତଦେହ ଛାଡ଼ି ଅଭିଯୁକ୍ତ ସ୍ୱାମୀ ଫେରାର ମାରିଥିଲେ। ଭଉଣୀର ଦେହ ଅସୁସ୍ଥ ଖବର ପାଇ ଯୁବତୀଙ୍କ ଭାଇମାନେ ଭିଣୋଇଙ୍କୁ ଫୋନ କରିଥିଲେ। ସେ ସ୍ତ୍ରୀଙ୍କ ଦେହ ଖରାପ ଥିବା କହି ବୌଦ୍ଧ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଉଛି କହି ଫୋନ୍ କଲ୍ କାଟି ଦେଇଥିଲେ। ପରେ ଭାଇମାନେ ଅନ୍ୟ ଲୋକଙ୍କ ପାଖରୁ ଖବର ପାଇ ବୀରମହାରାଜପୁର ଡାକ୍ତରଖାନାରେ ପହଞ୍ଚି ଭଉଣୀର ମୃତଦେହ ଦେଖିଥିଲେ। ଏନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ଡାକ୍ତରଖାନାରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ସେପଟେ ଟଙ୍କା ପାଇଁ ଭଉଣୀଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଏହି ଘଟଣାରେ ସୁବଳୟା ପୋଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଛି। ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ, ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପଧାନ, ଏସ୍‌ଆଇ ପ୍ରଭାତୀ ଦାସ ପହଞ୍ଚି ଅଧିକ ତଦନ୍ତ କରୁଛନ୍ତି।

# ଶିମିଳିପାଳକୁ ମିଳିଲା ୧୬ ସୁରକ୍ଷା ଗାଡ଼ି

ବାରିପଦା,୨୯।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ଖଣି ନିଗମ(ଓଏମ୍‌ସି) ସହାୟତାରେ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ୧୬ଟି ସ୍ୱତନ୍ତ୍ର ଗାଡ଼ି ପ୍ରଦାନ କରାଯାଇଛି। ଶୁକ୍ରବାର ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଭୁବନେଶ୍ୱରଠାରେ ସବୁଜ ପତାକା ଦେଖାଇ ଶିମିଳିପାଳ ଅଭିମୁଖେ ଏହି ଗାଡ଼ି ଚଳାଚଳର ଶୁଭାରମ୍ଭ କରିଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗିନେନି ଏହି ଗାଡ଼ିଗୁଡ଼ିକ ଗ୍ରହଣ କରି ଅଭୟାରଣ୍ୟକୁ ଆଣିଛନ୍ତି।

ଏହି ଗାଡ଼ି ଦ୍ୱାରା ଅଭୟାରଣ୍ୟରେ ପାଟ୍ରୋଲିଂ ଓ ଉଦ୍ଧାର କାର୍ଯ୍ୟ ସହଜରେ ସମ୍ପାଦିତ ହୋଇପାରିବ। ପାହାଡ଼ିଆ ଓ ପାଣିକାଦୁଅ ରାସ୍ତାରେ ଉକ୍ତ ଗାଡ଼ିଗୁଡ଼ିକ ଯାତାୟାତ କରିପାରିବ। ଶିକାରୀ ଓ କାଠ ଚୋରଙ୍କୁ ରୋକିବା ଦିଗରେ ଏହା ସହାୟକ ହେବ। ପାଟ୍ରୋଲିଂ ବ୍ୟବସ୍ଥାରେ ଦେଖାଯାଉଥିବା ସମସ୍ୟାର ସମାଧାନ ହେବା ସହ ବନ୍ୟପ୍ରାଣୀ ଉଦ୍ଧାର କାର୍ଯ୍ୟ ସହଜରେ ସମ୍ପାଦନ କରାଯାଇ ପାରିବ। ରାଜ୍ୟର ୯୦% ମହାବଳ ବାଘ, ୧୬% କଳାରାପତରିଆ ବାଘ, ଦେଶରେ ବିରଳ ୧୦ଟି ମହାବଳ କଳାବାଘ ଓ ୨୫% ହାତୀ ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି। ଏହା ବ୍ୟତିତ ଏକାଧିକ ପ୍ରଜାତିର ବିଲୁପ୍ତ ପ୍ରାଣୀ, ଉଦ୍ଭିଦ ଓ ଅର୍କିଡ ଭରପୁର ରହିଛି। ଶିମିଳିପାଳ ମଧ୍ୟରେ ୧୦୧୧.୫ କି.ମି. ପର୍ଯ୍ୟନ୍ତ ରାସ୍ତା ରହିଛି। ପାହାଡ଼ିଆ ଖାଲଖମା ରାସ୍ତାର ସୁଯୋଗରେ ଶିକାରୀମାନେ ବନ୍ୟଜନ୍ତୁ ଓ ବନ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଏଭଳି ସ୍ଥିତିକୁ ଏଡ଼ାଇବା ଓ ବନ କର୍ମଚାରୀଙ୍କୁ ଅଧିକ ସଶକ୍ତ କରିବା ପାଇଁ ଏହି ଗାଡ଼ି ସହାୟକ ହେବ।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟ ହେଲା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

## ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୨୯।୧୨(ଅନିଲ ଦାସ)

କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ ନାମରେ ନାମିତ କରାଯାଇଛି। ଏବେ ଏହା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା ନାମରେ ପରିଚିତ ହେବ। ଏ ସଂକ୍ରାନ୍ତରେ ଉଚ୍ଚଶିକ୍ଷା ବିଭାଗର ଦିଆଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଅନୁମୋଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ସମୁଦାୟ ୫୦ଟି କଲେଜକୁ ନେଇ ୨୦୨୦ ସେପ୍ଟେମ୍ବର ୧ ତାରିଖରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନଭେମ୍ବର ପହିଲା ତାଙ୍କ କଳାହାଣ୍ଡି ଗସ୍ତ ସମୟରେ ଏହି ବିଶ୍ୱବିଦ୍ୟାଳୟର ନାମକୁ ମା' ମାଣିକେଶ୍ୱରୀଙ୍କ ନାମରେ ନାମିତ କରିବା ପାଇଁ ଘୋଷଣା କରିଥିଲେ।

# ବ୍ୟାଙ୍କ୍ ଲକର ଭାଙ୍ଗି ୧୪ ଲକ୍ଷ ଟଙ୍କା ଚୋରି

ବାଙ୍କୀ,୨୯।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ଡମପଡ଼ା ଶାଖା କାର୍ଯ୍ୟାଳୟର ଲକ୍‌ର ଭାଙ୍ଗି ଦୁର୍ବୃତ୍ତମାନେ ୧୪ ଲକ୍ଷ ୧୯ ହଜାର ୩୬୪ ଟଙ୍କା ସହ କିଛି ଜରୁରୀ କାଗଜପତ୍ର ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ଶାଖା ପରିଚାଳକ ରମେଶ ମହାପାତ୍ର ବାଙ୍କୀ ଥାନା ଅନ୍ତର୍ଗତ ତାଳବସ୍ତ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ସାଇଣ୍ଟିଫିକ୍‌ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଛାନବିନ୍ କରିଛି। ଖବରପାଇ ଗ୍ରାମାଞ୍ଚଳ ଏସ୍‌ପି ମିହିର ପଣ୍ଡା, ଉପଖଣ୍ଡ ପୋଲିସ୍ ଅଧିକାରୀ ଅଶ୍ୱିନୀ କୁମାର ସାହୁ ପହଞ୍ଚି ତଦନ୍ତ କରିଛି। ଏନେଇ ବାଙ୍କୀ ଥାନାରେ ମାମଲା ନଂ-୪୭୧/୨୩ ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବ୍ୟାଙ୍କ ଭିତରେ ପଶି ଟ୍ରେଜେରି ଲକ୍‌ର ତାଡ଼ିବା ସହ ସେଥିରୁ ଉପରୋକ୍ତ ଟଙ୍କା ନେଇ ଚମ୍ପଟ ମାରିଛନ୍ତି। ଶୁକ୍ରବାର ସକାଳେ ସହକାରୀ ମ୍ୟାନେଜର ଅକ୍ଷୟ ନାୟକ ଓ ଅନ୍ୟ କର୍ମଚାରୀମାନେ ଆସିବାବେଳକୁ ବ୍ୟାଙ୍କର ଲକ୍‌ର ସହ ସିସିଟିଭି କ୍ୟାମେରା ଓ ହାର୍ଡଡିସ୍କ ଭଙ୍ଗା ହୋଇଥିବା ଦେଖି ପୋଲିସରେ ଖବର ଦେଇଥିଲେ। ଏ ସମ୍ପର୍କରେ ଆଇଆଇସି ଶିବଚରଣ ବେହେରା କୁହନ୍ତି, ଅଭିଯୋଗକୁ ଆଧାର କରି ତଦନ୍ତ ଜାରି ରହିଛି। ସେମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ଖାଇବାକୁ ନ ପାଇ ଶଯ୍ୟାରେ ନନ୍ଦୀ

କେନ୍ଦୁଝର,୨୯।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେହି ଭୋକରେ ରହିବେନି। ସମସ୍ତଙ୍କ ମୁଣ୍ଡକୁ ଛାତ ମିଳିବ। ଏ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ରାଶନ କାର୍ଡରେ ଚାଉଳ ପ୍ରଦାନ ସହ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ଗରିବ ଅସହାୟଙ୍କୁ ଘର ମିଳୁଛି। ମାତ୍ର ଏବେ ବି ପ୍ରଶାସନ ନଜର ଆଢୁଆଳରେ ରହି ଅନେକ ପରିବାର ମୌଳିକ ଅଧିକାରରୁ ବଞ୍ଚିତ ହୋଇ ଦୁର୍ବିଷହ ଜୀବନ ଅତିବାହିତ କରୁଛନ୍ତି। କେନ୍ଦୁଝର ଜିଲା ସଦର ବ୍ଲକ୍ ପଦ୍ମପୁର ପଞ୍ଚାୟତ ପଦ୍ମପୁର ଗ୍ରାମରେ ଖାଦ୍ୟ ଅଭାବରୁ ଜଣେ ମହିଳା ଘରୁ ଉଠି ନ ପାରିବା ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ସଦର ବ୍ଲକ୍ ପଦ୍ମପୁର ପଞ୍ଚାୟତ ପଦ୍ମପୁର ଗ୍ରାମ ରାଇସ୍ ମିଲ ନିକଟ କୁଦୁରୁ ସାହିରେ ମୁଣ୍ଡା ସମ୍ପ୍ରଦାୟର ଆଦିବାସୀ ଲୋକ ବସବାସ କରୁଛନ୍ତି। ସାହିରେ ରହୁଥିବା ନନ୍ଦୀ ମୁଣ୍ଡା ୨ ଝିଅ ଓ ଜଣେ ପୁଅଙ୍କୁ ନେଇ ରହୁଛନ୍ତି। ୧୦ ବର୍ଷ ତଳେ ନନ୍ଦୀଙ୍କ ସ୍ୱାମୀ ଲକ୍ଷ୍ମୀଧର ମୁଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ସେ ସମୟରେ ତାଙ୍କ ପୁଅକୁ ୨ ମାସ ହୋଇଥିଲା। ନନ୍ଦୀ ପର ଘରେ କାମ କରି ବହୁ ଦୁଃଖ କଷ୍ଟରେ ପରିବାର ଚଳାଉଥିଲେ।


ଶଯ୍ୟାଶାୟୀ ନନ୍ଦୀ।


ନନ୍ଦୀଙ୍କ ପୁଅ, ଝିଅ।

- ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ
- ସରକାରୀ ସହାୟତା ଦାବି

କିନ୍ତୁ ଦଇବ ଦାଉ ସାଧିବା ଭଳି ୬ ମାସ ହେଲା ଖାଦ୍ୟ ଅଭାବରୁ ସେ ଆଉ ଚାଲି ପାରୁନାହାନ୍ତି। ଏପରି ସ୍ଥିତି ହୋଇଛି ଯେ, ବିଛଣାରୁ ଉଠିବା ପାଇଁ ବି ଅନ୍ୟର ସାହାରା ଆବଶ୍ୟକ ପଡୁଛି। ଏଭଳି ସ୍ଥିତିରେ ୨ ମାସ ହେବ ରାଶନ କାର୍ଡରେ ମିଳୁଥିବା ଚାଉଳ ଆଉ ପଞ୍ଚାୟତରୁ ମିଳିନାହିଁ। ୧୫ ବର୍ଷୀୟ ଝିଅ ସେବତୀ ମୂଲ ମଜୁରି ଲାଗୁଥିଲେ ବି ପରିବାର ସମସ୍ତଙ୍କ ପାଇଁ ଖାଦ୍ୟ ଯୋଗାଡ଼ କରିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଫଳରେ ଦିନେ ଖାଇଲେ ପରିବାର ପାଞ୍ଚ ଦିନ ଉପବାସରେ ରହୁଛନ୍ତି। ସେବତୀ ମଧ୍ୟ ଚର୍ମ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ତାଙ୍କ ଗୋଡ଼ ଫୁଲି ଚାଲି ପାରୁନାହାନ୍ତି। ଏଭଳି ସ୍ଥିତିରେ ମୁଣ୍ଡ ଗୁଞ୍ଜିବାକୁ ପରିବାର ପାଖରେ ଘରଖଣ୍ଡେ ମଧ୍ୟ ନାହିଁ। ନଡ଼ା ଛପରରେ ଏକ କୁଡ଼ିଆ କରି ଶୀତ କାକରରେ ପଡ଼ି ରହିଛନ୍ତି। ଯଦି ଜିଲା ପ୍ରଶାସନ ତୁରନ୍ତ ସହାୟତାର ହାତ ନ ବଢ଼ାନ୍ତି ତେବେ ନନ୍ଦୀଙ୍କ ଅବସ୍ଥା ଗୁରୁତର ହେବା ସହ ୩ ପିଲାଙ୍କ ଅବସ୍ଥା ସଙ୍ଗିନ ହୋଇ ପଡ଼ିବ। ପରିବାରକୁ ତୁରନ୍ତ ଘର ଖଣ୍ଡିଏ ଓ ରାଶନ ସାମଗ୍ରୀ ଯୋଗାଇଦେବା ସହିତ ଉତ୍ତମ ଚିକିତ୍ସାର ବ୍ୟବସ୍ଥା କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ଼ ସଭାପତି ରଞ୍ଜନ କୁମାର ବେହେରା, ଉପସଭାପତି ଜୟକୃଷ୍ଣ ନାଏକ ବ୍ଲକ୍ ପ୍ରଶାସନକୁ ନିବେଦନ କରିଛନ୍ତି। ଏ ନେଇ ବିଡିଓ ତିଲୋତ୍ତମା ପୃଷ୍ଟି କହିଛନ୍ତି, ସୂଚନା ପାଇ ପରିବାର ପାଖରେ ପହଞ୍ଚି ଡ୍ରାଏ ଫୁଡ୍ ପ୍ରଦାନ କରିଛନ୍ତି। ଅସୁସ୍ଥତା କାରଣରୁ ସେ ନେଇ ନ ଥିବା ରାଶନ ଚାଉଳ ତାଙ୍କ ଘରେ ପହଞ୍ଚାଇ ଦିଆଯାଇଛି। ଉଭୟ ମା' ଝିଅଙ୍କୁ ଚିକିତ୍ସା ନିମନ୍ତେ ପଦ୍ମପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ସରପଞ୍ଚ ଚପଳା ସାମଲଙ୍କ ପ୍ରତିନିଧି ହାଡ଼ିବନ୍ଧୁ ଦେହୁରୀ କହିଛନ୍ତି, ପରିବାରକୁ ଶୁକ୍ରବାର ୨ ମାସର ଚାଉଳ ପ୍ରଦାନ କରାଯାଇଛି। ନନ୍ଦୀଙ୍କ ଶାଶୁଙ୍କ ନାମରେ ଆବାସ ଘର ରହିଛି। ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସେଠାରେ ରହୁନାହାନ୍ତି।

ବିଦାୟ ନେଉଛି ୨୦୨୩। ଧରିତ୍ରୀ 'ସାହିତ୍ୟାୟନ'ରେ ଲାଗିଛି ଓଡ଼ିଆ ସାହିତ୍ୟର କେତେ ସୁକୁମାର ଛାପ। ପ୍ରବୀଣଙ୍କ ଅସ୍ମିତା ସାଙ୍ଗକୁ ନବୀନଙ୍କ ଉଦୟରାଗ 'ସାହିତ୍ୟାୟନ'କୁ ପାଠିକାପାଠକଙ୍କର ଅଧିକ ନିକଟବର୍ତ୍ତୀ କରାଇଛି। ପ୍ରାଦେଶିକ ଓ ଜାତୀୟସ୍ତରରେ ଓଡ଼ିଆ ସାହିତ୍ୟର ଗରିମା ପ୍ରତିଷ୍ଠିତ ହୋଇଛି। ଏ ବର୍ଷ ଆମେ ଅବଶ୍ୟ ଆମର କେତେକ ପ୍ରିୟ ଲେଖିକାଲେଖକଙ୍କୁ ହରାଇଛୁ। ସେମାନଙ୍କ ପ୍ରତି ଆମର ଶ୍ରଦ୍ଧା ନିବେଦିତ ରହିଲା ଓ ଆମ ସ୍ୱାଗତ ତୋରଣ ଖୋଲା ରହିଲା ୨୦୨୪ ପାଇଁ। ଶୁଭଙ୍କର ହେଉ, ସୃଜନର ହେଉ ନୂଆବର୍ଷ!

# ସମ୍ମାନ / ସମ୍ବର୍ଦ୍ଧନା

୨୦୨୩ ବର୍ଷ ପାଇଁ ଶିକ୍ଷା ଓ ସାହିତ୍ୟ ବିଭାଗରେ ପଦ୍ମଶ୍ରୀ ପାଇଛନ୍ତି ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର। ଓଡ଼ିଶା ସାହିତ୍ୟ ଏକାଡେମୀ ଏ ବର୍ଷ ୨୦୨୧ ପାଇଁ ଡକ୍ଟର ପ୍ରତିଭା ରାୟ, ୨୦୨୨ ପାଇଁ ଡକ୍ଟର ସୀତାକାନ୍ତ ମହାପାତ୍ର ଓ ୨୦୨୩ ପାଇଁ ଡକ୍ଟର ଶ୍ରୀନିବାସ ଉଦ୍‌ଗାତାଙ୍କୁ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ସାହିତ୍ୟ ପୁରସ୍କାର'ରେ ସମ୍ମାନିତ କରିଛି। ଏଥିସହିତ ଏହି ତିନିବର୍ଷ ପାଇଁ ଏକାଡେମୀ ଦ୍ୱାରା ମୋଟ ୪୪ଜଣ ବରିଷ୍ଠ ସାହିତ୍ୟିକ ସମ୍ବର୍ଦ୍ଧିତ ହୋଇଛନ୍ତି। କବି ହରିହର ମିଶ୍ର ପାଇଛନ୍ତି 'ସମାଜ' ପ୍ରଦତ୍ତ 'ସତ୍ୟବାଦୀ ସାରସ୍ୱତ ସମ୍ମାନ–୨୦୨୩'। ପ୍ରଜାତନ୍ତ୍ର ପ୍ରଚାର ସମିତି ପ୍ରଦତ୍ତ 'ବିଷୁବ ପୁରସ୍କାର–୨୦୨୩' ପାଇଛନ୍ତି କଥାକାର ବିଜୟ ନାୟକ। ଇଙ୍ଗା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ 'ଶାରଳା ପୁରସ୍କାର–୨୦୨୩'ରେ ସମ୍ମାନିତ କରାଯାଇଛି ଔପନ୍ୟାସିକ ଡକ୍ଟର ଭୀମ ପୃଷ୍ଟିଙ୍କୁ ତାଙ୍କ 'ଜମ୍ବୁଲୋକ' ଉପନ୍ୟାସ ପାଇଁ। ଡକ୍ଟର ଆଶୁତୋଷ ପରିଡ଼ାଙ୍କ କବିତାଗ୍ରନ୍ଥ 'ଅପ୍ରସ୍ତୁତ ମୃତ୍ୟୁ'କୁ ମିଳିଛି ୨୦୨୩ର 'ସାହିତ୍ୟ ଅକାଦେମି (ନୂଆଦିଲ୍ଲୀ) ପୁରସ୍କାର। 'ସୋଆ' ବିଶ୍ୱବିଦ୍ୟାଳୟ କର୍ତ୍ତୃକ 'ପ୍ରାଚୀନ' ପକ୍ଷରୁ ୧୧ଜଣ ବର୍ଷୀୟାନ୍ ସାହିତ୍ୟିକଙ୍କୁ ଦିଆଯାଇଛି ଭବ୍ୟ ସମ୍ବର୍ଦ୍ଧନା। 'ଓଡ଼ିଶା ସାହିତ୍ୟ ଏକାଡେମୀ' ମହାଡ଼ମ୍ବରରେ ପାଳନ କରିଛି ପ୍ରଫେସର ଚିତ୍ତରଞ୍ଜନ ଦାସ ଓ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଜନ୍ମ–ଶତବାର୍ଷିକୀ। ଓଡ଼ିଆ ଭାଷା–ସାହିତ୍ୟର ମହିମାଦୀପ୍ତ ଏଇ ଲେଖିକାଲେଖକଙ୍କୁ ଧରିତ୍ରୀ 'ସାହିତ୍ୟାୟନ'ର ବିନମ୍ର ଅଭିନନ୍ଦନ!


ଅନ୍ତର୍ଯ୍ୟାମୀ ମିଶ୍ର
ପଦ୍ମଶ୍ରୀ ସମ୍ମାନ


ପ୍ରତିଭା ରାୟ
ଅତିବଡ଼ୀ ସାହିତ୍ୟ ପୁରସ୍କାର


ସୀତାକାନ୍ତ ମହାପାତ୍ର
ଅତିବଡ଼ୀ ସାହିତ୍ୟ ପୁରସ୍କାର


ଶ୍ରୀନିବାସ ଉଦ୍‌ଗାତା
ଅତିବଡ଼ୀ ସାହିତ୍ୟ ପୁରସ୍କାର


ହରିହର ମିଶ୍ର
ସତ୍ୟବାଦୀ ସାରସ୍ୱତ ସମ୍ମାନ


ବିଜୟ ନାୟକ
ବିଷୁବ ପୁରସ୍କାର


ଭୀମ ପୃଷ୍ଟି
ଶାରଳା ପୁରସ୍କାର


ଆଶୁତୋଷ ପରିଡ଼ା
ସାହିତ୍ୟ ଅକାଦେମୀ ପୁରସ୍କାର

# ପରଲୋକରେ...

୨୦୨୩ରେ ଆମ ଗହଣରୁ ବିଦାୟ ନେଇଛନ୍ତି ବହୁ ଉଜ୍ଜ୍ୱଳ ସାରସ୍ୱତ–ପ୍ରତିଭା। ୨୮ ଜାନୁୟାରୀରେ କବି ଡ. ହୁସେନ୍ ରବି ଗାନ୍ଧୀ, ୦୬ ଫେବୃୟାରୀରେ ସୁସାହିତ୍ୟିକା ନିର୍ମଳପ୍ରଭା ନାୟକ, ୧୯ ଜୁନ୍‌ରେ ଶିଶୁ ସାହିତ୍ୟିକ ପ୍ରସନ୍ନ କୁମାର ହୋତା, ୧୮ ଜୁଲାଇରେ କବି ପ୍ରବୋଧ କୁମାର ରାଉତ, ୨୭ ଅଗଷ୍ଟରେ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ର, ୧୬ ସେପ୍ଟେମ୍ବରରେ ଖ୍ୟାତନାମା ଲେଖିକା ଗୀତା ମେହେଟ୍ଟା, ୧୦ ଅକ୍ଟୋବରରେ ସ୍ତମ୍ଭକାର ଶରତ ଚନ୍ଦ୍ର ମିଶ୍ର, ୧୭ ଅକ୍ଟୋବରରେ ଗୀତିକାର ସ୍ୱରୂପ ନାୟକ, ୧୩ ନଭେମ୍ବରରେ କବୟିତ୍ରୀ ନିର୍ମଳା ମହାନ୍ତି, ୧୪ ନଭେମ୍ବରରେ ଶିଶୁ ସାହିତ୍ୟିକ ଶୁଭେନ୍ଦ୍ରମୋହନ ଶ୍ରୀଚନ୍ଦନସିଂହ, ୨୬ ନଭେମ୍ବରରେ କବି ଭଗବାନ ମହାପାତ୍ର ଓ ୧୪ ଡିସେମ୍ବରରେ ଗୀତିକାର ରଘୁନାଥ ରାଉତଙ୍କର ପରଲୋକ ହୋଇଛି । ଏମାନଙ୍କ ବିୟୋଗ ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଦାରୁଣ କ୍ଷତି ପହଞ୍ଚାଇଛି। ନିକଟ ଭବିଷ୍ୟତରେ ଏ କ୍ଷତି ଭରଣା ହେବାର ନୁହେଁ । ବିଦାୟୀ ଏସବୁ ବରେଣ୍ୟ ଲେଖିକାଲେଖକଙ୍କୁ 'ସାହିତ୍ୟାୟନ'ର ଗଭୀର ଶ୍ରଦ୍ଧାଞ୍ଜଳି ।


ହୁସେନ୍ ରବି ଗାନ୍ଧୀ


ନିର୍ମଳ ପ୍ରଭା ନାୟକ


ପ୍ରସନ୍ନ କୁମାର ହୋତା


ପ୍ରବୋଧ କୁମାର ରାଉତ


ଜୟନ୍ତ ମହାପାତ୍ର


ଗୀତା ମେହେଟ୍ଟା


ଶରତ ଚନ୍ଦ୍ର ମିଶ୍ର


ସ୍ୱରୂପ ନାୟକ


ନିର୍ମଳା ମହାନ୍ତି


ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂ


ଭଗବାନ ମହାପାତ୍ର


ରଘୁନାଥ ରାଉତ

# କାଳକାଳକୁ...


ଏକ ଖରାପ ବହି ପଢ଼ିବା ପାଇଁ ଜୀବନ ଖୁବ୍ ନିଅଣ୍ଟିଆ ।

■ ଜେମ୍ସ ଜଏସ୍


ସାହିତ୍ୟର ଗଛ ଭାରି ସ୍ୱର୍ଣ୍ଣ–କାତର ଓ ସବୁଜିମାରେ ଭରା । ରାଜନୀତିର ମହିଷି–ଗ୍ରାସରୁ ତାକୁ ବଞ୍ଚାଇ ପାରିଲେ, ସେ ଅମଳ ଦେବ ।

■ ଫଣୀଶ୍ୱର ନାଥ ରେଣୁ


କବିର କାମ ଅନାମକୁ ନାମଦେବା, ଠକଙ୍କୁ ଚିହ୍ନେଇବା, ପକ୍ଷ ନେଇ, ତର୍କ କରି ପୃଥିବୀକୁ ସଜାଡ଼ିବା ଓ ନିଦେଇ ନ ଦବା ।

■ ସଲମାନ୍ ରୁଶ୍‌ଦି


କେହି ତା'ର ପୂରା ଜୀବନକୁ ବୁଝିପାରେ – ଏଥିରେ ମୁଁ ନିଶ୍ଚିତ ନୁହେଁ।

■ ବିକ୍ରମ ସେଠ୍


ସ୍ମୃତିରୁ ଜନ୍ମନିଏ ପ୍ରେମ, ବୁଦ୍ଧିରୁ ଜୀବନ ଓ ବିସ୍ମୃତିରୁ ଜନ୍ମନିଏ ମୃତ୍ୟୁ ।

■ ପାବ୍ଲୋ ନେରୁଦା


ଚାରିଦିନର ଏ ଜୀବନ, ଚାରିଦିନ ବି ଢେର୍ ବନ୍ଧୁ!

■ ଭୀଷ୍ମ ସାହନୀ


ଏକ ଆତ୍ମଜୀବନୀରେ ମିଛ ଥାଇପାରେ, କିନ୍ତୁ ଗୋଟେ ଉପନ୍ୟାସ କେବେ ବି ମିଛ କହେନା, ଏହା ଲେଖକକୁ ପୂର୍ଣ୍ଣଭାବେ ଉନ୍ମୋଚିତ କରେ ।

■ ଭି.ଏସ୍. ନାଇପଲ୍


ମୁଁ ଯେତେବେଳେ ଲେଖେ, ପରିଣତିର ଭୟକୁ ଖାତିର କରେନା ।

■ ତସ୍‌ଲିମା ନାସରିନ୍


ଯେଉଁଠି ସ୍ୱାଧୀନତାର ଝଲକ ବିରାଜମାନ, ସେଇଠି ମୋର ଘର ।

■ ଅମ୍ରିତା ପ୍ରୀତମ୍


ଅନ୍ତର୍ଦ୍ୱନ୍ଦ୍ୱ, ଦୂରତା, ପୀଡ଼ା ଓ ଦୁଃଖ ମଣିଷକୁ ମହାନ୍ କରେ ।

■ ଧର୍ମବୀର ଭାରତୀ


ଅପରିପକ୍ୱ କବି ଅନୁକରଣ କରନ୍ତି ଓ ପରିପକ୍ୱ କବି ଅନୁକରଣକୁ ନିଜସ୍ୱ କରିଦିଅନ୍ତି।

■ ଟି.ଏସ୍. ଏଲିୟଟ୍


ମୋତେ ଲାଗେ ଯେ ଆଧୁନିକ ଭାରତ ଭାରତରେ ରହୁଥିବା ଲେଖକଙ୍କର ନୁହେଁ।

■ କିରଣ ଦେଶାଇ


ଲେଖିବା ଏକ ପ୍ରକାରର ଚିକିତ୍ସା–ବିଧି। ଯେଉଁମାନେ ଲେଖନ୍ତି ନାହିଁ ବା ଚିତ୍ର କରନ୍ତି ନାହିଁ, ସେମାନେ କିପରି ପାଗଳାମି, ନିଃସଙ୍ଗତା, ଦୁଃଖ ଓ ଭୟ ଆଦି ବିଷୟା–ପ୍ରକୋପରୁ ନିଜକୁ ମୁକୁଳାନ୍ତି ; ତାହା ଭାବିଲେ ମୁଁ ବିସ୍ମିତ ହୁଏ ।

■ ହେନ୍‌ରୀ ଗ୍ରାହାମ୍ ଗ୍ରୀନ୍


ଜଣେ ଯଦି କାହାରିଠାରୁ କିଛି ଚାହେଁନି, ତେବେ କେବେ ବି ହତାଶ ହୁଏନାହିଁ।

■ ସିଲ୍‌ଭିୟା ପ୍ଲାଥ୍


ଜଣେ ଲେଖକର ଉଦ୍ଦେଶ୍ୟ ହେଉଛି ଆତ୍ମଘାତୀ ସଭ୍ୟତାକୁ ରକ୍ଷାକରିବା ।

■ ଆଲ୍‌ବର୍ଟ କାମ୍ୟୁ


ପୁରୁଷ ହେଉ ବା ନାରୀ ହେଉ, ଗୋଟେ ଭଲ ଉପନ୍ୟାସରୁ ଯଦି ଆନନ୍ଦ ପାଉନାହଁ ; ତେବେ ସେ ବରଦାସ୍ତ ନ କଲା ଭଳି ମୂର୍ଖ ।

■ ଜେନ୍ ଅଷ୍ଟେନ୍

# ସେଲିବ୍ରିଟି ବ୍ରେକ୍‌ଅପ୍



ଅଧିକାଂଶ ଲୋକ ସେଲିବ୍ରିଟିଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଜାଣିବାକୁ ଚାହାନ୍ତି। ବିଶେଷକରି ନିଜ ପାର୍ଟନରଙ୍କ ସହ ସେଲିବ୍ରିଟିମାନଙ୍କ ସମ୍ପର୍କ କିପରି ରହିଛି, ସେମାନଙ୍କ ମଧ୍ୟରେ କ'ଣ ଚାଲିଛି ତା' ଉପରେ ତଥ୍ୟ ସଂଗ୍ରହ କରିବାକୁ ଅନେକଙ୍କ ରୁଚି ରହିଥାଏ। ବିଳାସପୂର୍ଣ୍ଣ ଚାକଚକ୍ୟ ଜୀବନ ବିତାଉଥିବା ଏଇ ହାଇପ୍ରୋଫାଇଲ ପର୍ସନାଲିଟିଙ୍କ ଲାଇଫ୍‌ରେ ବି କେଁ ଥାଏ। ମନାନ୍ତରରୁ ମତାନ୍ତର ଗଭୀରତା ବଢ଼ିଗଲେ ସମ୍ପର୍କରେ ସୃଷ୍ଟି ହୁଏ ଫାଟ, ଜୀବନରେ ଉଠେ ଝଡ଼। ୨୦୨୩ରେ ପରସ୍ପର ପ୍ରତି ବିମୁଖ ହୋଇ ନିଜ ପାଇଁ ଅଲଗା ବାଟ ବାଛିଥିବା କେତେଜଣ ବହୁଚର୍ଚ୍ଚିତ ଚେହେରାଙ୍କ ସମ୍ପର୍କରେ....

## ପାର୍ଟନରଙ୍କୁ ଛାଡ଼ିଲେ ଇଟାଲୀ ପ୍ରଧାନମନ୍ତ୍ରୀ

୨୦୨୩ ଅକ୍ଟୋବର ୨୦ରେ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ତାଙ୍କ ଟିଭି ଜର୍ନାଲିଷ୍ଟ ପାର୍ଟନର ଆଣ୍ଡ୍ରେଆ ଜିଆମବ୍ରୁନୋଙ୍କୁ ଛାଡ଼ିଦେଇଥିବା ସ୍ପଷ୍ଟ କରିଥିଲେ। ଆଣ୍ଡ୍ରେଆ ଲିଙ୍ଗଭେଦୀ ମନ୍ତବ୍ୟ ପାଇଁ ସମାଲୋଚିତ ହୋଇଥିଲେ। ସେପ୍ଟେମ୍ବରରେ ମେଲୋନି ଖବରଦାତାମାନଙ୍କୁ କହିଥିଲେ ଯେ, ତାଙ୍କୁ ଆଣ୍ଡ୍ରେଆଙ୍କ ମନ୍ତବ୍ୟକୁ ନେଇ ବିଚାର କରା ନ ଯାଉ। ଆଣ୍ଡ୍ରେଆଙ୍କ ଆଚରଣ ସମ୍ପର୍କରେ ସେ କୌଣସି ପ୍ରଶ୍ନର ଉତ୍ତର ଦେବେ ନାହିଁ। ୪୬ ବର୍ଷୀୟା ପ୍ରଧାନମନ୍ତ୍ରୀ ମେଲୋନି ଦକ୍ଷିଣପନ୍ଥୀ ମେଣ୍ଟ ସରକାର ମୁଖ୍ୟ ଭାବେ ପ୍ରଥମ ବର୍ଷ ପୂରଣ କରିଥିବାବେଳେ ଏହି ବିଚ୍ଛେଦ ଖବର ସାମ୍ନାକୁ ଆସିଥିଲା। ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ମେଲୋନି ଲେଖିଥିଲେ, ଆଣ୍ଡ୍ରେଆଙ୍କ ସହ ୧୦ ବର୍ଷର ସମ୍ବନ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ତେବେ ନିଜ ବ୍ୟକ୍ତିଗତ ଜୀବନର କଠିନତାକୁ ନେଇ ସେ ପ୍ରଭାବିତ ହେବେ ନାହିଁ। ଘରେ ତାଙ୍କୁ ଯେଉଁମାନେ ଦୁର୍ବଳ କରିବାକୁ ଉଦ୍ୟମ ଚଳାଇଥିଲେ, ସେମାନେ କେବେହେଲେ ସଫଳ ହେବେ ନାହିଁ। ୨୦୧୪ରେ ଏକ ଟିଭି ଷ୍ଟୁଡିଓରେ ପରସ୍ପରକୁ ଭେଟିଥିବା ଏହି ଯୋଡ଼ିଙ୍କ ଜଣେ ୭ ବର୍ଷୀୟା ଝିଅ ଅଛନ୍ତି। ୪୨ ବର୍ଷୀୟ ଆଣ୍ଡ୍ରେଆ 'ମିଡିଆ ଇଷ୍ଟ' ଦ୍ୱାରା ପ୍ରସାରିତ ଏକ ନ୍ୟୁଜ୍ କାର୍ଯ୍ୟକ୍ରମରେ ଉପସ୍ଥାପକ ଅଛନ୍ତି। 'ମିଡିଆ ଇଷ୍ଟ' ହେଉଛି ପୂର୍ବତନ ପ୍ରଧାନମନ୍ତ୍ରୀ ସିଲିଭିଓ ବେର୍ଲୁସ୍କୋନିଙ୍କ ଉତ୍ତରାଧିକାରୀମାନଙ୍କ ଦ୍ୱାରା ପରିଚାଳିତ ଏମ୍‌ଏଫ୍‌ଇ ମିଡିଆ ଗ୍ରୁପ୍‌ର ଏକ ଅଂଶ। ମେଲୋନିଙ୍କ ଘୋଷଣାର ସପ୍ତାହେ ପୂର୍ବରୁ ଆଣ୍ଡ୍ରେଆ ଏକ ଶୋ' ବେଳେ ନିଜ ଗୁପ୍ତାଙ୍ଗକୁ ଧରି ତାଙ୍କ ମହିଳା ସହଯୋଗୀଙ୍କୁ କହିଥିଲେ, ତୁମେ ମୋତେ ପୂର୍ବରୁ କାହିଁକି ଭେଟି ନ ଥିଲ ? ଏହାର ଭିଡିଓ ଭାଇରାଲ ହୋଇଥିଲା। ଅନ୍ୟ ଏକ ଅଡିଓ ରେକର୍ଡିଂରେ ଆଣ୍ଡ୍ରେଆ ଆଉ ଜଣେ ମହିଳା ସହକର୍ମୀଙ୍କୁ କହୁଥିଲେ, ତାଙ୍କ ସହ କାମ କରିବାକୁ ହେଲେ ଗ୍ରୁପ୍ ସେକ୍ସରେ ସାମିଲ ହେବାକୁ ପଡ଼ିବ। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା।





## ଅରବାଜ-ଜର୍ଜିଆ

ଅରବାଜ ଖାନ୍ ଓ ଜର୍ଜିଆ ଆଣ୍ଡ୍ରିଆନି ଗତ ୪ ବର୍ଷ ଧରି ରିଲେଶନଶିପ୍‌ରେ ଥିଲେ। କିନ୍ତୁ ୨୦୨୩ରେ ଉଭୟଙ୍କ ବାଟ ଅଲଗା ହୋଇଯାଇଥିଲା। ଅରବାଜ ଓ ତାଙ୍କ ସ୍ତ୍ରୀ ମଲାଇକା ଆରୋରାଙ୍କ ମଧ୍ୟରେ ୨୦୧୬ରେ ବିଚ୍ଛେଦ ହୋଇଥିବାବେଳେ ୨୦୧୭ରେ ଉଭୟେ ଆନୁଷ୍ଠାନିକ ଭାବେ ଛାଡ଼ପତ୍ର ଦେଇଥିଲେ।



## ସଚିନ-ସାରା ପାଇଲଟ

କଂଗ୍ରେସ ନେତା ସଚିନ ପାଇଲଟ ୨୦୦୪ରେ ଜମ୍ମୁ–କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ଝିଅ ସାରାଙ୍କୁ ବିବାହ କରିଥିଲେ। କିନ୍ତୁ ନିକଟରେ ଅନୁଷ୍ଠିତ ରାଜସ୍ଥାନ ବିଧାନସଭା ନିର୍ବାଚନ ବେଳେ ନାମାଙ୍କନପତ୍ର ସହ ଦାଖଲ କରିଥିବା ସତ୍ୟପାଠରେ ସଚିନ ନିଜ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଥିବା ବିଷୟ ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଇଥିଲେ।



## ଗୌତମ ସିଂଘାନିଆ

ରେମଣ୍ଡ ଗ୍ରୁପ୍ ମାଲିକ ଗୌତମ ସିଂଘାନିଆ ୩୨ ବର୍ଷର ଦାମ୍ପତ୍ୟ ଜୀବନ ପରେ ସ୍ତ୍ରୀ ନୱାଜ ମୋଦି ସିଂଘାନିଆଙ୍କଠାରୁ ଅଲଗା ରହିବା ନେଇ ଘୋଷଣା କଲେ। ଏହା ପୂର୍ବରୁ ଗୌତମ ନୱାଜ ଓ ତାଙ୍କ ଝିଅଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା।

## ଉ୍ୱିଦରସ୍ପୁନ୍-ଜିମ୍ ଟୋଥ୍

ଆମେରିକାନ୍ ଆକ୍ଟ୍ରେସ୍ ତଥା ପ୍ରଯୋଜିକା ରିସେ ଉ୍ୱିଦରସ୍ପୁନ୍ ଏବଂ ଟ୍ୟାଲେଣ୍ଟ ଏଜେଣ୍ଟ ଜିମ୍ ଟୋଥ୍‌ଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ ହୋଇଥିଲା ୨୦୧୦ରେ। ୨୦୧୧ ମାର୍ଚ୍ଚରେ କାଲିଫର୍ନିଆରେ ଉଭୟେ ବାହା ହୋଇଥିଲେ। ସେମାନଙ୍କ ଦ୍ୱାଦଶ ବିବାହ ବାର୍ଷିକୀର କିଛି ଦିନ ପୂର୍ବରୁ ପରସ୍ପରଠାରୁ ଅଲଗା ହୋଇଥିଲେ। ୨୦୨୩ ମାର୍ଚ୍ଚରେ ଏହି କଠିନ ନିଷ୍ପତ୍ତି ସମ୍ପର୍କରେ ଦୁହେଁ ଇନ୍‌ଷ୍ଟାଗ୍ରାମରେ ଘୋଷଣା କରିଥିଲେ।





## ରୋସାଲିଆ-ରଉ ଆଲେଜାଣ୍ଡ୍ରୋ

ରୋସାଲିଆ ଏବଂ ରଉ ଆଲେଜାଣ୍ଡ୍ରୋଙ୍କ ସମ୍ପର୍କରେ ଭଙ୍ଗା ପଡ଼ିଥିଲା ୨୦୨୩ ଜୁଲାଇରେ। ୨୦୧୯ରେ ଲାସ୍ ଭେଗାସ୍‌ରେ ଆୟୋଜିତ ଲାଟିନ୍ ଜର୍ମାନୀ ଆୱାର୍ଡ୍ସ ସମାରୋହରେ ଉଭୟଙ୍କ ମଧ୍ୟରେ ପ୍ରଥମ ଦେଖା ହୋଇଥିଲା। ଏହା ପରେ ଦୁହେଁ ପରସ୍କରକୁ ଡେଟିଂ କରିବାରେ ଲାଗିଥିଲେ।



## ନୱାଜୁଦ୍ଦିନ-ଆଲିୟା

ଅଭିନେତା ନୱାଜୁଦ୍ଦିନ ସିଦ୍ଦିକି ଅଭିନୟ ପାଇଁ ଯେତିକି ଚର୍ଚ୍ଚିତ, ତହିଁରୁ ଅଧିକ ପର୍ସନାଲ ଲାଇଫ୍‌କୁ ନେଇ। ସ୍ତ୍ରୀ ଆଲିୟା ନୱାଜଙ୍କ ବିରୋଧରେ ଅନେକ ସଙ୍ଗିନ୍ ଅଭିଯୋଗ ଆଣିବା ପରେ ୨୦୨୩ରେ ଦୁହେଁ ଅଫିସିଆଲି ଅଲଗା ହୋଇଥିଲେ।

## ସ୍ପିଅର୍ସ-ଅସ୍‌ଘାରି

୪୨ ବର୍ଷୀୟା ବ୍ରିଟ୍‌ନି ସ୍ପିଅର୍ସ ଏବଂ ଇରାନୀୟ ମଡେଲ ତଥା ଅଭିନେତା ସାମ୍ ଅସ୍‌ଘାରି ୧୪ ମାସର ଦାମ୍ପତ୍ୟ ଜୀବନରେ ପୂର୍ଣ୍ଣଚ୍ଛେଦ ପକାଇ ଗତ ଅଗଷ୍ଟରେ ଅଲଗା ହୋଇଥିଲେ। ୨୦୧୬ରେ ସ୍ପିଅର୍ସଙ୍କ 'ସ୍ଲମ୍ବର ପାର୍ଟି' ମ୍ୟୁଜିକ୍ ଭିଡିଓ ସେଟ୍‌ରେ ଏହି ଯୋଡ଼ିଙ୍କ ଭେଟ ହୋଇଥିଲା। ୨୦୨୨ ଜୁନ୍‌ରେ ସେମାନେ ବିବାହ କରିଥିଲେ।





## ଭର୍ଗାରା-ମାଙ୍ଗାନିଏଲୋ

ହଲିଉଡ୍‌ର ପାୱାର କପଲ୍ ସୋଫିଆ ଭର୍ଗାରା ଏବଂ ଜୋ ମାଙ୍ଗାନିଏଲୋ ସେମାନଙ୍କ ବିବାହର ୭ ବର୍ଷ ପରେ ଗତ ଜୁଲାଇରେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ତେବେ ଉଭୟଙ୍କ ପ୍ରିଭେସିକୁ ସମ୍ମାନ ଦେବା ପାଇଁ ଦୁହେଁ ପେଜ୍ ସିକ୍ସରେ ନିଜ ଫ୍ୟାନ୍‌ମାନଙ୍କୁ ଅନୁରୋଧ କରିଥିଲେ। ଅଭିନେତା ଜୋ ପିଲା ଚାହୁଁଥିଲେ। କିନ୍ତୁ ତାଙ୍କ ସ୍ତ୍ରୀ ସୋଫିଆ ମା' ହେବାକୁ ଚାହୁଁ ନ ଥିଲେ। ଏହି କାରଣରୁ ଦୁଇ ସେଲିବ୍ରିଟିଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିବା ପରେ ଜଣାପଡ଼ିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଶୁଭଶ୍ରୀ
ପରିବାରବର୍ଗ


ଖୁସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନଭେମ୍ବରରେ କୋର୍ ଇଣ୍ଡଷ୍ଟ୍ରିର ଉତ୍ପାଦନ ୭.୮% ବୃଦ୍ଧି

■୨୦୨୨ ନଭେମ୍ବରରେ ୫.୭% ଥିଲା
■୨୦୨୩ ଅକ୍ଟୋବରରେ ୧୨%

ଭୁବନେଶ୍ୱର,୨୯।୧୨

ଦେଶର ପ୍ରମୁଖ ୮ କୋର୍ ସେକ୍ଟର ଇଣ୍ଡଷ୍ଟ୍ରିର ଉତ୍ପାଦନ ୨୦୨୩ ନଭେମ୍ବର ମାସରେ ୭.୮% ବୃଦ୍ଧି ଘଟିଛି। ଏପରିକି ୨୦୨୨ ସମାନ ଅବଧିରେ ଏହି ପରିମାଣ ୫.୭% ରହିଥିଲା। ଏ ନେଇ ଶୁକ୍ରବାର ବାଣିଜ୍ୟିକ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି। ସେହିଭଳି ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୨୩ ନଭେମ୍ବରରେ ଦେଶର ଆଠଟି ପ୍ରମୁଖ ଭିତ୍ତିଭୂମି କ୍ଷେତ୍ରର ଉତ୍ପାଦନ ୭.୮% ବୃଦ୍ଧିପାଇଛି। ବିଶେଷକରି ଅଶୋଧିତ ତୈଳ ଏବଂ ସିମେଣ୍ଟ ବ୍ୟତୀତ ଅନ୍ୟ ସମସ୍ତ କ୍ଷେତ୍ରର ସୁସ୍ଥ ଉତ୍ପାଦନ ଅଭିବୃଦ୍ଧି ରେକର୍ଡ କରିଛି ବୋଲି ଚଳିତ ମାସର ସମୀକ୍ଷା ବୈଠକରେ କୁହାଯାଇଛି। ସେହିପରି ୨୦୨୩ ଅକ୍ଟୋବରରେ ମୂଳ କ୍ଷେତ୍ର (କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍, ବିଶୋଧନାଗାର ଉତ୍ପାଦ, ସାର,



ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍)ର ଅଭିବୃଦ୍ଧି ୧୨% ଥିଲା ବେଳେ କୋଇଲା ଏବଂ ବିଶୋଧନାଗାର ଉତ୍ପାଦଗୁଡିକ ଦୁଇଅଙ୍କ ବିଶିଷ୍ଟ ଅଭିବୃଦ୍ଧି ରେକର୍ଡ କରିଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ୮ଟି କ୍ଷେତ୍ରର ଉତ୍ପାଦନ ଅଭିବୃଦ୍ଧି ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ନଭେମ୍ବରରେ ୮.୬ % ଥିଲା, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୮.୧% ରହିଥିଲା। ଅପରପକ୍ଷରେ କୋର୍ ସେକ୍ଟର ଇଣ୍ଡଷ୍ଟ୍ରିର ଉତ୍ପାଦନ ଗତ ୬ ମାସ ପରେ ଏହି ଅଭିବୃଦ୍ଧି ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଖସିଲା ଶେୟାର ବଜାର

ଭୁବନେଶ୍ୱର,୨୯।୧୨

ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୭୦ (୧୭୦.୧୨) ପଏଣ୍ଟ ଖସି ୭୨,୨୪୦ (୭୨,୨୪୦.୨୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୪୭ (୪୭.୩୦) ପଏଣ୍ଟ ହ୍ରାସ ଘଟି ୨୧,୭୩୧ (୨୧,୭୩୧.୪୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ହ୍ରାସ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ରୁଚି-ଫାର୍ମ ବି'କୁ ଶ୍ରେଷ୍ଠ ବ୍ରାଣ୍ଡ ପୁରସ୍କାର



ଭୁବନେଶ୍ୱର,୨୯।୧୨ (ଅଭୟ ଦାଶ)

ପୂର୍ବଭାରତର ପ୍ରମୁଖ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ତଥା ବିଶ୍ୱେଶ୍ୱର ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ଫାର୍ମ-ବି ବ୍ରାଣ୍ଡ (ରୁଚି-ଫାର୍ମ ବି)କୁ ଇଣ୍ଡିଆ-୫୦୦ ଶ୍ରେଷ୍ଠ ବ୍ରାଣ୍ଡ ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଏମ୍ଏସ୍ଏମ୍ଇ ପକ୍ଷରୁ ନଭି ମୁମ୍ବାଇର ସିଡ୍‌କୋ ପ୍ରେକ୍ଷାଳୟଠାରେ ଆୟୋଜିତ ଇଣ୍ଡିଆ-୫୦୦୦ ଏମ୍ଏସ୍ଏମ୍ଇ ସମାରୋହ ଉତ୍ସବରେ ବିଶ୍ୱେଶ୍ୱର ଫୁଡ୍‌ସର ନିର୍ଦ୍ଦେଶିକା ରଶ୍ମି ସାହୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଇଣ୍ଡିଆ ବିଜ୍‌ନେସ୍ ଆୱାର୍ଡସ୍‌ର ଅଧ୍ୟକ୍ଷ କେତନ ଭେକାରିଆ, ଟ୍ରେଡ୍ ଇଣ୍ଡିଆର ସିଇଓ ସନ୍ଦୀପ ଛେତ୍ରୀ ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ସହକାରୀ ଉପସଭାପତି ଡ. ସାରଦା ଲାଣ୍ଡେ ଅତିଥି ଭାବେ ଯୋଗ ଦେଇ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ବିଶେଷକରି ଇଟାଲୀ ଓ ସୁଇଜରଲାଣ୍ଡରୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ବିଶେଷ ଶିକ୍ଷା ଓ ପ୍ରଶିକ୍ଷଣ ଗ୍ରହଣ କରିଥିବା ଯୁବ ଉଦ୍ୟୋଗୀ ରଶ୍ମି, ପୂର୍ବ ଭାରତରେ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରସ୍ତୁତି, ବିପଣନ ଓ ମାର୍କେଟିଂ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଜାତୀୟସ୍ତରରେ ଏଭଳି ଏକ ସମ୍ମାନ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ରଶ୍ମି କହିଛନ୍ତି, ଖାଦ୍ୟ ଶିଳ୍ପ କ୍ଷେତ୍ରରେ ଆଉ ଗୋଟିଏ ପାଦ ଆଗକୁ ଯିବା ପାଇଁ ଉକ୍ତ ପୁରସ୍କାର ଆମକୁ ବିଶେଷ ପ୍ରେରଣା ଦେବ। ଏପରିକି ପୂର୍ବ ଭାରତରେ ଫାର୍ମ-ବି'ର ଉତ୍ପାଦନ ସାମଗ୍ରୀ ଗ୍ରାହକମାନଙ୍କ ପାଇଁ ବେଶ୍ ପସନ୍ଦଯୋଗ୍ୟ ହୋଇପାରିଛି। ସେହିଭଳି ମୁମ୍ବାଇଠାରେ ଏମ୍ଏସ୍ଏମ୍ଇ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ସାରା ଭାରତରୁ ୫୦୦ ରୁ ଅଧିକ ଖାଦ୍ୟ ଶିଳ୍ପଗୋଷ୍ଠୀ ଯୋଗଦେଇଥିଲେ। ଏହି ସଫଳତା ପାଇଁ ସେ ବିଶିଷ୍ଟ ଉଦ୍ୟୋଗୀ ତଥା ରୁଚି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ଏବଂ ଗ୍ରାହକମାନଙ୍କୁ ଶ୍ରେୟ ଦେଇଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଲ୍ଲୀ ବାସଭବନରେ ଆୟୋଜିତ ଖ୍ରୀଷ୍ଟମାସ୍ ପାର୍ଟିରେ ବିଶିଷ୍ଟ ଉଦ୍ୟୋଗପତି ତଥା ଜୟଆଲୁକ୍କାସ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଜୟ ଆଲୁକ୍କାସ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କ ଜୀବନୀ ପୁସ୍ତିକା 'ସ୍ପ୍ରେଡିଂ ଜୟ' ଉପହାର ଦେଉଛନ୍ତି। ଏହି ପୁସ୍ତକ ଜୟ ଆଲୁକ୍କାସ୍‌ଙ୍କ ଉଦ୍ୟୋଗୀ ଯାତ୍ରାକୁ ବର୍ଣ୍ଣନା କରିଛି ଏବଂ ତା'ସହ ବ୍ରାଣ୍ଡ୍‌ର କ୍ରମବର୍ଦ୍ଧମାନ, ତାଙ୍କ ଜୀବନ ଅନୁଭୂତି, ସଫଳତା ଏବଂ ବିଫଳତା ବିଷୟରେ ମଧ୍ୟ ଅନନ୍ୟ ଦୃଷ୍ଟି ପ୍ରଦାନ କରୁଛି।

# ଡବ୍ଲ୍ୟୁଇଏଲ୍ ପକ୍ଷରୁ ଡିଆରଏଚପି ଦାଖଲ

ଭୁବନେଶ୍ୱର,୨୯।୧୨

ସୋଲାର ପିଭି ମଡ୍ୟୁଲ୍‌ର ସର୍ବବୃହତ୍ ନିର୍ମାତା ୱାରେ ଏନର୍ଜିସ୍ ଲିମିଟେଡ୍ (ଡବ୍ଲ୍ୟୁଇଏଲ୍) ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସପେକ୍ଟସ (ଡିଆର୍ଏଚ୍‌ପି) ଦାଖଲ କରାଯାଇଛି। ଏପରିକି କମ୍ପାନୀ ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ) ଜରିଆରେ ୩,୦୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରିବାକୁ ଥିବା ବେଳେ ଅଫର ଫର ସେଲ୍‌ରେ ୩,୨୦୦,୦୦୦ ଇକ୍ୱିଟି ଶେୟାର ବିକ୍ରି କରାଯିବ। ଏହି ଅଫର ଫର ସେଲ୍‌ରେ ୱାରେ ସଷ୍ଟେନେବଲ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍ (ପୂର୍ବରୁ ମହାବୀର ଥର୍ମୋଇକ୍ୱିପ୍ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଜଣାଶୁଣା) ଦ୍ୱାରା ୨,୭୦୦,୦୦୦ ଇକ୍ୱିଟି ଶେୟାର, ଚାନ୍ଦୁରକର ଇନ୍‌ଭେଷ୍ଟମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ୪,୫୦,୦୦୦ ଇକ୍ୱିଟି ଶେୟାର ଏବଂ ସମୀର ସୁରେନ୍ଦ୍ର ଶାହାଙ୍କ ଦ୍ୱାରା ୫୦,୦୦୦ ଇକ୍ୱିଟି ଶେୟାର ରହିଛି। ଓଡ଼ିଶାରେ ୬ଗିଗାୱାଟ୍ ଇନ୍‌ଗଟ୍ ୱେଫର, ସୋଲାର ସେଲ୍ ଏବଂ ସୋଲାର ପିଭି ମଡ୍ୟୁଲ୍ ଉତ୍ପାଦନ କାରଖାନା ପ୍ରତିଷ୍ଠା ପାଇଁ ଓ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବାକୁ କମ୍ପାନୀ ପ୍ରସ୍ତାବ ରଖିଛି।

ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି, ଆକ୍ସିସ କ୍ୟାପିଟାଲ ଲିମିଟେଡ୍, ଆଇଆଇଏଫଏଲ ସିକ୍ୟୁରିଟିଜ୍ ଲିମିଟେଡ୍, ଜେଫରିଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ନୋମୁରା ଫାଇନାନ୍ସିଆଲ୍ ଆଡଭାଇଜରି ଆଣ୍ଡ ସିକ୍ୟୁରିଟିଜ୍ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍, ଏସ୍‌ବିଆଇ କ୍ୟାପିଟାଲ୍ ମାର୍କେଟ୍ସ ଲିମିଟେଡ୍, ଇନଟେନ୍ସିଭ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଆଇଟିଆଇ କ୍ୟାପିଟାଲ ଲିମିଟେଡ୍।

# ସ୍ୱଚ୍ଛ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବ ଜେଏସ୍ଏଲ୍

ଭୁବନେଶ୍ୱର,୨୯।୧୨

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ବହୁ ପ୍ରତୀକ୍ଷିତ ସଷ୍ଟେନେବିଲିଟି ରିପୋର୍ଟ ନିକଟରେ ଉନ୍ମୋଚିତ ହୋଇଯାଇଛି। କମ୍ପାନୀ ପକ୍ଷରୁ ନୂତନ ଭାବେ ପ୍ରକାଶିତ ସଷ୍ଟେନେବିଲିଟି ରିପୋର୍ଟ ଅନୁଯାୟୀ ଉଇଣ୍ଡ-ସୋଲାର ହାଇବ୍ରିଡ୍, ଭାସମାନ ଏବଂ ଛାତ ଉପର ସୌର ପ୍ଲାଣ୍ଟ ମାଧ୍ୟମରେ କମ୍ପାନୀ ବାର୍ଷିକ ୧.୯ ବିଲିୟନ ୟୁନିଟ୍‌ରୁ ଅଧିକ ସ୍ୱଚ୍ଛ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବ। କମ୍ପାନୀର ଉକ୍ତ ପଦକ୍ଷେପଗୁଡ଼ିକ ମାଧ୍ୟମରେ ବାର୍ଷିକ ୧୩.୫୨ ଲକ୍ଷ ଟନରୁ ଅଧିକ କାର୍ବନ ନିର୍ଗମନ ହ୍ରାସ କରାଯାଇପାରିବ। ୧୦୦ ମେଗାୱାଟ ରାଉଣ୍ଡ ଦି କ୍ଲକ୍ (ଆର୍‌ଟିସି) ଅକ୍ଷୟ ଶକ୍ତି ଯୋଗାଇବା ପାଇଁ କମ୍ପାନୀ ପୂର୍ବରୁ ରିନ୍ୟୁ ପାୱାର ସହିତ ସହଭାଗିତା କରିଛି। କମ୍ପାନୀର ଯାଜପୁର ଏବଂ ହିସାରଠାରେ ଥିବା ଉତ୍ପାଦନ ୟୁନିଟ୍‌ଗୁଡିକରେ ପୃଥକ ଭାବେ ୧୦୦ ମେଗାୱାଟ ଆରଟିସି ଅକ୍ଷୟ ଶକ୍ତି ପ୍ରକଳ୍ପ ଗଠନ ପାଇଁ ମଧ୍ୟ ଆଲୋଚନା ଚାଲିଛି। ଉକ୍ତ ପ୍ରୟାସ ମାଧ୍ୟମରେ ଉଭୟ ୟୁନିଟ୍ ପାଇଁ ୩୦୦ମେଗାୱାଟ ଆରଇ-ଆରଟିସି ମିଳିତ କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରହିଛି। ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ରିପୋର୍ଟ ପରିବେଶ ତଥା ସାମାଜିକ ଦାୟିତ୍ୱରେ ଉତ୍କର୍ଷ ପାଇଁ ଆମର ନିରନ୍ତର ପ୍ରଚେଷ୍ଟାକୁ ପ୍ରମାଣିତ କରୁଛି। ଜିନ୍ଦଲ ଷ୍ଟେନ୍‌ଲେସ୍‌ର ମୁଖ୍ୟ ସଷ୍ଟେନେବିଲିଟି ଅଫିସର କଲ୍ୟାଣ ଭଟ୍ଟାଚାର୍ଜୀ କହିଛନ୍ତି, ପରିବେଶ, ସାମାଜିକ ଏବଂ ଶାସନ ପରିଚାଳନା ତଥ୍ୟର ଅଟୋମେସନ ଦ୍ୱାରା ତଥ୍ୟ ପରିଚାଳନା ତଥା ମନିଟରିଂକୁ ସଶକ୍ତ କରିବା ପାଇଁ ଆମେ ଡିଜିଟାଲ ପରିବର୍ତ୍ତନ ଯାତ୍ରାରେ ଆଗେଇ ଚାଲିଛୁ।

17th Happy Birthday




(Khusi)
Aurolipsa Priyadarsini Guru
At- Arabindanagar, Khordha
May your birthday be full of happy hours and special moments to remember for a long time.
With Best Compliments From:
Bapa, Bou, Dada, Khudi, Papubhai, Pupul, Friends and Relatives.
ଧ-୨୧୧୯

# ସୁକନ୍ୟା ଯୋଜନା ସୁଧ ହାର ୮.୨%କୁ ବୃଦ୍ଧି

ଭୁବନେଶ୍ୱର, ୨୯।୧୨(ଅନୁରାଧା ମହାରଣା)

ସୁକନ୍ୟା ସମୃଦ୍ଧି ଯୋଜନାରେ ନିବେଶ କରୁଥିବା ନିବେଶକମାନଙ୍କୁ ସରକାର ନୂଆ ବର୍ଷରେ ଏକ ବଡ଼ ଉପହାର ଦେଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ପାଇଁ ଏହି ଯୋଜନାର ସୁଧ ହାର ୮ ପ୍ରତିଶତରୁ ୮.୨ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ୩ ବର୍ଷର କାର୍ଯ୍ୟକାଳ ସହିତ ଜମା ଉପରେ ସୁଧ ୭ ପ୍ରତିଶତରୁ ୭.୧ ପ୍ରତିଶତକୁ ବୃଦ୍ଧି କରାଯାଇଛି। ମାତ୍ର ଅନ୍ୟ ଛୋଟ ସଞ୍ଚୟ ଯୋଜନାର ସୁଧ ହାରରେ କୌଣସି ପରିବର୍ତ୍ତନ ହୋଇନାହିଁ। ବିଶେଷକରି ପବ୍ଲିକ ପ୍ରୋଭିଡେଣ୍ଟ ପାଣ୍ଠିର ନିବେଶକମାନେ ଅର୍ଥାତ୍ ପିପିଏଫ ପୁଣି ଥରେ ନିରାଶ ହୋଇଛନ୍ତି। ସୂଚନା ଥାଉ କି, ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ୨୦୨୩-୨୪ ର ଚତୁର୍ଥ ତୈମାସିକ ପାଇଁ କ୍ଷୁଦ୍ର ସଞ୍ଚୟ ଯୋଜନାର ସୁଧ ହାର ସମୀକ୍ଷା ଏବଂ ଘୋଷଣା କରିଛି। କ୍ଷୁଦ୍ର ସଞ୍ଚୟ ଯୋଜନା ମଧ୍ୟରେ କେବଳ ସୁକନ୍ୟା ସମୃଦ୍ଧି ଯୋଜନାର ସୁଧ ହାରରେ ପରିବର୍ତ୍ତନ କରାଯାଇଛି। ବିଶେଷକରି ଝିଅମାନଙ୍କ ପାଇଁ ପ୍ରଯୁଜ୍ୟ କେନ୍ଦ୍ରସରକାରଙ୍କ ସୁକନ୍ୟା ଯୋଜନାର ସୁଧ ହାର ୮ ପ୍ରତିଶତରୁ ୮.୨ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଏହାପୂର୍ବରୁ ମଧ୍ୟ ଚଳିତ ଆର୍ଥିକ ବର୍ଷର ପ୍ରଥମ ତୈମାସିକରେ ସୁକନ୍ୟା ସମୃଦ୍ଧି ଯୋଜନାର ସୁଧ ହାର ୭.୬ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ଅର୍ଥାତ୍ ଚଳିତ ଆର୍ଥିକ ବର୍ଷରେ ସରକାର ଏହି ଯୋଜନା ପାଇଁ ସୁଧ ହାରକୁ ୦.୬ ପ୍ରତିଶତ ବୃଦ୍ଧି କରିଛନ୍ତି। ତେବେ ଅନ୍ୟ କେତେକ ଯୋଜନାର ସୁଧ ହାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଅର୍ଥ ମନ୍ତ୍ରଣାଳୟର ସର୍କୁଲାର ଅନୁଯାୟୀ, ୨୦୨୪ ଜାନୁଆରୀ ୧ରୁ ମାର୍ଚ୍ଚ ୩୧, ୨୦୨୪ ପର୍ଯ୍ୟନ୍ତ ସଞ୍ଚୟ ଜମା ଉପରେ ୪ ପ୍ରତିଶତ ସୁଧ ଉପଲବ୍ଧ ହେବ। ୧ ବର୍ଷ ସମୟ ଜମା ଉପରେ ୬.୯ ପ୍ରତିଶତ ସୁଧ, ୨ ବର୍ଷ ସମୟ ଜମା ଉପରେ ୭ ପ୍ରତିଶତ ସୁଧ ଏବଂ ୫ ବର୍ଷ ସମୟ ଜମା ଉପରେ ୭.୫ ପ୍ରତିଶତ ସୁଧ ଉପଲବ୍ଧ ହେବ। ୫ ବର୍ଷର ବାରମ୍ବାର ଜମା ଉପରେ ୬.୭ ପ୍ରତିଶତ ସୁଧ ହାର ଅପରିବର୍ତ୍ତିତ ରହିବ।


# Classified Everyday
0674-2580101, 2549949


REAL ESTATE

SALE

Bhubaneswar ready construction yellowzone plot near Patia KIIT College, Hanspal. 9437968618, 8328811411. D-75288

Duplex sale at Bhubaneswar @57 lakhs only. Contact- 9777433701. D-75284

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar NH-16ରୁ 1K.M. ଏବଂ Sum-2 Hospitalରୁ 2K.M. ମଧ୍ୟରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 9658562429. D-75287

Ready to Move New (1BHK- Rs.11,00,000/) and (2BHK- Rs. 22,00,000/-) flats for sales at Sundarpada, Bhubaneswar. Contract: 7008346486. D-75509

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

ପାହାଳ Utkal Iconic ନିକଟରୁ 500mtr. ଦୂରତାରେ yellowzone gharabari plot ସମସ୍ତ ପ୍ରକାର ସୁବିଧା ଥାଇ ବିକ୍ରି ହେବ। 6370469894. D-75286

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Relax, refresh your body, mind by expert therapist. Contact: 8338800330. D-75181

Newly open Spa positively health benefit with expert. Contact: 7749976301. D-2073

Spa Kerala body Massage best Therapist @ 699/- Bhubaneswar. Kajal- 9337672475. D-2097

Relax, Refresh your body, Mind at Saikrupa Spa with best therapies. 8984068077. D-2080

New year special @ 1499 body Polishing/ Hammam/ Scrub/ Redwine. 9938843929. D-75180

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75083

AFFIDAVIT

I, Minati Nanda, W/o Dhirendra Narayan Nanda, R/o Flat No.-126, Northern Heights, Kalarahanga, Bhubaneswar, Dist.- Khurda, Odisha-751024, declare that by this Affidavit No.-131 dated 28.12.2023, that now onwards I shall be known as MINATI PARIHARI NANDA for all future purposes. D-2126

Before Notary Public, Berhampur I Smt Gayatri Das, Kuso (34), W/o Sudhir Das, Vill- Guhariapatta, P.O- Paladhupalli P.S- Khallikote I am deponent of affidavit that the cultivated land situated at the Village/Mouza- Guhariapatta under Khallikote Tahasil bearing Khatian No.- 192 and Plot No.- 1512, 1547, 1548, 1549, 1550, 1546, 1656, 1657, 1551, 1553, 1654, 1655 was recorded in my father-in-law Late Chema Das, S/o Late Balaka Das he never sold the property any one. If any body forger selling the same property will be punished as per Court law. I swear this affidavit to the produced before the concerned Authority are true to the best of my knowledge and belief.
Gayatri Das.
D-2125

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁକାନ୍ତ କୁମାର ରାୟ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଚାଞ୍ଚପଡ଼ା, କନ୍ଦରପୁର, କଟକ
ଆବିର୍ଭାବ: ୧୦।୦୨।୧୯୫୭
ତିରୋଧାନ: ୧୨।୧୨।୨୦୨୨
ତୁମ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ସ୍ନେହ, ଶ୍ରଦ୍ଧା, ପ୍ରେମ, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟପରାୟଣତାର ପ୍ରତିମୂର୍ତ୍ତି ଥିଲ, ଯାହା ଲେଖିଲେ ବି ତୁମ ପାଇଁ କମ୍ ହେବ। ସମସ୍ତଙ୍କୁ ନେଇ ଖୁସି ହେବା ମଣିଷଟି ଆଜି ଈଶ୍ୱରଙ୍କ ନିକଟସ୍ଥ ହୋଇଗଲେ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ କୋଟି କୋଟି ପ୍ରଣାମ।
ଶୋକସନ୍ତପ୍ତ ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୨୧୨୭

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସ୍ନେହବାଳା ତ୍ରିପାଠୀ
ମହୁଖଣ୍ଡା, ବାଲିପାଟଣା, ଖୋର୍ଦ୍ଧା
ତୁମର ମୃତ୍ୟୁ ଦିବସ ଆମ ପାଇଁ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ୧୯୮୩ ସିନିୟର ବ୍ୟାଚ
ବାନ୍ଧବୀ-ବନ୍ଧୁମାନେ
ଧ-୭୫୦୮୮

# ସନ୍‌ରାଇଜ୍ କ୍ଲବ ଚାମ୍ପିୟନ

ଭୁବନେଶ୍ୱର, ୨୯।୧୨ (ତପନ ସ୍ୱାଇଁ)

କ୍ଲବ-୭୩ର ସୁବର୍ଣ୍ଣ ଜୟନ୍ତି ପାଳନ ଅବସରରେ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ କଟକର ସନ୍‌ରାଇଜ୍ କ୍ଲବ ଟାଇବ୍ରେକର ୪-୨ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇ ଚାମ୍ପିୟନ ହୋଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲର ନିର୍ଦ୍ଧାରିତ ସମୟ ଖେଳ ଗୋଲଶୂନ୍ୟ ରହିବାରୁ ଫଳାଫଳ ପାଇଁ ଟାଇବ୍ରେକର ପଦ୍ଧତି ଅବଲମ୍ବନ

**କ୍ଲବ-୭୩ ସୁବର୍ଣ୍ଣ ଜୟନ୍ତୀ ଫୁଟବଲ**

କରାଯାଇଥିଲା। ଏହି ପର୍ଯ୍ୟାୟରେ ସନ୍‌ରାଇଜ୍ ପକ୍ଷରୁ ଉତ୍ତମ, ରାକେଶ, ଧର୍ମେନ୍ଦ୍ର ଓ ଇମାନୁଏଲ ଏବଂ ରାଇଜିଂ ଷ୍ଟୁଡେଣ୍ଟ ଦଳର ଅବିନାଶ ସାମଲ ଓ ସେକ୍ କମାଲୁଦ୍ଦିନ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଜାତୀୟ ରେଫରି ଭୀମ କୁମାର ଛେତ୍ରୀ, ପ୍ରଦୀପ୍ତ ନାୟକ, ସୁବ୍ରତ ପୁରୋହିତ ଓ ଶିବ ଶଙ୍କର ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ସୁଶାନ୍ତ ଚନ୍ଦ୍ର ମହାନ୍ତି। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ରଣଜୀ ଖେଳାଳି ବିଶ୍ୱଜିତ ମହାନ୍ତି, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ସ୍ପୋର୍ଟ୍ସ ଏମ୍ପୋରିୟମ ଏମ୍‌ଡି ରାଜା ଧୁପର ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। କ୍ଲବ-୭୩ ସଭାପତି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସମ୍ପାଦକ ସୁବ୍ରତ କୁମାର ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଚାମ୍ପିୟନ ସନ୍‌ରାଇଜ୍ କ୍ଲବକୁ ସତ୍ୟବ୍ରତ ସ୍ମାରକୀ ଟ୍ରଫି ସହିତ ୧ ଲକ୍ଷ ଟଙ୍କା ଏବଂ ରନରଅପ୍ ରାଇଜିଂ ଷ୍ଟୁଡେଣ୍ଟ ଦଳକୁ ତପନ ଦାସ ସ୍ମାରକୀ ଟ୍ରଫି ଏବଂ ୫୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଦୁଇ ପରାଜିତ ସେମିଫାଇନାଲିଷ୍ଟ ଦଳ କିଶୋର କ୍ଲବ ଓ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ୨୫,୦୦୦ ଟଙ୍କା ଲେଖାଏ ଦିଆ ଯାଇଥିଲା। ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିକାଶ ସାହୁଙ୍କୁ ଟ୍ରଫି ସହ ୧୦,୦୦୦, ଶ୍ରେଷ୍ଠ ଷ୍ଟ୍ରାଇକର ଅଫ୍ ଦି ଟୁର୍ନାମେଣ୍ଟ ଭାବଗ୍ରାହୀ ପଡ଼ିହାରୀଙ୍କୁ ୫ ୦୦୦ଟଙ୍କା ସହ ଗୋଲ୍ଡେନ ବୁଟ୍ ଏବଂ ଶ୍ରେଷ୍ଠ ମିଡ୍‌ଫିଲ୍ଡର ସଚିନ ମଲିକ, ଶ୍ରେଷ୍ଠ ଡିଫେଣ୍ଡର ଦିଲୀପ କିଣ୍ଡୋଙ୍କୁ ୫୦୦୦ ଟଙ୍କା ଲେଖାଏ, ଶ୍ରେଷ୍ଠ ଗୋଲକିପର ରବି ଦଳପତିଆଙ୍କୁ ୫୦୦୦ ସହ ଗୋଲ୍ଡେନ ବୁଟ୍ ପ୍ରଦାନ କରାଯାଇଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଭାବେ ମଧ୍ୟ ରବି ଦଳପତିଆ ୫୦୦୦ ଟଙ୍କା ପୁରସ୍କାର ପାଇଥିଲେ।

## ରାଜେନ୍ଦ୍ର, ଶ୍ରଦ୍ଧାଞ୍ଜଳିଙ୍କୁ ଲାଇଫ୍ ଟାଇମ୍ ସମ୍ମାନ



ଶ୍ରଦ୍ଧାଞ୍ଜଳିଙ୍କ ଅନୁପସ୍ଥିତିରେ ତାଙ୍କ ବାପା ନେତ୍ରାନନ୍ଦ ସାମନ୍ତରାୟ ପୁରସ୍କାର ଗ୍ରହଣ କରୁଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ରାଜ୍ୟର ଦୁଇ ପ୍ରତିଷ୍ଠିତ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ଓ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାଜେନ୍ଦ୍ର ନିଜେ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ଶ୍ରଦ୍ଧାଞ୍ଜଳି ସମ୍ପ୍ରତି ଭାରତୀୟ ୧୯ ବର୍ଷରୁ କମ୍ ମହିଳା ଫୁଟବଲ ଦଳର କ୍ୟାମ୍ପରେ ଥିବାରୁ ତାଙ୍କ ବାପା ନେତ୍ରାନନ୍ଦ ସାମନ୍ତରାୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ପୂର୍ବରୁ ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳର ଦାୟିତ୍ୱରେ ଥିବା ଶ୍ରଦ୍ଧାଞ୍ଜଳିଙ୍କୁ ଏବେ ୧୯ ବର୍ଷରୁ କମ୍ ଦଳର ସହକାରୀ କୋଚ୍ ନିଯୁକ୍ତ କରାଯାଇଛି।




କ୍ଲବ-୭୩ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଚାମ୍ପିୟନ ସନ୍‌ରାଇଜ୍ କ୍ଲବ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ଚାମ୍ପିୟନ



ଚାମ୍ପିୟନ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ଦଳ ସହ ଏମ୍‌ପି ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୯।୧୨ (ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍ତର/ପୂର୍ବ ଏବଂ ପଶ୍ଚିମାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ (ପୁରୁଷ) ଓ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ସ (ମହିଳା) ଚାମ୍ପିୟନଶିପ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ୪୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରୁ ୪୫୦୦ରୁ ଅଧିକ ଖେଳାଳି ଓ ୫୦୦ କୋଚ୍ ଅଂଶଗ୍ରହଣ କରିଥିଲେ। ସର୍ବଭାରତୀୟ ସ୍ତରର ମହିଳା ବର୍ଗରେ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଥିବାବେଳେ ଚଣ୍ଡିଗଡ଼ ଦ୍ୱିତୀୟ ଓ କାଲିକଟ ତୃତୀୟ ସ୍ଥାନ ଅଧିକାର କରିଥିଲା। ପୁରୁଷ ବର୍ଗର ୧୦୦ ମିଟର ରେସ୍‌ରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟର ଗୁରିନ୍ଦର ବୀର ସିଂ ପ୍ରଥମ, ପୁଣ୍ୟଶ୍ଳୋକ ଅହିଲ୍ୟା ଦେବର ହର୍ଷ ସନ୍ତୋଷ ରାଉତ ଦ୍ୱିତୀୟ ଓ ଆରଟିଏମ୍ ନାଗପୁର ବିଶ୍ୱବିଦ୍ୟାଳୟର ଆଦର୍ଶ ମନୋହର ଭୁରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ହାପି ଇଲେଭେନ ସେମିଫାଇନାଲରେ

**ଭୁବନେଶ୍ୱର, ୨୯।୧୨ (ତପନ ସ୍ୱାଇଁ):** ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଗଡ଼ ଗୋପୀନାଥ ପ୍ରସାଦ (ଜିଜିପି) ସ୍କୁଲ ପଡ଼ିଆରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ କଟକର ଫ୍ରେଣ୍ଡ୍ସ ଫୋରଏଭରକୁ ୬୧ ରନ୍‌ରେ ହରାଇ ହାପି ଇଲେଭେନ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ହାପି ଇଲେଭେନ ୧୨ ଓଭରରେ ୫ ଉଇକେଟ ହରାଇ ୧୬୧ ରନ କରିଥିଲା। ଦଳ ପକ୍ଷରୁ ଅଭିଜିତ ରାଉତରାୟ ୨୧ ବଲ୍‌ରୁ ସର୍ବାଧିକ ୫୧ ରନ କରିଥିଲେ। ବିପକ୍ଷ ଦଳର କୃଷ୍ଣ ଚୌଧୁରୀ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ୧୬୨ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଫ୍ରେଣ୍ଡ୍ସ ଫୋରଏଭର ୧୦.୨ ଓଭରରେ ୧୦୦ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ରାଜିକ ହୁସେନ ସର୍ବାଧିକ ୩୩ ରନ କରିବାକୁ ସକ୍ଷମ ହୋଇଥିବାବେଳେ ବିଜୟୀ ଦଳର ଅଙ୍କେଶ ଚୌଧୁରୀ ୨୧ ରନ ବିନିମୟରେ ୪ ଉଇକେଟ ସଫଳତା ପାଇଥିଲେ। ଅଙ୍କେଶଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଅଜିତ କୁମାର ନାୟକ ଓ ନୀହାର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍ ରେଫରି ଥିଲେ ମନୀଷ କୁମାର ଦାସ। ବାପି ବଳିୟାର ସିଂ, ସାଗର ପରିଡ଼ା ଓ ଗୀତାଞ୍ଜଳି ଆଓ୍ୱାର୍ଡ୍ସର ଏମ୍‌ଡି ବୁଦ୍ଧ ପ୍ରକାଶ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ।

## ରଣଜୀ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୨୯।୧୨ (ତପନ ସ୍ୱାଇଁ)

ଆସନ୍ତା ରଣଜୀ ଟ୍ରଫି ସିଜନରେ ଓଡ଼ିଶା ଦଳର ଅଭିଯାନ ଜାନୁୟାରୀ ୫ରୁ ଆରମ୍ଭ ହେବ। ଭଦୋଦରାଠାରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ବରୋଦାକୁ ଭେଟିବ। ସେହିପରି ଦ୍ୱିତୀୟ ମ୍ୟାଚ ଗ୍ୱାଲିୟରଠାରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳିବ ଓଡ଼ିଶା।



ଖବରଦାତା ସମ୍ମିଳନୀରେ ଅମିୟ ରାୟ ଓ ଦୀନେଶ ମୋଙ୍ଗିଆ।

ଏହି ଦୁଇଟି ମ୍ୟାଚ ପାଇଁ ଶୁକ୍ରବାର ଚୟନ କମିଟି ମୁଖ୍ୟ ଅମିୟ ରାୟ ଓ ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆ ଓଡ଼ିଶା ଦଳ ଘୋଷଣା କରିଛନ୍ତି। ସେହିପରି ବିସିସିଆଇ ଘରୋଇ କ୍ରିକେଟ ଅନ୍ତର୍ଗତ କଲୋନେଲ ସି.କେ. ନାଇଡୁ ଟ୍ରଫି ପାଇଁ ୨୩ ବର୍ଷରୁ କମ୍ ଓଡ଼ିଶା ଦଳ ମଧ୍ୟ ଘୋଷଣା କରାଯାଇଛି। ଶାନ୍ତନୁ ମିଶ୍ରଙ୍କୁ ଓଡ଼ିଶା ରଣଜୀ ଦଳ ଏବଂ ଅନିଲ ପରିଡ଼ାଙ୍କୁ ୨୩ ବର୍ଷରୁ କମ୍ ଦଳର ଅଧିନାୟକ ମନୋନୀତ କରାଯାଇଛି।

ଓଡ଼ିଶା ରଣଜୀ ଦଳ: ଶାନ୍ତନୁ ମିଶ୍ର (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ସନ୍ଦୀପ ପଟ୍ଟନାୟକ, ଶୁଭ୍ରାଂଶୁ ସେନାପତି, କାର୍ତ୍ତିକ ବିଶ୍ୱାଳ, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଜୟନ୍ତ ବେହେରା, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁନୀଲ କୁମାର ରାଉଳ, ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦାର, ପ୍ରୟାସ ସିଂ, ସୁମିତ ଶର୍ମା।

**୨୩ ବର୍ଷରୁ କମ୍ ଓଡ଼ିଶା ଦଳ:** ଅନିଲ ପରିଡ଼ା (ଅଧିନାୟକ), ଓମ୍ ଟି. ମୁଣ୍ଡେ, ପହରିୟା ସ୍ୱାଇଁ, ସନ୍ତୋଷ ଯାଦବ, ରଘୁନାଥ ମଲ୍ଲ, ଶ୍ରେୟାଂଶ ଭରଦ୍ୱାଜ, ସାଇଦୀପ ମହାପାତ୍ର, ବିଶ୍ୱ ବୈଭବ ମୁଦୁଲି, ଆଶୁତୋଷ ମାରାଣ୍ଡି, ଦେବବ୍ରତ ପ୍ରଧାନ, ମିଲନ ସାମଲ, ରିତେଶ ପ୍ରିୟରଞ୍ଜନ, ସମ୍ବିତ ବରାଳ, ସତ୍ୟକାମ ଭରଦ୍ୱାଜ, ଆଶୁତୋଷ ଛୁରିଆ, ଆଦିତ୍ୟ ଜୟସିଂ।

## ହାଇଟେକ୍ ଏକାଡେମୀରେ ଦ୍ରୁତ ବୋଲରଙ୍କ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୨୯।୧୨ (ତପନ ସ୍ୱାଇଁ):** ସ୍ଥାନୀୟ ପାଣ୍ଡରାସ୍ଥିତ ହାଇଟେକ୍ କ୍ରିକେଟ ଏକାଡେମୀରେ ଦ୍ରୁତ ବୋଲରଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି। ଏହା ଆସନ୍ତା ଜାନୁୟାରୀ ୫ରୁ ଆରମ୍ଭ ହୋଇ ୧୧ ପର୍ଯ୍ୟନ୍ତ ଚାଲିବ। ଅଧିକ ଉଚ୍ଚତା ବିଶିଷ୍ଟ ଖେଳାଳିଙ୍କୁ ଏହି ଶିବିରରେ ଅଗ୍ରାଧିକାର ଦିଆଯିବ। ଏଥିରେ ଅଂଶଗ୍ରହଣ ପାଇଁ ଆଗ୍ରହୀ ଖେଳାଳିମାନେ ଆସନ୍ତା ୩ ତାରିଖ ସୁଦ୍ଧା ପ୍ରଦୀପ କୁମାର ମିଶ୍ରଙ୍କ ନିକଟରେ ନାମ ପଞ୍ଜୀକରଣ କରିପାରିବେ ବୋଲି ହାଇଟେକ୍ ଗ୍ରୁପ୍ କ୍ରୀଡ଼ା ଅଧିକାରୀ ଲଳିତ ମହାନ୍ତି ପ୍ରକାଶ କରିଛନ୍ତି। ଓଡ଼ିଶାରେ ପ୍ରତିଭାସମ୍ପନ୍ନ ଖେଳାଳି ଭରପୂର ହୋଇ ରହିଛନ୍ତି। ସେମାନଙ୍କୁ କେବଳ ଉପଯୁକ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବାର ଆବଶ୍ୟକତା ରହିଛି। ରାଜ୍ୟରେ ଢେଙ୍ଗା ଦ୍ରୁତ ବୋଲରଙ୍କ ଅଭାବ ରହିଛି। ଏହି ସମସ୍ୟା ଦୂର କରିବାକୁ ପ୍ରୟାସ କରାଯାଉଛି। ପ୍ରଶିକ୍ଷଣ ପାଇଁ ପିଲାମାନଙ୍କଠାରୁ କୌଣସି ଫି' ନିଆଯିବ ନାହିଁ। ଏହାପରେ ସ୍ପିନ୍ ବୋଲରଙ୍କ କ୍ୟାମ୍ପ ଆୟୋଜନର ପ୍ରସ୍ତାବ ରହିଛି ବୋଲି ଲଳିତ କହିଛନ୍ତି।




ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ଶୁକ୍ରବାର ଗୁଜରାଟ ଜାଏଣ୍ଟ୍ସ ଓ ତେଲୁଗୁ ୟୋଦ୍ଧାସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍। (ଫଟୋ: ରାଜକିଶୋର ମହାନ୍ତି)

# ଗୁଜରାଟ, ଚେନ୍ନାଇ ବିଜୟୀ

ଭୁବନେଶ୍ୱର, ୨୯।୧୨ (ତପନ ସ୍ୱାଇଁ)

**ଅଲ୍‌ଟିମେଟ ଖୋ ଖୋ ସିଜନ-୨**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ଟିମେଟ ଖୋ ଖୋ ସିଜନ-୨ର ଶୁକ୍ରବାର ଅନୁଷ୍ଠିତ ୨ଟି ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସ ଓ ଚେନ୍ନାଇ କୁଇକ୍ ଗନ୍ସ ବିଜୟୀ ହୋଇଛି। ଦିବସର ପ୍ରଥମ ମ୍ୟାଚରେ ଚେନ୍ନାଇ କୁଇକ୍ ଗନ୍ସ ୩୧-୨୭ ପଏଣ୍ଟରେ ରାଜସ୍ଥାନ ୱାରିୟର୍ସକୁ ପରାସ୍ତ କରିଛି। ମ୍ୟାଚରେ ରାମଜୀ କଶ୍ୟପ ଓ ସଚିନ ଭାରଗୋ ଚମତ୍କାର ପ୍ରଦର୍ଶନ କରିଥିଲେ। ରାମଜୀ ୮ ପଏଣ୍ଟ ହାସଲ କରିଥିଲେ। ଏଥିସହିତ ଚଳିତ ଲିଗରେ ତାଙ୍କର ମୋଟ ପଏଣ୍ଟ ସଂଖ୍ୟା ୩୦ରେ ପହଞ୍ଚିଛି। ସେ ମ୍ୟାଚରେ ଏକ ମିନିଟରୁ ଅଧିକ ସମୟ ରହି ଦଳ ପାଇଁ ଡ୍ରିମ ରନ ବୋନସ ପଏଣ୍ଟ ମଧ୍ୟ ହାସଲ କରିଥିଲେ। ଏଥିସହିତ ରାମଜୀ ଲିଗରେ ସର୍ବୋତ୍ତମ ଆଟାକର ଏବଂ ତେଲୁଗୁ ୟୋଦ୍ଧାସର ଆଦିତ୍ୟ ଗଣପୁଲେଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ପାଇଁ ସମ୍ମାନିତ କରାଯାଇଛି। ଓଡିଶା ଜଗରନଟ୍ସ ଦୀପକ ସାହୁଙ୍କୁ ସର୍ବୋତ୍ତମ ପୋଲ ଡାଇଭ, ତେଲୁଗୁ ୟୋଦ୍ଧାସର ରାହୁଲ ମଣ୍ଡଳଙ୍କୁ ଚଳିତ ସିଜନ ପାଇଁ ଶ୍ରେଷ୍ଠ ସ୍କାଏଡାଇଭ ପାଇଁ ସମ୍ମାନିତ କରାଯାଇଥିବା ବେଳେ ମୁମ୍ବାଇ ଖିଲାଡିସର ରୋକେସନ ସିଂହଙ୍କୁ ଶ୍ରେଷ୍ଠ ଡଜର ସମ୍ମାନ ଦିଆଯାଇଛି। ଚେନ୍ନାଇ କୁଇକ୍ ଗନ୍ସ ଆସନ୍ତା ଶନିବାର ମୁମ୍ବାଇ ଖିଲାଡିସକୁ ଏବଂ ଡିଫେଣ୍ଡିଂ ଚାମ୍ପିୟନ ଓଡିଶା ଜଗରନଟ୍ସ ପ୍ରତିପକ୍ଷ ଗୁଜରାଟ ଜାଏଣ୍ଟ୍ସ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିବ।

ଦିବସର ଦ୍ୱିତୀୟ ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସ ୪୧-୨୪ ପଏଣ୍ଟରେ ତେଲୁଗୁ ୟୋଦ୍ଧାସକୁ ହରାଇ ବୃହତ୍ ବିଜୟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ସଙ୍କେତ କଦମ ୨ଟି ସ୍କାଏଡାଇଭ ଓ ୨ଟି ପୋଲ ଡାଇଭ ସମେତ ୧୨ ପଏଣ୍ଟ ହାସଲ କରିଥିଲେ। ରାଜବର୍ଦ୍ଧନ ପାଟିଲ, ସୁୟାଶ ଗରଗାଟେ ଓ ଅଭିନନ୍ଦନ ପାଟିଲ ମ୍ୟାଚରେ ୬ ମିନିଟରୁ ଅଧିକ ସମୟ ପର୍ଯ୍ୟନ୍ତ ରହି ଗୁଜରାଟର ବିଜୟରେ ଯୋଗଦାନ ଦେଇଥିଲେ।

## ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବେ ଏଲଗାର

ସେଞ୍ଚୁରିଅନ, ୨୯।୧୨ (ପି.ଟି.)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ କ୍ରିକେଟ ଟେଷ୍ଟ ଜାନୁୟାରୀ ୩ରୁ କେପ୍ ଟାଉନ୍‌ରେ ଆରମ୍ଭ ହେବ। ଆହତ ଅଧିନାୟକ ଟେମ୍ବା ବଭୁମାଙ୍କ ସ୍ଥାନରେ ଡିନ୍ ଏଲଗାର ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ନେବେ। ଏହା ହେବ ଏଲଗାରଙ୍କ ଫେୟାରୱେଲ ଟେଷ୍ଟ। କାରଣ ଚଳିତ ସିରିଜ ଶେଷରେ ଟେଷ୍ଟରୁ ଅବସର ନେବେ ବୋଲି ଏଲଗାର ପୂର୍ବରୁ ଘୋଷଣା କରି ସାରିଛନ୍ତି। ଆହତ ସମସ୍ୟା ଯୋଗୁ ବଭୁମା ଦ୍ୱିତୀୟ ଟେଷ୍ଟରୁ ଓହରି ଯାଇଛନ୍ତି ବୋଲି କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ପକ୍ଷରୁ ପ୍ରକାଶ କରାଯାଇଛି। ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟର ପ୍ରଥମ ଦିବସରେ ଫିଲ୍ଡିଂ ସମୟରେ ବଭୁମା ଆହତ ହୋଇଥିଲେ। ଏହାପରେ ସେ ଆଉ ପଡ଼ିଆକୁ ଓହ୍ଲାଇପାରି ନ ଥିଲେ। ତାଙ୍କ ଅନୁପସ୍ଥିତିରେ ଏଲଗାର କାମଚଳା ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ଏହି ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ଏକ ଇନିଂସ ଓ ୩୨ ରନରେ ଜିତିଥିଲା ଏବଂ ଏଲଗାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ଟେଷ୍ଟ ପାଇଁ ବଭୁମାଙ୍କ ସ୍ଥାନରେ ଜୁବେର ହାମ୍‌ଜାଙ୍କୁ ଦକ୍ଷିଣ ଆଫ୍ରିକା ଦଳରେ ସାମିଲ କରାଯାଇଛି। ଏଲଗାରଙ୍କ ପାଇଁ ଅଧିନାୟକ ଦାୟିତ୍ୱ ତୁଲାଇବା ଏହା ନୂଆ ନୁହେଁ। ପୂର୍ବରୁ ସେ ଏହି ଦାୟିତ୍ୱ ତୁଲାଇ ସାରିଛନ୍ତି।

# ମହାରାଷ୍ଟ୍ରକୁ ସ୍ୱର୍ଣ୍ଣ, ଓଡ଼ିଶା ଚତୁର୍ଥ

ଭୁବନେଶ୍ୱର, ୨୯।୧୨ (ବିଜୟ ରଣା)

**ଜାତୀୟ ଜୁନିୟର ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଜିମ୍ନାଷ୍ଟିକ୍ସ ସେଣ୍ଟରରେ ଚାଲିଥିବା ଜାତୀୟ ଜୁନିୟର ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ମହିଳା ଦଳଗତ ବିଭାଗରେ ମହାରାଷ୍ଟ୍ର ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଦିଲ୍ଲୀ ରୌପ୍ୟ ଏବଂ ପଶ୍ଚିମବଙ୍ଗ ବ୍ରୋଞ୍ଜ ପଦକ ପାଇଛି। ଓଡ଼ିଶା ଏଥିରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ମହାରାଷ୍ଟ୍ରର ଅଲରାଉଣ୍ଡ ସ୍କୋର ୧୬୧.୨୦ ରହିଥିବା ବେଳେ ଦିଲ୍ଲୀ ୧୫୩.୬୦ ଏବଂ ପଶ୍ଚିମ ବଙ୍ଗ ୧୫୩.୪୦ ଏବଂ ଓଡ଼ିଶା ୧୫୦.୪୦ ପଏଣ୍ଟ ସ୍କୋର କରିଛି। ଓଡ଼ିଶା ପଛକୁ ତେଲେଙ୍ଗାନା ୧୪୪.୯୦ ପଏଣ୍ଟ ସ୍କୋର କରି ୫ମ ସ୍ଥାନରେ ରହିଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ କୈଳାସ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗଦାନ କରି ବିଜେତାମାନଙ୍କୁ ପଦକ ବିତରଣ କରିଥିଲେ। ବ୍ୟକ୍ତିଗତ ଅଲରାଉଣ୍ଡ ର୍‌ୟାଙ୍କିଙ୍ଗରେ ତେଲେଙ୍ଗାନାର ନିଶିକା ଅଗ୍ରୱାଲ ୪୪.୨୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ। ସେ ଭଲ୍ଟରେ ୪୪.୨୫ ପଏଣ୍ଟ, ଅନଇଭେନ ବାର୍‌ରେ ୯.୩୦ ପଏଣ୍ଟ, ବାଲାନ୍ସ ବିମ୍‌ରେ ୧୦.୬୦ ପଏଣ୍ଟ ଏବଂ ଫ୍ଲୋର୍ ଏକ୍ସରସାଇଜ୍‌ରେ ୧୧.୦୦ ପଏଣ୍ଟ ସ୍କୋର କରିଥିଲେ। ପଶ୍ଚିମବଙ୍ଗର ସୌମିଲି କରାର ମୋଟ ୪୨.୪୫



ପ୍ରତିଯୋଗିତା ଅବସରରେ ଜଣେ ଜିମ୍ନାଷ୍ଟ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେ ଭଲ୍ଟରେ ୧୨.୫୦, ଅନଇଭେନ ବାର୍‌ରେ୭.୬୫, ବାଲାନ୍ସ ବିମ୍‌ରେ ୧୧.୭୫ ଏବଂ ଫ୍ଲୋର ଏକ୍ସରସାଇଜ୍‌ରେ ୧୦.୫୫ ପଏଣ୍ଟ ସ୍କୋର କରିଥିଲେ। ମହାରାଷ୍ଟ୍ରର ସାରା ରାଉଳ ତୃତୀୟ ହୋଇଥିଲେ। ତାଙ୍କର ଅଲରାଉଣ୍ଡ ସ୍କୋର ୪୧.୬୦ ରହିଥିବା ବେଳେ ଭଲ୍ଟରେ ୧୨.୩୫, ଅନଇଭେନ ବାର୍‌ରେ ୯.୪୦, ବାଲାନ୍ସ ବିମ୍‌ରେ ୧୦.୩୫ ଏବଂ ଫ୍ଲୋର ଏକ୍ସରସାଇଜରେ ୯.୫୦ ପଏଣ୍ଟ ରହିଥିଲା। ଉଭୟ ପୁରୁଷ ଓ ମହିଳା ବିଭାଗର ବ୍ୟକ୍ତିଗତ ଜିମ୍ନାଷ୍ଟିକ୍ସ ଶନିବାର ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ଅନୁଷ୍ଠିତ ହେବ।



କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଜାତୀୟ ଜୁନିୟର ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାର ମହିଳା ବିଭାଗ କୃତୀ ପ୍ରତିଯୋଗୀମାନେ ପଦକ ସହ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର,ଶନିବାର, ଡିସେମ୍ବର ୩୦/୨୦୨୩ Bhubaneswar, Saturday, December 30/ 2023



ଗୋଲ ସ୍କୋର ପରେ ଉଲ୍ଲସିତ ରୟ କ୍ରିଷ୍ଣା ଓ ଡିଏଗୋ ମୌରିସିଓ।

# କ୍ରିଷ୍ଣାଙ୍କ ଡବଲରେ ଓଏଫ୍‌ସି ବିଜୟୀ

ଭୁବନେଶ୍ୱର, ୨୯।୧୨
(ତପନ ସ୍ୱାଇଁ)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଚଳିତ ସିଜନରେ ଓଡ଼ିଶାର ଏଫ୍‌ସିର ଚମତ୍କାର ପ୍ରଦର୍ଶନ ବଜାୟ ରହିଛି। ରୟ କ୍ରିଷ୍ଣାଙ୍କ ଡବଲ ଗୋଲ ବଳରେ ଏହି ଦଳ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଜାମସେଦପୁର ଏଫ୍‌ସିକୁ ୪-୧ ଗୋଲରେ ପରାସ୍ତ କରିଛି। ଫଳରେ ୧୨ ମ୍ୟାଚରୁ ୭ ବିଜୟ, ୩ ଡ୍ର ଓ ୨ ପରାଜୟ ସହ ଦଳ ୨୪ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପୂର୍ବ ମ୍ୟାଚରେ ଓଏଫ୍‌ସି ୧-୦ ଗୋଲରେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଥିଲା। କେରଳ ବ୍ଲାଷ୍ଟର୍ସ ୧୨ ମ୍ୟାଚରୁ ୨୬ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଛି।

କଳିଙ୍ଗ ଷ୍ଟାଡିୟମରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଓଡ଼ିଶା ଏଫ୍‌ସି ପ୍ରଭାବୀ ପ୍ରଦର୍ଶନ କରିଥିଲା। ଜାମସେଦପୁର ଏଫ୍‌ସିର ଡାଚିକାଓ୍ୱା ୨୩ତମ ମିନିଟରେ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ଦଳର ଏହି ଖୁସି ଅଧିକ ସମୟ ତିଷ୍ଠିପାରି ନ ଥିଲା। ୨୭ତମ ମିନିଟରେ ଓଡ଼ିଶା ଏଫ୍‌ସି ପକ୍ଷରୁ ଇସାକ୍ ଭନଲାଲରୁଆତଫେଲା ଗୋଲ ପରିଶୋଧ କରି ଦେଇଥିଲେ। ଏହାପରେ କମାଲ ଦେଖାଇଥିଲେ ରୟ କ୍ରିଷ୍ଣା ଓ ଡିଏଗୋ ମୌରିସିଓ। ୩୬ତମ ମିନିଟରେ କ୍ରିଷ୍ଣା ଏକ ଗୋଲ ଦେଇ ଓଏଫ୍‌ସିକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ଅର୍ଥାତ୍ ୪୫+୨ ମିନିଟରେ ଜାମସେଦପୁର ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ପାଇଁ ଓଡ଼ିଶା ଏଫ୍‌ସିକୁ ପେନାଲ୍ଟି ମିଳିଥିଲା। ମୌରିସିଓ ଏହାକୁ ଗୋଲରେ ପରିଣତ କରି ବିପକ୍ଷ ଦଳ ଉପରେ ଚାପ ସୃଷ୍ଟି କରିଥିଲେ। ଏହାର ୧ ମିନିଟ ପରେ ଅର୍ଥାତ୍ ୪୫+୩ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୪ର୍ଥ ଗୋଲଟି ଦେଇ ଜାମସେଦପୁର ଏଫ୍‌ସିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ମ୍ୟାଚ ବେଶ୍ ରୋମାଞ୍ଚ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଜାମସେଦପୁର ପକ୍ଷରୁ ହୋଇଥିବା ଆକ୍ରମଣକୁ ଓଡ଼ିଶା ଏଫ୍‌ସି ରକ୍ଷଣଭାଗ ଦକ୍ଷତାର ସହ ପ୍ରତିହତ କରିଥିଲେ। ମ୍ୟାଚର ୬୫ ପ୍ରତିଶତ ସମୟରେ ବଲ୍ ଓଡ଼ିଶା ଏଫ୍‌ସି ନିୟନ୍ତ୍ରଣରେ ରହିଥିଲା। ଏଠାରେ ବିଜୟ ଫଳରେ ବ୍ରେକ୍‌ରେ ଯିବା ପୂର୍ବରୁ ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ଆତ୍ମବିଶ୍ୱାସ ବହୁ ପରିମାଣରେ ବୃଦ୍ଧି ପାଇଛି। ଗୁଆହାଟୀରେ ନର୍ଥଇଷ୍ଟ ୟୁନାଇଟେଡ ଓ ଏଫ୍‌ସି ଗୋଆ ମ୍ୟାଚ ସହିତ ଆଇଏସ୍ଏଲ୍‌ର ବ୍ରେକ୍ ଅବଧି ଆରମ୍ଭ ହୋଇଛି। କାତାରରେ ଭାରତ ଏଏଫ୍‌ସି ଏସିଆନ କପ୍‌ରେ ଭାଗ ନେବାକୁ ଯାଉଥିବାରୁ ଭାରତୀୟ ଖେଳାଳିମାନେ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାରେ ବ୍ୟସ୍ତ ରହିବେ।



ଓଡ଼ିଶା ଏଫ୍‌ସି ପକ୍ଷରୁ ପ୍ରଥମ ଗୋଲ ଦେବାପରେ ଇସାକ୍ ଭନଲାଲରୁଆତଫେଲା (ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ। (ଫଟୋ: ବିକାଶ ନାୟକ)

# ଓଡ଼ିଶା ଜିମ୍ନାଷ୍ଟ ଶୁଭେନ୍ଦୁ ରେଲୱେ କୋଚ୍



ରେଲୱେ ଦଳର ସଦସ୍ୟଙ୍କ ସହ ଶୁଭେନ୍ଦୁ କୁମାର ପାତ୍ର।

ଭୁବନେଶ୍ୱର, ୨୯।୧୨
(ତପନ ସ୍ୱାଇଁ)

ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ଜିମ୍ନାଷ୍ଟ ଶୁଭେନ୍ଦୁ କୁମାର ପାତ୍ର କଳିଙ୍ଗ ଷ୍ଟାଡିୟମରେ ଜାନୁୟାରୀ ୨ରୁ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ସିନିୟର ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ପାଇଁ ରେଲୱେ ଦଳର କୋଚ୍ ହୋଇଛନ୍ତି। ଅନ୍ତର୍ଜାତୀୟ ଅଭିଜ୍ଞତାସମ୍ପନ୍ନ ତଥା ଜାତୀୟ ଗୋଲ୍ଡ ମେଡାଲିଷ୍ଟ ଶୁଭେନ୍ଦୁ ଜଣେ ଜାତୀୟ ସ୍ତରୀୟ ଜଜ୍। ଗତ ୧୪ ବର୍ଷ ଧରି ସେ ଜାତୀୟ ଏବଂ ସର୍ବଭାରତୀୟ ରେଲୱେ ପ୍ରତିଯୋଗିତାଗୁଡ଼ିକରେ ଜଜ୍ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ଗୋଆରେ ନିକଟରେ ଶେଷ ହୋଇଥିବା ୩୭ତମ ନ୍ୟାଶନାଲ ଗେମ୍ସରେ ସେ ଜଜ୍ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ସର୍ବାଧିକ ପଦକ ଜିତି ରାଜ୍ୟ ପାଇଁ ରେକର୍ଡ କରିଥିଲେ। ଭୁବନେଶ୍ୱରରେ ପ୍ରତିଯୋଗିତା ପାଇଁ ରେଲୱେ ଦଳର କ୍ୟାମ୍ପ ପୁରୀ ଜଗନ୍ନାଥ ଷ୍ଟାଡିୟମରେ ଚାଲିଛି। ରେଲୱେ ଦଳରେ ୬ ମହିଳା ଓ ୬ ପୁରୁଷ ଜିମ୍ନାଷ୍ଟ ପ୍ରଶିକ୍ଷଣ ନେଉଛନ୍ତି। ଶୁଭେନ୍ଦୁଙ୍କୁ ମିଶାଇ ୪ ଅଫିସିଆଲ ସେମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଶିବିରରେ ପିଲାମାନଙ୍କ ପ୍ରଦର୍ଶନରେ ଶୁଭେନ୍ଦୁ ଖୁବ୍ ଖୁସି ଅଛନ୍ତି। ଚାମ୍ପିୟନ ହେବା ପ୍ରତି ଦଳର ଲକ୍ଷ୍ୟ ରହିଥାଏ। ଆମର ମଧ୍ୟ ସେହି ଲକ୍ଷ୍ୟ ଅଛି। ରାଜ୍ୟ ସରକାରଙ୍କ ପକ୍ଷରୁ ତୃଣମୂଳ ସ୍ତରରୁ ପ୍ରତିଭାଙ୍କ ଟ୍ରେନିଂ ପାଇଁ ପୁରୀରେ ଯେଉଁ ସୁବିଧା ସୁଯୋଗ କରାଯାଇଛି ତାହା ଅତି ଉତ୍ତମ। ଆମେ ସେଠାରେ ପିଲାମାନଙ୍କୁ ଟ୍ରେନିଂ ଦେଉଛୁ। ଆଗାମୀ ପ୍ରତିଯୋଗିତାରେ ରେଲୱେ ଦଳ ଭଲ ପ୍ରଦର୍ଶନ କରିବା ନେଇ ଆଶା ରହିଛି ବୋଲି ଶୁଭେନ୍ଦୁ ପ୍ରକାଶ କରିଛନ୍ତି। ଏହି ଅବସରରେ ଶୁଭେନ୍ଦୁ ଓଡ଼ିଶା ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ କୋଚ୍ ଅଶୋକ ମିଶ୍ରଙ୍କୁ ଭୂୟସି ପ୍ରଶଂସା କରଛନ୍ତି।

# ବ୍ରିଜ୍ ଭୂଷଣଙ୍କ ବାସଭବନରୁ ଡବ୍ଲ୍ୟୁଏଫ୍‌ଆଇ କାର୍ଯ୍ୟାଳୟ ସ୍ଥାନାନ୍ତର

ନୂଆଦିଲ୍ଲୀ, ୨୯।୧୨ (ପି.ଟି.)

କ୍ରୀଡ଼ା ମନ୍ତ୍ରଣାଳୟର ଆପତ୍ତି ଉଠାଇବା ପରେ ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଶୁକ୍ରବାର ଏହାର କାର୍ଯ୍ୟାଳୟକୁ ମହାସଂଘର ପୂର୍ବତନ ସଭାପତି ତଥା ଭାଜପା ଏମ୍‌ପି ବ୍ରିଜଭୂଷଣ ଶରଣ ସିଂଙ୍କ ବାସଭବନରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବାଧ ହୋଇଛି। ଡବ୍ଲ୍ୟୁଏଫ୍‌ଆଇର ନୂଆ କାର୍ଯ୍ୟାଳୟ ନୂଆଦିଲ୍ଲୀସ୍ଥିତ ହରି ନଗରରେ ଅବସ୍ଥିତ। ସଭାପତି ସଞ୍ଜୟ ସିଂଙ୍କ ନେତୃତ୍ୱରେ ନୂଆ ଡବ୍ଲ୍ୟୁଏଫ୍‌ଆଇ ପ୍ୟାନେଲ ଗଠନ ହେବାର ୩ ଦିନ ପରେ ଡିସେମ୍ବର ୨୪ରେ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ସସ୍‌ପେଣ୍ଡ ହୋଇଛି। ବ୍ରିଜ ଭୂଷଣଙ୍କ ବାସଭବନରେ କାର୍ଯ୍ୟାଳୟ ଚଳାଇବା ଏହି କାର୍ଯ୍ୟାନୁଷ୍ଠାନ ପଛରେ ରହିଥିବା କାରଣଗୁଡ଼ିକ ମଧ୍ୟରେ ଅନ୍ୟତମ। ମହାସଂଘର ସମସ୍ତ କାର୍ଯ୍ୟ ପୂର୍ବତନ କର୍ମକର୍ତ୍ତା (ବ୍ରିଜ ଭୂଷଣ)ମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା, ଯେଉଁ ପରିସରରେ କି ମହିଳା କୁସ୍ତିଯୋଦ୍ଧା ଯୌନ ଶୋଷଣର ଶିକାର ହେଉଥିଲେ ବୋଲି ଅଭିଯୋଗ ହୋଇଛି। ମାମଲା ବର୍ତ୍ତମାନ କୋର୍ଟରେ ବିଚାରଧୀନ ରହିଛି ବୋଲି ମନ୍ତ୍ରଣାଳୟ ଏହାର ଚିଠିରେ ଉଲ୍ଲେଖ କରିଛି। ଡବ୍ଲ୍ୟୁଏଫ୍‌ଆଇର ନୂଆ ପରିଚାଳନା ପରିଷଦ ସମ୍ପୂର୍ଣ୍ଣ ଭାବେ ପୂର୍ବତନ କର୍ମକର୍ତ୍ତାଙ୍କ ନିୟନ୍ତ୍ରିତ ହେଉଥିଲା, ଏହାଦ୍ୱାରା ଜାତୀୟ କ୍ରୀଡ଼ା ଆଚରଣ ବିଧି ଉଲ୍ଲଂଘନ ହେଉଛି ବୋଲି ମଧ୍ୟ ମନ୍ତ୍ରଣାଳୟ କହିଥିଲା। ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକ ଏବଂ ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଭିନେଶ ଫୋଗଟ ବ୍ରିଜ ଭୂଷଣଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛି। ଏହି ମାମଲାର ଶୁଣାଣି ବର୍ତ୍ତମାନ ଦିଲ୍ଲୀ ହାଇକୋର୍ଟରେ ହେଉଛି। ସୂଚନାଯୋଗ୍ୟ, ଡିସେମ୍ବର ୨୧ରେ ବ୍ରିଜ ଭୁଷଣଙ୍କ ଅନ୍ୟତମ ଘନିଷ୍ଠ ସହଯୋଗୀ ସଞ୍ଜୟ ସିଂ ଡବ୍ଲ୍ୟୁଏଫ୍‌ଆଇର ମୁଖ୍ୟ ଭାବେ ନିର୍ବାଚିତ ହେବା ପରେ ସାକ୍ଷୀ କୁସ୍ତିରୁ ଅବସର ନିଷ୍ପତ୍ତି ନେଇଥିବାବେଳେ ବଜରଙ୍ଗ ପଦ୍ମଶ୍ରୀ ଫେରାଇ ଦେଇଥିଲେ ଏବଂ ଭିନେଶ ତାଙ୍କର ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ଫେରାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ମହାସଂଘ ଏହି ଭାଜପା ଏମ୍‌ପିଙ୍କ କୌଣସି ଘନିଷ୍ଠ କିମ୍ବା ଅନୁଗତଙ୍କ ଦ୍ୱାରା ପରିଚାଳିତ ନ ହେଉ ବୋଲି ସେମାନେ ଚାହାନ୍ତି। ଡବ୍ଲ୍ୟୁଏଫ୍‌ଆଇ ବର୍ତ୍ତମାନ ସସ୍‌ପେଣ୍ଡ ହୋଇଥିବାରୁ ଏହାର ପରିଚାଳନା ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ପୁଣି ଥିରେ ଭାରତ ଉଷୁ ଆସୋସିଏଶନ ମୁଖ୍ୟ ଭୂପିନ୍ଦର ସିଂ ବାଜୱାଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ ସଦସ୍ୟ ବିଶିଷ୍ଟ ଆଡହକ୍ କମିଟି ଗଠନ କରିଛି।

# ଭାରତୀୟ ଦଳରେ ଆଭେଶ

ସେଞ୍ଚୁରିଅନ, ୨୯।୧୨ (ପି.ଟି.)



କେପ୍‌ଟାଉନ୍‌ଠାରେ ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ତଥା ଫାଇନାଲ କ୍ରିକେଟ ଟେଷ୍ଟ ମ୍ୟାଚ ପାଇଁ ଭାରତୀୟ ପେସ୍ ଆକ୍ରମଣକୁ ଶାଣିତ କରିବା ଲାଗି ଦଳରେ ଡାହାଣହାତୀ ଫାଷ୍ଟ ବୋଲର ଆଭେଶ ଖାନ୍‌ଙ୍କୁ ସାମିଲ କରାଯାଇଛି। ଏଠାରେ ଗୁରୁବାର ୩ ଦିନ ମଧ୍ୟରେ ଶେଷ ହୋଇଥିବା ପ୍ରଥମ ଟେଷ୍ଟରେ ଭାରତ ଏକ ଇନିଂସ ଓ ୩୨ ରନରେ ହାରିଯାଇଛି। ମହମ୍ମଦ ଶାମି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍‌ଠାରୁ ଆବଶ୍ୟକ କ୍ଲିୟରାନ୍ସ ହାସଲ କରିପାରି ନ ଥିବାରୁ ତାଙ୍କ ସ୍ଥାନରେ ବଦଳ ଖେଳାଳି ହିସାବରେ ଏହି ଡାହାଣହାତି ଫାଷ୍ଟ ବୋଲରଙ୍କୁ ନିଆଯାଇଛି। ଦ୍ୱିତୀୟ ଟେଷ୍ଟ ମ୍ୟାଚ ଆସନ୍ତା ଜାନୁୟାରୀ ୩ରୁ ୭ ପର୍ଯ୍ୟନ୍ତ କେପ୍‌ଟାଉନ୍‌ରେ ଖେଳାଯିବ। ୨୭ ବର୍ଷୀୟ ଆଭେଶ ୩୮ଟି ପ୍ରଥମ ଶ୍ରେଣୀ ଗେମ୍‌ରେ ୨୨.୬୫ ଆଭରେଜରେ ୧୪୯ ଉଇକେଟ ହାସଲ କରିଛନ୍ତି। ଟେଷ୍ଟ ମ୍ୟାଚ ପୂର୍ବରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ଭାରତର ବିଜୟରେ ସେ ୬ ଉଇକେଟ ଅକ୍ତିଆର କରିଥିଲେ। ଆଭେଶ ବର୍ତ୍ତମାନ ବେନୋନୀଠାରେ ଦକ୍ଷିଣ ଆଫ୍ରିକା 'ଏ' ବିପକ୍ଷ ୪ ଦିନିଆ ମ୍ୟାଚରେ ଭାରତ 'ଏ' ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହି ମ୍ୟାଚରେ ତାଙ୍କର ବୋଲିଂ ଫିଗର ୨୩.୩-୫-୫୪-୫ ରହିଥିବା ବେଳେ ଘରୋଇ ଦଳ ପ୍ରଥମ ଇନିଂସରେ ୨୬୩ ରନ କରି ଅଲଆଉଟ ହୋଇଯାଇଛନ୍ତି। ପ୍ରଥମ ଟେଷ୍ଟ ମ୍ୟାଚରେ ପରାଜୟ ପରେ ଭାରତ ଅଧିନାୟକ ରୋହିତ ଶର୍ମା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମୁଖ୍ୟ ପେସ୍ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ଉପଯୁକ୍ତ ସହାୟତା ନ ମିଳିବାରୁ ତାଙ୍କ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷ ଓପନିଂ ଟେଷ୍ଟ ମ୍ୟାଚରେ ଲଜ୍ଜାଜନକ ପରାଜୟ ବରଣ କରିଛି।

# ନେପାଳ କ୍ରିକେଟର ଲାମିଚାନେ ଦୋଷୀ ସାବ୍ୟସ୍ତ

କାଠମାଣ୍ଡୁ, ୨୯।୧୨ (ପି.ଟି.)



ଜଣେ ସ୍ୱଳ୍ପ ବୟସ୍କାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ନେପାଳର ପୂର୍ବତନ କ୍ରିକେଟ ଅଧିନାୟକ ସନ୍ଦୀପ ଲାମିଚାନେଙ୍କୁ ଶୁକ୍ରବାର ଏକ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଗତବର୍ଷ ଅଗଷ୍ଟରେ କାଠମାଣ୍ଡୁସ୍ଥିତ ଏକ ହୋଟେଲ ରୁମ୍‌ରେ ଜଣେ ୧୮ ବର୍ଷୀୟା ତରୁଣୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହେବାପରେ କ୍ରିକେଟର ଜଣକ ଗିରଫ ହୋଇଥିଲେ। ଗତ ଜାନୁୟାରୀରେ ନେପାଳ କୋର୍ଟ ତାଙ୍କୁ ରିଲିଜ କରିଥିଲା। ୨୩ ବର୍ଷୀୟ ଲାମିଚାନେ ହେଉଛନ୍ତି ନେପାଳର ସବୁଠାରୁ ବଡ଼ ହାଇପ୍ରୋଫାଇଲ କ୍ରିକେଟର। ନେପାଳର ପ୍ରଥମ କ୍ରିକେଟର ଭାବେ ସେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିଛନ୍ତି। ୨୦୧୮ରେ ସେ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳିଥିଲେ। କେବଳ ଆଇପିଏଲ୍ ନୁହେଁ ସେ ବିଶ୍ୱବ୍ୟାପୀ ଅନ୍ୟ ଟି୨୦ ଲିଗ୍ ଯଥା ଅଷ୍ଟ୍ରେଲିଆରେ ବିଗ୍ ବାଶ୍ ଲିଗ୍ (ବିବିଏଲ୍), ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍) ଓ କାରିବିୟନ ପ୍ରିମିୟର ଲିଗ୍ (ସିପିଏଲ୍)ରେ ମଧ୍ୟ ଖେଳିଛନ୍ତି। ଜଜ୍ ଶିଶିର ରାଜ ଧକାଲଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠ ଦ୍ୱାରା ରବିବାରଠାରୁ ଆରମ୍ଭ ହୋଇଥିବା ଏହି ମାମଲାର ଶୁଣାଣି ଶୁକ୍ରବାର ଶେଷ ହୋଇଛି। କାଠମାଣ୍ଡୁ ଜିଲା କୋର୍ଟ ଶୁକ୍ରବାର ବଳାତ୍କାର ମାମଲାରେ ଲାମିଚାନେଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ତାଙ୍କୁ କେତେବର୍ଷ ଜେଲ ଦଣ୍ଡ ହେବ ତାହା ପରବର୍ତ୍ତୀ ଶୁଣାଣିରେ ସ୍ଥିର ହେବ। ଲାମିଚାନେ ବର୍ତ୍ତମାନ ଜାମିନରେ ଅଛନ୍ତି। ପାଟାନ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି କ୍ରିକେଟର ଜଣକ ଖଲାସ ହୋଇଛନ୍ତି।




# ସ୍ଲୋ-ଓଭର ରେଟ ପାଇଁ ଭାରତକୁ ଜରିମାନା

ଦୁବାଇ, ୨୯।୧୨ (ପି.ଟି.)

ସେଞ୍ଚୁରିଅନଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତର କେବଳ ଶୋଚନୀୟ ପରାଜୟ ହୋଇ ନାହିଁ ସ୍ଲୋ ଓଭରରେଟ୍ ପାଇଁ ସେମାନଙ୍କୁ ମ୍ୟାଚ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି। ପୁନଶ୍ଚ ଏହି କାରଣରୁ ସେମାନେ ଓ୍ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଲାଗି ୨ ପଏଣ୍ଟ ହରାଇଛନ୍ତି। ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଭାରତ ଟାର୍ଗେଟଠାରୁ ୨ ଓଭର କମ୍ ବୋଲିଂ କରିଥିଲା। ଏମିରେଟ୍ସ ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ ରେଫରିଜ୍‌ର କ୍ରିସ୍ ବୋର୍ଡ ଏଥିପାଇଁ ଦଣ୍ଡବିଧାନ କରିଛନ୍ତି। ଭାରତ ଅଧିନାୟକ ଦଣ୍ଡକୁ ଗ୍ରହଣ କରିନେବାରୁ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ଜରିମାନା ପୂର୍ବରୁ ଭାରତ ପଏଣ୍ଟ ପର୍ସେଣ୍ଟେଜ ସିଷ୍ଟମ (ପିସିଟି) ୪୪.୪୪ ସହ ୧୬ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଥିଲା। ଜରିମାନା ପରେ ଭାରତ ୩୮.୩୯ ପିସିଟି ସହ ଅଷ୍ଟ୍ରେଲିଆ ପଛକୁ ୬ଷ୍ଠ ସ୍ଥାନରେ ଅଛି। ସ୍ୱଦେଶ ଫେରିବା ପୂର୍ବରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଆଉ ଗୋଟିଏ ଟେଷ୍ଟ ମ୍ୟାଚ ଖେଳିବ।

# ଅଷ୍ଟ୍ରେଲିଆ ସିରିଜ ବିଜୟୀ



ଜନି ମୁଲାଗ ପଦକ ସହ ବକ୍ସିଂ ଡେ' ଟେଷ୍ଟର ପ୍ଲେୟର ଅଫ୍ ଦି ମ୍ୟାଚ ପ୍ୟାଟ୍ କୁମିନ୍ସ।

ମେଲବୋର୍ନ, ୨୯।୧୨ (ଏପି)

ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚର ଖେଳ ୪ ଦିନ ମଧ୍ୟରେ ଶେଷ ହୋଇଛି। ଏଥିରେ ଅଷ୍ଟ୍ରେଲିଆ ୭୯ ରନରେ ବିଜୟ ଲାଭ କରିଛି। ଅଧିନାୟକ ପ୍ୟାଟ କୁମିନ୍ସ ମ୍ୟାଚରେ ମୋଟ ୧୦ ଉଇକେଟ ଅକ୍ତିଆର କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏହି ବିଜୟ ଦ୍ୱାରା ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ସହ ୩ ମ୍ୟାଚ ବିଶିଷ୍ଟ ସିରିଜ ଆଗୁଆ କବ୍‌ଜା କରିନେଇଛି। ୩୧୭ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ପାକିସ୍ତାନ ଏକଦା ୫ ଉଇକେଟରେ ୨୧୯ ରନ କରି ସୁବିଧାଜନକ ସ୍ଥିତିରେ ଥିଲା। ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ଏହାର ସର୍ବାଧିକ ରନ ଚେଜ୍‌ରେ ସଫଳ ହେବ ବୋଲି ମନେହେଉଥିଲା। ମହମ୍ମଦ ରିଜୱାନ (୩୫ ରନ) ଓ ସଲମନ ଅଲି ଆଘା (୫୦)କ୍ରିଜରେ ମହଜୁଦ ରହି ଅଷ୍ଟ୍ରେଲିଆ ପାଇଁ ବିପଦ ସୃଷ୍ଟି କରିଥିଲେ। ମାତ୍ର କୁମିନ୍ସ ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ୬୭ରନର ପାର୍ଟନରଶିପର ଅନ୍ତ ଘଟାଇଥିଲେ। ଚତୁର୍ଥ ଦିବସ ଖେଳ ଶେଷ ହେବାକୁ ଆଉ ୧୫ ମିନିଟ ବାକି ଥିବା ବେଳେ ନାଟକୀୟ ଭାବେ ପାକିସ୍ତାନର ଦ୍ୱିତୀୟ ଇନିଂସ ସ୍କୋର ୨୩୭ରନରେ ସୀମିତ ହୋଇଯାଇଥିଲା। ପାକିସ୍ତାନ ଇନିଂସରେ ଅବଦାନ ରଖିଥିବା ଅନ୍ୟ ବ୍ୟାଟରମାନଙ୍କ ମଧ୍ୟରେ ଅଧିନାୟକ ଶନ ମାସୁଦ ୬୦ ଏବଂ ବାବର ଆଜାମ ୪୧ ରନ କରିଥିଲେ। ପୂର୍ବରୁ ଏହାର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୮୭/୬ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ୨୬୨ ରନରେ ଅଲଆଉଟ ହୋଇଯାଇଥିଲା।

ପର୍ଥଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ୩୬୦ରନରେ ବିଜୟ ହାସଲ କରିଥିଲା। ଦୁଇ ଦଳ ମଧ୍ୟରେ ତୃତୀୟ ତଥା ଅନ୍ତିମ ମ୍ୟାଚ ଆସନ୍ତା ବୁଧବାରଠାରୁ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୧୮
ପାକିସ୍ତାନ ପ୍ରଥମ ଇନିଂସ: ୨୬୪
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୬୨ (ମିଚେଲ ମାର୍ଶ-୯୬, ଆଲେକ୍ସ କାରେ-୫୩, ଷ୍ଟିଭ ସ୍ମିଥ୍-୫୦; ମୀର ହାମ୍‌ଜା-୪/୩୨, ଶାହିନ ଆଫ୍ରିଦୀ-୪/୭୬, ଆମେର ଜମାଲ-୨/୭୪)।
ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୩୭ (ଶନ ମାସୁଦ-୬୦, ଆଘା ସଲମନ-୫୦, ବାବର ଆଜାମ-୪୧; ପ୍ୟାଟ କୁମିନ୍ସ-୫/୪୯, ମିଚେଲ ଷ୍ଟାର୍କ-୪/୫୫)।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ